ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଅକ୍ଟୋବର ୩୦/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Sambalpur, Sunday, October 30/2022 Page 14 ₹ 7.00 ★★
୧୮ଶ ଭାଗ ୩୧୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur VOLUME 18 ISSUE 311 ମୂଲ୍ୟ₹୭/-



**ଗ୍ଲେନ୍ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ**
ଶ୍ରୀଲଙ୍କା ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ନ୍ୟୁଜିଲାଣ୍ଡ ବ୍ୟାଟର ଗ୍ଲେନ ଫିଲିପ୍ସ ଶତକ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ୧୪

୧୨ **ନିର୍ବାଚନ ଲଢ଼ିବାକୁ କଙ୍ଗନା ଆଗ୍ରହୀ**
ନିର୍ବାଚନ ଲଢ଼ିବା ସୁଯୋଗ ମିଳିଲେ ହାତଛଡ଼ା କରିବେ ନାହିଁ ବୋଲି ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ କହିଛନ୍ତି।



**ଆଜିର ମନ୍ତବ୍ୟ**
ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳତା ବିଶ୍ୱ ସମୁଦାୟର ଆଭିମୁଖ୍ୟ ହେବା ଉଚିତ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଯେତେ ଜବତ, ସେତେ ଭେଜାଲ

**ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଅଥରିଟି ଅଫ୍ ଇଣ୍ଡିଆ ଅର୍ଥାତ୍ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନକ କର୍ତ୍ତୃପକ୍ଷ (ଏଫ୍ଏସ୍ଏସ୍ଆଇ) ପକ୍ଷରୁ ଗତ ଜୁଲାଇରେ ୨୦୨୧-୨୨ର ଖାଦ୍ୟ ନିରାପତ୍ତା ସୂଚକାଙ୍କ ଜାରି କରାଯାଇଥିଲା। ଏହି ତାଲିକାରେ ଦେଶର ୧୭ଟି ବଡ଼ ରାଜ୍ୟ ମଧ୍ୟରେ ଓଡ଼ିଶା ୮ ନମ୍ବରରେ ରହିଥିଲା। ଉକ୍ତ ଇଣ୍ଡେକ୍ସରେ ପ୍ରଦତ୍ତ ତଥ୍ୟାନୁସାରେ ଖାଦ୍ୟ ଯାଞ୍ଚ ଓ ଧରପଗଡ଼ ପାଇଁ ରାଜ୍ୟରେ ଏକ ମଜଭୁତ ଭିତ୍ତିଭୂମି ରହିଛି। ତେବେ ଏଭଳି ଦାବିକୁ ଅମୂଳକ ପ୍ରମାଣ କରିଛି ବେଆଇନ ଭାବେ ଚାଲିଥିବା ଅସଂଖ୍ୟ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ୟୁନିଟ୍। କାରଣ ପୋଲିସ ପ୍ରଶାସନ ଯେତେ ଧରୁଛି, ତହିଁରୁ ଅଧିକ ଭେଜାଲ ଖାଦ୍ୟ ପ୍ରସ୍ତୁତି ବେଧଡ଼କ ଚାଲିଛି।**

## ନିୟନ୍ତ୍ରଣ ବାହାରେ ଖାଦ୍ୟ ଅପମିଶ୍ରଣ


ଜଗତପୁର ଅଞ୍ଚଳର ଏକ ନକଲି କୋଲ୍ଡଡ୍ରିଙ୍କସ୍ କମ୍ପାନୀରେ ସିଏମ୍ସି ହେଲ୍‌ଥ ସ୍କ୍ୱାଡ୍ ଓ ପୋଲିସର ଚଢ଼ାଉ।

**କଟକ ଅଫିସ,୨୯।୧୦**

ସାରା ରାଜ୍ୟରେ ତେଲ, ଲୁଣ, ମସଲା, ସସ୍, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଅବିକଳ ନକଲ ବିକ୍ରି ହେଉଛି। ବିଶେଷକରି ଦ୍ୱୈତ ନଗରୀ ଭୁବନେଶ୍ୱର ଓ କଟକରେ ଅପମିଶ୍ରିତ ଖାଦ୍ୟର ଆତଙ୍କ ବଢ଼ିଚାଲିଛି। ନାମୀ କମ୍ପାନୀଗୁଡ଼ିକର ବ୍ରାଣ୍ଡ ଥିବା ☞ପୃଷ୍ଠା-୪

## ଆଖିକୁ ନାମୀ ବ୍ରାଣ୍ଡ, ପ୍ୟାକେଟରେ ବିଷ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ହାଟ ବଜାରରେ ହାଉଯାଉ ନ କଲି ବ୍ରାଣ୍ଡ। ଆଖିକୁ ନାମୀ ବ୍ରାଣ୍ଡ ଦେଖାଯାଉଥିଲେ ମଧ୍ୟ ପ୍ୟାକେଟରେ ବିଷ ଭରି ରହିଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରି ଅନେକ ସମୟରେ ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି। ନିକଟରେ କଟକ ଜିଲାର ବଡମ୍ବାରେ ଚାଟ୍ ଖାଇ ଗୋଟିଏ ପରିବାରର ୩ ସଦସ୍ୟଙ୍କର ମୃତ୍ୟୁ ହେବା ଏହି କଳା ସାମ୍ରାଜ୍ୟର ପ୍ରାଦୁର୍ଭାବକୁ ସୂଚାଉଛି। ୨୦୧୯ ଜାନୁୟାରୀରେ କୋରାପୁଟର ଜୟପୁରଠାରେ ମସଲା ଅପମିଶ୍ରଣ ୟୁନିଟ ଠାବ କରାଯାଇଥିବା ବେଳେ ସେହିବର୍ଷ ଫେବୃୟାରୀରେ ଅନୁଗୋଳରେ ଡାଲି, ଦୁଗ୍ଧ ଓ ଲଙ୍କାଗୁଣ୍ଡ ଅପମିଶ୍ରଣ ୟୁନିଟ ଠାବ ହୋଇଥିଲା। ସେହିପରି ୨୦୨୦ ସେପ୍ଟେମ୍ବରରେ କଟକରେ ଟମାଟୋ ଏବଂ ଲଙ୍କା ସସ୍ ନକଲି କାରଖାନା ଧରାପଡ଼ିଥିଲା। ୨୦୨୨ ସେପ୍ଟେମ୍ବରରେ ଭୁବନେଶ୍ୱର ଉପକଣ୍ଠ ପାହାଳଠାରେ ଏକ ନକଲି ଲୁଣ ଓ ଡିଟରଜେଣ୍ଟ ପାଉଡର ଫ୍ୟାକ୍ଟ୍ରି ଧରାପଡ଼ିଥିଲା। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ୍ସ ଆକ୍ଟ-୨୦୦୬ ଅନୁଯାୟୀ ଖାଦ୍ୟ ପଦାର୍ଥର ମାନ ଯାଞ୍ଚ ସହ ଅପମିଶ୍ରିତ ସାମଗ୍ରୀରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଜଣେ ଆଇଏଏସ୍ ର୍ୟାଙ୍କର ଅଫିସର ଫୁଡ୍ ସେଫ୍ଟି କମିଶନର ରହିବେ। ଏହାଛଡ଼ା ଫୁଡ୍ ସେଫ୍ଟି ଡାଇରେକ୍ଟର, ଆଡିଶନାଲ ଫୁଡ୍ ସେଫ୍ଟି କମିଶନର, ସମସ୍ତ ଜିଲାରେ ଫୁଡ୍ ସେଫ୍ଟି ଅଫିସର ରହିବେ। ନିୟମିତ ବ୍ୟବଧାନରେ ନମୁନା ସଂଗ୍ରହ କରାଯାଇ ଲାବରେଟୋରିରେ ଏହାକୁ ପରୀକ୍ଷା କରାଯିବ। ଅପମିଶ୍ରଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାତ୍ର ଯାଞ୍ଚ ଠିକ୍ ଢଙ୍ଗରେ ହେଉ ନ ଥିବା କିମ୍ବା ଅପମିଶ୍ରଣକାରୀଙ୍କ ସହ କେତେଜଣ ଅସାଧୁ ଅଫିସରଙ୍କ ଭିତିରି ସମ୍ପର୍କ ଯୋଗୁ ଏଭଳି ବେଆଇନ କାରବାର ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ନମୁନା ପରୀକ୍ଷା ଅତ୍ୟନ୍ତ ନଗଣ୍ୟ ରହିଛି। ଅପମିଶ୍ରଣକାରୀଙ୍କୁ ଦଣ୍ଡିତ କରିବା ହାର ମଧ୍ୟ କମ୍ ରହିଛି। ଗତ ୩ ବର୍ଷରେ ରାଜ୍ୟରେ ୧୦୦ଟି ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୨୧ଟିରେ ଅପମିଶ୍ରଣ ଠାବ କରାଯାଇଛି। ଅପମିଶ୍ରଣକାରୀଙ୍କଠାରୁ ଜରିମାନା ବାବଦରେ ୨୬.୩୫ କୋଟି ଟଙ୍କା ଆଦାୟ କରାଯାଇଛି। ସେହିପରି ୨୦୧୮-୧୯ରେ ୧୨୩ ଜଣ ଅପମିଶ୍ରଣକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ଜଣେ ହେଲେ ଦଣ୍ଡିତ ହୋଇ ନାହାନ୍ତି। ଜଣେ ବରିଷ୍ଠ ଫୁଡ୍ ସେଫ୍ଟି ଅଫିସରଙ୍କ କହିବା ଅନୁଯାୟୀ ପର୍ଯ୍ୟାପ୍ତ କର୍ମଚାରୀ ଅଭାବରୁ ନମୁନା ସଂଗ୍ରହ ତ୍ୱରାନ୍ୱିତ ହୋଇପାରୁନାହିଁ।







## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍: ଆଉ ମାସେ ବଢ଼ିଲା ଅବଧି

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ଗାଡ଼ିଚାଳକ ଆଶ୍ୱସ୍ତ ହୋଇଛନ୍ତି। ହାଇ ସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍(ଏଚ୍ଏସ୍ଆର୍ପି) ଅବଧି ରାଜ୍ୟ ସରକାର ଆଉ ୧ ମାସ ପାଇଁ ପୁଣି ବଢ଼ାଇଛନ୍ତି। ଏ ନେଇ ଶନିବାର ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍ଟିଏ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଗାଡ଼ିଗୁଡ଼ିକର ନମ୍ବର ଶେଷ ଅଙ୍କ ୧,୨,୩ ଓ ୪ ରହିଛି, ସେଗୁଡ଼ିକରେ ଏଚ୍ଏସ୍ଆର୍ପି ଲଗାଇବା ପାଇଁ ଆସନ୍ତା ନଭେମ୍ବର ୩୦ ତାରିଖ ଯାଏ ବୃଦ୍ଧି କରାଯାଇଛି। ସେହିପରି ଶେଷ ସଂଖ୍ୟା ୫ ଓ ୬ ଥିବା ଗାଡ଼ି ପାଇଁ ଏହି ପ୍ଲେଟ୍ ଲଗାଇବାର ସମୟସୀମା ଡିସେମ୍ବର ୩୧ ଏବଂ ଶେଷ ଅଙ୍କ ୭ ଓ ୮ ଥିବା ଗାଡ଼ିଗୁଡ଼ିକରେ ପ୍ଲେଟ୍ ଲଗାଇବା ପାଇଁ ଶେଷ ତାରିଖ ଜାନୁୟାରୀ ୩୧ ରଖାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ପାକିସ୍ତାନ ସେନା ଓ ଗଣତନ୍ତ୍ର

## ପଦ୍ମପୁର ପାଇଁ ୪୮୮ କୋଟିର ପ୍ରକଳ୍ପ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**


**ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

ବରଗଡ଼ ଜିଲାର ପଦ୍ମପୁର ନିର୍ବାଚନମଣ୍ଡଳୀରେ ବିକାଶର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ନିର୍ବାଚନମଣ୍ଡଳୀ ପାଇଁ ୪୮୮ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ସମସ୍ତଙ୍କ ସହଯୋଗରେ ପଦ୍ମପୁର ଅଞ୍ଚଳ ବିକାଶର ଏକ ମଡେଲ ହୋଇପାରିବ। ପଦ୍ମପୁରର ବିକାଶକୁ ଆଗେଇ ନେବାରେ ଏସବୁ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିକାଶ ହେଉଛି ଆମ ପରିଚୟ। ଚାଷୀ, ମହିଳା, ଯୁବବର୍ଗଙ୍କୁ ସଶକ୍ତ କରି ସାରା ଓଡ଼ିଶାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ପଦ୍ମପୁର ଓଡ଼ିଶାର ଭାତହାଣ୍ଡି। ଓଡ଼ିଶାକୁ ସବୁଠାରୁ ଅଧିକ ଚାଉଳ ପଦ୍ମପୁର ହିଁ ଯୋଗାଇ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପଦ୍ମପୁର ଚାଷୀମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ୧୦ କୋଟି ଟଙ୍କାର ୨୦ଟି ଉଠା ଜଳସେଚନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି। ଏଥିସହିତ କୃଷି ବଜାର ଭିତ୍ତିଭୂମି ବିକାଶ ପାଇଁ ୧୮ କୋଟି ୪୮ ଲକ୍ଷ ଟଙ୍କାର ପ୍ରକଳ୍ପ କାମ ମଧ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବରଗଡ଼, ପଦ୍ମପୁର ଅଞ୍ଚଳର ଅନେକ ଚାଷୀ ଏ ପର୍ଯ୍ୟନ୍ତ ଶସ୍ୟବୀମା ଟଙ୍କା ପାଇନାହାନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କେନ୍ଦ୍ର ସରକାରଙ୍କ ସ୍କିମ୍। କେନ୍ଦ୍ର ସହ ଏହି ସମସ୍ୟା ବିଷୟରେ ଆଲୋଚନା କରି ସମାଧାନ ପାଇଁ ଚେଷ୍ଟା ଜାରି ରହିଥିବା ସେ କହିଛନ୍ତି। ଏଥିସହିତ ପଦ୍ମପୁରରେ ଯୋଗାଯୋଗର ବିକାଶ ପାଇଁ ୨୬୦ କୋଟି ଟଙ୍କାରେ ୩୮ଟି ସେତୁ ଓ ୧୩୬ କୋଟି ଟଙ୍କାରେ ୨୫ଟି ରାସ୍ତା କାମର ଶୁଭାରମ୍ଭ କରାଯିବା ସହିତ ୯ କୋଟି ଟଙ୍କାରେ ଗ୍ରାମ୍ୟ ଭିତ୍ତିଭୂମି ପ୍ରକଳ୍ପ, ୬୦ ଲକ୍ଷ ଟଙ୍କାରେ ୪ଟି ଗ୍ରାମୀଣ ☞ପୃଷ୍ଠା-୪

## ଦିନକୁ ୩୮ ମିନିଟ୍ ରିଲ୍ସ ଦେଖୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ, ୨୯।୧୦**

ଯୁବପିଢ଼ିଙ୍କ ସମେତ ପ୍ରାୟ ସବୁ ବର୍ଗର ଲୋକଙ୍କ ଭିତରେ ୟୁଟ୍ୟୁବ୍ ଶର୍ଟ ଭିଡିଓ ଏବଂ ଇନ୍‌ଷ୍ଟାଗ୍ରାମ୍ ରିଲ୍ସ କ୍ରେଜ୍। ରାତାରାତି ପ୍ରସିଦ୍ଧ ହେବା ଓ ଟଙ୍କା କମାଇବା ପାଇଁ ୟୁଟ୍ୟୁବ୍, ଇନ୍‌ଷ୍ଟା ଏବଂ ଅନୁରୂପ ପ୍ଲାଟଫର୍ମରେ ଦିନକୁ ଲୋକେ କୋଟି କୋଟି କଣ୍ଟେଣ୍ଟ କ୍ରିଏଟ କରୁଛନ୍ତି। ଏହାକୁ ଅନ୍ୟ ଭାଷାରେ କ୍ରିଏଟର ଇକୋନୋମି ମଧ୍ୟ କୁହାଯାଉଛି। ଏହି ନିଶା ଏବେ ସେଲ୍‌ଫିକୁ ଟପିଯାଇଛି। ଲୋକେ ସେମାନଙ୍କ ମୋବାଇଲ ଡାଟାର ବଡ଼ ଅଂଶ ଶର୍ଟ ଭିଡିଓ ଏବଂ ରିଲ୍ସ ଦେଖିବାରେ ଖର୍ଚ୍ଚ କରୁଛନ୍ତି। ଭାରତୀୟଙ୍କୁ ମଧ୍ୟ ଶର୍ଟ୍ସ ନିଶା ଘାରିଛି। ଏକ ଅଧ୍ୟୟନ ଅନୁସାରେ ପ୍ରତ୍ୟେକ ଭାରତୀୟ ଦିନକୁ ପ୍ରାୟ ୩୮ ମିନିଟ୍ ଇନ୍‌ଷ୍ଟା ରିଲ୍ସ ଏବଂ ୟୁଟ୍ୟୁବ ଶର୍ଟ୍ସ ଦେଖୁଛନ୍ତି।

ରିପୋର୍ଟ ଅନୁସାରେ, ଭାରତୀୟମାନେ ସ୍ମାର୍ଟଫୋନ୍‌ରେ ମନୋରଞ୍ଜନ ଭିତ୍ତିକ କଣ୍ଟେଣ୍ଟ ଦେଖିବା ପାଇଁ ଦିନକୁ ପ୍ରାୟ ୧୫୬ ମିନିଟ୍ ବ୍ୟୟ କରିଥାନ୍ତି। ସେଥିରୁ ୩୮ ମିନିଟ୍ କେବଳ ଇନ୍‌ଷ୍ଟା ରିଲ୍ସ, ଶର୍ଟ ଭିଡିଓ ଦେଖିଥାନ୍ତି। ବେଙ୍ଗାଲୁରୁର

**ସୋସିଆଲ ମିଡିଆରେ ଶର୍ଟ ଭିଡିଓ କ୍ରେଜ୍**



ରେଡ୍‌ସିର ଷ୍ଟ୍ରାଟେଜି କନ୍‌ସଲ୍ଟାଣ୍ଟର ଏକ ରିପୋର୍ଟ ଅନୁଯାୟୀ, ଏଭଳି ଶର୍ଟ ଭିଡିଓ ଶୁଟିଂ ଏବଂ ଅପ୍‌ଲୋଡ୍ ପାଇଁ ଉଦ୍ଦିଷ୍ଟ ଆପ୍ଲିକେଶନଗୁଡ଼ିକ ଖୁବ୍ କମ୍ ସମୟରେ ବହୁସଂଖ୍ୟାରେ ୟୁଜର୍ସଙ୍କୁ ନିଜ ପ୍ଲାଟ୍‌ଫର୍ମକୁ ଆଣିପାରୁଛନ୍ତି। ୨୦୨୫ ସୁଦ୍ଧା ଇନ୍‌ଷ୍ଟା, ୟୁଟ୍ୟୁବ୍ ସମେତ ଅନ୍ୟ ଆପ୍‌ଗୁଡ଼ିକରେ ମାସିକ ସକ୍ରିୟ ୟୁଜର୍ସଙ୍କ ସଂଖ୍ୟା ଦୁଇଗୁଣ ବଢ଼ି ୬୦ କୋଟିକୁ ବୃଦ୍ଧିପାଇବ ବୋଲି ଆକଳନ କରାଯାଇଛି, ଯାହା କି ମୋଟ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ୬୭%। ଏଥିସହ ୨୦୩୦ ସୁଦ୍ଧା ୧୯ ବିଲିୟନ ଡଲାର ( ପ୍ରାୟ ୧୫,୬୩,୪୬,୬୩,୦୦,୦୦୦ ଟଙ୍କା)ର ମନିଟାଇଜେଶନ ସୁଯୋଗ ମିଳିବ। ଏବେ ବଜାରରେ ମୋଜ୍, ଜୋଶ୍, ରୋପୋସୋ, ଏମ୍ଏକ୍ସ ଟକାଟକ୍, ଚିଙ୍ଗାରି ଆଦି ଶର୍ଟ ଭିଡିଓ ଆପ୍‌ର ମଧ୍ୟ ବହୁଳ ବ୍ୟବହାର ହେଉଛି। ବିଶେଷକରି ଭାରତରେ ଏହି ଆପ୍‌ଗୁଡ଼ିକରେ ୟୁଜର୍ସଙ୍କ ସଂଖ୍ୟା ବଢ଼ିଚାଲିଛି। ☞ପୃଷ୍ଠା-୪



## ଅସଦାଚରଣକାରୀଙ୍କୁ ପିଟି ମାରିଦେଲେ

ଫରିଦାବାଦର ଏକ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିଲା। ଗୁରୁବାର ରାତିରେ ୩୨ ବର୍ଷୀୟ ଅଭିଯୁକ୍ତଙ୍କୁ ମହିଳା ପରିବାରର ଲୋକମାନେ ପିଟି ମାରିଦେଇଛନ୍ତି। ଅସଦାଚରଣକାରୀଙ୍କ ଜଣେ ବନ୍ଧୁଙ୍କୁ ମଧ ଠେଙ୍ଗା ଓ ଲୁହା ରଡ଼ରେ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସେ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ମୋହିତ ଓ ତାଙ୍କ ସାଙ୍ଗ ନବୀନ ଏକ କାର୍‌ରେ ବସି ମଦ ପିଉଥିବାବେଳେ ମହିଳାଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ।

### ସଂକ୍ଷେପରେ

## ଛଟ୍ ପୂଜା ବେଳେ ସିଲିଣ୍ଡର ବିସ୍ଫୋରଣ: ୫୦ ଆହତ

ପାଟନା,୨୯।୧୦: ବିହାରର ଔରଙ୍ଗାବାଦ ଜିଲାରେ ଶୁକ୍ରବାର ରାତି ୨ଟା ୩୦ରେ ଶର୍ଟ ସର୍କିଟ୍‌ରୁ ନିଆଁ ଲାଗି ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କୁ ଔରଙ୍ଗାବାଦ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରିବାର ସଦସ୍ୟମାନେ ଛଟ୍ ପୂଜା ପାଇଁ ଖାଦ୍ୟ ପ୍ରସ୍ତୁତିରେ ଲାଗିଥିବାବେଳେ ବିସ୍ଫୋରଣ ଘଟିଥିଲା। ଗ୍ୟାସ୍ ନିଆଁ ହଠାତ୍ ଚାରିଆଡ଼କୁ ବ୍ୟାପିଯିବାରୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଭାରତୀ, ହର୍ଷଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କଲା ଏନ୍‌ସିବି



ୱାଶିଂଟନ୍,୨୯।୧୦: ୨୦୨୦ ଡ୍ରଗ୍ସ ମାମଲାରେ ମୁମ୍ବାଇ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଶନିବାର କମେଡିଆନ୍ ଭାରତୀ ସିଂ ଓ ସ୍ୱାମୀ ହର୍ଷଙ୍କ ବିରୋଧରେ ୨୦୦ ପୃଷ୍ଠା ସମ୍ବଳିତ ଏକ ଚାର୍ଜଶିଟ୍ କୋର୍ଟରେ ଦାଖଲ କରିଛି। ବଲିଉଡ୍ ଇଣ୍ଡଷ୍ଟ୍ରିରେ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଅଭିଯୋଗ ପରେ ସେହି ବର୍ଷ ନଭେମ୍ବରରେ ଏନ୍‌ସିବି ଭାରତୀ ସିଂଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ୬.୫ ଗ୍ରାମର ଗଞ୍ଜେଇ ମିଳିବା ପରେ ଭାରତୀ ଓ ହର୍ଷଙ୍କୁ ଏନ୍‌ସିବି ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଦୁହେଁ ଗଞ୍ଜେଇ ସେବନ କରୁଥିବା କଥା ସ୍ୱୀକାର କରିଥିଲେ।

### ଟିଆର୍‌ଏସ୍ ବିଧାୟକଙ୍କୁ ଲାଞ୍ଚ ଦେବା ଘଟଣା

## ଶାହାଙ୍କୁ ଗିରଫ କରାଯାଉ: ସିସୋଡିଆ

ନୂଆଦିଲ୍ଲୀ,୨୯।୧୦: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଦଳର ୪ ଜଣ ବିଧାୟକଙ୍କୁ କିଣିବା ଉଦ୍ୟମ ଅଭିଯୋଗକୁ ନେଇ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଭାଜପା ନେତାଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀ ଓ ତେଲଙ୍ଗାନାରେ ବିଧାୟକ କିଣିବା ଲାଗି ଅପରେଶନ ଲୋଟସ୍ ଚାଲିଥିବାର ପ୍ରମାଣ ମିଳିଛି ବୋଲି ସିସୋଡିଆ କହିଛନ୍ତି। ଏହି ଘଟଣାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସମ୍ପୃକ୍ତ ଥିଲେ, ତାଙ୍କୁ ଗିରଫ କରାଯିବାକୁ ସେ ଦାବି କରିଛନ୍ତି। ପୂର୍ବରୁ ଭାଜପା ଦିଲ୍ଲୀ, ପଞ୍ଜାବ ଏବଂ ଅନ୍ୟ ୮ ରାଜ୍ୟରେ ବିଧାୟକଙ୍କୁ କିଣିବା ଲାଗି ଯୋଜନା ଚଳାଇଥିଲା। ଗୈରିକ ଦଳ ପକ୍ଷରୁ ଚାଲିଥିବା ଏହି କଳୁଷିତ ରାଜନୀତି ଏବେ ତେଲଙ୍ଗାନାରେ ଦେଖାଦେଇଛି। ଟିଆର୍‌ଏସ୍ ବିଧାୟକମାନଙ୍କୁ ଭାଜପାରେ ଯୋଗଦେବା ଲାଗି ୩ ଅଭିଯୁକ୍ତ ସେମାନଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରେ କଥାବାର୍ତ୍ତାର ଅଡିଓ କ୍ଲିପ୍ ପ୍ରଘଟ ହେବା ପରେ ଘଟଣା ପଦାକୁ ଆସିଛି। ଉକ୍ତ ଅଡିଓ କ୍ଲିପ୍‌ରେ ଶାହାଜୀଙ୍କ ନାଁ ନିଆଯାଇଛି। ଯଦି ଶାହାଜୀ ସ୍ୱରାଷ୍ଟ୍ର ମନ୍ତ୍ରୀ ହୋଇଥାନ୍ତି, ତେବେ ତାଙ୍କୁ ଗିରଫ କରାଯାଇ ଜେରା କରାଯିବା ଆବଶ୍ୟକ। ଏଭଳି କାର୍ଯ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ସମ୍ପୃକ୍ତ ହେବା ସାରା ଦେଶ ପାଇଁ ବିପଦ ବୋଲି ସିସୋଡିଆ କହିଛନ୍ତି।

## ପିଏମ୍‌ଏୱାଇରେ ନିର୍ମିତ ୮ ଘର ଗାଏବ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ମଧ୍ୟପ୍ରଦେଶର ସତ୍‌ନା ଜିଲାରେ ନିର୍ମାଣ ହୋଇଥିବା ୮ ଘର ଉଭାନ ହୋଇଯାଇଛି। ବଡ଼ କଥା ହେଉଛି, ସପ୍ତାହେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଭର୍ଚୁଆଲରେ ଏଠାରୁ 'ଗୃହ ପ୍ରବେଶ'କାର୍ଯ୍ୟକ୍ରମରେ ଗରିବ ପରିବାରକୁ ଘର ହସ୍ତାନ୍ତର କରିଥିଲେ। ନିଖୋଜ ଘରଗୁଡ଼ିକ ୨୦୧୭-୧୮ର ବୋଲି ଜଣାପଡ଼ିଛି। ସତ୍‌ନା ଜିଲାର ରାହିକ୍ୱାରା ପଞ୍ଚାୟତରେ ଏହିସବୁ ଘର ଆଦୌ ନିର୍ମାଣ ନ ହୋଇ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ଏକ ସୂତ୍ରରୁ କୁହାଯାଇଛି। ତତ୍କାଳୀନ ସରପଞ୍ଚ, ପଞ୍ଚାୟତ କୋର୍ଡିନେଟର ଏବଂ ଗ୍ରାମ ରୋଜଗାର ସେବକଙ୍କ ବିରୋଧରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଜିଲାପାଳ ଅନୁରାଗ ବର୍ମା ପଞ୍ଚାୟତ କୋର୍ଡିନେଟର ଓ ଗ୍ରାମ ରୋଜଗାର ସେବକଙ୍କୁ ନିଲମ୍ବନ କରିଛନ୍ତି।

## ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚତୁର୍ଥ ଦୁର୍ଘଟଣା




ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଶନିବାର ସକାଳେ ଗୁଜରାଟର ଭାଲ୍‌ସାଡ୍ ନିକଟରେ ପୁଣିଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ମୁମ୍ବାଇ ସେଣ୍ଟ୍ରାଲରୁ ଗାନ୍ଧୀନଗର ଯାଉଥିବା ଟ୍ରେନ୍‌ଟି ଭାଲ୍‌ସାଡ୍‌ର ଅତୁଲ ନିକଟରେ ଏକ ଗୋରୁ ପଲଙ୍କୁ ଧକ୍କା ଦେଇଥିଲା। ଫଳରେ ଏହାର କପ୍‌ଲର, ୱାଟର ପମ୍ପ ପାଇପ୍ ଏବଂ ବିସିୟୁ କଭର କ୍ଷତିଗ୍ରସ୍ତ ହୋଇଛି। ମାସକ ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଏହା ଚତୁର୍ଥ ଦୁର୍ଘଟଣା। ଅକ୍ଟୋବର ୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଥିଲେ। ୬ ତାରିଖରେ ଏହା ଗୋରୁ ପଲଙ୍କୁ ଧକ୍କା ଦେବା ସହ ୮ ତାରିଖରେ ପୁଣିଥରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା।

# ବାଇଡେନ୍‌ଙ୍କ ପାଇଁ ବଡ଼ ପରୀକ୍ଷା

### ଆମେରିକାରେ ମଧ୍ୟବର୍ତ୍ତୀ ନିର୍ବାଚନ

**ଦରଦାମ, ବେରୋଜଗାର ବୃଦ୍ଧି ଆଦି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟି ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ସେହିପରି ନିକଟରେ ଆମେରିକା ସୁପ୍ରିମକୋର୍ଟ ମହିଳାଙ୍କ ଗର୍ଭପାତ ଅଧିକାର ବିରୋଧୀ ରାୟ ଦେବା ପରେ ମଧ ଆମେରିକୀୟମାନେ ଏହାକୁ ନେଇ କ୍ଷୁବ୍ଧ ଅଛନ୍ତି। ହେଲେ ଏବେ ବି ଅର୍ଦ୍ଧାଧିକ ଆମେରିକୀୟ ବାଇଡେନ୍‌ଙ୍କୁ ହିଁ ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଥିବା ଏକାଧିକ ଜନମତ ସର୍ଭେରୁ ଜଣାପଡ଼ିଛି। ୨୦୨୧ ଜାନୁୟାରୀ ୬ କ୍ୟାପିଟୋଲ ହିଂସା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କୁ ଦାୟୀ କରାଯିବା ଏବଂ ତାଙ୍କ ଘରେ ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଚଢ଼ାଉ କରିବା ପରେ ଏହି ରିପବ୍ଲିକାନ୍ ନେତାଙ୍କ ସମସ୍ୟା ବଢ଼ିଛି।**

ୱାଶିଂଟନ୍, ୨୯।୧୦



ଜୋ ବାଇଡେନ୍



ଡୋନାଲ୍ଡ ଟ୍ରମ୍ପ

ଆମେରିକାରେ ମିଡ୍‌ଟର୍ମ ଇଲେକ୍ସନକୁ ଆଉ ମାତ୍ର ୧୧ ଦିନ ଥିବାବେଳେ ଉଚ୍ଚ ମୁଦ୍ରାସ୍ଫୀତି, ଗର୍ଭପାତ ଅଧିକାର ଆଦି ପ୍ରସଙ୍ଗ ଶାସକ ଡେମୋକ୍ରାଟିକ୍ ପାର୍ଟି ପାଇଁ ଚିନ୍ତାର କାରଣ ପାଲଟିଛି। ଫଳରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଉପରେ ଲୋକଙ୍କ ଭରସା ବଢ଼ିପାରିନାହିଁ। ପ୍ରାୟ ସମସ୍ତ ଜନମତ ସର୍ଭେ ଅନୁସାରେ ବାଇଡେନ୍‌ଙ୍କ ଆପ୍ରୁଭାଲ ରେଟିଂରେ ସାମାନ୍ୟ ସୁଧାର ଆସିଛି। ଅନ୍ୟପକ୍ଷରେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ପ୍ରାର୍ଥୀ ହେବାକୁ ଯାଉଥିବାବେଳେ ତାଙ୍କ ଆପ୍ରୁଭାଲ ରେଟିଂ ଖରାପରୁ ଆହୁରି ଖରାପ ହୋଇଛି।
 ଆମେରିକା ରାଷ୍ଟ୍ରପତିଙ୍କ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ହେଉଥିବା ନିର୍ବାଚନକୁ ମିଡ୍‌ଟର୍ମ ବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କୁହାଯାଏ। ଆସନ୍ତା ନଭେମ୍ବର ୮ରେ ଅନୁଷ୍ଠିତ ହେବାକୁ ଥିବା ଏହି ଭୋଟକୁ ଶାସକ ଦଳ ପ୍ରଦର୍ଶନର ମାପକାଠି ବୋଲି ମଧ ବିବେଚନା କରାଯାଏ। ଏଥିରେ ଆମେରିକା କଂଗ୍ରେସର ନିମ୍ନସଦନ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ସମସ୍ତ ୪୩୫ ଆସନ ଏବଂ ଉଚ୍ଚସଦନ ବା ସିନେଟ୍‌ର ୧୦୦ ଆସନରୁ ୩୫ଟିରେ ନିର୍ବାଚନ ହେବ। ଏହାସହ ୩୯ ପ୍ରଦେଶରେ ଗଭର୍ନର ନିର୍ବାଚନ ସହ ଆଞ୍ଚଳିକ ସ୍ତରରେ ମଧ ଇଲେକ୍ସନ ଅନୁଷ୍ଠିତ ହେବ। ଏହାର

### ଟ୍ରମ୍ପଙ୍କ ଆପ୍ରୁଭାଲ ରେଟିଂ ଅଧିକ ଖରାପ

ଫଳାଫଳ ପ୍ରକାଶ ପାଇବା ପରେ ୧୧୮ତମ ଆମେରିକା କଂଗ୍ରେସକୁ ନୂଆ ସଦସ୍ୟ ଆସିବେ। ଏବେ ସିନେଟରେ ୫୦-୫୦ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ୍ ସଦସ୍ୟ ରହିଛନ୍ତି। ସେହିପରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ରିପବ୍ଲିକାନ୍‌ଙ୍କ ସଂଖ୍ୟା ୨୧୨ ଥିବାବେଳେ ଡେମୋକ୍ରାଟ୍‌ଙ୍କ ସଂଖ୍ୟା ୨୨୦ ରହିଛି। ୩ଟି ଆସନ ଖାଲି ପଡ଼ିଛି। ମିଡ୍‌ଟର୍ମ ଇଲେକ୍ସନ୍‌ରେ ଉଭୟ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ପାର୍ଟି ନିଜ ପ୍ରାର୍ଥୀଙ୍କୁ ବିଜୟୀ କରି ଉଭୟ ଗୃହରେ ସଂଖ୍ୟାଗରିଷ୍ଠତା ହାସଲ ପାଇଁ ଉଦ୍ୟମ ଚଳାଇଛନ୍ତି। ତେବେ ବାଇଡେନ୍‌ଙ୍କ ଉପରେ ଭରସା କମିବା ରିପବ୍ଲିକାନ୍ ପାର୍ଟିକୁ ଲାଭ ଦେଇପାରେ। କୁକ୍ ପଲିଟିକାଲ ରିପୋର୍ଟ, ଆମେରିକାନ ଏନ୍‌ସାଇକ୍ଲୋପିଡିଆ ଅଫ୍ ପଲିଟିକ୍ସ, ବାଲୋଟପେଡିଆ ଆଦି ଏଜେନ୍ସିର ରେସ୍ ରେଟିଂ ଅନୁସାରେ ଫ୍ଲୋରିଡା, ଇଓୱା, ନର୍ଥ କାରୋଲିନା, ଓହିଓ, ଟେକ୍ସାସ୍, ଆରିଜୋନା, ଜିର୍ଜିଆ, ମିଶିଗାନ୍, ମିନେସୋଟା, ନେଭେଡା, ନ୍ୟୁ ହାମ୍ପଶାୟାର, ପେନ୍‌ସିଲଭାନିଆ ଏବଂ ୱିସ୍କନ୍‌ସିନ୍‌ରେ ଲଢ଼େଇ ଜୋରଦାର୍ ହେବ। ଏହି ରାଜ୍ୟଗୁଡ଼ିକରେ ୨୦୨୦ ନିର୍ବାଚନ ଭଳି ଅନୁରୂପ ଫଳାଫଳ ଆସିପାରେ। ପୂର୍ବରୁ ଫ୍ଲୋରିଡା, ଇଓୱା, ନର୍ଥ କାରୋଲିନା, ଓହିଓ, ଟେକ୍ସାସରେ ଟ୍ରମ୍ପଙ୍କ ବିଜୟ ହୋଇଥିବାବେଳେ ଆରିଜୋନା, ଜିର୍ଜିଆ, ମିଶିଗାନ୍, ମିନ୍ନେସୋଟା, ନେଭାଡା, ନ୍ୟୁ ହାମ୍ପଶାୟାର, ପେନ୍‌ସିଲଭାନିଆ ଏବଂ ୱିସ୍କନ୍‌ସିନ୍‌ରେ ବାଇଡେନ୍‌ଙ୍କୁ ବିପୁଳ ସମର୍ଥନ ମିଳିଥିଲା।

## ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା

ନୂଆଦିଲ୍ଲୀ,୨୯।୧୦

ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା। ଏହା ୨୯.୨ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି। ସେଥିରେ ସେନା ଯବାନ, ରିଜର୍ଭ ଫୋର୍ସ ଓ ବେସାମରିକ କର୍ମଚାରୀ ଅଛନ୍ତି। ୨୦୨୨ରେ ସାରା ବିଶ୍ୱରେ ସର୍ବବୃହତ୍ ନିଯୁକ୍ତିଦାତା ସମ୍ପର୍କିତ ଷ୍ଟାଟିଷ୍ଟା ରିପୋର୍ଟ ଅନୁଯାୟୀ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ଆମେରିକା ପ୍ରତିରକ୍ଷା ବିଭାଗ ଓ ତୃତୀୟରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ରହିଛି। ଆମେରିକା ପ୍ରତିରକ୍ଷା ବିଭାଗରେ ନିୟୋଜିତ କର୍ମଚାରୀ ସଂଖ୍ୟା ୨୯.୧ ଲକ୍ଷ ହୋଇଥିବାବେଳେ ପିପୁଲ୍ସ ଲିବରେଶନ ଆର୍ମିରେ ୨୫ ଲକ୍ଷ ଯବାନ ଅଛନ୍ତି। ତେବେ ଏଥିରେ ମନ୍ତ୍ରଣାଳୟର ବେସାମରିକ କର୍ମଚାରୀଙ୍କୁ ସାମିଲ କରାଯାଇ ନ ଥିବା ଜର୍ମାନୀର ଷ୍ଟାଟିଷ୍ଟା ସଂସ୍ଥା ରିପୋର୍ଟରେ କୁହାଯାଇଛି। ତେବେ ଚାଇନାର ସେଣ୍ଟ୍ରାଲ ମିଲିଟାରି କମିଶନରେ ନିଯୁକ୍ତ ମୋଟ କର୍ମଚାରୀ ସଂଖ୍ୟା ୬୮ ଲକ୍ଷ ହୋଇପାରେ। ତେବେ ଏହା ଉପରେ କୌଣସି ନିର୍ଭରଯୋଗ୍ୟ ତଥ୍ୟ ମିଳି ନାହିଁ।



ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ପେଟିସ୍ ଫ୍ରେରେସ୍ ଡେସ୍ ପଉଭର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ 'ଆନାଦର ଲୁକ୍ ଆଟ୍ ଓଲ୍ଡ ଏଜ୍'ରେ ଜଣେ ବୃଦ୍ଧା ମଡେଲିଂ କଲା ଦେଖାଇ ରାମ୍ପ ୱାକ୍ କରୁଛନ୍ତି।

## ଗୁଜରାଟରେ ଲାଗୁ ହେବ ସମାନ ନାଗରିକ ସଂହିତା

ଅହମଦାବାଦ,୨୯।୧୦

ବିଧାନସଭା ନିର୍ବାଚନ ପୂର୍ବରୁ ଗୁଜରାଟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଲାଗି ଶନିବାର ଏକ କମିଟି ଗଠନ କରିଛନ୍ତି। ରାଜ୍ୟ କ୍ୟାବିନେଟ ବୈଠକରେ କମିଟି ଗଠନ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି। ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ୩ରୁ ୪ ଜଣ ସଦସ୍ୟ ରହିବେ ବୋଲି କେନ୍ଦ୍ରମନ୍ତ୍ରୀ ପରଷୋତ୍ତମ ରୁପାଲା ସୂଚନା ଦେଇଛନ୍ତି। ପୂର୍ବରୁ ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶ ସରକାର ୟୁସିସି ଲାଗୁ କରିବା ନିମନ୍ତେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏକମାତ୍ର ରାଜ୍ୟ ଗୋଆରେ ସମାନ ନାଗରିକ ସଂହିତା ଲାଗୁ ହୋଇଛି। ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ କାର୍ଯ୍ୟକାରୀ କରିବା ନିମନ୍ତେ ସମାନ ନାଗରିକ ସଂହିତା ଏକ ପ୍ରସ୍ତାବ।

## ହଲୋଇନ୍ ପାର୍ଟିରେ ଦଳାଚକଟା: ୫୦ ଜଣଙ୍କୁ ହୃଦ୍‌ଘାତ

ସିଓଲ,୨୯।୧୦

ଦକ୍ଷିଣ କୋରିଆ ରାଜଧାନୀ ସିଓଲ ସ୍ଥିତ ଇଟାଓ୍ୱନରେ ଶନିବାର ରାତିରେ ହଲୋଇନ୍ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେଠାରେ ଭୟଙ୍କର ଦଳଚକଟା ହୋଇଛି। ଏଥିରେ ଅନ୍ୟୁନ ୫୦ ଜଣଙ୍କୁ ହୃଦ୍‌ଘାତ ହୋଇଥିବା ଜଣାପଡ଼ିଛି। ଶତାଧିକ ଆହତ ହୋଇଥିବାବେଳେ କେତେଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିଲେ ହେଁ ତାହା ସ୍ପଷ୍ଟ ହୋଇପାରିନାହିଁ। ଦଳାଚକଟାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହଲୋଇନ୍ କାର୍ଯ୍ୟକ୍ରମରେ କେହି ସେଲିବ୍ରିଟି ଆସିଥିବା ଖବର ପ୍ରଚାର ହୋଇଥିଲା। ଫଳରେ ବହୁସଂଖ୍ୟାରେ ଲୋକେ ଇଟାଓ୍ୱନରେ ଚାଲିଥିବା ଏହି କାର୍ଯ୍ୟକ୍ରମ ସ୍ଥଳୀରେ ଧସେଇ ପଶିଥିଲେ। ଦଳାଚକଟାରେ ଶତାଧିକ ଲୋକ ତଳେ ପଡ଼ିଯାଇଥିଲେ। ଉଦ୍ଧାରକାରୀ ଦଳ ଆହତଙ୍କୁ ସେଠାରୁ ଉଦ୍ଧାର କରିବା ସହ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ରାଷ୍ଟ୍ରପତି ୟୋନ୍ ସୁକ୍ ୟୋଲ ଦୁଃଖ ପ୍ରକାଶ କରିବା ସହ ଘଟଣା ଉପରେ ନଜର ରଖିଥିବା କହିଛନ୍ତି। ଏଥିସହ ସିଓଲରେ ୪ ଶହରୁ ଊର୍ଦ୍ଧ୍ୱ ଆପାତକାଳୀନ ସୁରକ୍ଷା ଅଧିକାରୀଙ୍କୁ ମୁତୟନ କରାଯାଇଛି।

## ଦୁଇ ସ୍କୁଲ ଛାତ୍ରୀଙ୍କ ଆତ୍ମହତ୍ୟା

### ବଏଫ୍ରେଣ୍ଡ ନ ଆସିବାରୁ ବିଷ ପିଇଦେଲେ

ଇନ୍ଦୋର,୨୯।୧୦

ମଧ୍ୟପ୍ରଦେଶ ଇନ୍ଦୋରରେ ଦୁଇଜଣ ନାବାଳିକା ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ଜଣେ ସାଙ୍ଗ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମଧ୍ୟ ପ୍ରଦେଶ ଆଷ୍ଟାରେ ଥିବା ମଡେଲ ସ୍କୁଲରେ ସମ୍ପୃକ୍ତ ତିନି ଛାତ୍ରୀ ଦ୍ୱାଦଶ ଶ୍ରେଣୀରେ ପଢ଼ୁଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ତିନି ଛାତ୍ରୀ ଘର ଲୋକଙ୍କୁ କିଛି ନ ଜଣାଇ ବସ୍ ଯୋଗେ ପାଖାପାଖି ୧୨୦ କି.ମି. ଦୂର ଇନ୍ଦୋର ଚାଲିଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଥିବା ଛାତ୍ରୀଙ୍କ ବୟାନରୁ ଜଣାପଡିଛି, ସମ୍ପୃକ୍ତ ଛାତ୍ରୀମାନଙ୍କ ମଧ୍ୟରୁ ଜଣେ ତାଙ୍କ ବଏଫ୍ରେଣ୍ଡଙ୍କୁ ଭେଟିବା ପାଇଁ ଇନ୍ଦୋର ଆସିଥିଲେ। ତିନି ଜଣ ଅତି ଘନିଷ୍ଠ ସାଙ୍ଗ ଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁ ଇନ୍ଦୋରରେ ରହୁଥିବାବେଳେ କିଛିଦିନ ହେବ ସେ ତାଙ୍କ ଫୋନ୍ କଲ୍‌ର ଉତ୍ତର ଦେଉ ନ ଥିଲେ। ଏହାକୁ କେନ୍ଦ୍ର କରି ସେ ତାଙ୍କ ଅନ୍ୟ ଦୁଇ ସାଙ୍ଗଙ୍କୁ ନେଇ ଇନ୍ଦୋର ଚାଲିଯାଇଥିଲେ। ଯଦି ପ୍ରେମିକ ଦେଖା ନ କରନ୍ତି ତେବେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା କରିବା ଲାଗି ଆଷ୍ଟାର ଏକ ଦୋକାନରୁ ବିଷ କିଣି ନେଇଥିବା ପୋଲିସ କହିଛି। ଇନ୍ଦୋରରେ ପହଞ୍ଚିବା ପରେ ତିନିଜଣଯାକ ଭଓ୍ୱାରକୁନ ନିକଟରେ ଥିବା ଏକ ପାର୍କରେ ଯାଇ ବସିଥିଲେ। ପାର୍କରେ ବସି ଛାତ୍ରୀ ଜଣକ ତାଙ୍କ ବଏଫ୍ରେଣ୍ଡଙ୍କୁ ବହୁବାର କଲ୍ କରିଥିଲେ ହେଁ ସେ ତା'ର ଜବାବ୍ ଦେଇ ନ ଥିଲେ। ଏହାପରେ ଛାତ୍ରୀ ଜଣକ ବିଷ ପିଇଦେଇଥିଲେ। ତାଙ୍କୁ ଦେଖି ଆଉ ଜଣେ ତାଙ୍କ ଘନିଷ୍ଠ ବାନ୍ଧବୀ ଘରେ ଅସୁବିଧା କଥା କହି ବିଷ ପିଇଦେଇଥିଲେ। ଦୁହିଁଙ୍କୁ ବିଷ ପିଇବାର ଦେଖି ଅନ୍ୟ ଜଣକ ମଧ ବିଷ ପିଇଥିବା ପୋଲିସ କହିଛି। ତେବେ ସ୍ଥାନୀୟ ଅଞ୍ଚଳରେ ଥିବା ଲୋକେ ପୋଲିସକୁ ଏହାର ସୂଚନା ଦେବାପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତର କହିଛନ୍ତି। ଛାତ୍ରୀଙ୍କ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳି ନାହିଁ। ସ୍ଥାନୀୟ ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଥିବା ଇନ୍ଦୋର ଡେପୁଟି ପୋଲିସ କମିଶନର ପ୍ରଶାନ୍ତ ଚୌବେ କହିଛନ୍ତି।

## ୨ ନାବାଳକଙ୍କୁ ଟ୍ରକ୍‌ରେ ବାନ୍ଧି ଘୋଷାଡ଼ିଲେ

### ମୋବାଇଲ ଚୋରି ସନ୍ଦେହ

ଭୋପାଳ,୨୯।୧୦(ଆଇଏଏନ୍‌ଏସ୍)



ମଧ୍ୟପ୍ରଦେଶର ଇନ୍ଦୋରରେ ମୋବାଇଲ ଫୋନ୍ ଚୋରି ସନ୍ଦେହରେ ୨ ଜଣ ନାବାଳକଙ୍କୁ ଟ୍ରକ୍‌ରେ ବାନ୍ଧି ରାସ୍ତାରେ ଘୋଷାଡ଼ିବା ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ଇନ୍ଦୋର ସହରର ରାଜେନ୍ଦ୍ରନଗର ଅଞ୍ଚଳରେ ଥିବା ଏକ ପରିବା ବଜାରରେ କେତେଜଣ ଲୋକ ୨ ନାବାଳକଙ୍କୁ ଏଭଳି ନିଷ୍ଠୁର ଦଣ୍ଡ ଦେଉଥିବାବେଳେ ଅନ୍ୟମାନେ ତାହା ଉପଭୋଗ କରୁଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ପିଲା ଦୁଇଜଣଙ୍କ ହାତଗୋଡ଼ ଦଉଡ଼ିରେ ବନ୍ଧାଯାଇ ସେମାନଙ୍କୁ ନିର୍ଦ୍ଦୟ ଭାବେ ଟ୍ରକ୍ ଦ୍ୱାରା ଘୋଷାଡ଼ି ନିଆଯାଉଛି। ଏହାଠାରୁ ଆହୁରି ପରିତାପର ବିଷୟ ଏହା ଯେ, ସେଠାରେ ଉପସ୍ଥିତ ଲୋକେ ଏହି ଦୃଶ୍ୟକୁ ମୋବାଇଲ ଫୋନ୍‌ରେ ଉତ୍ତୋଳନ କରିବା ସହ ଟ୍ରକ୍ ପଛରେ ଧାଉଁଥିବା ଦେଖାଯାଇଛି। ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ଲାଗି ତନାଘନା ଚାଲିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି।
 ସୂଚନାଯୋଗ୍ୟ, ଗତ ୨୪ ତାରିଖରେ କ୍ଷେତରୁ କପା ଚୋରି କରିବା ଅଭିଯୋଗରେ ଜଣେ ଲୋକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମରାଯାଉଥିବାର ଭିଡିଓ ଭାଇରାଲ ହୋଇଥିଲା। ଗତ ଅଗଷ୍ଟରେ କାଠ ଚୋରି ଅଭିଯୋଗରେ ବିଦିଶା ଜିଲା ବନ କର୍ମଚାରୀ ଗୁଳି ଚଳାଇବାରୁ ଜଣେ ଆଦିବାସୀଙ୍କର ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଥିଲେ।

## ଆତଙ୍କବାଦୀ ପ୍ରଯୁକ୍ତି ବ୍ୟବହାର କରିବା ଚିନ୍ତାଜନକ

### ମିଳିତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ: ଜାତିସଂଘ ମୁଖ୍ୟ

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ ହେଉ: ବ୍ରିଟେନ୍

ନୂଆଦିଲ୍ଲୀ,୨୯।୧୦(ପି.ଟି.)



ଆଣ୍ଟୋନିଓ ଗୁଟେରେସ୍

ଯୁବପିଢ଼ିଙ୍କୁ କଟ୍ଟରପନ୍ଥୀ କରିବା ସହ ସମାଜରେ ଉତ୍ତେଜନା ସୃଷ୍ଟି ଲାଗି ବିଭିନ୍ନ ଆତଙ୍କବାଦୀ ସଂଗଠନ ନୂଆ ପ୍ରଯୁକ୍ତିର ଉପଯୋଗ କରୁଛନ୍ତି। ଏହାର ମୁକାବିଲା ପାଇଁ ବୈଶ୍ୱିକ ସ୍ତରରେ ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଶନିବାର କହିଛନ୍ତି। ଦିଲ୍ଲୀରେ ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦ ନିରୋଧୀ କମିଟି ବୈଠକରେ ବାର୍ତ୍ତା ଦେଇ ଗୁଟେରେସ୍ କହିଛନ୍ତି, ମାନବ ସମାଜର ବିକାଶରେ ନୂଆ ପ୍ରଯୁକ୍ତିର ଅତୁଳନୀୟ ଶକ୍ତି ରହିଛି। ଅଥଚ ଦୁଃଖର ବିଷୟ ତାହା ଆତଙ୍କବାଦୀମାନଙ୍କ ହାତରେ ପଡ଼ିଛି। ସେମାନେ ଏହାକୁ ବ୍ୟବହାର କରିବା ଚିନ୍ତାଜନକ। ଏହି ପ୍ରଯୁକ୍ତି ବଳରେ ସେମାନେ ଭୁଲ୍ ସୂଚନା ପ୍ରସାରଣ କରିବା ସହ ଯୁବକମାନଙ୍କୁ ଉଗ୍ର କରାଉଛନ୍ତି ବୋଲି ଜାତିସଂଘ ମୁଖ୍ୟ କହିଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଜାତିସଂଘ ସୁରକ୍ଷା ପରିଷଦର ସମସ୍ତ ୧୫ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ଯୋଗ ଦେଇଛନ୍ତି। ଗୁଟେରେସ୍ ପଠାଇଥିବା ବାର୍ତ୍ତାକୁ ଜାତିସଂଘର ଜଣେ କାର୍ଯ୍ୟକର୍ତ୍ତା ପାଠ କରିଥିଲେ।
 ଆତଙ୍କବାଦୀଙ୍କ ଦ୍ୱାରା ଏନ୍‌କ୍ରିପ୍ଟେଡ୍ ମେସେଜିଂ ଏବଂ କ୍ରିପ୍ଟୋ କରେନ୍ସି ବ୍ୟବହାରକୁ ଯଥାସମ୍ଭବ ବନ୍ଦ କରିବା ଲାଗି ବିଶ୍ୱସ୍ତରରେ ବଳିଷ୍ଠ ଉଦ୍ୟମ ହେବା ଆବଶ୍ୟକ ବୋଲି ଶନିବାର ଭାରତ କହିଛି। ଆତଙ୍କବାଦୀ ସଂଗଠନଗୁଡ଼ିକର ଟୁଲ୍‌କିଟ୍‌ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଶକ୍ତିଶାଳୀ ଉପକରଣରେ ପରିଣତ ହେବା ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସତର୍କ କରାଇଛନ୍ତି। ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ଶୁକ୍ରବାର ଜୟଶଙ୍କର କହିଥିଲେ।
 ସେହିପରି ୟୁଏନ୍‌ଏସ୍‌ସି ଆତଙ୍କବାଦୀ ନିରୋଧୀ କମିଟିରେ ଉଦ୍‌ବୋଧନ ଦେଇ ବ୍ରିଟିଶ ବହିର୍ବ୍ୟାପାର ସଚିବ ଜେମ୍ସ କ୍ଲେଭର୍ଲି କହିଛନ୍ତି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଏବଂ ଉନ୍ନ ପ୍ରଯୁକ୍ତି ବ୍ୟବହାର ବନ୍ଦ କରିବା ଦିଗରେ ଅନ୍ତର୍ଜାତୀୟ ସମୁଦାୟ ଏକାଠି କାର୍ଯ୍ୟ କରିବା ଜରୁରୀ। ଅନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ ନିଯୁକ୍ତି ଲାଗି ଅନ୍‌ଲାଇନରେ ପ୍ରଚାର କରାଯାଉଛି। ଏହାକୁ ପ୍ରତିହତ କରିବା ଲାଗି କ୍ଲେଭର୍ଲି ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୫୨,୦୭,୬୧୬ | ୬୫,୯୩,୦୯୯ | ୬୧,୪୧,୭୩,୧୧୯ |
| ଭାରତ | ୪,୪୬,୫୦,୭୧୪ | ୫,୨୯,୦୦୮ | ୪,୪୧,୦୨,୮୫୨ |
| ଓଡ଼ିଶା | ୧୩,୩୬,୦୮୬ | ୯୨୦୩(+୫୩) | ୧୩,୨୬,୫୨୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଧର୍ମ ପରିବର୍ତ୍ତନ କରିଥିବାରୁ ଶ୍ମଶାନ ମନା

## ମୂଳ ଧର୍ମ ଛାଡ଼ିଥିବାରୁ ମୃତଦେହ ସତ୍କାର ପାଇଁ ମିଳିଲାନି ଜାଗା

ଉମରକୋଟ/ଧୋଡ୍ରା, ୨୯।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ଧର୍ମ ପରିବର୍ତ୍ତନ କରିଥିବାରୁ ଶ୍ମଶାନରେ ଜଣେ ଅଣହିନ୍ଦୁଙ୍କ ମୃତଦେହ ସତ୍କାର ପାଇଁ ଅନୁମତି ଦେଲେନାହିଁ ହିନ୍ଦୁ ଧର୍ମାବଲମ୍ବୀ। ଏଣେ ଅଣହିନ୍ଦୁମାନେ ମଧ୍ୟ ନିଜ ଶ୍ମଶାନରେ ସତ୍କାର ପାଇଁ ଜାଗା ଦେଲେନାହିଁ। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ମୃତଦେହ ସତ୍କାର ନ ହୋଇ ଡାକ୍ତରଖାନା ଶବାଗାରରେ ରହିଛି। ଏପରି ଘଟଣା ଘଟିଛି ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଧୋଡ୍ରା ପଞ୍ଚାୟତ ଗୁଲିବଡନା ଗ୍ରାମରେ।

ଗୁଲିବଡନାର ଜିତରୁ ଭତ୍ରା (୭୦)ଙ୍କର ଶୁକ୍ରବାର ମୃତ୍ୟୁ ହୋଇଛି। ସେ ୫ବର୍ଷ ତଳେ ହିନ୍ଦୁଧର୍ମ ଛାଡ଼ିଥିଲେ। ଏହି ସମୟରେ ଗ୍ରାମବାସୀ ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ବାରଣ କରିଥିଲେ ମଧ୍ୟ ଜିତରୁ ଏହାକୁ ମାନି ନ ଥିଲେ। ଏହା ମଧ୍ୟରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଗାଁ ମଶାଣିରେ ମୃତଦେହ ସତ୍କାର କରିବାକୁ ହିନ୍ଦୁ ସମ୍ପ୍ରଦାୟ ଲୋକେ ମନା କରିଥିଲେ। ଖବରପାଇ ଝରିଗାଁ ତହସିଲଦାର ଭୀମସେନ ମାଝି, ଅତିରିକ୍ତ ତହସିଲଦାର ଚିନ୍ମୟ ସାଗର, ରାଜସ୍ୱ ନିରୀକ୍ଷକ ପୁରୁଷୋତ୍ତମ କୋଲଥିଆ, ଧୋଡ୍ରା ସରପଞ୍ଚ ମହେନ୍ଦ୍ର ଭତ୍ରା, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଥାନାଧିକାରୀ ଦୀପକ ଜେନା, ଅତିରିକ୍ତ ଥାନାଧିକାରୀ ନଟବର ନନ୍ଦ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଗ୍ରାମବାସୀ ଶ୍ମଶାନରେ ମୃତଦେହ ସତ୍କାର ନ କରାଇ ଦେବାକୁ ନିଜ ଜିଦ୍‌ର ଅଟଳ ଅଛନ୍ତି। ଏପରିକି ଉକ୍ତ ମୌଜାର କୌଣସି ସରକାରୀ ଜାଗାରେ ମଧ୍ୟ ମଶାଣି ପାଇଁ ସ୍ଥାନ ଦେବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ୨୪ ଘଣ୍ଟା ଧରି ମୃତଦେହ ଗାଁରେ ପଡିଥିବାରୁ କୌଣସି ଘରେ ରୋଷେଇବାସ ହୋଇ ନ ଥିଲା। ମୃତଦେହକୁ ଶୀଘ୍ର ଗାଁରୁ ନେବାକୁ ଲୋକେ ଜିଦ୍ କରିଥିଲେ। ଏହାପରେ ମୃତକଙ୍କ ପରିବାର ମୃତଦେହକୁ ଅଣହିନ୍ଦୁଙ୍କ ଶ୍ମଶାନକୁ ନେବାକୁ ତାଙ୍କ ସମ୍ପ୍ରଦାୟ ଲୋକଙ୍କ ସହ ଆଲୋଚନା କରିଥିଲେ। ତୁମେମାନେ ଆମର ମୂଳ ଧର୍ମାବଲମ୍ବୀ ବୋଲି ନୁହେଁ ବୋଲି କହି ଅଣହିନ୍ଦୁମାନେ ମଧ୍ୟ ନିଜ ଶ୍ମଶାନରେ ମୃତଦେହ ସତ୍କାର କରାଇ ଦେବେନାହିଁ କହିଥିଲେ। ଏହାପରେ ଗୁଲିବଡ଼ନା ନିକଟସ୍ଥ ଅନ୍ୟ ଏକ ମୌଜାରେ ମୃତଦେହ ସତ୍କାର ପାଇଁ ନିଷ୍ପତ୍ତି ହୋଇଥିଲା। ସେଠାରେ ମଧ୍ୟ ସ୍ଥାନୀୟ ଲୋକେ କରାଇ ଦେଇ ନ ଥିଲେ। ମୃତକ ପରିବାର ଲୋକଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହକୁ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରରେ ରଖାଯାଇଛି। ଅଣହିନ୍ଦୁ ସମ୍ପ୍ରଦାୟ ଲୋକଙ୍କ ସହ ଆଲୋଚନା କରି କୌଣସି ଶ୍ମଶାନରେ ସତ୍କାର ବ୍ୟବସ୍ଥା କରାଇବାକୁ ଅଧିକାରୀମାନେ ସେମାନଙ୍କୁ କହିଛନ୍ତି। ସ୍ଥାନ ନିରୂପଣ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ। ଏପରି ନ ହେଲେ ପ୍ରଶାସନ କୌଣସି ଏକ ରାସ୍ତା ବାହାର କରିବ ବୋଲି କହିଛନ୍ତି ଝରିଗାଁ ତହସିଲଦାର ଭୀମସେନ ମାଝି ଓ ଏସ୍‌ଡିପିଓ ଶୁଭେନ୍ଦୁ ଶବର। ଏବେ ପ୍ରଶାସନ ଯେଉଁଠି ଜାଗା ଦେବ ସେଠାରେ ମୃତଦେହ ସତ୍କାର କରିବେ ବୋଲି କହିଛନ୍ତି ମୃତକଙ୍କ ପୁଅ।


ଅଧିକାରୀମାନେ ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ହସ୍ତତନ୍ତ ନିର୍ଦ୍ଦେଶାଳୟ ଟେକ୍ନିକାଲ ଆସିଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ଓଡ଼ିଶା ଷ୍ଟାଫ ସିଲେକ୍ସନ୍ କମିଶନ ପକ୍ଷରୁ ହସ୍ତତନ୍ତ ନିର୍ଦ୍ଦେଶାଳୟରେ ଟେକ୍ନିକାଲ ଆସିଷ୍ଟାଣ୍ଟ(ବୈଷୟିକ ସହାୟକ) ନିଯୁକ୍ତି ପାଇଁ ଅନୁଷ୍ଠିତ ପରୀକ୍ଷାଫଳ ଶନିବାର ପ୍ରକାଶିତ ହୋଇଛି। ୪୮ଜଣ ପ୍ରାର୍ଥୀଙ୍କୁ ଏହି ପରୀକ୍ଷା ଜରିଆରେ ଚୟନ କରାଯାଇଛି। ଏହି ପରୀକ୍ଷାଫଳ ସଂକ୍ରାନ୍ତ ସବିଶେଷ ତଥ୍ୟ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଭୁବନେଶ୍ୱର ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ରହିଛି। ପରୀକ୍ଷା ପାଇଁ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଏବଂ ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇଥିବା ପ୍ରାର୍ଥୀଙ୍କୁ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ପକ୍ଷରୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରାଯାଇଛି।

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ମେଶିନ ଅପରେଟର**
- ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବେ। ଆଇଟିଆଇ ଶିକ୍ଷା ହାସଲ କରିଥିବା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ।
- ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନା ଓ କଲର୍ ପ୍ରିଣ୍ଟିଂରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଉପରେ ପ୍ରାଧାନ୍ୟ ଦିଆଯିବ।
- ପ୍ରାର୍ଥୀଙ୍କର ବୟସ ୪୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

# ମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ି ଧକ୍କାରେ ୨ ଛାତ୍ର ଗୁରୁତର

ନୂଆପଡ଼ା ଅଫିସ୍,୨୯।୧୦

ନୂଆପଡ଼ା ଜିଲା ଜୋଙ୍କ୍ ଥାନା ଅଧୀନ ଗୋତମା ନିକଟରେ ୩୫୩ ନଂ. ଜାତୀୟ ରାଜପଥ ଉପରେ ଶନିବାର ମନ୍ତ୍ରୀଙ୍କ ପୋଲିସ ଏସ୍କର୍ଟ ଗାଡି ଧକ୍କାରେ ଦୁଇ ଜଣ କଲେଜ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଉଭୟ ସିଳଦାସ୍ଥିତ ନ୍ୟାଶନାଲ କଲେଜର ପ୍ରଥମ ବର୍ଷ ଛାତ୍ର ଯୋଗେଶ ପୋଡ ଓ ରୁଦ୍ର ଦାସ (ଜିତୁ) ବୋଲି ଜଣାପଡିଛି। ଉଭୟ ଛାତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି।

ପ୍ରାପ୍ତ ସୂଚନା ମୁତାବକ ଶନିବାର ପୂର୍ବାହ୍ନରେ ଜୋଙ୍କ ଥାନା ଖରିଆର ରୋଡ୍ ସହର ପିଏଚ୍‌ଡି ପଡାର ରୁଦ୍ର ଓ ଯୋଗେଶ ଏକ ବାଇକ୍‌ରେ କଲେଜକୁ ଯାଉଥିଲେ। ଅନ୍ୟପଟେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପୋଲିସ ଏସ୍କର୍ଟ ଗାଡି ନୂଆପଡ଼ାରୁ ଖରିଆର ରୋଡ ସ୍ଥିତ ମନ୍ତ୍ରୀଙ୍କ ବାସଭବନକୁ ଯାଉଥିଲା। ଗୋତମା ଛକ ନିକଟରେ ଏସ୍କର୍ଟ ଗାଡ଼ି ବାଇକକୁ ଧକ୍କା ଦେଇଥିଲା ବୋଲି କଲେଜ ଛାତ୍ରଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୁଇ ଗୁରୁତର ଆହତ କଲେଜ ଛାତ୍ରଙ୍କୁ ଏସ୍କର୍ଟ ଗାଡିରେ ଥିବା ପୋଲିସ କର୍ମଚାରୀମାନେ ଉଦ୍ଧାର ନ କରି ଦୁର୍ଘଟଣାସ୍ଥଳରୁ ଗାଡି ଧରି ଚାଲି ଯାଇଥିଲେ । ଦୁଇ କଲେଜ ଛାତ୍ର ରାଜପଥ ଉପରେ ଛଟପଟ ହେଉଥିଲେ। ପରେ ଅନ୍ୟ ଏକ ପୋଲିସ ଗାଡ଼ି ଦୁର୍ଘଟଣା ସ୍ଥାନରେ ପହଞ୍ଚି ଉଭୟ ଛାତ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଏସ୍କର୍ଟ ଗାଡି କର୍ମଚାରୀ ଛାତ୍ରଙ୍କୁ ଉଦ୍ଧାର ନ କରି ଚାଲିଯାଇଥିବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଏସ୍କର୍ଟ ଗାଡ଼ି ଅଟକ ରଖାଯାଇ ତଦନ୍ତ ଚାଲିଛି। ଏହି ଗାଡ଼ି ଦୁର୍ଘଟଣା ଘଟାଇଥିବା ଜଣାପଡ଼ିଲା ପରେ ସିଜ୍ କରାଯିବ ବୋଲି ନୂଆପଡ଼ା ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ପ୍ରକୃତରେ ଏହି ଗାଡ଼ି ଦୁର୍ଘଟଣା ଘଟାଇଛି କି ଆଉ କେଉଁ ଗାଡ଼ି ଘଟାଇଛି ସେନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।


ଦୁର୍ଘଟଣା ଘଟାଇଥିବା ଏସ୍କର୍ଟ ଗାଡ଼ି।

# ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ

## ବୋର୍ଡ ସଭାପତିଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ନବମ ଶ୍ରେଣୀ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ପରୀକ୍ଷାର କିଛିଘଣ୍ଟା ପୂର୍ବରୁ ପ୍ରଶ୍ନ ଓ ଉତ୍ତରର ଏକ ଭିଡିଓ ୟୁଟ୍ୟୁବ୍ ମାଧ୍ୟମରେ ଅପଲୋଡ୍ କରାଯାଇଥିବା ଦେଖିବାକୁ ମିଳିଛି। ଗତ ତିନିଦିନ ହେବ ନବମ ଶ୍ରେଣୀ ସମ୍ମେଟିଭ-୧ ଆରମ୍ଭ ହୋଇଛି। ଇଂଲିଶ, ସାହିତ୍ୟ ବିଷୟରେ ପରୀକ୍ଷା ଶେଷ ହୋଇଥିବାବେଳେ ଶନିବାର ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ଥିଲା। ତେବେ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ୟୁଟ୍ୟୁବ୍‌ରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଏପରିକି ଉକ୍ତ ପ୍ରଶ୍ନର ଉତ୍ତର କ'ଣ ରହିବ ତାହା ମଧ୍ୟ ଉକ୍ତ ଭିଡିଓରେ ଦର୍ଶାଯାଇଥିଲା। ଏହା ଜଣାପଡିବା ପରେ ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶ୍ନପତ୍ର କିପରି ବାହାରକୁ ଆସିଲା ତାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଏ ବିଷୟରେ ଆମେ ଅବଗତ ଅଛୁ। ୟୁଟ୍ୟୁବ୍ ମାଧ୍ୟମରେ ଏହା ତାଙ୍କ ନଜରକୁ ଆସିଛି। ତେବେ କେଉଁଠୁ ଏହି ପ୍ରଶ୍ନପତ୍ର ଭାଇରାଲ ହେଉଛି, ସେ ନେଇ ତଦନ୍ତ କରିବାକୁ ବୋର୍ଡ ସଭାପତି ରାମାଶିଷ ହାଜରାଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପ୍ରଶ୍ନପତ୍ର ପ୍ରସ୍ତୁତ କରେ। ତାହାକୁ ସିଲ୍ କରାଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲଗୁଡ଼ିକୁ ପଠାଯାଇଥାଏ। ପରୀକ୍ଷାର କିଛି ସମୟ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ସିଲ୍ ଖୋଲିଥାନ୍ତି। ଏ କ୍ଷେତ୍ରରେ ଗୋପନୀୟତା ଅବଲମ୍ବନ କରାଯାଇଥାଏ। ଏଭଳି ସ୍ଥିତିରେ ପ୍ରଶ୍ନପତ୍ର କିଭଳି ବାହାରକୁ ଗଲା ଏବଂ କିଏ ଭାଇରାଲ କଲେ, ତାକୁ ନେଇ ବୋର୍ଡ ଅଡୁଆରେ ପଡ଼ିଛି। ସବୁଠାରୁ ବଡ଼ କଥା ହେଲା, କେବଳ ସଂସ୍କୃତ ଓ ହିନ୍ଦୀ ନୁହେଁ, ଏହା ପୂର୍ବରୁ ଯେଉଁ ଦୁଇଟି ବିଷୟରେ ପରୀକ୍ଷା ହୋଇଥିଲା, ତା'ର ପ୍ରଶ୍ନପତ୍ର ମଧ୍ୟ ପରୀକ୍ଷା ପୂର୍ବରୁ ଭାଇରାଲ ହୋଇଥିଲା।




**ମୋରଡ଼ା ବ୍ଲକ୍‌ରେ ମହାଦୁର୍ନୀତି**

# ମୃତକଙ୍କୁ ମିଳୁଛି ଭତ୍ତା

- ୧୮ ମାସର ଟଙ୍କା ଉଠିଛି
- ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ

ସ୍ମାରକ ମାଜୀ
ମୋରଡ଼ା, ୨୯।୧୦

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଭତ୍ତା ପ୍ରଦାନରେ ମହାଦୁର୍ନୀତିର ଗୁମର ଖୋଲିବାରେ ଲାଗିଛି। ଏଠି ହିତାଧିକାରୀଙ୍କ ମୃତ୍ୟୁ ପରେ ସରକାରୀ କାଗଜପତ୍ରରେ ଏମାନଙ୍କୁ ଭତ୍ତା ମିଳୁଛି। ଯାହାକୁ ନେଇ ବ୍ଲକରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏମିତିକି ଜଣେ ହିତାଧିକାରୀଙ୍କ ମୃତ୍ୟୁ ପରେ ବି ୮ ମାସର ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଉଠିଛି। ଏଭଳି ଜଣେ କି ଦୁଇଜଣ ନୁହେଁ, ଅନେକ ମୃତ ଲୋକଙ୍କ ଭତ୍ତା ଟଙ୍କା ହଡ଼ପ ହୋଇଛି। ଗତ ୧୯ତାରିଖରେ ବ୍ଲକ୍‌ରେ ହୋଇଥିବା ଜନଶୁଣାଣି ଶିବିରରେ ବ୍ଲକ ସାମାଜିକ ସମୀକ୍ଷକ ମିତା ବେଷ୍ଟକାର ଓ ଜିଲାସ୍ତରୀୟ ସାମାଜିକ ସମୀକ୍ଷକ ପ୍ରଦୀପ ଚକ୍ରବର୍ତ୍ତୀ ଉପସ୍ଥାପନ କରିଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ବ୍ଲକ୍‌ର ନୂଆଝଳିଆ ପଞ୍ଚାୟତର ରାମ ମାରାଣ୍ଡି ନାମକ ଜଣେ ହିତାଧିକାରୀ ୨୦୨୧ ଜୁଲାଇ ୩୦ରେ ମୃତ୍ୟୁବରଣ କରିଥିଲେ। ମାତ୍ର ତାଙ୍କୁ ମୃତ୍ୟୁ ପରେ ବି ୬ ମାସର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ସେହିପରି ଉକ୍ତ ପଞ୍ଚାୟତର ଅନ୍ୟ ଜଣେ ହିତାଧିକାରୀ ୨୦୨୧ ଜୁନ୍ ୪ରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କୁ ନଭେମ୍ବର ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଇଛି। ଉକ୍ତ ପଞ୍ଚାୟତର ଜଣେ ମୃତ ହିତାଧିକାରୀଙ୍କ ପାଞ୍ଚ ମାସ, ଦୁଇଜଣଙ୍କ ଦୁଇ ମାସ ଏବଂ ଅନ୍ୟ ଜଣଙ୍କର ଗୋଟେ ମାସର ଭତ୍ତା ଟଙ୍କା ଉଠାଣ ହୋଇଛି। ସେହିପରି ସାନମୁଣ୍ଡାବଣି ପଞ୍ଚାୟତର ଜଣେ ହିତାଧିକାରୀ ୨୦୨୧ ଡିସେମ୍ବର ୨୦ରେ ମୃତ୍ୟୁବରଣ କରିଥିବା ବେଳେ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ତାଙ୍କ ନାମରେ ଟଙ୍କା ଉଠାଣ ହୋଇଛି। କେବଳ ଏହି ଦୁଇଟି ପଞ୍ଚାୟତ ନୁହେଁ, ବରକନ୍ଦ ପଞ୍ଚାୟତର ମଧ୍ୟ ଜଣେ ହିତାଧିକାରୀଙ୍କ ନାମରେ ୧୮ ମାସର ଭତ୍ତା ଟଙ୍କା ଉଠାଣ ହୋଇଛି। ଯାହା ସମସ୍ତଙ୍କୁ ଚକିତ କରିଛି। ତେବେ ବ୍ଲକ୍‌ର ପଳାସମୁଣ୍ଡୁଳି, ଭାଲିଆଡ଼ିହା, ଦୁର୍ଗାପୁର, ଗଡ଼ିଆ ପଞ୍ଚାୟତରେ ମଧ୍ୟ ଏମିତି ମୃତ ହିତାଧିକାରୀଙ୍କ ନାମରେ ଟଙ୍କା ଉଠାଣ ହୋଇଛି। ତେବେ ଗତ ୧୯ ତାରିଖରେ ହୋଇଥିବା ଜନଶୁଣାଣି ଶିବିରରେ ଉକ୍ତ ଭତ୍ତା ଟଙ୍କା ଉଠାଣ ପାଇଁ ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଏବଂ ବ୍ଲକ ସୋସିଆଲ ସିକ୍ୟୁରିଟ୍ ଅଫିସର (ବିଏସ୍‌ଏସ୍‌ଓ) ଦାୟୀ ଥିବା ଦର୍ଶାଯାଇଥିଲା। ଏହି ସମସ୍ତ କଳାକାରନାମାର ଉପଯୁକ୍ତ ଯାଞ୍ଚ ହେବା ସହିତ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି ମୋରଡ଼ା ବିଡିଓ ସାଗର ପାଲୋଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ମୋରଡା ବିଡିଓ ପାଲୋଙ୍କୁ ପଚାରିବାରୁ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବ୍ଲକ୍‌ବାସୀ ଦାବି କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦକ୍ଷିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପଦ୍ମପୁର ପାଇଁ ୪୮୮ ...

ପ୍ରଥମ ପୃଷ୍ଠାରୁ...

ବଜାର ଓ ୪ କୋଟି ୨୨ ଲକ୍ଷ ଟଙ୍କାରେ ୧୬ଟି ପୌରାଞ୍ଚଳ ଭିତ୍ତିଭୂମି ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। ପ୍ରଭୁ ନୃସିଂହନାଥଙ୍କ ଆଶୀର୍ବାଦ ପଦ୍ମପୁର ମାଟିକୁ ପବିତ୍ର କରିଛି। ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ାଇବା ପାଇଁ ଏ ପୀଠର ବିକାଶ ଲାଗି କାମ ଆରମ୍ଭ ହୋଇଛି। ନୃସିଂହନାଥ ଓ ବେଦବରାହ ପୀଠର ବିକାଶ ପାଇଁ ୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଶିକ୍ଷାର ବିକାଶରେ ୫-ଟି ସ୍କୁଲ ରୂପାନ୍ତରଣ ବିଶେଷ ଭୂମିକା ନେଇଛି। ଏହି କାର୍ଯ୍ୟକ୍ରମରେ ପଦ୍ମପୁରର ୩୦ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି। ଆଉ ୪୪ଟି ପାଇଁ କାମ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏଥିସହିତ ପଦ୍ମପୁର ଅଞ୍ଚଳର ୩ଟି ବ୍ଲକ୍ ଓ ସହରାଞ୍ଚଳ ପାଇଁ ୩୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟ ଉଦ୍‌ଘାଟିତ ହୋଇଛି। ଏଥିରେ ୨୦ଟି କଲ୍ୟାଣମଣ୍ଡପ ସହିତ ପଞ୍ଚାୟତ ଭବନ, ଗ୍ରାମୀଣ ବଜାର ଓ କମନ୍ ଫାସିଲିଟି ସେଣ୍ଟର କରାଯାଇଛି। କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଭଟଲୀ ବିଧାୟକ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଅତାବିରା ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ।

# ଯେତେ ଜବତ, ...

ପ୍ୟାକିଂ ଭିତରେ ନକଲି ସାମଗ୍ରୀକୁ ଠଉରେଇବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ନକଲି କାରବାର ରୋକିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ବି ଅସାଧୁ ବ୍ୟବସାୟୀ ଅଧିକ ରୋଜଗାର ଲୋଭରେ କାରବାର ଛାଡ଼ିପାରୁ ନ ଥିବାରୁ ସୁଫଳ ମିଳୁନାହିଁ । ନିଷିଦ୍ଧ ରାସାୟନିକ ପଦାର୍ଥ ଓ ବିଷାକ୍ତ ରଙ୍ଗ ମିଶ୍ରିତ ଖାଦ୍ୟ ଜନସ୍ୱାସ୍ଥ୍ୟ ଉପରେ ନାକାରାତ୍ମକ ପ୍ରଭାବ ପକାଉଛି। ଏଭଳି ଖାଦ୍ୟ ଖାଇ ଲୋକେ କ୍ୟାନ୍‌ସର, ଲିଭର ଓ କିଡ୍‌ନୀଜନିତ ରୋଗର ଶିକାର ହେଉଛନ୍ତି। ତେଣୁ ଏହାକୁ ରୋକିବା ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଅଭିଯାନ ଓ ସତର୍କତା କାର୍ଯ୍ୟକ୍ରମ ଚଳାଇବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସଦ୍ୟ ଚର୍ଚ୍ଚାରେ ରହିଥିବା ନକଲି ମେଡିସିନ କାରବାର ମାମଲାରେ ଦିନକୁ ଦିନ ନୂଆ ନୂଆ କେଳେଙ୍କାରୀ ପଦାକୁ ଆସିବାରେ ଲାଗିଛି। ବିହାରରୁ ଆରମ୍ଭକରି ଓଡ଼ିଶାର କୋଣ ଅନୁକୋଣକୁ ଲମ୍ବିଛି ଟେଲ୍‌ମା ୪୦ ଏବଂ ଟେଲ୍‌ମା ଏଏମ୍ ବଟିକା କାରବାରର ଚେର, ଯାହାକୁ ନେଇ ପ୍ରାୟ ଦେଢ଼ ମାସ ଧରି ପୋଲିସ ଓ ଡ୍ରଗ୍ କଣ୍ଟ୍ରୋଲ ବିଭାଗ ନାକେଦମ ହେଲାଣି। ଉଚ୍ଚ ରକ୍ତଚାପ ନିଦାନର ଏହି ନକଲି ମେଡିସିନ କାରବାର ମାମଲାରେ ୬ ଜଣ ଗିରଫ ହେଲେଣି। ତଥାପି ଏହାର ପ୍ରସ୍ତୁତକର୍ତ୍ତା ନିକଟରେ ଏଯାଏ ପହଞ୍ଚିପାରୁନାହିଁ ପୋଲିସ। ଖାଦ୍ୟ ସାମଗ୍ରୀ ବ୍ୟବସାୟର ପେଣ୍ଠସ୍ଥଳ କୁହାଯାଉଥିବା କଟକର ମାଲଗୋଦାମରେ ନକଲି କାରବାର ବିଭିନ୍ନ ସମୟରେ ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ହାତରେ ଧରାପଡୁଛି। ଅକ୍ଟୋବର ୨୨ରେ ମାଲଗୋଦାମ ଥାନା ପୋଲିସ ସ୍ଥାନୀୟ ଏକ ସସ୍ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣର ନକଲି ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଗୋଦାମ ମାଲିକଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ତଦନ୍ତ ପରେ ଏହି ନକଲି ସସ୍ ଭୁବନେଶ୍ୱର ପାତ୍ରପଡ଼ାରେ ତିଆରି କରାଯାଉଥିବା ଜଣାପଡ଼ିଥିଲା। ପୋଲିସ ପାତ୍ରପଡ଼ାସ୍ଥିତ ନକଲି ସସ୍ କାରଖାନା ଉପରେ ଚଢ଼ାଉ କରି ତାହାକୁ ସିଲ୍ କରିଥିଲା ।

ସେହିପରି ପୂଜା ସମୟରେ ଲୋକେ ମିଠା କିଣିବା ପାଇଁ ଗହଳି ଲଗାଇଥାନ୍ତି। ଅସାଧୁ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ନିମ୍ନମାନର ତଥା ଅପମିଶ୍ରିତ ଖାଦ୍ୟ ଓ ମିଠା ବିକ୍ରି କରିଥାନ୍ତି। ଗତ ଦଶହରାରେ କଟକ ସହରର ୨୦ଟି ବଡ଼ ମିଠା ଦୋକାନରେ କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଲିଙ୍କ୍‌ରୋଡ୍‌ସ୍ଥିତ ୨ଟି ଦୋକାନ ସିଲ୍ କରାଯାଇଥିଲା। ୨ଟି ଦୋକାନରୁ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ସହ ୫୦ କେ.ଜି. ମିଠା ନଷ୍ଟ କରାଯାଇଥିଲା। ଅନ୍ୟମାନଙ୍କୁ ତାଗିଦ କରାଯାଇଥିଲା। ପାର୍ବଣ ସମୟରେ ସିଏମ୍‌ସି ପକ୍ଷରୁ ଗଠିତ ୩ଟି ଟିମ୍ ଖାଦ୍ୟର ମାନ ଯାଞ୍ଚ କରିବେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର ସୂଚନା ଦେଇଥିଲେ। ଏହିଭଳି ଭାବରେ ବର୍ଷ ତମାମ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ ହେଉଛି, ଅସାଧୁ ବ୍ୟବସାୟୀମାନଙ୍କ ନାମରେ ମାମଲା ମଧ୍ୟ ରୁଜୁ ହେଉଛି। ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାଶ ମହାପାତ୍ରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ନକଲି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୧୨ଟି ମାମଲା ରୁଜୁ ହୋଇଥିବାବେଳେ ସବୁ ମାମଲା ଫଇସଲା ହୋଇଛି । ୨୦୧୮-୧୯ରେ ରୁଜୁ ହୋଇଥିବା ୧୬ଟି ମାମଲାରୁ ୯ଟି ଫଇସଲା ହୋଇଛି । ୨୦୧୯-୨୦ରେ ୨୩ଟି ମାମଲା ରୁଜୁ ହୋଇଥିବା ବେଳେ ୧୯ଟି ମାମଲା ଫଇସଲା ହୋଇଛି। ୨୦୨୦-୨୧ରେ ୨୭ଟି ମାମଲା ରୁଜୁ ହୋଇଥିବାବେଳେ ୧୨ଟି ମାମଲା ଫଇସଲା ହୋଇଛି। ଏଥିସହ ଜରିମାନା ଆକାରରେ ୨୦୧୭-୧୮ରେ ୨୦ ହଜାର ଟଙ୍କା, ୨୦୧୮-୧୯ରେ ୨୫ ହଜାର ଟଙ୍କା, ୨୦୧୯-୨୦ରେ ୭୨ ହଜାର ଟଙ୍କା ଓ ୨୦୨୧-୨୨ରେ ୧ ଲକ୍ଷ ୫୦୦ ଟଙ୍କା ଆଦାୟ କରାଯାଇଛି ।

ମାଲଗୋଦାମ ବଣିକ ସଂଘର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କୁହନ୍ତି, ମାଲଗୋଦାମରେ ସାଧାରଣତଃ ବାହାର ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ନକଲି ଖାଦ୍ୟ ସାମଗ୍ରୀଗୁଡ଼ିକ ବାହାର ଲୋକଙ୍କ ଦ୍ୱାରା ବିକ୍ରି ହେଉଥିବାର ନଜିର ରହିଛି । ବଣିକ ସଂଘ ପକ୍ଷରୁ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରି ରୋକିବାକୁ କେତେକ ପଦକ୍ଷେପ ନିଆଯାଉଛି। କେହି ଏଭଳି ବ୍ୟବସାୟ କରୁଥିବାର ଧରାପଡ଼ିଲେ ସେମାନଙ୍କୁ ଅଣ୍ଡରଟେକିଂ ଲେଖି ଆଉ ଏଭଳି ବ୍ୟବସାୟ ନ କରିବାକୁ ଚେତାବନୀ ଦିଆଯାଉଛି। ସଂଘର ତାଗିଦକୁ ଖାତିର ନ କରି ବ୍ୟବସାୟ କଲେ ସେମାନଙ୍କ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ମାଲଗୋଦାମରେ ନକଲି କାରବାର ବନ୍ଦ କରାଇବାର ପ୍ରଚେଷ୍ଟା ଜାରି ରଖିଛୁ। ଏତେ ପରେ ବି ଆଇନ ବ୍ୟବସ୍ଥାରେ କିଛି ଫାଙ୍କ ରହୁଛି, ଯେଉଁଥିପାଇଁ ଏଭଳି କାରବାର ସମ୍ପୂର୍ଣ୍ଣ ବନ୍ଦ ହେଉନାହିଁ । ହେଲେ ବଣିକ ସଂଘ କେବେହେଲେ ଏଭଳି କାରବାରକୁ ପ୍ରଶ୍ରୟ ଦେବ ନାହିଁ । ମଙ୍ଗଳାବାଗର ସୁବାସ ଦାସ କୁହନ୍ତି, ନକଲି କାରବାର ନେଇ ରୁଜୁ ମାମଲାଗୁଡ଼ିକରେ ଦଣ୍ଡବିଧାନର ମାତ୍ରା କମ୍ ହେଉଛି । ଏଥିଯୋଗୁ ଅସାଧୁ ବ୍ୟବସାୟୀ ଏପରି ବେପାର କରିବାକୁ ସାହସ ପାଉଛନ୍ତି। ପ୍ରଶାସନିକ ବ୍ୟବସ୍ଥା ଏ ଦିଗରେ ଅଧିକ ସକ୍ରିୟ କରାଯିବାର ଆବଶ୍ୟକତା ରହିଛି। ସେହିପରି ଡଗରପଡ଼ାର ବିଷ୍ଣୁପ୍ରସାଦ ନାୟକ କୁହନ୍ତି, ବଜାରରୁ କୌଣସି ସାମଗ୍ରୀ ଆଣିବା ବେଳେ ଭରସା ପାଉନାହିଁ । ଔଷଧଠାରୁ ଆରମ୍ଭ କରି ଖାଦ୍ୟ ସାମଗ୍ରୀ ଯାଏ ସବୁଠି ନକଲି ଡର ରହିଛି । କେବଳ ଭଲ ବ୍ୟବସାୟୀଙ୍କୁ ଅସଲ ସାମଗ୍ରୀ ମିଳିବ ବୋଲି ଆଶା ରଖି କିଣିବାକୁ ପଡୁଛି। ଏ ଦିଗରେ ସରକାର କଡ଼ା ପଦକ୍ଷେପ ନେବା ଜରୁରୀ। କଟକ ଡିସିପି ପିନାକ ମିଶ୍ର କୁହନ୍ତି, ନକଲି କାରବାର ରୋକିବା ପାଇଁ ଆଇନର ପରିସର ମଧ୍ୟରେ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି ।

## ପାର୍ବଣ ପରେ ଚଢ଼ାଉରେ ପୂର୍ଣ୍ଣଚ୍ଛେଦ

ଢେଙ୍କାନାଳ ଅଫିସ, ୨୯।୧୦

ପାର୍ବଣ, ପର୍ଯ୍ୟଟନ ଓ ବିବାହ ଋତୁରେ ଖାଦ୍ୟ ସାମଗ୍ରୀରେ ଭେଜାଲ ଆଶଙ୍କା ବେଶି। ସାଧାରଣତଃ ଏହି ସମୟରେ ସକ୍ରିୟ ହୋଇଉଠେ ସ୍ୱାସ୍ଥ୍ୟ ବିଭାଗ। ଫ୍ଲାଇଂ ସ୍କ୍ୱାଡ୍ ଜରିଆରେ ଘନଘନ ଚଢ଼ାଉ ହୁଏ। ଜରିମାନା ଆଦାୟ ହୁଏ। ଦୋକାନୀଙ୍କୁ କରାଯାଏ ତାଗିଦ୍। ହେଲେ ଏହା ପରେ ସବୁକିଛି ପଡ଼ିଯାଏ ଶିଥିଳ। ପୁଣିଥରେ କାୟା ମେଲାନ୍ତି ଲାଭଖୋର୍ ହୋଟେଲ ମାଲିକ, ଫାଷ୍ଟଫୁଡ୍ ଦୋକାନୀ ଏବଂ ରାସ୍ତାପାର୍ଶ୍ୱ ବ୍ୟବସାୟୀ। ଅଧିକ ଲାଭ ଆଶାରେ ସେମାନେ ଖାଦ୍ୟର ଗୁଣାତ୍ମକ ମାନ ଉପରେ ସାଲିସ୍ କରନ୍ତି, ଯାହାର ସଦ୍ୟତମ ଚିତ୍ର ଦେଖିବାକୁ ମିଳିଛି ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜାରେ। ପୂଜା ସମୟରେ ଜିଲାପାଳ ସରୋଜ ସେଠୀଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖାଦ୍ୟ ନିରୀକ୍ଷକଙ୍କ ଜରିଆରେ ସହରରେ ଘନଘନ ଚଢ଼ାଉ କରାଯାଇଥିଲା। ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨୧ ମଧ୍ୟରେ ପ୍ରାୟ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ନିମ୍ନମାନର ଖାଦ୍ୟ ନଷ୍ଟ କରାଯାଇଛି। ୨୦ ହଜାର ଟଙ୍କା ଜରିମାନା ମଧ୍ୟ ଆଦାୟ ହୋଇଛି। ଯାଞ୍ଚ ବେଳେ ଖାଦ୍ୟରେ ନିମ୍ନମାନର ସସ୍ ମିଶାଯାଉଥିବା ସ୍ପଷ୍ଟ ହୋଇଥିବାବେଳେ ହୋଟେଲ ପାକଶାଳା ପରିବେଶକୁ ଦେଖି ପ୍ରଶ୍ନ ଉଠାଇଥିଲେ ଅଧିକାରୀ। ହେଲେ ପାର୍ବଣ ସରିବା ସହ ଚଢ଼ାଉରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସଚେତନ ନାଗରିକ। ନିୟମିତ ଚଢ଼ାଉ ନ ହେଲେ ଏହାର ଉଦ୍ଦେଶ୍ୟ ସଫଳ ହେବ ନାହିଁ ବୋଲି ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ନିକଟରେ ଗଣେଶ ବଜାର ନିକଟ ଏକ ଚା' ଦୋକାନରେ ବିକ୍ରି କରାଯାଇଥିବା ପନିରରୁ ଶାଁବାଳୁଆ ବାହାରିଥିବା ଅଭିଯୋଗ ହୋଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଗୋଟିଏପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉତ୍ତମ ଓ ତଟକା ଖାଦ୍ୟଖାଇ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖନ୍ତୁ ବୋଲି ସଚେତନ କରାଯାଉଥିବା ବେଳେ ସହରର ବିଷାକ୍ତ ଖାଦ୍ୟର ପସରା କାୟା ମେଲାଇବା ବିଭାଗୀୟ ବିଫଳତା ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଜିଲା ଖାଦ୍ୟ ନିରୀକ୍ଷକ ଲୋପାମୁଦ୍ରା ନାୟକ କୁହନ୍ତି, ସହରରେ ନିୟମିତ ଚଢ଼ାଉ କରାଯିବ। ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୁହନ୍ତି ଯେ, ବାସିଖାଦ୍ୟ ଜବତ ପାଇଁ ପାର୍ବଣ ଋତୁରେ ଚଢାଉ ହୋଇଥିଲା। ଏହାକୁ ନିୟମିତ କରାଯିବ।

# ଦିନକୁ ୩୮ ମିନିଟ୍ ରିଲ୍ସ ...

ଏହାକୁ ଦୃଷ୍ଟିରେ ରଖି କ୍ରିଏଟରମାନେ ଅଧିକରୁ ଅଧିକ ଭିଡିଓ କରି ସେଥିରୁ ଅର୍ଥ ଉପାର୍ଜନ କରିପାରୁଛନ୍ତି। ରିପୋର୍ଟ ଅନୁସାରେ ଭାରତରେ ଅନ୍ୟୁନ ୮ କୋଟି କ୍ରିଏଟର ସେମାନଙ୍କ କଣ୍ଟେଣ୍ଟ ପୋଷ୍ଟ କରୁଛନ୍ତି। ହେଲେ କେବଳ ଦେଢ଼ ଲକ୍ଷ ବୃତ୍ତିଗତ ୟୁଜର୍ସ ହିଁ ସେମାନଙ୍କ ଚ୍ୟାନେଲକୁ ମନିଟାଇଜ୍ କରିପାରିଛନ୍ତି। ଅଭିନବ ଭିଡିଓ ଓ ଫଲୋଅର୍ସଙ୍କ ସଂଖ୍ୟା ଆଧାରରେ କ୍ରିଏଟରମାନେ ମାସକୁ ୧୬ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ଯେଉଁମାନଙ୍କ ଫଲୋଅର୍ସଙ୍କ ସଂଖ୍ୟା ୧୦ ଲକ୍ଷରୁ ଅଧିକ ସେମାନେ ମାସକୁ ୨ ଲକ୍ଷରୁ ୫୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି। ହେଲେ ଏହି ସଂଖ୍ୟା ମୋଟ କ୍ରିଏଟରଙ୍କ ୧%ରୁ ବି କମ୍। ତେବେ ଏହା କ୍ରିଏଟରଙ୍କ ପାଇଁ ଯେତିକି ଲାଭଦାୟକ ହେଉଛି ଲୋକଙ୍କ ପାଇଁ ସେତିକି ସମସ୍ୟା ମଧ୍ୟ ସୃଷ୍ଟି କରିଛି। ଅଭିନବ ତଥା ନୂଆ ଧରଣର ଶର୍ଟ ଭିଡିଓ କ୍ଲିପ୍ ଶୁଟିଂ ପାଇଁ ଲୋକେ ସର୍ବସାଧାରଣ ସ୍ଥାନ ଯେପରି ମଲ୍, ମେଟ୍ରୋ କୋଚ୍, ଟ୍ରାଫିକ୍ ଛକ, ରାସ୍ତା, ମନ୍ଦିର, ରେଲଷ୍ଟେଶନ ଆଦିରେ ଶୁଟିଂ କରୁଛନ୍ତି। ଏହାକୁ ନିୟନ୍ତ୍ରଣ କରିବା ଏବେ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି।

# ହାଇ ସିକ୍ୟୁରିଟି ନମ୍ବର ...

ଯେଉଁ ଗାଡ଼ିଗୁଡ଼ିକର ନମ୍ବରର ଶେଷ ଅଙ୍କ ୯ ଓ '୦' ଥିବ, ସେଗୁଡ଼ିକରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ପାଇଁ ସମୟସୀମାକୁ ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ରାଜ୍ୟ ସରକାର ତରବରିଆ ଭାବେ ହାଇ ସିକ୍ୟୁରିଟି ନମ୍ବର ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଗତ ସେପ୍ଟେମ୍ବର ୩୦ରୁ ଧରପଗଡ଼ ପାଇଁ କୁହାଯାଇଥିଲା। ଅନ୍‌ଲାଇନ ଆବେଦନ ଲାଗି ଗାଡ଼ିମାଲିକଙ୍କୁ ନାକେଦମ୍ ହେବାକୁ ପଡ଼ିଲା। ସ୍ଲଟ୍ ବୁକିଂ ବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ମାମଲା ଓଡ଼ିଶା ହାଇକୋର୍ଟରେ ପହଞ୍ଚିଥିଲା। ସେପ୍ଟେମ୍ବର ୩୦ରେ ହାଇକୋର୍ଟ ଏହାର ଶୁଣାଣି କରିବା ପରେ ରାଜ୍ୟ ସରକାର ଏଚ୍‌ଏସ୍‌ଆର୍‌ପି ଲଗାଇବା ଅବଧିକୁ ଆଉ ମାସେ ବୃଦ୍ଧି କରିଥିଲେ। କିନ୍ତୁ ସ୍ଲଟ୍ ବୁକିଂ ସମସ୍ୟାର ସମାଧାନ ହୋଇ ନ ଥିବାରୁ ପୁଣି ୧ ମାସ ବଢ଼ାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସପ୍ତମ ଭାବସ୍ଥ ଏକାଧିକ ଗ୍ରହ କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ପରାଜୟକୁ ବରଣ କରିପାରେ। ହଠାତ୍ ସକାଳୁ ସକାଳୁ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି।

**ବୃଷ** ଦ୍ୱିତୀୟସ୍ଥ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** ବକ୍ରୀ ବୃହସ୍ପତିଜନିତ କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଭ୍ରମଣ ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସମସ୍ୟାରେ ଚିନ୍ତିତ ରହିବାର ସୂଚନା ରହିଛି ।

**କର୍କଟ** ଚତୁର୍ଥ ସ୍ଥାନ ପାପଯୁକ୍ତ ଯୋଗୁ ପରିବାରରେ ସାଧାରଣ କଥାରୁ କଳହ ଘଟିପାରେ। ଅଯଥା ଆଲୋଚନା ଓ ଯୁକ୍ତିତର୍କ ପାରିବାରିକ ସମସ୍ୟାକୁ ବଢ଼ାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇବାର ଆଶା ରହିଛି।

**ସିଂହ** ଶୁକ୍ରଙ୍କ ଦୁର୍ବଳତା ଜନିତ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି । ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଦି ପାଇବେ।

**କନ୍ୟା** ବୃହସ୍ପତିଙ୍କ ଶୁଭତ୍ୱ କାରଣରୁ ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ । ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ। ସାହିତ୍ୟ, ସଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇପାରନ୍ତି।

**ତୁଳା** ଶନିଙ୍କ କୁପ୍ରଭାବ କାରଣରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ନିମିତ୍ତ ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା** ପାପଗ୍ରହ ବର୍ଜିତ ଦୁର୍ବଳ ଚନ୍ଦ୍ର ମାନସିକ ଅସ୍ଥିରତା ବ୍ୟତୀତ ଆଉ କିଛି କ୍ଷତି ଘଟାଇବେ ନାହିଁ। କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**ଧନୁ** ଆଜି ଏକ ଭିନ୍ନ ପରିବେଶରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ୍ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଅତିରିକ୍ତ କ୍ଳାନ୍ତି ଅନୁଭବ କରିବା ଦ୍ୱାରା ସ୍ୱାସ୍ଥ୍ୟହାନି ଘଟିପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରନ୍ତି।

**ମକର** ବିଶିଷ୍ଟବ୍ୟକ୍ତିଙ୍କ ସହାୟତାରେ ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ ଓ ବନ୍ଧୁ ମିଳନରୁ ଖୁସି ହେବେ। ସନ୍ତାନହେତୁକ ଚିନ୍ତା ଦୂର ହେବା ସମ୍ଭବନା।

**କୁମ୍ଭ** ତୃତୀୟସ୍ଥ ରାହୁଙ୍କ କୁପ୍ରଭାବରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ପରିବାରରେ ଅଭାବ ଅସୁବିଧା ଲାଗି ରହିପାରେ। ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପଡ଼ୋଶୀଙ୍କ ପାଇଁ ତ୍ୟାଗ କରିବାକୁ ବାଧ୍ୟ ହେବେ। ପାରିବାରିକ, ବ୍ୟବସାୟିକ, ସାମାଜିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ** ଭାଗ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ସନ୍ତୋଷଜନକ ରହିବ।

ଆଜି ଅକ୍ଟୋବର ୩୦ ତାରିଖ, କାର୍ତ୍ତିକ ଶୁକ୍ଳ ଷଷ୍ଠୀ ରବିବାର, ବିଶ୍ୱ ମିତବ୍ୟୟିତା ଦିବସ, ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ତିରୋଧାନ ଦିବସ, ରାଶ ନକ୍ଷତ୍ର: ସକାଳ, ଘ.୦୭।୨୫ମି. ଗତେ, ପୂର୍ବାଷାଢ଼ା/ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ.ଘ.୦୬।୩୫ ଗତେ ଘ.୦୮।୫୧ ମଧ୍ୟେ, ଘ.୧୨।୫୫ ଗତେ ଘ.୦୨।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୫ ଗତେ ଘ.୦୫।୦୯ ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




## BRIDE WANTED

Brahmin groom 55 yrs, 5ft. 3 inch, Govt. Service, Caste No Bar, widow and divorced allowed. Mob: 9556803340. D-1850

Wanted bride working/ Non working/ any caste for divorced handsome Karan boy, only child, B.Tech, 35years, 5'10", Senior Manager Nationalised Bank, settled at Bhubaneswar. Parents contact: 7978789110, 9853014477. D-71044

## GROOM WANTED

ବିଧବା 49 ବୟସ୍କା ଏକାକୀ ରହୁଥିବା ସରକାରୀ ଚାକିରି କରୁଥିବା କରଣ ଜାତିର ଝିଅଙ୍କୁ ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 8093860535. D-1878

42 ବର୍ଷର ମହିଳା EPFO Officeରେ Clerk ଭାବରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7656973285. D-1874

Govt. ଚାକିରିଆ 30 ବୟସ୍କା, କରଣ Divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1882




## SALE

CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI). D-1809




## SALE

Luxurious 4BHK Duplex near Balianta Bazar. Land-1400 Construction- 2200- 85Lakh. 9938219397, 9861022055. D-1867

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**2/3 BHK residential flats available for sale within gated community and facilities like children's play area, Community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1805

4000sqft. Own gharabari, boundary plot for sale at Andilo Mouza, Bhubaneswar. Contact: 9658609631. D-73889

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

**Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452.** D-73990

SC Plot for Sale between Cuttack & Bhubaneswar Trisulia Baranga, (Per sqft. Price Only 900/-). Immediately Starting for Construction Work. 9937450545. D-1864

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ କିଣନ୍ତୁ। **8249422604.** D-74141

Agricultural land converted to homestead land which is very nearer to N.H. 55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.- 9861033990. D-1836

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

**Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU).** D-1808

## PURCHASE

ଆପଣ ଓଡ଼ିଶାର ଯେକୌଣସି ସ୍ଥାନରେ ଘର, ଜାଗାବାଡ଼ି ସୁଲଭ ମୂଲ୍ୟରେ କିଣିବାକୁ ଚାହୁଁଛନ୍ତି କି ଆମକୁ ଯୋଗାଯୋଗ କରନ୍ତୁ। 7978714882. D-1873




**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




3 BHK for rent in Kalpana Square area with 4 Car Parking for Family of Office use. Contact 9078123112. D-1877

**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987




Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open full body massage ladies and gents. 8327740003, 8093860513. D-73992

**Full body massage by smart/expert therapist @999 only. 9078484455.** D-73652

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**Relax, Refresh your body, Mind at Saikrupa Spa with best therapies. 8984068077.** D-1863




(TIME TO TRADES)
ଏହା ଏକ ପଞ୍ଜିକୃତ କମ୍ପାନୀ ଆପଣ ଏହା ସହିତ ଯୋଡ଼ି ହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ ୧୦୦ରୁ ୧୦୦୦୦୦ ପର୍ଯ୍ୟନ୍ତ ଏବଂ ତାଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ। 7606990374. D-1870

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Come, get onto the field of
Mutual Funds!
Crores of people have already stepped onto the field of Mutual Funds.
It's time for you to join in too!
MUTUAL FUNDS Sahi Hai
To know more about Mutual Funds, contact your Mutual Fund Distributor or Investment Advisor today!
Visit mutualfundssahihai.com
Follow us on:
Mutual Fund investments are subject to market risks, read all scheme related documents carefully.

“ ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। – ଶ୍ରୀଅରବିନ୍ଦ

# ପାକିସ୍ତାନ ସେନା ଓ ଗଣତନ୍ତ୍ର



ଆକାର ପଟେଲ

ପାକିସ୍ତାନର ୪ର୍ଥ ଏକଛତ୍ରବାଦୀ ଶାସକ ପରଭେଜ ମୁଶରଫ ରାଷ୍ଟ୍ରପତି ପଦ ଛାଡ଼ିବାର ୧୪ ବର୍ଷ ହୋଇଗଲାଣି। ଆସନ୍ତା ବର୍ଷ ପାକିସ୍ତାନରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। କିନ୍ତୁ ଶାସନକୁ ନେଇ ପୁଣି ଥରେ ସେନା କଥା ଉଠୁଛି। ସେଥିପାଇଁ ଜଣାପଡୁଛି ଯେ, ପାକିସ୍ତାନ ନିୟମିତ ସେନା ଶାସନରୁ ଏବେସୁଦ୍ଧା ମୁକ୍ତ ହୋଇନାହିଁ। ଏହା କାହିଁକି ହେଉଛି ତାହା ଜାଣିବାକୁ ପାକିସ୍ତାନର ପୂର୍ବ ଦଶନ୍ଧିଗୁଡ଼ିକର ଇତିହାସ ପୃଥକ୍ ପୃଥକ୍ ଭାବେ ଜାଣିବାକୁ ପଡ଼ିବ। ପ୍ରଥମ ଦଶନ୍ଧିରେ ପାକିସ୍ତାନ ଦ୍ୱନ୍ଦ୍ୱରେ ରହିଥିଲା। ଜିନ୍ନାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କ ପାଇଁ ସମ୍ବିଧାନ ଡ୍ରାଫ୍ଟିଂ କରିବା କଠିନ ଥିଲା। ମୁସ୍‌ଲିମ ଲିଗ୍ ବିଭିନ୍ନ ସମୁଦାୟରୁ ପ୍ରଧାନମନ୍ତ୍ରୀ କରି ସେମାନଙ୍କ ମଧ୍ୟରେ ବିଭେଦକୁ ଲୁଚାଇବାକୁ ଚେଷ୍ଟା କରିଥିଲା। ବାସ୍ତବରେ ଏହି ସମୟରେ କ୍ଷମତା ରହିଥିଲା ପାଷ୍ଟୁନ ମଲିକ ଗୁଲାମ ମହମ୍ମଦଙ୍କ ହାତରେ। ‘ଫ୍ରେଣ୍ଡ୍‌ସ ଆଣ୍ଡ ମାଷ୍ଟର୍ସ’ ଆତ୍ମଜୀବନୀରେ ଆୟୁବ ଖାନ୍ ଉଲ୍ଲେଖ କରିଛନ୍ତି ଯେ, ଦାୟିତ୍ୱ ନେବା ଲାଗି ମହମ୍ମଦ ତାଙ୍କୁ ଉତ୍ସାହିତ କରିବା ସହ ରାଜନେତାଙ୍କ କବଳରୁ ଦେଶକୁ ରକ୍ଷା କରିବା ଲାଗି କହିଥିଲେ। ଆୟୁବ ଯଥାସମ୍ଭବ ତାହା କରିଥିଲେ। ପାକିସ୍ତାନର ଦ୍ୱିତୀୟ ଦଶନ୍ଧି ଥିଲା ବିକାଶର ଦଶନ୍ଧି। ଏହି ସମୟରେ ପାକିସ୍ତାନର ଅଭିବୃଦ୍ଧି ହାର ଭାରତଠାରୁ ବହୁ ଆଗକୁ ଯାଇପାରିଥିଲା ଏବଂ ନେହେରୁ ଓ ଆୟୁବ ସିନ୍ଧୁ ନଦୀ ଜଳ ବଣ୍ଟନ ଉପରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ, ଯାହା ଶାନ୍ତି ଆଣିବାରେ ସାହାଯ୍ୟ କରିଥିଲା। ଏହି ସମୟରେ ପାକିସ୍ତାନ ତଥାକଥିତ ମୌଳିକ ଗଣତନ୍ତ୍ର ସହ ସେବା ଓ ବାଣିଜ୍ୟ ସମ୍ପର୍କିତ ମୁକ୍ତ ଅର୍ଥନୀତିର ଏକ ମଡେଲ ପ୍ରସ୍ତୁତ କରିଥିଲା। ଅବଶ୍ୟ ଆୟୁବଙ୍କ ଶାସନରେ ତ୍ରୁଟି ରହିଥିଲା। ସେ ପାଗଳାମି ପ୍ରକାଶ କରିଥିଲେ। କଶ୍ମୀରକୁ ମୁକ୍ତ କରିବା ଲାଗି ସିଭିଲ୍ ଡ୍ରେସ୍‌ରେ ସୈନ୍ୟମାନଙ୍କୁ ଲାଇନ୍ ଅଫ୍ କଣ୍ଟ୍ରୋଲ(ଏଲ୍‌ଓସି) ନିକଟକୁ ପଠାଇବା ଲାଗି ବୈଦେଶିକ ମନ୍ତ୍ରୀ ଜେଏ. ଭୁଟ୍ଟୋଙ୍କ ଯୋଜନାକୁ ଗ୍ରହଣ କରିନେଇଥିଲେ। ଶାସ୍ତ୍ରୀ ଲାହୋର ନିକଟସ୍ଥ ଅନ୍ତର୍ଜାତୀୟ ସୀମା ନିକଟକୁ ସେନା ପଠାଇ ଏହାର ମୁକାବିଲା କଲେ। ସୋଭିଏଟ ସଂଘ ଯୁଦ୍ଧବିରତି ଲାଗି ହସ୍ତକ୍ଷେପ କଲା। ଚତୁର ଭୁଟ୍ଟୋ ଇସ୍ତଫା ଦେଲେ ଏବଂ ସାଧାରଣରେ ତାଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଥିବା କହିଲେ। ୧୯୬୫ ଯୁଦ୍ଧ ଆୟୁବଙ୍କୁ ଦୁର୍ବଳ କରିଦେଲା ଏବଂ ତାଙ୍କ ସାଥୀ ଜେନେରାଲମାନଙ୍କ ଦ୍ୱାରା ସେ ତଡ଼ା ଖାଇଲେ ଓ ସେମାନଙ୍କ ମଧ୍ୟରୁ ୟାହ୍ୟା ଖାନ୍ ଦାୟିତ୍ୱ ନେଲେ। ଫଳରେ ‘ଶତାବ୍ଦୀର ବିକାଶ’ରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ତୃତୀୟ ଦଶନ୍ଧି ଆରମ୍ଭ ହେଲା ଭୁଟ୍ଟୋଙ୍କ ନେତୃତ୍ୱରେ ଓ ସେ ଫାଶୀ ପାଇଲା ପରେ ତାହା ଶେଷ ହେଲା। ଏହି ସମୟରେ ପାକିସ୍ତାନରେ ପ୍ରକୃତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମୁଜିବୁର ରହମାନଙ୍କ ଅଧୀନରେ ରହିଥିବା ବେଙ୍ଗଲୀମାନେ ନିର୍ବାଚନରେ ବିଜୟୀ ହୋଇଥିଲେ। ପୂର୍ବ ପାକିସ୍ତାନରେ ସବୁ ଆସନ ପୋଛି ନେଇଥିଲେ। ପଶ୍ଚିମ ପାକିସ୍ତାନୀମାନେ ବେଙ୍ଗଲୀଙ୍କ ଶାସନକୁ ଗ୍ରହଣ କଲେ ନାହିଁ। ଆଉ ଏକ ଯୁଦ୍ଧର ସୂତ୍ରପାତ ହୋଇ ପାକିସ୍ତାନ ଦୁଇଭାଗ ହୋଇଗଲା ଓ ପରେ ଭୁଟ୍ଟୋଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି ପଶ୍ଚିମରେ ଖୁବ୍ କମ୍ ବ୍ୟବଧାନରେ ଜିତିଲା। ଭୁଟ୍ଟୋ ଏକ ବିପର୍ଯ୍ୟୟ ଭାବେ ଉଭାହେଲେ। ସେ ଏକ ସମାଜବାଦ ଆରମ୍ଭ କରିଦେଲେ ଯାହା ଫ୍ଲାଓ୍ୱାର ମିଲ୍ ଭଳି ଛୋଟ ବ୍ୟବସାୟକୁ ଜାତୀୟକରଣ କରିବା ସହ ବହୁ ଗୁଜରାଟୀ ପ୍ରତିଭାଙ୍କୁ କରାଚୀ ବାହାରକୁ ତଡ଼ିଦେଇ ପାକିସ୍ତାନ ଅର୍ଥ ବ୍ୟବସ୍ଥାର କ୍ଷତି ଘଟାଇଲା। ସେ ସମୟରେ ଭୁଟ୍ଟୋ ସମସ୍ତ ଜେନେରାଲଙ୍କୁ ଅଣଦେଖା କରି ଜିଆ ଉଲ୍ ହକ୍‌ଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତି ଦେଲେ। ଜିଆ ଧୂର୍ତ୍ତ ଥିଲେ ଓ ଭୁଟ୍ଟୋଙ୍କ ସହ ମିଶି କାମ କଲେ ମଧ୍ୟ ତାଙ୍କୁ ସମସ୍ୟାରେ ପକାଇଲେ। ପରବର୍ତ୍ତୀ ନିର୍ବାଚନରେ ଭୁଟ୍ଟୋ ଅସାଧୁ ଉପାୟ ଅବଲମ୍ବନ କଲେ। ଏହାକୁ ନେଇ ବିରୋଧୀ ହିଂସା ଖେଳାଇଲେ ଯାହା ପାକିସ୍ତାନ ସେନାକୁ ପୁନର୍ବାର ହସ୍ତକ୍ଷେପ କରିବାକୁ ଜିଆଙ୍କୁ ବାଧ କରିଥିଲା।

ଚତୁର୍ଥ ଦଶନ୍ଧିରେ ଜିଆଙ୍କ ନେତୃତ୍ୱ ଥିଲା ସବୁଠୁ ଖରାପ। ଭୁଟ୍ଟୋ ଫାଶୀ ପାଇଥିବା ବର୍ଷ ୧୯୭୯ ଥିଲା ସବୁଠୁ ମହତ୍ତ୍ୱପୂର୍ଣ୍ଣ। ସୋଭିଏଟ୍‌ସଂଘ ଆଫଗାନିସ୍ତାନ ଆକ୍ରମଣ କଲା। ଶିୟା ଧର୍ମୀୟ ନେତାମାନେ ଖୋମିନଙ୍କ ନେତୃତ୍ୱରେ ଇରାନ ଦଖଲ କଲେ ଓ ସାଉଦିଙ୍କୁ ଭୟଭୀତ କରି ଉଗ୍ରପନ୍ଥୀମାନେ ମକ୍କାକୁ ଘେରାବନ୍ଦୀ କଲେ। ମୁସଲିମ ବିଶ୍ୱରେ ସନ୍ତ୍ରାସବାଦ ସମ୍ପ୍ରସାରିତ ହେଲା ଓ ପାକିସ୍ତାନ ଅତ୍ୟଧିକ ପ୍ରଭାବିତ ହୋଇଥିଲେ ମଧ୍ୟ ପାକିସ୍ତାନ ସେନା ଏଥିରୁ ଲାଭ ଉଠାଇଲା। ଜିଆଙ୍କ ସେନା ମକ୍କାକୁ ମୁକ୍ତ କରିବାରେ ସାଉଦିକୁ ସାହାଯ୍ୟ କରିଥିଲେ। ଅବଶ୍ୟ ପାକିସ୍ତାନୀ ଆଇଏସ୍‌ଆଇ ପାଷ୍ଟୁନ, ତାଜିକ, ଉଜବେକ୍ ସନ୍ତ୍ରାସବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ସହ ପ୍ରଶିକ୍ଷଣ ମଧ୍ୟ ଦେଇଥିଲା, ଯାହା ସୋଭିଏଟ ସଂଘକୁ ଆଫଗାନିସ୍ତାନରେ ଲୋପ କରିଦେଇଥିଲା। ୧୯୮୮ରେ ଏକ ରହସ୍ୟମୟ ବିମାନ ଦୁର୍ଘଟଣାରେ ଜିଆ ପ୍ରାଣ ହରାଇବା ପରେ ଭୁଟ୍ଟୋଙ୍କ ଝିଅ ନିର୍ବାଚନ ଲାଗି ପାକିସ୍ତାନ ଫେରିଲେ। ଏକ ସ୍ଥାୟୀ ତଥା ବାସ୍ତବ ଗଣତନ୍ତ୍ର ଫେରିବ ବୋଲି ଜଣାପଡୁଥିଲା। କିନ୍ତୁ ତାହା ହେଲା ନାହିଁ। ଆଇଏସ୍‌ଆଇ କଥାରେ ସେ କାମ କଲେ ମଧ୍ୟ ସେନା ତାଙ୍କୁ ଦୁଇଥର ଦାୟିତ୍ୱରୁ ହଟାଇଦେଇଥିଲା ଏବଂ ସେନାର ପସନ୍ଦ ନୱାଜ ସରିଫଙ୍କୁ ଥରକୁ ଥର ନେତୃତ୍ୱ ପ୍ରଦାନ କରିଥିଲା।

ପଞ୍ଚମ ଦଶନ୍ଧିରେ ନାମକୁ ମାତ୍ର ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲେ ବି ଏହାର ଡୋରି ରହିଥିଲା ସେନା ଓ ଆଇଏସ୍‌ଆଇ ମୁଖ୍ୟଙ୍କ ହାତରେ। ଏହି ସମୟରେ ଭାରତ ସବୁବେଳେ ପାକିସ୍ତାନକୁ ଆଲୋଚନା ପାଇଁ କହିଥିଲା ଓ ପାକିସ୍ତାନ ଅସ୍ୱୀକାର କରିଥିଲା। ଷଷ୍ଠ ଦଶନ୍ଧି ଥିଲା ଚତୁର୍ଥ ଏକଛତ୍ରବାଦୀ ଶାସକ ମୁଶରଫଙ୍କର, ଯିଏ କି ସନ୍ତ୍ରାସବାଦ ବିରୋଧୀ ଯୁଦ୍ଧରୁ ବହୁ ଲାଭ ଉଠାଇଥିଲେ। ଆୟୁବଙ୍କ ମଡେଲରେ ମୁକ୍ତ ଅର୍ଥନୀତି ଏବଂ ପଥପ୍ରଦର୍ଶକ ଗଣତନ୍ତ୍ର ଫେରିଥିଲା ଓ ପାକିସ୍ତାନର ଅଭିବୃଦ୍ଧି ହାର ପାଖାପାଖି ୫%କୁ ବୃଦ୍ଧି ପାଇଲା ; ଯାହା ସବୁପ୍ରକାର ସମସ୍ୟା ସତ୍ତ୍ୱେ ବି ଏବେ ରହିଛି। ମୁଶରଫ ବିତାଡ଼ିତ ହେବା ପରେ ସପ୍ତମ ଦଶନ୍ଧିରେ ସେନାର ବିନା ହସ୍ତକ୍ଷେପରେ ପ୍ରଥମରୁ ଲଗାତର ତିନୋଟି ସାଧାରଣ ନିର୍ବାଚନ ଶେଷ ହେଲା। ସେନା ଏବେ ବି ଗଣତନ୍ତ୍ରର କ୍ଷତି କରିବାକୁ ଚାହୁଁଛି, କିନ୍ତୁ ସାହସ ଜୁଟାଇ ପାରୁନାହିଁ। ଏଥିରୁ ବୁଝାପଡୁଛି ଯେ, ପାକିସ୍ତାନ ଏହାର ଅଷ୍ଟମ ଦଶନ୍ଧିରେ ବାଂଲାଦେଶ ଭଳି ଏକ ପାର୍ଲାମେଣ୍ଟାରି ଗଣତନ୍ତ୍ର ଏବଂ ଆମ ଗଣତନ୍ତ୍ର ସ୍ଥିତିରେ ରହିବାକୁ ସ୍ଥିର କରିଛି।

Email:aakar.patel@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | 9 | | | | | |
| | 1 | | | | 4 | 5 | | |
| | | | 6 | 1 | 5 | | | |
| | 3 | | 7 | 5 | | 8 | 2 | |
| | | | | | 3 | 6 | | 4 |
| | | 6 | | | | | | 7 |
| | | | | 7 | | | | |
| | | 4 | 1 | 6 | | | | |
| 9 | | 3 | 5 | | 2 | 1 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 5 | 3 | 8 | 6 | 7 | 4 |
| 4 | 3 | 7 | 9 | 6 | 1 | 2 | 5 | 8 |
| 8 | 6 | 5 | 2 | 7 | 4 | 9 | 3 | 1 |
| 7 | 8 | 6 | 1 | 4 | 9 | 5 | 2 | 3 |
| 2 | 1 | 9 | 3 | 5 | 7 | 8 | 4 | 6 |
| 3 | 5 | 4 | 6 | 8 | 2 | 1 | 9 | 7 |
| 5 | 4 | 1 | 7 | 9 | 6 | 3 | 8 | 2 |
| 9 | 2 | 8 | 4 | 1 | 3 | 7 | 6 | 5 |
| 6 | 7 | 3 | 8 | 2 | 5 | 4 | 1 | 9 |

ଗତ କାଲିର ଉତ୍ତର

# ଶ୍ରୀକୃଷ୍ଣ କ’ଣ ଏମିତି କହିଥିବେ



ସହଦେବ ସାହୁ

ଆମେ କଥା କଥାକେ ସ୍ତ୍ରୀମାନଙ୍କୁ ମାତୃଜାତୀୟା ବୋଲି କହୁ ସିନା, କିନ୍ତୁ ସ୍ତ୍ରୀମାନଙ୍କୁ ଗୋଟିଏ ଜାତି ବା ବର୍ଣ୍ଣ ହିସାବରେ ଦେଖୁନା, କାରଣ ସବୁ ବର୍ଣ୍ଣରେ ପୁରୁଷ ଯେମିତି ଅଛନ୍ତି ସ୍ତ୍ରୀ ସେମିତି ଅଛନ୍ତି, ଉଭୟଙ୍କ ମିଶାମିଶି ବିନା ମଣିଷ ଜନ୍ମ ଅସମ୍ଭବ। ଶ୍ରୀମଦ୍ ଭଗବତ୍ ଗୀତାର ୯ମ ଅଧ୍ୟାୟ ୩୨ ଶ୍ଲୋକରେ ସ୍ତ୍ରୀମାନଙ୍କୁ ବୈଶ୍ୟ, ଶୁଦ୍ର ଭଳି ନିମ୍ନବର୍ଗର ଜାତି ସହିତ ସମାନ କରାଯାଇଛି। ଶ୍ରୀମଦ୍ ଭଗବତ୍ ଗୀତାରେ ଯେଉଁଠି ଯେଉଁଠି ‘ଶ୍ରୀକୃଷ୍ଣ କହିଛନ୍ତି’ ତାହାକୁ ‘ଶ୍ରୀ ଭଗବାନୁବାଚ’ ବୋଲି ଲେଖାଯାଇଛି। ଆମେ ହିନ୍ଦୁମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଗ୍ରହଣ କରିନେଇଛୁ। ସେ କିପରି କହିଲେ ଯେ, ‘‘ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ୟେଽପି ସ୍ୟୁଃ ପାପଯୋନୟଃ/ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୁଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍’’? ଏହାର ଅନ୍ୱୟ କରି ପ୍ରତି ଶବ୍ଦର ଅର୍ଥ କରି ଶେଷରେ ବାକ୍ୟ ତିଆରି କରିବା ଅପେକ୍ଷା ସିଧାସଳଖ ସାଧାରଣ ଲୋକ ଭାଷାରେ କହିଲେ ଏପରି ହେବ: ହେ ଅର୍ଜୁନ! ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ରମାନଙ୍କ ଭଳି ଯେଉଁମାନେ ପାପ ଯୋନିରୁ ଜାତ ସେମାନେ ବି ‘ବିଶେଷ ଭାବରେ ମୋର ଆଶ୍ରୟ ପ୍ରାର୍ଥନା କଲେ’ (ବ୍ୟାପାଶ୍ରିତ୍ୟ) ପରମ ଗତି ପାଇବେ। ‘ସେମାନେ ବି’ କହିଲା ବେଳେ ଆମେ ଆଉ କାହା ସହିତ ତୁଳନା କରୁଛୁ, ବିଶେଷ ଭାବରେ କହିଲା ବେଳେ ସହଜ ଭାବରେ ମିଳୁଥିବା କଥା ହେଜାଇଦେଉଛୁ। ଯେଉଁମାନେ ଧର୍ମ-ଯୋନୟ ଅର୍ଥାତ୍ ଉଚ୍ଚ ବର୍ଗର ସେମାନେ ମୋର ଆଶ୍ରୟ ପ୍ରାର୍ଥନା କଲା କ୍ଷଣି ପରମ ଗତି ପାଇଯାଉଛନ୍ତି ବୋଲି ଶ୍ରୀକୃଷ୍ଣ ପରବର୍ତ୍ତୀ ଶ୍ଲୋକରେ (ଅଧ୍ୟାୟ ୯ ଶ୍ଲୋକ ୩୩) କହିଛନ୍ତି: ‘‘କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା/ ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍’’। ପୁଣି ପୁଣ୍ୟ(ଯୋନି)ସମ୍ଭୂତ ବ୍ରାହ୍ମଣ ତଥା ଭକ୍ତ କ୍ଷତ୍ରିୟ(ରାଜର୍ଷୀ)ଙ୍କ କଥା କ’ଣ କହିବା! ଏହି ଅନିତ୍ୟ ଅସୁଖୀ ଦୁନିଆରେ ତିଷ୍ଠି ଥିବାବେଳେ ମୋତେ ହିଁ ଭଜନ କରି ପରମ ଗତି ପାଇଥାନ୍ତି। ଏଠାରେ ଦୁଇଟି କଥା କୁହାଯାଇଛି – (୧) ବ୍ରାହ୍ମଣ ଓ କ୍ଷତ୍ରିୟ ପାପଯୋନିରୁ ଜନ୍ମ ନୁହନ୍ତି, (୨) ସ୍ତ୍ରୀମାନେ ଗୋଟିଏ ସ୍ୱତନ୍ତ୍ର ଜାତି: ସେମାନେ ଶୁଦ୍ର ଓ ବୈଶ୍ୟଙ୍କ ଭଳି ନୀଚଜନ୍ମା। କୌଣସି ଅନୁଚ୍ଛେଦର ଯଥାର୍ଥ ବିଶ୍ଳେଷଣ କରିବା ଲାଗି ଆମେ ପୂର୍ବାପର ସମ୍ପର୍କ ଦେଖିଥାଉ, ଶ୍ଲୋକ ୩୨ରେ ଏପରି କହିବା ପୂର୍ବରୁ ଓ ପରେ କୁହାଯାଇଛି ତାକୁ ନିରେଖି ଦେଖିବାକୁ ପଡ଼ିବ। ‘ସ୍ତ୍ରୀ’ ଏବଂ ‘ଶୁଦ୍ର ଓ ବୈଶ୍ୟ’ ତିନୋଟି ପଦ ଏକ ସ୍ତରରେ ବ୍ୟବହାର କଲାବେଳେ ଆମେ ମନେରଖିବା କଥା ଯେ ଶୁଦ୍ର ଓ ବୈଶ୍ୟ ଦୁଇଟି ପଦ ବର୍ଣ୍ଣ ବା ଜାତି ଅର୍ଥରେ ବ୍ୟବହାର ହୁଏ, ତେଣୁ ସ୍ତ୍ରୀ ପଦଟି ସେହି ଅର୍ଥରେ ବ୍ୟବହାର ହୋଇଛି। ଏ ପ୍ରକାର ବ୍ୟାଖ୍ୟାକୁ ସ୍ପଷ୍ଟ କରୁଛି ପରବର୍ତ୍ତୀ ଶ୍ଲୋକ ୩୩, ଯେଉଁଠି ବ୍ରାହ୍ମଣ ଓ ରାଜର୍ଷୀ ଦୁଇଟି ବର୍ଣ୍ଣକୁ ଉଚ୍ଚତର ବର୍ଣ୍ଣ ରୂପେ ବର୍ଣ୍ଣନା କରାଯାଇଛି। ସ୍ତ୍ରୀମାନେ କ’ଣ ଏକ ସ୍ୱତନ୍ତ୍ର ଜାତି, ଅର୍ଥାତ୍ ୫ମ ବର୍ଣ୍ଣ? ବ୍ରାହ୍ମଣର ସ୍ତ୍ରୀ ଆଉ କ୍ଷତ୍ରିୟର ସ୍ତ୍ରୀ କ’ଣ ବ୍ରାହ୍ମଣ ଆଉ କ୍ଷତ୍ରିୟ କୁଳରେ ଜନ୍ମ ହୋଇନାହାନ୍ତି? ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଣେତା ବି ଜଣେ ସ୍ତ୍ରୀଲୋକର ଗର୍ଭରୁ ଜାତ, ତେଣୁ ସେ ପାପଯୋନୟର ସନ୍ତାନ! ଦେବକୀ ଏବଂ ଯଶୋଦା ଯଦି ଶୁଦ୍ର ଓ ବୈଶ୍ୟ ଭଳି ନୀଚ ଯୋନିରୁ ଜନ୍ମ ବୋଲି ଭାବିବା,




ସେହି ଦୁଇ ସ୍ତ୍ରୀଙ୍କ ଦ୍ୱାରା ଜନ୍ମିତ ଓ ପରିପାଳିତ ଶ୍ରୀକୃଷ୍ଣ ତ ଆହୁରି ନୀଚ ହୋଇଯିବେ! ଏହା ଅସମ୍ଭବ, ତେଣୁ ଅଧ୍ୟାୟ ୯ର ଶ୍ଲୋକ ୩୨ ଓ ୩୩ ଦୁଇଟି ପରବର୍ତ୍ତୀକାଳରେ ଗୀତାରେ ଭର୍ତ୍ତି କରାଯାଇଛି ଏବଂ ତାକୁ ଅଧ୍ୟାୟର ମଝିରେ ଥିବା ଧାରଣା ଦେବା ଲାଗି, ମୂଳ ଗ୍ରନ୍ଥରେ ଥିବାର ଧାରଣା ଦେବା ପାଇଁ ଶ୍ଲୋକ ୩୪କୁ ଯୋଡ଼ାଯାଇଛି, ଏହାର ଅର୍ଥ ଶ୍ଲୋକ ୩୧ ସହ ସମାନ ହୋଇଥିବା ଏହା ପ୍ରମାଣ କରେ। ଶ୍ଲୋକ ୩୧ଟି ୯ମ ଅଧ୍ୟାୟର ଶେଷ ଭଳି ଲାଗୁ ନାହିଁକି? ସେଠି ଶ୍ରୀକୃଷ୍ଣ କହିନାହାନ୍ତି କି ଧର୍ମାତ୍ମାମାନେ ମୋର ଭକ୍ତ ହେଲେ ବିନାଶ ହୁଅନ୍ତି ନାହିଁ? ପୁଣି ଶ୍ଲୋକ ୩୦ରେ କୁହାଯାଇଛି ଦୁରାଚାରୀମାନେ ମୋତେ ଅନନ୍ୟ ଭକ୍ତି ସହିତ ଭଜନ କଲେ ତାକୁ ସାଧୁ ଭଳି ଗ୍ରହଣ କରିନିଆଯାଏ। ‘ବ୍ୟାପାଶ୍ରିତ୍ୟ’ ଆଉ ‘ଅନନ୍ୟ ଭକ୍ତି’ ଏକ ପ୍ରକାରର ଅର୍ଥ ବହନ କରେ। ଶ୍ଲୋକ ୩୦ରେ ‘ଦୁରାଚାରୀ’ମାନଙ୍କ କଥା କହିବା ପରେ ପୁଣି ‘ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ର’ମାନଙ୍କ କଥା କହିବା ଦରକାର ଥିଲା କି? ବେଦ ଓ ଗୀତା ଆଦି ପ୍ରଥମେ ଶ୍ରୁତି ଥିଲା, ଗୁରୁଠାରୁ ଶିଷ୍ୟ ବାର୍ତ୍ତା ଶିଖୁଥିଲା, ଶିଷ୍ୟର ସ୍ମୃତି ପାଠ୍ୟର ଶୁଦ୍ଧତା ପ୍ରମାଣ କରୁଥିଲା। କାଳକ୍ରମେ ‘ଶ୍ରୁତି’ରୁ ‘ଲିଖନ’ ହେଲା – ଉତ୍ତର ଭାରତରେ ଭୂର୍ଜପତ୍ର ବା ବଲ୍କଲରେ ଓ ଉପକୂଳ ଭାରତରେ ତାଳପତ୍ରରେ ଲିଖନ ଆରମ୍ଭ ହେଲା। ଭୂର୍ଜ ବା ତାଳପତ୍ର ଅଳ୍ପକାଳସ୍ଥାୟୀ। ଯେଉଁ ମୁନି ବା ଋଷି ପୁରୁଣା ଭୂର୍ଜ ବା ତାଳପତ୍ରରୁ ନୂତନ ଭୂର୍ଜ ବା ତାଳପତ୍ରରେ ପୁନଃଲିଖନ କଲେ ସେମାନେ ଏଭଳି ନାରୀବିରୋଧୀ ମନ୍ତବ୍ୟକୁ ସ୍ଥାନ ଦେଇଛନ୍ତି। ସେମାନେ କେବେ ଭାବିନାହାନ୍ତି ଯେ ସ୍ତ୍ରୀମାନଙ୍କ ସଙ୍ଗ ବିନା ମଣିଷ ଜନ୍ମ ଅସମ୍ଭବ ଏବଂ ସବୁ ପୁରୁଷ ବନବାସୀ ସନ୍ଥ ହେଲେ ମଣିଷ ପ୍ରଜାତି ପୃଥିବୀପୃଷ୍ଠରୁ ଲୋପ ପାଇଯିବ, ଆଉ ଧର୍ମ ବା ଭଗବାନ ଭଳି ଧାରଣା ଆଣିବାର ପ୍ରାଣୀ ବ୍ରହ୍ମାଣ୍ଡରେ ନଥିବେ! ଗୀତା ଭଳି ଧର୍ମଗ୍ରନ୍ଥ ଲେଖିବ କିଏ ନା ପଢ଼ିବ କିଏ?

ସବୁ ଧର୍ମରେ ନାରୀମାନଙ୍କୁ ନୀଚ ସ୍ତରରେ ଦେଖାଯାଇଛି, ସେମାନେ ହିଁ ପୁରୁଷମାନଙ୍କୁ ବିପଥଗାମୀ କରନ୍ତି, ସତେଯେପରି ପୁରୁଷମାନେ ଆଦୌ ନାରୀମାନଙ୍କୁ ଦରାଣ୍ଡନ୍ତି ନାହିଁ! ସତେଯେପରି ପ୍ରତ୍ୟେକ ପୁରୁଷ ନୈତିକତାର ଗୋଟିଏ ଗୋଟିଏ ଗନ୍ତାଘର! ଯେଉଁ ପୁରୁଷମାନେ, ସେ ସନ୍ଥ ହୁଅନ୍ତୁ କି ଋଷି, ଏପରି କୁହନ୍ତି ସେମାନେ କେବେ ଭାବୁନାହାନ୍ତି ଯେ ବାପାଙ୍କ ସ୍ତ୍ରୀ-ସମ୍ପର୍କ ବିନା ସେମାନେ ଜନ୍ମ ହୋଇଥାନ୍ତେ କି? ଥରେ ପ୍ରବଚକ ହୋଇଗଲ ବୋଲି ମାଆକୁ ପାପଯୋନୟ କହିବ? ତାହା ପୁଣି ଭଗବାନ ରୂପେ ପରିଚିତ ଶ୍ରୀକୃଷ୍ଣ କହିବେ? ଶ୍ରୁତିରୁ ଯେତେବେଳେ ଲିଖିତ (ସମସ୍ତଙ୍କ ପାଇଁ ପାଠ୍ୟ) ହୋଇଗଲା ଯେଉଁ ମହାଶୟ ଭୂର୍ଜପତ୍ରରେ ପ୍ରଥମେ ଶ୍ରୀମଦ୍ ଭଗବଦ୍‌ଗୀତାକୁ ଉତାରିଲେ ସେ ତାଙ୍କର ସ୍ତ୍ରୀ-ବିରୋଧୀ ମାନସିକତାର ପ୍ରଦର୍ଶନ କରିଛନ୍ତି ଶ୍ଲୋକ ୩୨ ଓ ୩୩ ଜରିଆରେ ଏବଂ ତାହା ମୂଳ ପାଠରେ ଥିଲା ବୋଲି (ଯୋଡ଼ା ହୋଇଥିବା ଘଟଣାକୁ ଘୋଡ଼ାଇବାକୁ) ଶ୍ଲୋକ ୩୪କୁ ଭର୍ତ୍ତି କରିଦେଇଛନ୍ତି; କେବଳ ଶବ୍ଦ ସଂଯୋଜନା ଭିନ୍ନ କିନ୍ତୁ ଅର୍ଥ ଏକପ୍ରକାରର, ଶ୍ଲୋକ ୩୧ ଥିଲାବେଳେ ଶ୍ଲୋକ ୩୪ ଦ୍ୱିରୁକ୍ତି ଭଳି ଲାଗୁନାହିଁ କି?

୯ମ ଅଧ୍ୟାୟର ନାମ ରଖାଯାଇଛି ‘ରାଜବିଦ୍ୟା ରାଜଗୁହ୍ୟଯୋଗଃ’! ବିଦ୍ୟାମାନଙ୍କର ରାଜା, ସମସ୍ତ ଗୋପନୀୟ ତଥ୍ୟର ରାଜା! ଭଗବାନ କହିଲେ, ମୁଁ ଏ ଅଧ୍ୟାୟରେ ଏମିତିକା ଗୂଢ଼ କଥା କହିବି, ଯାହା ଜାଣି ତୁମେ ଅର୍ଜୁନ ସଂସାର ବନ୍ଧନରୁ ମୁକ୍ତ ହୋଇଯିବ। ଆମେ ଲେଖକ ଓ ପାଠକମାନେ ତଥା ଦୁନିଆର ସବୁ ମଣିଷ ସଂସାର ବନ୍ଧନରୁ ମୁକ୍ତ ହୋଇଯିବା: ବହୁତ ଗୂଢ଼ ତଥ୍ୟ ଭିତରୁ ଗୋଟିଏ ତଥ୍ୟ ହେଉଛି ଯେ ସ୍ତ୍ରୀ, ବୈଶ୍ୟ ଓ ଶୁଦ୍ର ତିନିହେଁ ପାପଯୋନୟ, ନୀଚ ଜାତିର। ସେମାନେ ମୋତେ ପାଇବା ପାଇଁ ଅତି ସନ୍ତର୍ପଣରେ ଭଜନ କରିବାକୁ ପଡ଼ିବ। ଯାହାର ଜନନୀ ପାପଯୋନୟ ଅର୍ଥାତ୍ ନୀଚ ଜାତିର ସେ ବି ତ ନୀଚ ଜାତିର ବୋଲି ଗଣାହେବେ। ସମସ୍ତେ ସ୍ତ୍ରୀ ସଙ୍ଗ ବର୍ଜନ କରିବା ତ ସଂସାରରେ ମଣିଷ ବଂଶ ଆଉ ନଥିବେ, ଆମେ ସମସ୍ତେ ତ ଯୋନିସମ୍ଭୂତ, ଦଶରଥଙ୍କ ରାଣୀମାନେ ଫଳ ଖାଇ ଚାରି ପୁତ୍ର ପ୍ରସବ କରିଥିଲେ, ତାହା ଅଣସଙ୍ଗମ ଜନିତ ଧରାଗଲେ ବି ସ୍ତ୍ରୀର ଗର୍ଭ ତ ଦରକାର! ସ୍ତ୍ରୀ ବିନା ନୂଆ ନୂଆ ପିଢ଼ିର ମଣିଷ ଜନ୍ମ ନେବେ ନାହିଁ, ‘ଭଗବାନ’ ଧାରଣା କ’ଣ ମଣିଷେତର ପ୍ରାଣୀମାନଙ୍କ ଭିତରେ ଆସିବ? ‘ମଣିଷର ଭାବିବାର ଶକ୍ତି ଅଛି’ ବୋଲି ‘ଦୁନିଆଟା ଅନିତ୍ୟ ଓ ଅସୁଖୀ’ ବୋଲି ଭାବୁଛି ଏବଂ ତହିଁରୁ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ ‘ଭଗବାନ’ ଧାରଣା ଆଣିଛି!

sahadevas@yahoo.com

# ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ରଷି ସୁନକ

ଇଚ୍ଛାଶକ୍ତି ଦୃଢ଼ ଥିଲେ ସଫଳତା ସୁନିଶ୍ଚିତ। ୨୫ ଅକ୍ଟୋବର ୨୦୨୨ରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହୋଇଥିବା ରଷି ସୁନକଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ୨୦୧୬ରେ ବ୍ରେକ୍‌ଜିଟ୍ (ୟୁରୋପୀୟ ସଂଘରୁ ବ୍ରିଟେନ୍ ଅଲଗା ହେବା) ପରଠାରୁ ଡେଭିଡ୍ କାମେରୁନ୍, ଥେରେସା ମେ, ବୋରିସ୍ ଜନ୍‌ସନ୍ ଓ ନିକଟରେ ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବାକୁ ଅକ୍ଷମ ହେବା ପରେ ରଷି ୧୦, ଡାଉନିଂ ଷ୍ଟ୍ରିଟ୍‌ରେ ଅବସ୍ଥାପିତ ହୋଇଛନ୍ତି। କଞ୍ଜରଭେଟିଭ୍ ପାର୍ଟି ନେତା ତଥା ଭାରତୀୟ ବଂଶୋଦ୍ଭବ ରଷିଙ୍କ ଦାୟିତ୍ୱ ଗ୍ରହଣ ପରେ ଲେବର ପାର୍ଟିର ଡେପୁଟି ଲିଡର ଏଞ୍ଜେଲା ରେନର ତାଙ୍କୁ ଉପଲକ୍ଷ୍ୟ କରି ଟୁଇଟ୍ କରିଥିଲେ, ‘ଏହା ଏକ ରାଜାଭିଷେକ, ନିର୍ବାଚନ ବିଜୟ ନୁହେଁ। ବ୍ରିଟିଶ ଲୋକଙ୍କ ଜନାଦେଶ ତାଙ୍କ ପ୍ରତି ନ ଥିଲା।’ ତେବେ ଏଞ୍ଜେଲାଙ୍କ ଏଭଳି ମନ୍ତବ୍ୟ ମଧ୍ୟ ଡେଭିଡ୍ କାମେରୁନ୍‌ଙ୍କ ପରେ ଅନ୍ତରୀଣ ଦାୟିତ୍ୱ ନେଇଥିବା ପ୍ରଧାନମନ୍ତ୍ରୀଙ୍କ ପାଇଁ ପ୍ରଯୁଜ୍ୟ। କିନ୍ତୁ ଅଣଶ୍ୱେତାଙ୍ଗ ଭାବେ ରଷି ବ୍ରିଟେନ୍‌ର ନେତୃତ୍ୱ ନେଇଥିବାରୁ ସମ୍ଭବତଃ ଶ୍ୱେତାଙ୍ଗଙ୍କ ପାଇଁ ସହଜରେ ଏହା ଗ୍ରହଣୀୟ ହୋଇପାରି ନାହିଁ। ଇଂଲିଶ୍‌ମାନଙ୍କ ସକାଶେ ପୂର୍ବତନ ଅର୍ଥମନ୍ତ୍ରୀ ରହିଥିବା ପ୍ରଧାନମନ୍ତ୍ରୀ ରଷିଙ୍କ ନେତୃତ୍ୱକୁ ସମୟ ଦେଇ ଅପେକ୍ଷା କରିବା ଦରକାର ପଡ଼ିଲାଣି। କାରଣ ମୁଦ୍ରାସ୍ଫୀତି ୧୦ ପ୍ରତିଶତରେ ରହିଥିବା ବେଳେ ବଜେଟ ନିଅଣ୍ଟ ୪୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚି ବ୍ରିଟେନ୍ ଅର୍ଥନୀତି ମାନ୍ଦାବସ୍ଥା ଆଡ଼କୁ ମୁହାଁଇଲାଣି। ରଷି ତତ୍କ୍ଷଣାତ୍ କିଛି ମ୍ୟାଜିକ୍ ଦେଖାଇବେ ବୋଲି ଆଶା ନ ଥିଲେ ମଧ୍ୟ ଅନ୍ୟ ନେତାମାନେ ଦେଶର ଏଭଳି ସଙ୍କଟ ସମୟରେ ସହଯୋଗ କରିବାର ଆବଶ୍ୟକତା ରହିଛି। ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ହେବା ପରେ ରଷି ଧୈର୍ଯ୍ୟହରା ହୋଇ ନ ଥିଲେ। ସରକାରକୁ ସମସ୍ତ ପ୍ରକାର ସହଯୋଗ ଦେବେ ବୋଲି କହିଥିଲେ। ଏଭଳି ସକାରାତ୍ମକ ଆଭିମୁଖ୍ୟ ରଖି କାର୍ଯ୍ୟ କରିଥିବାରୁ ରଷି ଏବେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆସୀନ ହୋଇପାରିଛନ୍ତି। ଇତିହାସ ଦେଖିଲେ ୧୮୯୨ରେ ଦାଦାଭାଇ ନାରୋଜି ହାଉସ୍ ଅଫ୍ କମନ୍ସକୁ ପ୍ରଥମ ବ୍ରିଟିଶ ଇଣ୍ଡିଆନ୍ ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ରଷି ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ହୋଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିନ୍ଦୁ ପାଲଟିଛି। କହିବା ଆରମ୍ଭ ହୋଇଯାଇଛି, ୨୦୦ ବର୍ଷ ଧରି ଯେଉଁ ଦେଶ ଉପରେ ବ୍ରିଟିଶ ରାଜ୍ କରୁଥିଲା, ତା’ ଉପରେ ଭାରତୀୟ ମୂଳ ବାସିନ୍ଦାଙ୍କ ବଂଶଧରର ଜଣେ ଶାସନ କରିବା ଏକ ଐତିହାସିକ ପରିଣତି ଆଣିଦେଇଛି। ତେବେ ଖ୍ରୀଷ୍ଟିଆନ୍ ଶ୍ୱେତାଙ୍ଗମାନେ ଶେଷରେ ଜଣେ ଶ୍ୟାମଳ ହିନ୍ଦୁଙ୍କ ନେତୃତ୍ୱକୁ ସ୍ୱୀକାର କରିବା ଦର୍ଶାଉଛି ଯେ, ପରିବର୍ତ୍ତନ ପାଇଁ ଇଂଲିଶମାନଙ୍କ ଗ୍ରହଣଶୀଳତା ସର୍ବଦା ଉନ୍ମୁଖ।

ଇଂଲଣ୍ଡର ହାମ୍ପସାୟାରର ସାଉଥ୍‌ହାମ୍ପଟନ୍ ଜେନେରାଲ ହସ୍ପିଟାଲରେ ୧୨ ମେ ୧୯୮୦ରେ ରଷି ଭାରତୀୟ ବଂଶୋଦ୍ଭବ ଆଫ୍ରିକୀୟ ଜନ୍ମିତ ହିନ୍ଦୁ ମାତାପିତାଙ୍କଠାରୁ ଭୂମିଷ୍ଠ ହୋଇଥିଲେ। ପିତା ଯଶବୀର ଜଣେ ଡାକ୍ତର ଓ ମାତା ଉଷା ଫାର୍ମାସିଷ୍ଟ। ରଷିଙ୍କ ଜେଜେବାପା ବ୍ରିଟିଶ ଇଣ୍ଡିଆର ପଞ୍ଜାବ ପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ। ଅର୍ଥ ଉପାର୍ଜନ ପାଇଁ ପୂର୍ବ ଆଫ୍ରିକାକୁ ଚାଲିଯାଇଥିବା ତାଙ୍କ ପରିବାର ୧୯୬୦ରେ ବ୍ରିଟେନ୍‌କୁ ପଳାଇ ଆସିଥିଲେ। ଯଶବୀର କେନିଆରେ ଜନ୍ମ ହୋଇଥିବା ବେଳେ ମାତା ଉଷା ତାଞ୍ଜାନିଆର ଭାରତୀୟ ମୂଳବାସିନ୍ଦା। ଉଭୟେ ୧୯୭୭ରେ ଇଂଲଣ୍ଡର ଲିସେଷ୍ଟରରେ ବିବାହ କରିଥିଲେ। ସେମାନଙ୍କ ୩ ସନ୍ତାନ ମଧ୍ୟରୁ ରଷି ବଡ଼। ଦମ୍ପତିଙ୍କ ଅନ୍ୟ ଦୁଇ ସନ୍ତାନ ମଧ୍ୟରେ ସାନ ପୁଅ ସଞ୍ଜୟ ମନସ୍ତତ୍ତ୍ୱବିତ୍ ହୋଇଥିବା ବେଳେ ଝିଅ ରାଖୀ ୱିଲିୟମ୍ସ ୟୁନାଇଟେଡ୍ ନେସନ୍ସ ଗ୍ଲୋବାଲ ଫଣ୍ଡ୍ ଫର୍ ଏଜୁକେଶନ ଇନ୍ ଏମର୍ଜେନ୍ସିର ଷ୍ଟ୍ରାଟେଜି ମୁଖ୍ୟ ଭାବେ ନ୍ୟୁୟର୍କରେ କାର୍ଯ୍ୟରତ। ଏପଟେ ରଷିଙ୍କ ସଂସାର କହିଲେ ସେ ଭାରତୀୟ ବିଲିୟନେୟାର ବ୍ୟବସାୟୀ ତଥା ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍. ଆର୍. ନାରାୟଣ ମୂର୍ତ୍ତି ଓ ଲେଖିକା ସୁଧା ମୂର୍ତ୍ତିଙ୍କ ଝିଅ ଅକ୍ଷତାଙ୍କୁ ବିବାହ କରିଛନ୍ତି। ରଷି-ଅକ୍ଷତାଙ୍କ ଦୁଇ ଝିଅ ହେଉଛନ୍ତି କ୍ରିଷ୍ଣା ଓ ଅନୁଷ୍କା।

ରଷିଙ୍କ ଶିକ୍ଷା ଦିଗକୁ ଦେଖିଲେ ସେ ରୋମ୍‌ସେସ୍ଥିତ ଷ୍ଟ୍ରଏଡ୍ ସ୍କୁଲ ଓ ପରେ ୱିଞ୍ଚେଷ୍ଟର କଲେଜରେ ପଢ଼ିଥିଲେ। ଗ୍ରୀଷ୍ମ ଅବକାଶ ବେଳେ ସେ ସାଉଥ୍‌ହାମ୍ପଟନ୍‌ସ୍ଥିତ ଏକ ହୋଟେଲରେ ପରିଚାରକ ଭାବେ କିଛିଦିନ କାମ କରିଥିଲେ। ପରେ ଅକ୍ସଫୋର୍ଡର ଲିଙ୍କନ କଲେଜରୁ ଦର୍ଶନଶାସ୍ତ୍ର, ରାଜନୀତି ବିଜ୍ଞାନ ଓ ଅର୍ଥନୀତିରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ କଞ୍ଜରଭେଟିଭ୍ କ୍ୟାମ୍ପେନ୍ ହେଡ୍‌କ୍ୱାର୍ଟର୍ସରେ ସେ ଇଣ୍ଟର୍ନଶିପ୍ କରିଥିଲେ। ୨୦୦୬ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଥିଲେ। ସେ ସେଠାରେ ଫୁଲ୍‌ବ୍ରାଇଟ୍ ସ୍କଲାର ମଧ୍ୟ ଥିଲେ। ବୋର୍ଡିଂ ସ୍କୁଲରେ ପଢୁଥିବା ବେଳେ ସେ ହେଡ୍ ବୟ ଥିଲେ। ମେଧା ସହ ନେତୃତ୍ୱ ନେବାର କଳା ତାଙ୍କ ପିଲାବେଳୁ ଫୁଟି ବାହାରିଥିଲା। ତେବେ କ୍ୟାରିୟରର ପ୍ରଥମ ପାହାଚରେ ସେ ୨୦୦୧ରୁ ୨୦୦୪ ଯାଏ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍‌ରେ ଆନାଲିଷ୍ଟ ଭାବେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ହେଜ୍ ଫଣ୍ଡ୍ ମ୍ୟାନେଜମେଣ୍ଟ ଓ ୨୦୧୩ରୁ ୨୦୧୫ ଯାଏ ଶ୍ୱଶୁରଙ୍କ ଇନ୍‌ଭେଷ୍ଟମେଣ୍ଟ ଫାର୍ମ କାଟାମେରେନ୍ ଭେଞ୍ଚର୍ସର ନିର୍ଦ୍ଦେଶକ ହୋଇଥିଲେ। ସ୍କୁଲ ବେଳେ ଷ୍ଟୁଡେଣ୍ଟ ଲିଡର, ପ୍ରୟୋଗାତ୍ମକ ଜୀବନର ଉପଲବ୍ଧି ଲାଗି ହୋଟେଲରେ ୱେଟର ସାଜିବା ଓ ରାଜନୈତିକ ଦଳରେ ଇଣ୍ଟର୍ନଶିପ୍ ଆଦି ତାଙ୍କ ଜୀବନର ପ୍ରତି ପର୍ଯ୍ୟାୟକୁ ଦେଖିଲେ ନୂଆ କିଛି କରିବା ଓ ଶିଖିବାରେ ସେ ନିମଜ୍ଜିତ ରହୁଥିବାରୁ ଏବେ ତାହାର ସୁଫଳ ପାଇଛନ୍ତି। ୨୦୧୪ରେ କଞ୍ଜରଭେଟିଭ୍ ପାର୍ଟିର ପ୍ରାର୍ଥୀ ଭାବେ ରିଚ୍‌ମଣ୍ଡ (ୟର୍କସ)ରୁ ଏମ୍‌ପି ଭାବେ ବ୍ରିଟିଶ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ପରେ ଅର୍ଥମନ୍ତ୍ରୀ ଓ ମାତ୍ର ୪୨ ବର୍ଷ ବୟସରେ ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ରଷି ଯେଉଁ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି, ତାହା ଆଗାମୀ କେତେ ସମୟ ଯାଏ ସେହି ରେକର୍ଡ ବଜାୟ ରହିବ, ତାହା ସମୟ କହିବ। ଅନ୍ୟପକ୍ଷରେ ସବୁ ସଫଳତା ଭିତରେ ଅର୍ଥନୈତିକ ସଙ୍କଟକୁ ସେ କିଭଳି ମୁକାବିଲା କରୁଛନ୍ତି, ତାହା ତାଙ୍କ ପାଇଁ ସର୍ବବୃହତ୍ ଆହ୍ୱାନ ଆଣିଦେଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା ଆରମ୍ଭ ହେବ ଘରୁ, ଏ ବାଟ ବତାଇଛନ୍ତି ଇଣ୍ଡଷ୍ଟ୍ରିଆଲ ଡିଜାଇନର ତଥା ସୋସିଆଲ ଏଣ୍ଟରପ୍ରିନ୍ୟୁୟର୍ ପୁନମ୍ ବୀର କସ୍ତୁରୀ। ସେ ଏକ ନୂଆ କମ୍ପୋଷ୍ଟର୍ ନିର୍ମାଣ କରିଛନ୍ତି। ଏଥିରେ ଘରର ସବୁ ବର୍ଜ୍ୟକୁ ଖତ କରାଯାଇପାରୁଛି ବିନା ଦୁର୍ଗନ୍ଧରେ। କମ୍ ଓଜନ ବିଶିଷ୍ଟ ଏହି କମ୍ପୋଷ୍ଟର୍‌କୁ ରଖାଯାଉଥିବା ସ୍ଥାନ ମଧ୍ୟ ଅପରିଷ୍କାର ହେଉନାହିଁ। ଏହା ରିସାଇକ୍ଲିଂଯୋଗ୍ୟ ୟୁଭି ପ୍ଲାଷ୍ଟିକରେ ନିର୍ମିତ। ଏହାର ନାମ ରଖିଛନ୍ତି ଟେରାବାଇଟ୍ ହୋମ୍ କମ୍ପୋଷ୍ଟର। ଏହାକୁ ବାଲ୍‌କୋନି କିମ୍ବା ଝରକା ପାଖରେ ରଖାଯାଇପାରିବ। ଏଥିରେ ୩୦ ଦିନ ମଧ୍ୟରେ ଖତ ପ୍ରସ୍ତୁତ ହୋଇପାରୁଛି। ଦିନକୁ ଏଥିରେ ୨ କେଜି ବର୍ଜ୍ୟ ଧାରଣ କରିବାର କ୍ଷମତା ରହିଛି। ଏହାର ଦାମ୍ ରଖିଛନ୍ତି ୧୯,୯୯୯ ଟଙ୍କା। ପୁନମ୍ ପରିବେଶ ଉପଯୋଗୀ ‘ଡେଲି ଡମ୍ପ’ ଅନ୍‌ଲାଇନ ଷ୍ଟୋର୍ ପ୍ରତିଷ୍ଠା କରି କମ୍ପୋଷ୍ଟର ନିର୍ମାଣ କରିବା ସହ ଲୋକଙ୍କୁ ଯୋଗାଉଛନ୍ତି। ସେ ନିଜକୁ କମ୍ପୋଷ୍ଟୱାଲି ବୋଲି ପରିଚୟ ଦିଅନ୍ତି। ୨୦୦୬ରୁ ବିଭିନ୍ନ ପ୍ରକାର କମ୍ପୋଷ୍ଟିଂ ଉତ୍ପାଦ ଉପରେ ପରୀକ୍ଷା କରିଆସୁଛନ୍ତି। ଏବେ ତାଙ୍କ ପାଖରେ ଗୋବଲ କମ୍ପୋଷ୍ଟ କିଟ୍, ରଙ୍ଗୋଲି ଫ୍ଲାୱାର କମ୍ପୋଷ୍ଟର, ଲିଫ୍ କମ୍ପୋଷ୍ଟ ଆଦି ଉପଲବ୍ଧ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅକ୍ଟୋବର ୧୯୯୭

- ବିବାଦୀୟ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ଲେଖକ ସଲ୍‌ମାନ ରଶଦିଙ୍କ ପୁରସ୍କାରପ୍ରାପ୍ତ ପୁସ୍ତକ ‘ମିଡ୍‌ନାଇଟ୍ସ ଚିଲ୍ଡ୍ରେନ’ ଉପରେ ଚଳଚ୍ଚିତ୍ର ନିର୍ମାଣ ପ୍ରସ୍ତାବକୁ ଶ୍ରୀଲଙ୍କାର ମୁସଲମାନ ନେତା ଓ ସଂଗଠନ ପକ୍ଷରୁ ତୀବ୍ର ବିରୋଧ।
- ଗୋଖାଦ୍ୟ ଦୁର୍ନୀତିର ଦୁଇଟି ଷଡ଼ଯନ୍ତ୍ର ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ଜାମିନ ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ବହୁ ପ୍ରତୀକ୍ଷିତ ଗଣତନ୍ତ୍ର ଆଜି ଦିଗହରା

ମହାଶୟ,

କହିବାକୁ ଗଲେ ସାରା ବିଶ୍ୱରେ ଭାରତ ବୃହତ୍ ଗଣତନ୍ତ୍ର ଦେଶରେ ପରିଚିତ ଥିଲା। ଆଜି କିନ୍ତୁ ତାହାର ସଂଜ୍ଞା ବଦଳି ଗଲାଣି। ଗଣତନ୍ତ୍ର ଅର୍ଥ ଲୋକଶାସନ ଆଜି ସମ୍ପୂର୍ଣ୍ଣ ଦିଗହରା। ସାଂସଦ ହୁଅନ୍ତୁ ବା ବିଧାୟକ, ସମସ୍ତଙ୍କର ନିଃସ୍ୱାର୍ଥପରତା ମନୋଭାବ, ତାଙ୍କ ପାରିଶ୍ରମିକ ଥିଲା କିଛି ଭତ୍ତା, ଯାହାକି ଆଜି ଚାକିରିଆଙ୍କ ଭଳି ଦରମା ଓ ପେନ୍‌ସନରେ ପରିଣତ ହୋଇଛି ପୁଣି ଚଢ଼ାଦରରେ। ସାଂସଦ ବା ବିଧାୟକଙ୍କ ମଧ୍ୟରୁ ପ୍ରାୟ ୪୦%ଙ୍କ ବିରୋଧରେ ଅପରାଧିକ ଅଭିଯୋଗ ରହିଛି। ଗଣତନ୍ତ୍ର ଆଜି ଗୁଣ୍ଡାତନ୍ତ୍ରରେ ପରିଣତ ହୋଇଛି। ଧର୍ମ ନାହିଁ, ନ୍ୟାୟ ନାହିଁ ଓ ସେବା ବି ନାହିଁ। କେବଳ ଶୋଷଣ ମନବୃତ୍ତିରେ ଚାଲିଛି ଦେଶ ଶାସନ। ଖାଲି ଭାଷଣବାଜି। ଟଙ୍କା ଦେଇ ଭୋଟ କିଣାଯାଉଛି ଓ ଗୁଣ୍ଡାମି ଶାସନରେ ସବୁ କିଛି ଶୋଷଣ କରାଯାଉଛି।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆକାଶ ବିହଗ, ମାଟିର ପଶୁ
କହଇ କଥା
କରେ ପରକାଶ ଆପଣା ସୁଖ
ପରାଣ ବ୍ୟଥା।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଶିଶୁକଳା ପରିଷଦର ବାର୍ଷିକ ଉତ୍ସବ**

ନାକଟିଦେଉଳ(ଡ଼ି.ଏନ.ଏ.) ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ବଉଳ ସାହିର ଶିଶୁ କଳା ପରିଷଦର ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ବାଳମକୁନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି, ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପକ ଭଜମୋହନ ପ୍ରଧାନ ମୁଖ୍ୟବକ୍ତା ଓ ସରାପାଲି ସରପଞ୍ଚ ଶିବାନୀ ବାରିକ, ବ୍ଲକ ଯୁବ ବିଜେଡ଼ି ସଭାପତି ଧାରେନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଦେଶୀ ମଦ ଜବତ, ଯୁବକ ଗିରଫ

**ରେଢାଖୋଲ,୨୯।୧୦ (ଡି.ଏନ.ଏ.):** ସମ୍ବଲପୁର ଜିଲା ଅବକାରୀ ମୋବାଇଲ ଟିମ୍ ଶନିବାର ରେଢାଖୋଲ ଦଳଖମଣ ଗ୍ରାମରୁ ୭୦ ଲିଟର ଦେଶୀ ରନ୍ଧା ମଦ ଓ ନିକଟସ୍ଥ ଜଙ୍ଗଲରୁ ୨୦ କୁଇଣ୍ଟାଲ ମହୁଲ ପୋଚ ଜବତ କରିଛନ୍ତି। ଏହି ଘଟଣାରେ ଦଳଖମଣ ଗ୍ରାମର ଶୁକୁ ଲିଆଙ୍ଗିଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମୋବାଇଲ ଟିମ୍ ଯଦୁମଣିପାଟନା, ଦଲକି, ବୈଷ୍ଣବଝୋଲି, ବର୍ଷକିଆ, ବାରବାଙ୍କ, ଦଳଖମଣ ଆଦି ଗ୍ରାମରେ ଚଢାଉ କରିଥିଲେ। ଅବକାରୀ ଉପନିରୀକ୍ଷକ ବିଷ୍ଣୁଚରଣ ମଲ୍ଲିକ, ମୋହନ ବେହେରା, କିଶୋରଚନ୍ଦ୍ର ନାଏକ, ସହ ଉପନିରୀକ୍ଷକ ବିନୋଦିନୀ ବେହେରା ପ୍ରମୁଖ ଚଢାଉ କରିଥିଲେ।

### ଶିଶୁ ସୁରକ୍ଷା ସଚେତନତା ସଭା

**କୁଚିଣ୍ଡା,୨୯।୧୦(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ପରୁଆଭାଡ଼ି ପଞ୍ଚାୟତର ପଣ୍ଡରିକଟା ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଚାଇଲ୍ଡ ଲାଇନ ପକ୍ଷରୁ ଶନିବାର ଶିଶୁ ସୁରକ୍ଷା ଓ ଯତ୍ନ ଶୀର୍ଷକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସିଡିଏସ୍ ସୁପରଭାଇଜର ଜୟଶ୍ରୀ ଗର୍ଡିଆ ଅତିଥି ଭାବେ ଉପସ୍ଥିତ ଥିଲେ। ଚାଇଲ୍ଡ ଲାଇନ କର୍ମୀ ଶ୍ୱେତାଙ୍ଗିନି ବାରିକ ସଭା ପରିଚାଳନା କରିଥିଲେ। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ପାଇଁ ସରକାରୀ ସହାୟତା ଏବଂ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ରକ୍ତହୀନତା ସମ୍ପର୍କରେ ମୁଖ୍ୟଅତିଥି ଅବଗତ କହିଥିଲେ।

### ପୋଲିସ ପକ୍ଷରୁ ଶହୀଦ ରଞ୍ଜନଙ୍କୁ ଶ୍ରଦ୍ଧାଞ୍ଜଳି

**ନାକଟିଦେଉଳ,୨୯।୧୦(ଡ଼ି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମର ଶହୀଦ ରଞ୍ଜନ ସାହୁଙ୍କୁ ଶନିବାର ନାକଟିଦେଉଳ ଥାନା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବାଟଗାଁ ଖେଳ ପଡ଼ିଆରେ ଥିବା ଶହୀଦ ରଞ୍ଜନଙ୍କ ପ୍ରତିମୂର୍ତ୍ତିରେ ପୋଲିସ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ଓ ନାକଟିଦେଉଳ ଥାନା ଅଧିକାରୀ କୃପାସିନ୍ଧୁ ବାଗ ଅତିଥି ଭାବେ ଯୋଗଦେଇ ଶହୀଦ ରଞ୍ଜନଙ୍କ ସ୍ତ୍ରୀ ଦିପ୍ତୀ ସାହୁ ଓ ମାଆ ଲୋଚନା ସାହୁଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରମେଶ କୁମାର ଅଗ୍ରୱାଲା, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ। ସୂଚନାଯୋଗ୍ୟ ରଞ୍ଜନ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଥିବାବେଳେ ଛତିଶଗଡ଼ର ଦନ୍ତେୱାଡ଼ା ଜିଲା ନାରାୟଣପୁରଠାରେ କୋମ୍ବିଂ ଅପରେସନ ସମୟରେ ମାଓବାଦୀଙ୍କ ଆକ୍ରମଣରେ ଗତ ୨୯।୬।୨୦୧୦ରେ ଶହୀଦ ହୋଇଥିଲେ।

### ଓଡ଼ିଆ ବିଭାଗର ପାଠଚକ୍ର

**ନାକଟିଦେଉଳ,୨୯।୧୦(ଡ଼ି.ଏନ.ଏ.):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ଅଧାପିକା ପୁଷ୍ପାଞ୍ଜଳି ରବଣା ସଭାପତିତ୍ୱ କରିଥିଲେ। କଲେଜ ଅଧକ୍ଷ ସୁଧୀର କୁମାର ସାହୁ ମୁଖ୍ୟଅତିଥି ଓ ଇଂରାଜୀ ଅଧାପକ ବିନୋଦ ବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବିତା ଓ ଗଳ୍ପ ପାଠ ଆସର ହୋଇଥିଲା। ଛାତ୍ରୀ ସିପ୍ରା ସାହୁ, ନିଳିମା ଧଳ, ରଇବାରୀ ମେଣ୍ଡୁଲି ମିନି ଗଳ୍ପ ପାଠ କରିଥିଲେ।

# ଶିକ୍ଷକ ସଂଘର ବିକ୍ଷୋଭ ସମାବେଶ

## କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଦାବି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶିକ୍ଷକ ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସମ୍ବଲପୁର,୨୯।୧୦(ବ୍ୟୁରୋ)**

ସମ୍ପ୍ରତି ନୂତନ ଶିକ୍ଷା ଆଇନ ଲାଗୁ ହୋଇଛି। ଶିକ୍ଷକମାନଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ସିଟିରୁ ଯୁକ୍ତ ଦୁଇ ସିଟିକୁ ଉନ୍ନୀତ କରାଯାଇଛି। କିନ୍ତୁ ମାଟ୍ରିକ ସିଟି ଆଧାରରେ ଦରମା ଦିଆଯାଉଛି। ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏହା ବୈମାତୃକ ମନୋଭାବର ପରିଚାୟକ। ସେହିପରି ଗଣ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ହେଲେ ସେମାନଙ୍କୁ ଏକ୍ସ-କ୍ୟାଡର ଭାବେ ଗଣନା କରାଯାଉଛି। ଫଳରେ ସେମାନଙ୍କ ବୃତ୍ତିଗତ ଉନ୍ନତି ହୋଇପାରୁନାହିଁ। ଶନିବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ନୂତନ ପେନ୍‌ସନ ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ନେତୃବୃନ୍ଦ ଏସବୁ ସମସ୍ୟା ଉତ୍‌ଥାପନ କରି କ୍ଷୋଭ ପ୍ରକାଶ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ପ୍ରତିନିଧି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଦର୍ଶାଯାଇଛି, ପ୍ରାଥମିକ ବିଦ୍ୟାଳୟରେ ୨୦୦୧ ଠାରୁ ସ୍ୱେଚ୍ଛାସେବୀ ଶିକ୍ଷାସହାୟକ, ପାରା ଶିକ୍ଷକ, ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ, କନିଷ୍ଠ ଶିକ୍ଷକ, ଗଣଶିକ୍ଷକ, ଏମ୍‌ଏଲ୍‌ଇ ଶିକ୍ଷକ ଭାବେ ନିୟୋଜିତ କରାଯାଇଛି। ଶିକ୍ଷକଙ୍କ ଚୁକ୍ତି ଅବଧିକୁ ନିୟମିତ ଚାକିରିରେ ଗଣନା କରାଯାଇ ତଦନୁଯାୟୀ ଜାତୀୟ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଉ। ଏକ୍ସ କ୍ୟାଡର ଉଚ୍ଛେଦ କରି କ୍ୟାଡରଭୁକ୍ତ କରାଯିବା, ନୂତନ ପେନ୍‌ସନ ଯୋଜନା ଉଚ୍ଛେଦ କରି ପୁରୁଣା ପେନ୍‌ସନ ଲାଗୁ, ସପ୍ତମ ବେତନ ଆଧାରରେ ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ପ୍ରଭୃତି ଉଲ୍ଲେଖ ରହିଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନଙ୍କ ପରିଚାଳନା ଓ କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପୃଷେଠଙ୍କ ସଂଯୋଜନାରେ ସମାବେଶ ହୋଇଥିଲା। ଉପସଭାପତି ତୁଷାର ରଞ୍ଜନ ପରିଡ଼ା, ପ୍ରଶାନ୍ତ କୁମାର ଦାଶ, ଅରୁଣ କୁମାର ନାଏକ ଓ ଗଜେନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସଞ୍ଜୟ ପଟେଲ, ସହସମ୍ପାଦକ ମନୋରମା ଦାଶ, ମହେଶ୍ୱର ପ୍ରଧାନ, ରଶ୍ମିତା ବେହେରା, ଟିକେଶ୍ୱର ସାହୁ, ସାଙ୍ଗଠନିକ ସମ୍ପାଦକ ଧ୍ରୁବଚରଣ ରୋହିଦାସ, ଶ୍ରୀକାନ୍ତ ପଟେଲ, କୋଷାଧ୍ୟକ୍ଷ ମନୋଜ କୁମାର ନାଏକ, ଜ୍ୟୋସ୍ନାମୟୀ ରାଉଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅପରାହ୍ନ ୨ଟାରେ ହାୱା ମଇଦାନଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଜିଲାର ୯ ବ୍ଲକରୁ ୩ହଜାରରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ୪ଦଫା ଦାବିରେ ଶୋଭାଯାତ୍ରା

**ଝାରସୁଗୁଡ଼ା ଅଫିସ,୨୯।୧୦**

୪ଦଫା ଦାବି ନେଇ ଝାରସୁଗୁଡା ଜିଲା ଏନ୍‌ପିଏସ୍ ଶିକ୍ଷକ ସଂଘ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ଶୋଭାଯାତ୍ରା ବାହାରି ବସ୍‌ଷ୍ଟାଣ୍ଡ ଗାନ୍ଧୀଛକ, ବେହେରାମାଲ କିଷାନ ଛକ ଦେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ ସାମିଲ ହୋଇଥିବା ଦୁଇହଜାରରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ବ୍ୟାନର, ପୋଷ୍ଟର ଧରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲା ସଂଘ ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ସଂଘ କର୍ମକର୍ତ୍ତା ଦର୍ଶାଇଥିଲେ, ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏହାପରେ ଆର୍‌ଡିସିଙ୍କୁ ଦାବିପତ୍ର ଦିଆଯିବ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟ ସଂଘର ଆହ୍ୱାନକ୍ରମେ ଜିଲା ସଂଘ ଭୁବନେଶ୍ୱର ଯାଇ ବିଧାନସଭା ସମ୍ମୁଖରେ ଧାରଣା ଦେବ। ପ୍ରମୁଖ ଦାବି ମଧ୍ୟରେ ୬ବର୍ଷର ଇନ୍‌କ୍ରିମେଣ୍ଟ ସାଙ୍ଗକୁ ୬ବର୍ଷର ସର୍ଭିସ୍ ସିନିୟରଟି ଗଣନା, ପୁରୁଣା ପେନ୍‌ସନ ଯୋଜନା ପୁନଃ ଲାଗୁ, ୨୮ଶହ ଗ୍ରେଡ୍‌ପେ ବୃଦ୍ଧି,ଏକ୍ସ କ୍ୟାଡର ଉଚ୍ଛେଦ ଅନ୍ୟତମ। ଏଥିରେ ସମ୍ପାଦକ ଲଳିନ୍ଦ୍ର ଗୋଖରା, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାୟକ, ସମ୍ପାଦକ ରାଜକିଶୋର ଜେନା, କାର୍ଯ୍ୟକାରୀ ସଭାପତି ଚୋଳଦେବ ସା, ପଶ୍ଚିମ ଓଡିଶା ଏନ୍‌ପିଏସ୍ ଶିକ୍ଷକ ସଂଘ ସଂଯୋଜକ ସୁରେଶ ଚନ୍ଦ୍ର ପ୍ରଧାନ, ଅକ୍ଷୟ ନାୟକ, ପ୍ରମୋଦ ବିଶ୍ୱାଳ, ଅମୂଲ୍ୟ କୁମାର ମଲ୍ଲିକ, ବଲ୍ଲଭଭାଇ ପଟେଲ, ତପନ କରାଳୀ ପ୍ରମୁଖ ନେତୃବୃନ୍ଦଙ୍କ ତତ୍ତ୍ୱାବଧାନରେ ସମାବେଶ ହୋଇଥିଲା।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକ।

## କଲେଜ କର୍ତ୍ତୃପକ୍ଷଙ୍କୁ ଜମିପଟ୍ଟା ହସ୍ତାନ୍ତର

**ଝାରସୁଗୁଡ଼ା ଅଫିସ,୨୯।୧୦**

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶନିବାର ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସ୍ଥାୟୀ ଜମି ପଟ୍ଟା ହସ୍ତାନ୍ତର କରିଛନ୍ତି। ଏହା ସହିତ ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମିତ କଲେଜର ବାଳକ ହଷ୍ଟେଲ ଓ ଝାରସୁଗୁଡ଼ା ବେଦାନ୍ତ ଆଲୁମିନା କମ୍ପାନୀ ଅନୁଦାନରେ ନିର୍ମିତ କଲେଜର ମୁଖ୍ୟ ଫାଟକକୁ ମନ୍ତ୍ରୀ ଦାସ ଉଦ୍‌ଘାଟନ କରିଛନ୍ତି। ୨୦୧୯ ମସିହା ଆଗରୁ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ହଷ୍ଟେଲ ଗୃହରେ କଲେଜ ଚାଲୁଥିବା କୋଠା ଓ ତତ୍‌ସଂଲଗ୍ନ ୪.୫୬ ଏକର ଜମିକୁ ମନ୍ତ୍ରୀ ଦାସଙ୍କ ଉଦ୍ୟମ ଫଳରେ ରାଜ୍ୟ ସରକାର ବିନା ମୂଲ୍ୟରେ କଲେଜକୁ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ କଲେଜ ପରିଚାଳନା ସମିତି ଅଧକ୍ଷା ବଲବିନ୍ଦର କୌରଙ୍କ ପୌରୋହିତ୍ୟରେ ଏକ ସଭା ହୋଇଥିଲା। ଏଥିରେ ବେଦାନ୍ତ ଆଲୁମିନା କମ୍ପାନୀ ଝାରସୁଗୁଡ଼ା ମୁଖ୍ୟ ସୁନୀଲ ଗୁପ୍ତା ଯୋଗଦେଇ ଆଗକୁ ଝାରସୁଗୁଡାର ସ୍ୱାସ୍ଥ୍ୟ ଓ ଶିକ୍ଷା ବିକାଶ ସହିତ ଲକ୍ଷ୍ମୀ ନାରାୟଣ କଲେଜର ଅନ୍ୟାନ୍ୟ ଭିତ୍ତିଭୂମି ଅଭାବ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କଲେଜ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ପ୍ରାଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ସଂଯୋଜନା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ବାଲଗୋବିନ୍ଦ ମିଶ୍ର, ପ୍ରଫେସର ଟହଲୁ ସାହୁ, ବଣିକ ସଂଘ ମୁଖ୍ୟ ହୀରାଲାଲ ଲୋକଚାନ୍ଦିନୀ, ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ବରିଷ୍ଠ ନାଗରିକ ଅର୍ଜ୍ଜୁନ ମୋର, ରଘୁମଣି ପଟେଲ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




କଲେଜ କର୍ତ୍ତୃପକ୍ଷଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ।

## ଆନ୍ତଃ ଜିଲା ଖୋଖୋ ଟୁର୍ନାମେଣ୍ଟକୁ ଖେଳାଳି ଚୟନ

**ଝାରସୁଗୁଡ଼ା ଅଫିସ,୨୯।୧୦**

ପୁରୀରେ ହେବାକୁ ଥିବା ଆନ୍ତଃ ଜିଲା ଖୋଖୋ ଟୁର୍ନାମେଣ୍ଟରେ ଭାଗନେବା ପାଇଁ ଝାରସୁଗୁଡା ଜିଲା ଜିଲା କ୍ରୀଡା ସଂଘ ତରଫରୁ ଶନିବାର ଖେଳାଳି ଚୟନ ଆରମ୍ଭ ହୋଇଛି। ଏଥିରେ ଡେପୁଟି କମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ୍ ମୁଖ୍ୟ ଅତିଥି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଏ, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସରାୟ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୨୦ଜଣ ବାଳିକା ଓ ବାଳକ ଖେଳାଳିଙ୍କୁ ଚୟନ କରାଯାଇଛି। ପ୍ରଥମେ ଏମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପରେ ଏମାନଙ୍କ ମଧ୍ୟରୁ ପୁଣି ଖେଳାଳି ଚୟନ କରାଯିବ। ଚୟନ ହୋଇଥିବା ଖେଳାଳି ଜିଲା ଟିମ୍‌ରେ ସାମିଲ ହୋଇ ଆନ୍ତଃ ଜିଲା ଖୋଖୋ ଟୁର୍ନାମେଣ୍ଟ ଖେଳିବେ।

## ଖନ୍ଦିବାହାଲରେ ମହାମାୟା ପୂଜା ଉଦ୍‌ଯାପିତ

**ନାକଟିଦେଉଳ,୨୯।୧୦(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ କିସିଣ୍ଡା ପଞ୍ଚାୟତ ଖନ୍ଦିବାହାଲ ଗ୍ରାମରେ ପ୍ରତି ଶନିବାର ଆୟୋଜିତ ହେଉଥିବା ଜଗତଜନନୀ ମା' ମହାମାୟୀଙ୍କ ବାର୍ଷିକ ପୁଜୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପକୁ ଆସିଥିଲେ। ଗ୍ରାମ ମଝିରେ ଥିବା ମା'ଙ୍କ ପୂଜାଘରେ ପୂଜା ଓ ହୋମ କାର୍ଯ୍ୟ ହୋଇଥିଲା। ଗ୍ରାମର ଗଙ୍ଗାଧର ମାଝି ଓ ରୀନା ମାଝି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗିରିଶ୍ଚନ୍ଦ୍ରପୁର, ସରେଇପାଲି ଓ ଗରିଆବାହାଲର ଭଗବତ ଗୋଷ୍ଠୀ କୃଷ୍ଣଗୁରୁ ପରିବେଷଣ କରିଥିବା ବେଳେ ବଲାରମା ଦଳ ନାମସଂକୀର୍ତ୍ତନ କରିଥିଲେ।



ଗ୍ରାମ ପରିକ୍ରମା କରୁଛି କଳସ ଶୋଭାଯାତ୍ରା।

## ସାହିତ୍ୟ, ସଂସ୍କୃତିର ବାର୍ତ୍ତା ଦିଏ ପାଲା

### ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ଉଦ୍‌ଘାଟିତ

**ସମ୍ବଲପୁର,୨୯।୧୦(ବ୍ୟୁରୋ)**

ପାଲା କଳାକାର ସମାଜକୁ ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତା ଦେଇଥାନ୍ତି। ଶନିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ସ୍ୱୀକାର ଆୟୋଜିତ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଏହା କହିଛନ୍ତି। ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟରେ ସମାବେଶ ହୋଇଥିଲା। ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ବକ୍ତା ଭାବେ ଯୋଗଦେଇ ପାଲା କଳାକାରମାନେ ସଂସ୍କୃତିର ଉତ୍‌ଥାନ ଲାଗି ପ୍ରୟାସ ଜାରି ରଖିଛନ୍ତି। ତେଣୁ ରାଜ୍ୟ ସରକାର ସେମାନଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସମାବେଶର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା, ଡ. ଶ୍ୟାମସୁନ୍ଦର ଧର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପାଲା ଗାୟକ ନାରାୟଣ ମହାରଣା, ଗୋବିନ୍ଦ ଚରଣ ପାଣିଗ୍ରାହୀ ଓ ରାଧେଶ୍ୟାମ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ସସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ପାଲା ପରିବେଷଣ କରିଥିଲେ।



ସମାବେଶକୁ ଉଦ୍‌ଘାଟନ କରୁଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

## ବାମରାରେ କୃଷି ପ୍ରଡ୍ୟୁସର କମ୍ପାନୀର ବୈଠକ

**କୁଚିଣ୍ଡା,୨୯।୧୦(ଡି.ଏନ.ଏ.)**

ବାମରା ବ୍ଲକ ସଭାଗୃହରେ ଶନିବାର ପ୍ରଡ୍ୟୁସର କମ୍ପାନୀର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମରା ବିଡିଓ ପୁଷ୍ପକ ପ୍ରଧାନ ମୁଖ୍ୟଅତିଥି ଓ କମ୍ପାନୀର ପରିଚାଳନା ନିର୍ଦ୍ଦେଶିକା ପଦ୍ମିନୀ ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଗ୍ରାମୀଣ ଉଦ୍ୟୋଗୀ ମହିଳାଙ୍କ ଆୟ ବୃଦ୍ଧି ନିମନ୍ତେ ସରକାରୀ ସଂସ୍ଥା ସହ ସମ୍ପର୍କ ରଖି ଏଥିରୁ କିଭଳି ଲାଭ ଉଠାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସଂଯୋଜକ ଚିନ୍ମୟ ପ୍ରଧାନ ଓ କମ୍ପାନୀ ଅଧକ୍ଷା ଲତା ବାଘ ଯୋଗଦେଇ ଲଙ୍କା ଚାଷ ଓ ଏଥିରୁ ମିଳୁଥିବା ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବାମରା ବ୍ଲକ ମିଶନ ଶକ୍ତି ସମ୍ପାଦିକା ପଦ୍ମିନୀ ବଙ୍ଗରା ଜୈବିକ ପଦ୍ଧତିରେ କିଭଳି ଚାଷ କରାଯିବ ଓ ପୁରୁଣା ପାରମ୍ପରିକ ଚାଷକୁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜୀବିକା ମିଶନର ବିଏଲ୍‌ସି ଅଭିମନ୍ୟୁ ମିଶ୍ର,ଏନ୍‌ଆର୍‌ଏଏଚ୍‌ଟିପି ସୁଧିର ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ବିକେ ପୁଷ୍ପାଲତା ପୃଷେଠ ଧନ୍ୟବାଦ ଦେଇଥିଲେ।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବିବିଧ ପ୍ରତିଯୋଗିତା

**ସମ୍ବଲପୁର,୨୯।୧୦(ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ତର୍କ, ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ପ୍ରତିଯୋଗିତାରେ ଜିଲାର ୨୨ ମହାବିଦ୍ୟାଳୟରୁ ୧୨୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ. ସିକତା ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ସହକାରୀ ପ୍ରଫେସର ଦୁର୍ଲ୍ଲଭ ସାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ବୀରସେନ ଦଳେଇ ସଂଯୋଜନା କରିଥିଲେ। କୁଇଜରେ ସରକାରୀ ମହିଳା ମହାବିଦ୍ୟାଳୟର ଭାରତୀ ମେହେର ଓ ଆଦ୍ୟାଶା କୁଜୁର ପ୍ରଥମ, ବିକାଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଆଦିତ୍ୟ ଦାଶ ଓ ଅଭିନାଶ ମହାପାତ୍ର ଦ୍ୱିତୀୟ ଏବଂ ଏନ୍‌ଏସ୍‌ସିବି ମହାବିଦ୍ୟାଳୟର ବର୍ଣ୍ଣାଳୀ ଚୈତାଳି ଓ ଶିବାନନ୍ଦ ପୋଢ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡ. ମୁରଲି ପ୍ରସାଦ ପ୍ରେମନାଥ ନାୟକ, ସରକାରୀ ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଡ. ସନ୍ତୋଷ କୁମାର ଦାଶ ବିଚାରକ ଥିଲେ। ତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଫଳାଫଳ ମହାବିଦ୍ୟାଳୟ ୱେବ୍‌ସାଇଟ ଜରିଆରେ ଘୋଷଣା କରାଯିବାକୁ ସ୍ଥିର କରାଯାଇଛି।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## 'ଆଗକୁ ଆସି ବିପର୍ଯ୍ୟୟକୁ ମୁକାବିଲା କରିବା'

**ସମ୍ବଲପୁର,୨୯।୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଶନିବାର ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠୀର ଭୂମିକାକୁ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନ ସଭାପତିତ୍ୱ କରିଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ପାଢ଼ୀ ଏହି ଦିବସର ଐତିହାସିକ ପୃଷ୍ଠଭୂମି ଉପରେ ମତବ୍ୟକ୍ତ କରିଥିଲେ। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ରୁକ୍ମଣ ମେହେର, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଶରତ କୁମାର ବାଗ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଭୁ ପ୍ରସାଦ ମହାରଣା ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଯୋଗଦାନ ଉପରେ ଆଲୋଚନା କରିଥିଲେ। ଏଥିସହ ନିଜେ ଆଗକୁ ଆସିବା ଓ ବିପର୍ଯ୍ୟୟକୁ ମୁକାବିଲା କରିବା ବୋଲି ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଚିତ୍ରାଙ୍କନ, ବକ୍ତୃତା ଓ ରଚନା ଲିଖନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନିଜେ ଆଗକୁ ଆସିବା ଓ ବିପର୍ଯ୍ୟୟକୁ ମୁକାବିଲା କରିବା ଲାଗି ସମସ୍ତେ ଶପଥପାଠ କରିଥିଲେ। ଶେଷରେ ଅଗ୍ନିଶମ ବିଭାଗ ଦ୍ୱାରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମକ୍‌ଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବନ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ, ଜନପ୍ରତିନିଧି ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚୋରି ହେଉଛି ରାସ୍ତାପାର୍ଶ୍ୱ ଲୁହା ବାରିକେଡ

ଜମନକିରା (ଡି.ଏନ.ଏ.): ଭୋଜପୁର-ଜମନକିରା ରାସ୍ତା ପାର୍ଶ୍ୱରେ ଆର୍‌ଆଣ୍ଡବି ସଂସ୍ଥା ପକ୍ଷରୁ ୧ବର୍ଷ ତଳେ ଲୁହାର ବାରିକେଡ୍ ଲଗାଯାଇଥିଲା। ଏବେ ଅନେକ ସ୍ଥାନରେ ଏସବୁ ବାରିକେଡ୍ ଚୋରି ହୋଇଯାଉଥିବା ଅଭିଯୋଗ ହେଉଛି। ବାରିକେଡ୍ ଠିକ୍ ଭାବେ ଲଗାଯାଇ ନ ଥିବାରୁ କେତେକ ସ୍ଥାନରେ ଚୋରି ହେଉଥିବା ବେଳେ କେତେକ ସ୍ଥାନରେ ଏହା ରାସ୍ତା ଉପରେ ପଡିଥିବା ଦେଖାଯାଉଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନବୀନ ବାଗେଙ୍କୁ ପଚାରିବାରୁ ସେ ଏ ନେଇ ଥାନାରେ ଏତଲା କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ଆଜି ଛଟ୍ ପର୍ବ, ସୂର୍ଯ୍ୟଙ୍କୁ ଅର୍ଘ୍ୟ ସମର୍ପଣ ପ୍ରସ୍ତୁତି

**ରାଉରକେଲା ଅଫିସ,୨୯।୧୦:** ରାଉରକେଲା ସହରରେ ଛଟ୍ ପର୍ବ ପାଳନ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ରାଉରକେଲା ସହରରେ ଥିବା ବିଭିନ୍ନ ଛଟ୍ ଘାଟଗୁଡିକୁ ବିହାର ସାଂସ୍କୃତିକ ପରିଷଦ ପକ୍ଷରୁ ସଫେଇ କରାଯାଇଛି। ବିହାର ସମ୍ପ୍ରଦାୟର ବ୍ରତଧାରୀମାନେ ଛଟ୍ ପର୍ବପାଳନ ପାଇଁ ଶନିବାର ଡେଲିମାର୍କେଟ, ପାନପୋଷ ମାର୍କେଟ, ଛେଣ୍ଡ ମାର୍କେଟ ଭଳି ବିଭିନ୍ନ ସ୍ଥାନରେ ପୂଜା ସାମଗ୍ରୀ କିଣୁଥିବା ପରିଲକ୍ଷିତ ହୋଇଥିଲା। ବ୍ରତଧାରୀମାନେ ରବିବାର ସକାଳ ସମୟରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ସମର୍ପଣ କରିବାକୁ ନେଇ ବିଭିନ୍ନ ଘାଟରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ପୂଜାରେ ବିହାରି ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ସୂର୍ଯ୍ୟଦେବତା ଓ ଛଟ୍‌ମାତାଙ୍କୁ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥାନ୍ତି। ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ବିହାର ସମ୍ପ୍ରଦାୟର ଗଣପର୍ବ ଛଟ୍ ପର୍ବ ଆରମ୍ଭ ହୋଇଥାଏ।

### ବାର୍‌ହା ଆକ୍ରମଣରେ ବୃଦ୍ଧ ମୃତ

**ବଡ଼ଗାଁ, ୨୯।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମର ଜଣେ ବୃଦ୍ଧ ବାର୍‌ହା ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ଛାମୁଣ୍ଡା ଗ୍ରାମର ବିଶେଶ୍ୱର ନାଏକ (୬୫) ଶନିବାର ସକାଳ ସାଢ଼େ ୬ଟାରେ ବିଲ ପଟକୁ ଶୌଚ ଲାଗି ଯାଇଥିଲେ। ବିଲ ମଝିରେ ଶବ୍ଦ ହେଉଥିବା ଶୁଣି ପାଖକୁ ଯାଇଥିଲାବେଳେ ବାର୍‌ହା ଆକ୍ରମଣ କରିଥିଲା। ତାଙ୍କ ଗୋଡ ଓ ମୁହଁକୁ କ୍ଷତବିକ୍ଷତ କରିଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବାର୍‌ହା ମାରିବା ପାଇଁ ଲଗାଯାଇଥିବା ଫାଶର ଗୋଟିଏ ଖମ୍ବ ଖୋଲି ଯାଇଥିବା ଓ ଏହା ସେ ଜାଣିପାରି ନ ଥିବାରୁ ଏଭଳି ହୋଇଥିବା ଶୁଣାଯାଇଛି। ସୂଚନାପାଇ ବଡ଼ଗାଁ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାର୍‌ହାକୁ ଫାଶରୁ ଖୋଲିଥିଲେ। ତେବେ ଫାଶ କିଏ ଲଗାଇଥିଲା ଜଣାପଡିନାହିଁ। ବଡ଼ଗାଁ ଅଞ୍ଚଳରେ ବାର୍‌ହା ସଂଖ୍ୟା ବୃଦ୍ଧି ପାଇଥିବା ଓ ଫସଲ ନଷ୍ଟ କରୁଥିବାରୁ ଲୋକେ ଫାଶରେ ଶିକାର କରୁଥିବା କୁହାଯାଇଛି।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା,୨୯।୧୦(ଡି.ଏନ.ଏ.) :** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର କଚାରୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଅଛି। ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଚାରୁ ସରପଞ୍ଚ ଝୁବା ଟପୋ, ସମିତି ସଭ୍ୟ ଅଶିନୀ କେର୍କେଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାପରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୧୭ଟି ଶିକ୍ଷା କ୍ଲଷ୍ଟରରୁ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ବିଭିନ୍ନ ବିଦ୍ୟାଳୟର ୩୦୦ କୃତୀ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତା ବିଶେଷ କରି ପତ୍ର ବାଚନ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଇତ୍ୟାଦି ସର୍ବମୋଟ ୨୦ଟି ବିଭାଗରେ ଉକ୍ତ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ସର୍ବମୋଟ ୬୦ ପ୍ରତିଯୋଗୀଙ୍କୁ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଓ ସମ୍ମାନିତ ଅତିଥି କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷା ଜ୍ୟୋତି କେର୍କେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର୍ , ନେଭିଲ କେର୍କେଟା , ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଏହିପରି ଆଗାମୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୨୦ଟି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କଚାରୁ ହାଇସ୍କୁଲର ଶିକ୍ଷକ ଶିବପ୍ରସାଦ ମହାପାତ୍ର, ନିର୍ମଳ ମହାପାତ୍ର, ରୋହିତ କୁମାର ତ୍ରିପାଠୀ, ବିଭୀଷଣ ତନ୍ତୀ ପ୍ରମୁଖ ସମ୍ପାଦନ କରିଥିଲେ।

# ନୂତନ ସର୍ବନିମ୍ନ ମଜୁରି ଘୋଷଣା କରାଯାଉ

**ଦେବଗଡ଼, ୨୯।୧୦(ଡି.ଏନ.ଏ.)**

ଦେବଗଡ଼ ବସନ୍ତ ନିବାସ ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନସ୍ତରୀୟ ବୈଠକ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସମସ୍ତ ଶ୍ରେଣୀର ଶ୍ରମିକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଛି। ୪ ବର୍ଷରୁ ଉର୍ଦ୍ଧ୍ୱ ହେଲା ବିଭିନ୍ନ ଜିନିଷ ଦରଦାମ ବୃଦ୍ଧି ଯୋଗୁ ପରିବାର ଚାଲିବା କଷ୍ଟକର ହେଲାଣି। ଏହା ଫଳରେ ବର୍ତ୍ତମାନର ସର୍ବନିମ୍ନ ନୂତନ ମଜୁରି ହାର ଘୋଷଣା ପାଇଁ ଦାବି ଉତ୍ଥାପନ କରିଥିଲେ। ଏହାକୁ ଭିତ୍ତିକରି ସିଜିନାଲ କର୍ମଚାରୀମାନଙ୍କ ମଜୁରି ହାର ବୃଦ୍ଧି ପାଇଁ ଦାବି ଉପସ୍ଥାପନ ହୋଇଥିଲା।



କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନସ୍ତରୀୟ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଏଥି ସହିତ ୨୦୧୭-୧୮ ମସିହାରେ ସାମାଜିକ ନିରାପତ୍ତା ପାଇଁ ଦିଆଯାଉଥିବା ଛାତ୍ର ବୃତ୍ତି, କନ୍ୟା ବିବାହ ପାଇଁ ଦିଆଯାଉଥିବା ଆର୍ଥିକ ସହାୟତା ବନ୍ଦ କରି ଦିଆଯାଇଥିବା ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଣୁ ଏହାର ପୁନଃ ପ୍ରଚଳନ ପାଇଁ ଆଗାମୀ ବଜେଟରେ ୨୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଛି। କେନ୍ଦୁପତ୍ର ସଂସ୍ଥାରେ ଶତକଡା ୧୮% ଜିଏସଟି ଯୋଗୁଁ ବିକ୍ରି ମୂଲ୍ୟ ହ୍ରାସ ପାଉଥିବାରୁ ଅର୍ଥିକ ସହାୟତା ଦେବା ବନ୍ଦ କରାଯାଇଥିବା ଏବଂ ବୋନସ ପରିମାଣ କମୁଥିବା ଅଭିଯୋଗ ହୋଇଥିଲା। ଏଣୁ କେନ୍ଦ୍ର ଏବଂ ରାଜ୍ୟ ସରକାର କେନ୍ଦୁପତ୍ର ଉପରୁ ଜିଏସ୍‌ଟିକୁ ଉଚ୍ଛେଦ କରିବା ପାଇଁ ଦାବି କରାଯାଇଥିଲା। ଏହା ବ୍ୟତୀତ କେତେକ ଫଡିରେ ଡିଏସ ମଜୁରୀ ପାଇ ନ ଥିବା ଏବଂ ବିଭିନ୍ନ ପଦପଦବୀ ଖାଲିଥିବା

### ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବି

ଅଭିଯୋଗ ହୋଇଥିଲା। ଏହାର ପ୍ରତିକାର ପାଇଁ ଦାବି କରାଯାଇଥିଲା। ଆଜିର ଏହି ଡିଭିଜନସ୍ତରୀୟ ବୈଠକରେ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଡିଭିଜନ ସମ୍ପାଦକ ଭୂପେନ୍ଦ୍ର ନାୟକ, ଉପଦେଷ୍ଟା ବିଶ୍ୱନାଥ ସ୍ୱାଇଁ, ହିରାଧର ସାହୁ, ପରିକ୍ଷିତ ବେହେରା, ଗନ୍ଧର୍ବ ପ୍ରଧାନ, ଗୁରୁ ଚରଣ ପ୍ରଧାନ, ଜ୍ଞାନେନ୍ଦ୍ର ଗଡ଼ନାୟକ, ଭଗବାନ ପ୍ରଧାନ, ରଜନୀଗନ୍ଧା ବାଘ, ପୁରୁଷୋତ୍ତମ ସାହୁ, ଯୋଗେଶ୍ୱର ନାହାକ, ଦୁଃଖବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ ସହ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆହ୍ୱାନ କରିଥିଲେ।

### ବେକରେ ରଶିଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର, ୨୯।୧୦ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ କାଂସବାହାଲ ଫାଣ୍ଡି ଅଧିନସ୍ଥ କ୍ଷେତ୍ରସନ ପଡାରେ ଶନିବାର ଜଣେ ଯୁବକ ବେକରେ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି। କ୍ଷେତ୍ରସନପଡା ନିବାସୀ ଭାଗ୍ୟା ବେକ (୪୦) ନିଜର ପରିବାର ଲୋକଙ୍କ ସହ ବସବାସ କରନ୍ତି। ସକାଳ ସମୟରେ ପରିବାର ସଦସ୍ୟମାନେ ଘରକାମ ସାରି ନିଜ କାମରେ ବାହାରି ଯାଇଥିଲେ। ଭାଗ୍ୟା ବେକ ଏକୁଟିଆ ଘରେ ଥିଲେ। ଦିନ ପ୍ରାୟ ୧ ଟାରେ ଭାଗ୍ୟାଙ୍କ ମା' ଘରକୁ ଫେରି ଦେଖନ୍ତି ତ ଘରର କବାଟ ଭିତର ଆଡୁ ବନ୍ଦ ଅଛି। କବାଟ ପିଟିବା ପରେ ମଧ ନ ଖୋଲିବାରୁ ଝରକା ବାଟେ ଦେଖିବାକୁ ପାଇଥିଲେ ଯେ ଭାଗ୍ୟା ବେକରେ ଏକ ରଶି ଲାଗି ଝୁଲିରହିଥିଲା। ସାହିପଡୋଶୀ ଓ ପୋଲିସ ସହାୟତାରେ ମୃତଦେହ ଉଦ୍ଧାର କରାଯାଇ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ଏହା ଏକ ଆତ୍ମହତ୍ୟା ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।

## ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

**ସୁନ୍ଦରଗଡ଼, ୨୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ ଶନିବାର ଜିଲାସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ପ୍ରାକ ସୂଚନା ଓ ସତର୍କତା ଅବଲମ୍ବନ ଦ୍ୱାରା ହିଁ ଆମେ ବିପର୍ଯ୍ୟୟ ସମୟରେ ନିଜକୁ ତଥା ଧନଜୀବନ ରକ୍ଷା କରିପାରିବା। ବାଲିଶଙ୍କରା ତହସିଲଦାର ଓ ଡେପୁଟି କଲେକ୍ଟର (ଇମର୍ଜେନ୍ସି) କୁନ୍ତୀ ନାଏକ ବିପର୍ଯ୍ୟୟର ପ୍ରକାର ତଥା ଉକ୍ତ ବିପର୍ଯ୍ୟୟର ସମ୍ମୁଖିନ ହେଲେ ସରକାରୀସ୍ତରୀୟ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ଅବସରରେ ଓଡ୍ରାଫ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଜୀବନ ରକ୍ଷାକାରୀ କୌଶଳ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିଭଳି ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ଉଦ୍ଧାର ସମୟରେ କିମ୍ବା ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇ ଗଛ ଆଦି ଭାଙ୍ଗି ଯାଇଥିଲେ ତାହାକୁ କିଭଳି ଭାବେ ସଫା କରାଯାଏ ସେ ସମ୍ପର୍କରେ ପ୍ରଦର୍ଶନ କରିଥିଲେ। ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ରାଲି କରାଯାଇଥିଲା। ଏହି ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ତହସିଲଦାର ରୀନା ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ମହାବିଦ୍ୟାଳୟର ଅଧକ୍ଷ କୁଳମଣି ସାହୁ, ଓଡ୍ରାଫ ଦଳ, ଅଗ୍ନିଶମ ଦଳ, ମହାବିଦ୍ୟାଳୟ କର୍ମଚାରୀ, ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଜିଲା ସଂଯୋଜକ ସୁଜାତା ତିର୍କୀ ଓ ଧନ୍ୟବାଦ ପ୍ରସ୍ତାବ ବିଶ୍ୱରଂଜନ ସାହୁ ପ୍ରଦାନ କରିଥିଲେ।

## ଥେଙ୍ଗେଇପୋଷରେ ଧିଙ୍ଗୁଆନ ମହୋତ୍ସବ



**ଲହୁଣୀପଡ଼ା, ୨୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ଥେଙ୍ଗେଇପୋଷ ଗ୍ରାମରେ ଧିଙ୍ଗୁଆନ କମିଟି ପକ୍ଷରୁ ଧିଙ୍ଗୁଆନା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଧିଙ୍ଗୁଆନ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ହେମେନ୍ଦ୍ର କୁମାର ମାହାନ୍ତ, ସମ୍ମାନିତ ଅତିଥି ଭାବେ ନାଥୁରାମ ମାହାନ୍ତ, ଜଗତ ମାହାନ୍ତ ଯୋଗ ଦେଇଥିଲେ। କେଶବ ଚନ୍ଦ୍ର ମାହାନ୍ତ ଅଧକ୍ଷତା କରିଥିଲେ। ସନ୍ତୋଷ କୁମାର ମାହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଲୋକନାଥ ମାହାନ୍ତଙ୍କ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଝସକେତନ ମାହାନ୍ତ ସ୍ୱାଗତ ଭାଷଣ ଦେବା ସହିତ ଧିଙ୍ଗୁଆନ ମହୋତ୍ସବ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନବୀନ ଚନ୍ଦ୍ର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଧିଙ୍ଗୁଆନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଧିଙ୍ଗୁଆନ ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ବାଦ୍ୟ ନୃତ୍ୟ ଓ ଗୀତ ପରିବେଷଣର କଳାକାରମାନଙ୍କୁ ମଧ ସମ୍ମାନିତ କରାଯାଇଥିବା ଜଣାପଡିଛି। ଏହି ଧିଙ୍ଗୁଆନ ପର୍ବ କୁଡୁମୀ (ମାହାନ୍ତ)ସମ୍ପ୍ରଦାୟ ତରଫରୁ ପାଳନ କରାଯାଇଥାଏ। ଲୋକନାଥ ମାହାନ୍ତ,ଶିବ ମାହାନ୍ତ,ରାମ ମାହାନ୍ତ, ଅଜୁ ମାହାନ୍ତ, ସନ୍ତୋଷ ପଶାୟତ, ଶମ୍ଭୁ ମାହାନ୍ତ, ଧିରେନ୍ଦ୍ର ମାହାନ୍ତ, ପବିତ୍ର ମାହାନ୍ତ, ଅବିନାଶ ମାହାନ୍ତ, ଜଗନ୍ନାଥ ମାହାନ୍ତ, ଉମେଶ ମାହାନ୍ତ, ଦାଶରଥି ମାହାନ୍ତ ପ୍ରମୁଖ ଏହି ଧିଙ୍ଗୁଆନ ମହୋତ୍ସବ ପରିଚାଳନା କରିଥିଲେ।

### ଭିଜିଲାନ୍ସ ସପ୍ତାହରେ କୃତୀ ପ୍ରତିଯୋଗୀ ପୁରସ୍କୃତ

**ରାଉରକେଲା ଅଫିସ,୨୯।୧୦**

ଭିଜିଲାନ୍ସ ସଚେତନତା ସପ୍ତାହ ଅବସରରେ ରାଉରକେଲା ଇସ୍ପାତ କାରଖାନାର ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ନିଜ ନିଜ ଶିକ୍ଷାନୁଷ୍ଠାନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ଶୁକ୍ରବାର ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଏମ୍ ଭିଜିଲାନ୍ସ ଓ ସିଇଓ ମାନସ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପି. କେ. ଶର୍ମା, ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତାରେ ପ୍ରାୟ ୨୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶନିବାର ମ୍ୟୁନିସିପାଲଟି କଲେଜରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ କଲେଜ ଅଧ୍ୟକ୍ଷ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ, ଜିଏମ୍ ଭିଜିଲାନ୍ସ ସୌମିତ କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଜିଏମ୍ ଭିଜିଲାନ୍ସ ଏସ୍. ବନସାଲ ଓ ଭିଜିଲାନ୍ସ ବିଭାଗର ଟିମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଲେଫ୍ରିପଡ଼ାରେ କୃଷକ ସାଥୀଙ୍କ ବୈଠକ


ବୈଠକରେ ଉପସ୍ଥିତ କୃଷକ ସାଥୀ।

**ଲେଫ୍ରିପଡ଼ା,୨୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଟାଙ୍ଗରପାଲି ବ୍ଲକର କୃଷକ ସାଥୀ ଉଦିତ କୁମାର ପଟେଲ ଏବଂ ହେମଗିର ବ୍ଲକର କୃଷକ ସାଥୀ ପ୍ରଶ୍ନ ପ୍ରଧାନଙ୍କ ନେତୃତ୍ୱରେ କୃଷକ ସାଥୀମାନଙ୍କୁ ନେଇ ଶନିବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଓଡିଶା କୃଷକ ସାଥୀ ସଂଘ ପକ୍ଷରୁ ସରକାରଙ୍କୁ ବିଭିନ୍ନ ଦାବି କରି ଆସୁଅଛି। ରାଜ୍ୟ ସରକାରଙ୍କ ନିକଟରେ ସମସ୍ତ କୃଷକ ସାଥୀ କୃଷି ଏବଂ କୃଷକଙ୍କ ପାଇଁ ବହୁ ବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରି ଆସୁଥିବାବେଳେ କିପରି ଭାବେ କୃଷି କର୍ମଚାରୀ ମାନ୍ୟତା ପାଇ ପାରିବେ ସେହି ଦିଗରେ ଆଲୋଚନା କରିଥିଲେ। ପରବର୍ତ୍ତୀ ବୈଠକରେ ବହୁ ସଂଖ୍ୟାରେ କୃଷକ ସାଥୀ ଯୋଗଦାନ କରି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗରେ ଆଲୋଚନା କରି ସିଦ୍ଧାନ୍ତ ନେବା ପାଇଁ ସମସ୍ତ କୃଷକ ସାଥୀ ନିଷ୍ପତ୍ତି ନେଇଥିଲେ। ଏହି ବୈଠକରେ ଶ୍ୟାମସୁନ୍ଦର କିଡୋ, ଗଙ୍ଗାଧର ଭଗତ, ଦିବ୍ୟ ସା, ଜୁଲିୟସ ପଟେଲ, ଅମ୍ବିକା କିଶାନ, ଗଣେଶର ପଟେଲ, ପ୍ରଭୁଦାନ ଟପୋ, ସୁଜାତା ନାଏକ, ସରିତା ଗୁରୁ, ଉଗ୍ରସେନ ପ୍ରଧାନ, ସୁନୀଲ ଚୌଧୁରୀ, ଗୌରଚନ୍ଦ୍ର ପଟେଲ, ନୀଳମଣି ମଗର, ପଲସିଦାଶ ଡୁଙ୍ଗଡୁଙ୍ଗ ପ୍ରମୁଖ ଯୋଗଦାନ କରିଥିଲେ।

## ଭିଜିଲାନ୍ସ କୋର୍ଟ ଦ୍ୱାରା ପୂର୍ବତନ ଜିଲା କୃଷି ଅଧିକାରୀଙ୍କୁ ୨ବର୍ଷ ଜେଲ

**ସୁନ୍ଦରଗଡ଼,୨୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଶନିବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ଅଭିଯୁକ୍ତ ବଣାଇର ପୂର୍ବତନ ତଥା ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ଦୈତାରୀ ଶତପଥୀଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଦାଲତ ଜେଲଦଣ୍ଡ ସହ ୫୦୦୦ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ବଣାଇ କୃଷି ଜିଲା ଅନ୍ତର୍ଗତ ବଡଗୋଗୁଆ ଗ୍ରାମର ଗୟାଧର ସାହୁ କୋଇଡା ବ୍ଲକର କନିଷ୍ଠ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସାହୁଙ୍କ ୨୦ମାସର ଘରଭଡା ଓ ଫାର୍ମର୍ସ ଫିଲ୍ଡ ସ୍କୁଲ ପ୍ରୋଗ୍ରାମର ଭାଉଚର ପାଶ କରିବା ପାଇଁ ୫୦୦୦ଟଙ୍କା ଦାବି କରିଥିଲେ। ସେ ଏହି ଅର୍ଥ ଦେବାରେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ପରିଶେଷରେ ୩ ହଜାର ଟଙ୍କା ଦେବାକୁ କହି ହଇରାଣ କରୁଥିଲେ। ଫଳରେ ସେ ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଅଧିକାରୀ ଶତପଥୀ ତାଙ୍କ ଠାରୁ ୩ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନମ୍ବର ୬୫/ତା୫/୧୦/୨୦୦୯ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପବ୍ଲିକ ପ୍ରସିକ୍ୟୁଟର ଗୌରମୋହନ ଦାସ ମାମଲା ପରିଚାଳନା କରୁଥିଲେ।

### ଦୋକାନ ଆଜବେଷ୍ଟସ କାଢି ଚୋରି

**ବଡ଼ଗାଁ, ୨୯।୧୦(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗାଁ ନିକଟ ରାଜ୍ୟ ରାଜପଥ ୧୦ ପାର୍ଶ୍ୱରେ ଥିବା ଏକ ହାର୍ଡୱେର ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ଚୋରାମାନେ ଦୋକାନର ଆଜବେଷ୍ଟସ କାଢି ଦୋକାନ ଭିତରେ ପଶିଥିଲେ। ଚୋରମାନେ ୮ବେଣ୍ଡଲ ବିଦ୍ୟୁତ୍ ତାର ନେଇଯାଇଛନ୍ତି। ଶନିବାର ସକାଳେ ଅଭିଯୋଗ କ୍ରମେ ପୋଲିସ ଘଟଣାସ୍ଥଳରେ ତଦନ୍ତ କରିବା ସହିତ ସୁନ୍ଦରଗଡ଼ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି।

### ପାର୍କିଂରୁ ଡିଜେଲ ଚୋରି, ଜଣେ ଗିରଫ

**ରାଉରକେଲା ଅଫିସ,୨୯।୧୦**

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ପ୍ଲାର୍କିଂ ଅଞ୍ଚଳରେ ଥିବା ଏକ ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦିଲୀପ ଲେଙ୍କା(୨୯)। ଏ ନେଇ ପୋଲିସ ଏକ ମାମଲା (ନଂ.୪୧୧।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ଡେଲିମାର୍କେଟ ଡିଲକ୍ସ ଗଳିର ଦିଲୀପ ଶୁକ୍ରବାର ବିଳମ୍ବିତ ରାତିରେ ପାର୍କିଂ ଏରିଆରେ ଥିବା ଏକ ଟ୍ରକ୍‌ରୁ ଡିଜେଲ ଚୋରି କରିଥିଲେ। ଏ ନେଇ ଟ୍ରକ୍ ମାଲିକ କମଳେଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଦିଲୀପଙ୍କୁ ଗିରଫ କରିଥିଲା।

## ରୋଟାରି କ୍ଲବ ତରଫରୁ ରକ୍ତଦାନ ଶିବିର

**ସୁନ୍ଦରଗଡ଼,୨୯।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଟାଉନ ରୋଟାରୀ କ୍ଲବ ତରଫରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତରଖାନା ରକ୍ତଭଣ୍ଡାର ଠାରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା:ସରୋଜ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ରୋଟାରୀ କ୍ଲବ ସଭାପତି ଡା: ଦିଲୀପ କୁମାର ଷଡ଼ଙ୍ଗୀ ଜଣେ ସୁସ୍ଥ ବ୍ୟକ୍ତି ନିୟମିତ ବ୍ୟବଧାନରେ ରକ୍ତଦାନ କରିବା ଉଚିତ ବୋଲି କହିଥିଲେ। ଏହି ଶିବିରରେ ମୋଟ ୬୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମ୍ପାଦକ ବାଲଗୋପାଲ ମିଶ୍ର, ପୂର୍ବତନ ସଭାପତି ରୋଟାରୀଆନ ଚିରବ୍ରତ ଦତ୍ତ, ଜିଲା ରକ୍ତଭଣ୍ଡାର ଅଧିକାରୀ ରତ୍ନପ୍ରଭା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତଥା ରୋଟାରୀଆନ ଅଭିମନ୍ୟୁ ବେହେରା ଓ ତାଙ୍କ ସ୍ତ୍ରୀ ମଧ୍ୟ ରକ୍ତଦାନ କରିଥିଲେ।



ରୋଟାରି କ୍ଲବ ତରଫରୁ ରକ୍ତଦାନ ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

## ବିପର୍ଯ୍ୟୟ ପ୍ରଶମନ ଦିବସରେ ସଭା, ସଚେତନତା ରାଲି

**ଦେବଗଡ, ୨୯।୧୦(ଡି.ଏନ.ଏ.)**

ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରସମନ ଦିବସ ପାଳିତ ହୋଇଯାଇଛି। ଶନିବାର ସକାଳ ୯ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରଠାରୁ ସ୍କୁଲ କଲେଜ ଛାତ୍ରୀଛାତ୍ର, ଓଡ୍ରାଫ ଦଳଙ୍କ ଦ୍ୱାରା ଏକ ସଚେତନତା ରାଲି ବାହାରିଥିଲ। ଏହି ରାଲିକୁ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିବା ପରେ ଜିଲଶ ପରିଷଦ ଗ୍ରାମ୍ୟଉନ୍ନୟନ ସମ୍ମିଳନୀ କକ୍ଷଠାରେ ପହଞ୍ଚିଥିଲା। ସେଠାରେ ଓଡ୍ରାଫ ଏବଂ ଅଗ୍ନିଶମ ଦଳଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଲୋକମାନଙ୍କୁ ଉଦ୍ଧାର କରାଯାଇପାରିବ ସେ ବିଷୟରେ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରିଥିଲେ। ପରେ ଗ୍ରାମ ଉନ୍ନୟନ ସମ୍ମିଳନୀ କକ୍ଷ ଠାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ ଦିବସ ଉପରେ ଏକ


ପ୍ରଶମନ ଦିବସ ଉପରେ ସାଧାରଣ ସଭାରେ ଉପସ୍ଥିତ ଅଧିକାରୀ।

### ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ, ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଓ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୈଠକ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ସମସ୍ତ ଅଧିକାରୀ ଓ ଛାତ୍ରୀଛାତ୍ର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଉପରେ ଶପଥ ପାଠ କରିଥିଲେ। ପୂର୍ବରୁ ଆୟୋଜିତ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଛାତ୍ରୀଛାତ୍ର ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଲା ଛାତ୍ର କଂଗ୍ରେସ




ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ସମୟରେ ପୋଲିସ ଅଟକାଉଛି (ବାମ)। କର୍ମୀମାନେ ଲୋୟର ପିଏମ୍‌ଜିସ୍ଥିତ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ବାସଭବନକୁ ଧସେଇ ପଶୁଛନ୍ତି।

## ଧର୍ମେନ୍ଦ୍ର ସାହୁ ମୃତ୍ୟୁ ଘଟଣା

- ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବି ଜୋର ଧରିଲା
- ଫରେଷ୍ଟ ପାର୍କ ରାସ୍ତା ରଣକ୍ଷେତ୍ର ପାଲଟିଲା
- ପୋଲିସ ଉପରକୁ ଅଣ୍ଡା-ଟମାଟୋ ମାଡ଼

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ପୁରୀ ଜିଲା ଗୋପ ବ୍ଲକ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ପାଇଁ ଗଣଶିକ୍ଷା ମନ୍ତ୍ରୀ ଦାୟୀ। ହେଲେ ତାଙ୍କୁ ମନ୍ତ୍ରିପଦରୁ ଏଯାବତ୍ ବହିଷ୍କାର କରାଯାଉନି କି ଗିରଫ କରାଯାଉନି। ତେଣୁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏସଆଇଟି ଏହି ଘଟଣାର ତଦନ୍ତ ଦାବିରେ ଶନିବାର ରାଜଧାନୀରେ ପୁଣି ଥରେ ଛାତ୍ର କଂଗ୍ରେସ ଗର୍ଜିଛି। ଏଥିସହ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ବହିଷ୍କାର କରା ନ ଯିବା ପର୍ଯ୍ୟନ୍ତ ଛାତ୍ର କଂଗ୍ରେସ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ସଭାପତି ୟାସିର ନୱାଜ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଗିରଫ ଦାବିରେ ନବୀନ ନିବାସ ଘେରାଉ କରିବା ପାଇଁ ୟାସିରଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର ଶତାଧିକ କର୍ମୀ ରାସ୍ତାକୁ ଓହ୍ଲାଇ ବିଭିନ୍ନ ସ୍ଲୋଗାନ ଦେବା ସହ ନାରାବାଜି ଦେଇଥିଲେ। ପ୍ରଥମେ ଛାତ୍ର କଂଗ୍ରେସ କର୍ମୀମାନେ ଶିଶୁଭବନ ଛକଠାରୁ ଏକ ରାଲିରେ ଫରେଷ୍ଟପାର୍କ ବାଟ ଦେଇ ନବୀନ ନିବାସମୁହାଁ ହେଉଥିବାବେଳେ ଫରେଷ୍ଟ ପାର୍କ ନିକଟରେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଫଳରେ ଉଭୟ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ କିଛି କଂଗ୍ରେସ କର୍ମୀ ବ୍ୟାରିକେଡ୍ ଡେଇଁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଟେକି ନେଇ ଯାଇଥିଲା। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ଉକ୍ତ ସ୍ଥାନ କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟି ଯାଇଥିଲା। ଉତକ୍ଷିପ୍ତ ହୋଇ କଂଗ୍ରେସ କର୍ମୀମାନେ ପୋଲିସ ଉପରକୁ ଅଣ୍ଡା ଓ ଟମାଟୋ ମାଡ଼ କରିଥିଲେ। ଏନେଇ ଛାତ୍ର କଂଗ୍ରେସ ସଭାପତି ନୱାଜ କହିଛନ୍ତି, ମୁଖ୍ୟମନ୍ତ୍ରୀ ଗଣଶିକ୍ଷା ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି। ଏହା ରାଜ୍ୟରେ ଘୋର ଅନ୍ୟାୟ। ଅନ୍ୟପଟେ ପୋଲିସ ଅଧାବାଟରୁ ଅଟକାଇବାରୁ ଛାତ୍ର କଂଗ୍ରେସ କର୍ମୀ ହଠାତ୍ ମୋଡ଼ ବଦଳାଇ ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କ୍ୱାର୍ଟର୍ସକୁ ଯିବାକୁ ବାହାରିଥିଲେ। ମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ରାଲିରେ ଯାଉଥିବାବେଳେ ଛାତ୍ର କଂଗ୍ରେସ କର୍ମୀଙ୍କୁ ପୁଣି ପୋଲିସ ରୋକିବାକୁ ଚେଷ୍ଟା କରିଥିଲା। ସେଠାରେ ମଧ୍ୟ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ କିଛି କଂଗ୍ରେସ କର୍ମୀ ଆହତ ହୋଇଥିବା ଜଣାପଡ଼ିଛି। କର୍ମୀମାନେ ମନ୍ତ୍ରୀଙ୍କ କ୍ୱାର୍ଟର୍ସ ଉପରେ ଅଣ୍ଡାମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ ନିମନ୍ତେ ଘଟଣାସ୍ଥଳରେ ଖୋଦ୍ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ୨ଜଣ ଏସିପି, ଜଣେ ଆଇଆଇସି ଏବଂ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ କିଛି କର୍ମୀ ମନ୍ତ୍ରୀଙ୍କ ବାସଭବନ ପରିସରକୁ ପଶିଯାଇଥିଲେ। ଅଧିକ ସଂଖ୍ୟାକ ପୋଲିସ ଫୋର୍ସ ମୁତୟନ ହେବାରୁ ୨୦ରୁ ଅଧିକ ଛାତ୍ର କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିବା ପରେ ଛାଡି ଦେଇଥିବା ଜଣାପଡ଼ିଛି। ବିକ୍ଷୋଭକାରୀଙ୍କ ଆକ୍ରମଣରେ ପୋଲିସ ଭ୍ୟାନ୍ କାଚ ଭାଙ୍ଗିଥିଲେ ସୁଦ୍ଧା ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା କୁହାଯାଉଛି। ଏହି ଆନ୍ଦୋଳନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରଜତ ଚୌଧୁରୀ, ଶିବାନନ୍ଦ ରାୟ, ମାନସ ଚୌଧୁରୀ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ମନୋଜ ଜେନା, ମନୋଜ ବିଶ୍ୱାଳ, କିରଣ ସାହୁ, ନୀହାର ବେହେରା, ରଣଜିତ ପାତ୍ର, ଅଜୟ ସାହୁ, ଆଲୋକ ଲେଙ୍କା, ସୁଶ୍ରୀ ଶାନ୍ତିଲତା, ଅଖିଳେଶ ଯାଦବ, ରାଜଲକ୍ଷ୍ମୀ ସାହୁ, ଜଗଦୀଶ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାନୁସାରେ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ମୃତ୍ୟୁ ପୂର୍ବରୁ ଟେଲିଫୋନ ଯୋଗେ ତାଙ୍କ ମୃତ୍ୟୁ ପାଇଁ ୭ଜଣଙ୍କ ନାମ କହିଥିବାବେଳେ ଏଥିରେ ଗଣଶିକ୍ଷା ମନ୍ତ୍ରୀଙ୍କ ନାମ ମଧ୍ୟ ଉଲ୍ଲେଖ କରିଥିଲେ। ଏହାସହ ତାଙ୍କ ୨ଟି ମୋବାଇଲ ଫୋନ୍‌ରେ ସବୁ ପ୍ରମାଣ ରହିଛି। ତେଣୁ ଏହାକୁ ଲୋକଲୋଚନକୁ ଆଣିବାକୁ ସେ ତାଙ୍କ ସାଙ୍ଗଙ୍କୁ ଫୋନରେ କହିଥିଲେ। ହେଲେ ପୋଲିସ ହାତରେ ମୋବାଇଲ ଥିବାରୁ ପ୍ରମାଣ ନଷ୍ଟ ପାଇଁ ଚକ୍ରାନ୍ତ ଚାଲିଛି। ତେଣୁ ଏହାର ନିରପେକ୍ଷ ତଦନ୍ତ ପାଇଁ ପୂର୍ବରୁ ଛାତ୍ର କଂଗ୍ରେସ ଦାବି କରିବା ସହ ଆନ୍ଦୋଳନ ଦେବା ଚେତାବନୀ ଦେଇଥିଲା। ହେଲେ ଘଟଣାକୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶନିବାର ଛାତ୍ର କଂଗ୍ରେସ ପକ୍ଷରୁ ଏହାକୁ ପ୍ରବଳ ମାତ୍ରାରେ ବିରୋଧ କରାଯାଇଥିଲା। ଯଦି ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦାବି ନ ମାନିବେ, ତେବେ ଆଗକୁ ସମସ୍ତ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ଚେତାବନୀ ଦେଇଛି।

# ଧାମନଗର-ଯାଜପୁର ସୀମା ସିଲ୍ କରାଯାଉ

## ଜିଲାପାଳଙ୍କ ନିକଟରେ ଦାବିକଲା ଭାଜପା

ଭଦ୍ରକ ଅଫିସ/ଧାମନଗର,୨୯।୧୦(ଡି.ଏନ.ଏ.)

ଧାମନଗର ଉପନିର୍ବାଚନରେ ବିଜେଡି ବୁଥ୍ ରିଗିଂ କରିବା ଆଶଙ୍କା ନେଇ ଏହି ନିର୍ବାଚନମଣ୍ଡଳୀ ସଂଲଗ୍ନ ଯାଜପୁର ସୀମାକୁ ସିଲ୍ କରାଯିବାକୁ ଭାଜପା ଶନିବାର ନିର୍ବାଚନ କମିଶନ ଏବଂ ଜିଲାପାଳଙ୍କ ନିକଟରେ ଦାବି କରିଛି। ଭାଜପା ରାଜ୍ୟ ମୁଖପାତ୍ର ମନୋଜ କୁମାର ମହାପାତ୍ର, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ଭଦ୍ରକ ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଧାମନଗର ଏବଂ ଯାଜପୁର ସୀମାରେ ଥିବା ପଧାନୀ, ସୋହଡ଼ା, ଅର୍ଜୁନପୁର, ହସନାବାଦ, ପାଳସାହି ଆଦି ପଞ୍ଚାୟତରେ ଅବାଧ ଓ ନିରପେକ୍ଷ ନିର୍ବାଚନରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି। ଏଣୁ ନିର୍ବାଚନର ୩



ଦିନ ପୂର୍ବରୁ ଯାଜପୁର ସୀମାକୁ ସିଲ୍ କରିବା ପାଇଁ ଭାଜପା ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଇଲେକ୍ଟୋରାଲ ବଣ୍ଡ୍‌ର ୯୫% ଚାନ୍ଦା ଭାଜପାକୁ ଯାଉଛି: ଗେହଲଟ୍

ସୁରଟ,୨୯।୧୦: ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ସଂଗୃହୀତ ଚାନ୍ଦାର ୯୫ ପ୍ରତିଶତ ଭାଜପାକୁ ଯାଉଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଶନିବାର ଅଭିଯୋଗ କରିଛନ୍ତି। ଦାତାମାନେ ଭୟରେ ଅନ୍ୟ ଦଳକୁ ଚାନ୍ଦା ଦେଉ ନ ଥିବା ସେ କହିଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ପ୍ରଚାର ସମ୍ପର୍କିତ ଏକ ଖବରଦାତା ସମ୍ମିଳନୀରେ ଗେହଲଟ୍ କହିଥିଲେ, କଂଗ୍ରେସ କିମ୍ବା ଅନ୍ୟ ରାଜନୈତିକ ଦଳଙ୍କୁ ଚାନ୍ଦା ଦେବାକୁ ଚାହୁଁଥିବା କର୍ପୋରେଟ୍‌ଗୁଡ଼ିକୁ ଭାଜପା ଧମକ ଦେଉଛି।

# ୭ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ଧାମନଗର ଉପନିର୍ବାଚନ

ଭଦ୍ରକ ଅଫିସ, ୨୯।୧୦: ଧାମନଗର ଉପନିର୍ବାଚନ କାର୍ଯ୍ୟ ପରିଚାଳନାରେ ଅବହେଳା ପାଇଁ ୬ଜଣ ଓ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ ଜଣେ କର୍ମଚାରୀଙ୍କ ବିରୋଧରେ ଭଦ୍ରକ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲା କାର୍ଯ୍ୟାଳୟରେ ଖୋଲାଯାଇଥିବା ନିର୍ବାଚନୀ ନିୟନ୍ତ୍ରଣ କକ୍ଷରେ ନିଜର କାର୍ଯ୍ୟ ସମୟ ମଧ୍ୟରେ ଅନୁପସ୍ଥିତ ଥିବା ଯୋଗୁ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଜୁନିଅର ଆସିଷ୍ଟାଣ୍ଟ ଖଗେଶ୍ୱର ଦାସ ଏବଂ ରାଜନୈତିକ ଦଳ ସହ ସମ୍ପୃକ୍ତି କାରଣରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଧାରରେ କୋଠାର ମା' ଶାରଦା ଦେବୀ ମହାବିଦ୍ୟାଳୟ କିରାଣି ନୃସିଂହ ଚରଣ ନନ୍ଦୀଙ୍କୁ ନିଲମ୍ବନ କରାଯାଇଛି। ସେହିପରି ନିର୍ବାଚନୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଯୋଗୁ ବାରିକପୁର ନୋଡାଲ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ପ୍ରତିଭା ସେନାପତି, ନଳାଙ୍ଗ ୟୁଜିଏମ୍‌ଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଏବଂ ନିର୍ବାଚନୀ ନିୟନ୍ତ୍ରଣ କକ୍ଷ ପରିଚାଳନା କାର୍ଯ୍ୟରେ ଦେଢ଼ଘଣ୍ଟା ବିଳମ୍ବରେ ଆସିଥିବାରୁ ଜିଲା ପରିଷଦ କାର୍ଯ୍ୟାଳୟର ଡୁଡାର ସେକ୍ସନ ଟିମ୍ ଲିଡର ଈଶ୍ୱର ପଣ୍ଡା, ଭଦ୍ରକ ତହସିଲର ସିନିଅର ଆସିଷ୍ଟାଣ୍ଟ ଜ୍ୟୋତି ବିକାଶ ସାହୁ, ଉପନିବନ୍ଧକ କାର୍ଯ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ବିଭୁଦତ୍ତ ବାରିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.9858/PSC, Dt.29.10.22**
**PF-1E-11-2021/22 (DR-III)**

**No.D-205:** It is for information of all concerned that, pursuant to Advt. No.24 of 2021-22,16 (Sixteen) candidates bearing following PPSAN have been allowed to appear in the interview to determine their eligibility for recruitment to the post of Post Graduate Teachers in Geography. The Interview in respect of the following candidates will be held in the office of the Commission, 19 Dr. P.K. Parija Road, Cuttack-753001 on 11.11.2022, as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 11.11.2022 | 10.30 A.M. | 00120983,00089163,00056200,00122676, 00110957, 00126114, 00079860,00117626 & 00097690 **= 09 candidates** |
| | | 3.00 P.M. | 00030502,00117584,00047320,00121223,00081231, 00095840 & 00040724 **=07 candidates** |

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date and time as mentioned above.

**NOTE :-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0189/2223 — **Sd./- Secretary**



**Government of Odisha**
**Higher Education Department**

No. N-55:-

**Dateline for P.G. Vacant seat admission under SAMS for the Academic Session 2022-23 in State Public Universities and Colleges**

Dateline for P.G. vacant seat admission for the Academic Session 2022-23 for State Public Universities and Colleges with P.G. Courses under project 'Student Academic Management System (SAMS)' is given below. Any change in the dateline will be published in the newspapers as well as in the website www.samsodisha.gov.in.

| Sl# | Activities | Timeline |
|---|---|---|
| 1 | Opening of Correction Window: Availability of online Common Application Form (CAF) in the student login for updation of mark & Reservation for PG Vacant Seat Admission through www.samsodisha.gov.in | 01-Nov-2022 (12:00 PM) to 03-Nov-2022 (5:00 PM) |
| 2 | Publication of candidates' total mark (CPET Entrance Mark + Career mark) | 04-Nov-2022 (2.00 PM) |
| 3 | Detailed Advertisement to be published by the Higher Education Institutions regarding the dateline for submission of CAF, reporting of applicants, date of admission etc. | In between 01-Nov-2022 and 04-Nov-2022 |
| 4 | All the admission related activities (validation of CAF/ selection/ admission & collection of admission fees to be completed by the HEIs | 05-Nov-2022 to 21-Nov-2022 |
| 5 | Display of Selection List by the respective Institutions, Admission and Data updation in the e-space | 23-Nov-2022 to 25-Nov-2022 |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**N.B.:** Please go through the detailed P.G. Vacant Seat Admission Guidelines available in P.G. SAMS website ( https://pg.samsodisha.gov.in)

OIPR-11001/11/0040/2223



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2338: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4588/RE/OSIC Dt.28.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Construction of 66 beded working women hostel over Plot No. 252 & 2756, Cuttack Town, Unit No.-16 (Bhagat Hostel), Buxibazar, Cuttack"**. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0112/2223



**BHUBANESWAR DEVELOPMENT AUTHORITY**
**BHUBANESWAR**
AKASH SHOVA BUILDING,
SACHIVALAYA MARG, BHUBANESWAR - 751001
Visit us at: http://www.bda.gov.in

RFP No. Engg-IV-Vehicle-01/22/1298 Date:29.10.2022

**No.CAD-2324:** Bhubaneswar Development Authority invites **"REQUEST FOR PROPOSAL FOR SELECTION OF AN AGENCY FOR SUPPLY OF VEHICLE WITH DRIVER ON HIRE BASIS FOR BHUBANESWAR DEVELOPMENT AUTHORITY (BDA)"**. The RFP documents will be available in the BDA website @ www.bda.gov.in from 02.11.22 to 15.11.22 upto 5.00 PM. The RFP documents can be downloaded from the BDA website (www.bda.gov.in). The last date of receipt of proposals by speed post/ registered post is up to 5.00 PM on 18.11.22 and the RFP will be opened at 11.30 AM on 19.11.22 in the office chamber of the Executive Engineer, Division No-IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the BDA website www.bda.gov.in for further details. Any addendum / corrigendum / cancellation of RFP can be seen in this website only.

Sd./- Executive Engineer
Division No.IV, BDA
OIPR-13033/11/0310/2223



idco Your power to grow | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS,JANPATH,BHUBANESWAR-751022**
IDCO/H.O./P&C/EST/E-1816/01/2022 27199 Dated 21.10.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

**No.CAD-2319:** 1. Name of the Work: Construction of Utility corridor (60 m width over an appex length of 3 km) between Gopalpur port and TATA Steel SEZ.
2. Estimated Cost: Rs.126.32 Cr. (Approx.)
3. Period of Completion : 18 (Eighteen) Calendar Months.
4. Other details :

| Procurement Officer | Bid ID/Tender reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-73/ 2022-23 | 03.11.2022 at 17.00 Hrs. | 30.11.2022 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0182/2223



**WORKS DEPARTMENT**
**OFFICE OF THE SUPERINTENDING ENGINEER ROURKELA (R&B) DIVISION, UDITNAGAR, ROURKELA**
No.B-754: E-Mail Id - eepwdrkl@gmail.com

**Government of Orissa "e" Procurement Notice**
**Bid Identification No.: 44/ 2022-2023 Dated:28.10.2022**

1. Number of works : 02(Two) numbers of Works
2. Estimated cost : Rs. 44.13 Lakhs to Rs. 44.50 Lakhs
3. Period of completion : 1 (One) Calendar Month
4. Date & Time of availability of bid document in the portal : Dt 01.11.2022 at 11.00A.M.
5. Last date/ Time for receipt of bids in the portal : Dt 07.11.2022 up to 03.00 P.M.
6. Date of opening of Bid : Dt. 07.11.2022 at 4.00 P.M.
7. Name and Address of the Officer Inviting Bid : Superintending Engineer, (R&B) Division,Rourkela,UditNagar

Further details can be seen from the e-procurement portal http// tendersorissa.gov.in.

Sd./-Superintending Engineer
R&B Division, Rourkela
OIPR-34068/11/0029/2223



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-2337: OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4586/RE/OSIC Dt.28.10.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for 3 nos. of works** i.e. **(1).** Supply and installation of 250 KVA 11/0.4 KV Sub-Station for power supply to 120 KW SPP load to M/s. The Principal, ANWESHA Hostel at Kirei, Sundargarh under SED, Sundergarh, TPWODL in the District of Sundargarh. **(2).** Construction of 11 KV line, 11/0.4 KV S/S & LT line for power supply to different project of Kendrapara Municipality. **(3).** Shifting of LT line from the construction site of Mission Shakti Building at Block Office Campus Tentulikhunti under Nabarangpur District. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)
OIPR-14073/11/0111/2223



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002
Tel-MD 0674-2340573, Tel Fax-2340096
E-mail-mdosscltd456@gmail.com

**NIT No.OSSC/Mktg-29 /2022**

**Short e-Tender Call Notice for Procurement of Onion Seeds during Rabi 2022-23**

**No.CAD-2321:** OSSC Ltd. invites Short e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the work | Purchase of Onion Seeds during Rabi 2022-23 |
| Nos. of work | One |
| Availability of bid documents in portal | 15 hours on 31. 10.2022 to 17 hours of 09.11.2022 |
| Last date of receipt of tender in portal | 17 hours of 09.11.2022 |
| Date and time of opening of Bid | 11 hours of 10.11.2022 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in and on OSSC Ltd website www.ossctd.in. Any addendum/ corrigendum/cancellation can also be seen in the said website.

**Sd./- Managing Director, OSSC Ltd.**
OIPR-01106/11/0005/2223



idco Your power to grow | ODISHA NEW OPPORTUNITIES — No. CAD-2315

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
Tender Call Notice No. IDCO:H.O./P&C/EST/E-3609/03/2016/Vol-V/27468 Date: 27.10.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Repair and maintenance of Road (such as providing BM and SDBC) at IID Centre, Somnathpur, Balasore, Odisha.
2. **Estimated Cost** : Rs.87.13 lakh
3. **Period of Completion** : 04 (Four) Calendar months.
4. **Other details** :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-86/2022-23 | 02.11.2022 at 17.00 Hrs. | 16.11.2022 up to 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

OIPR-14003/11/0181/2223 — Sd./- Chief General Manager (P&C), IDCO, Bhubaneswar



**ODISHA PVTG EMPOWERMENT & LIVELIHOODS IMPROVEMENT PROGRAMME**
**ST & SC DEVELOPMENT DEPARTMENT**
2nd Floor, TDCCOL Building, Rupali Square, Bhubaneswar -751022
Notice No. 3533/Date: 28.10.2022

**SHORT-TERM ENGAGEMENT OF ACCOUNT ASSISTANT (AUDIT) AT PMU, OPELIP**

No.CAD-2316:- Programme Director, OPELIP invites applications from eligible candidates for engagement of one **Account Assistant (Audit)** on short term basis to be positioned at PMU, OPELIP, 2nd Floor, TDCCOL Building, Rupali Square, Bhubaneswar - 751022. Application form along with detailed ToR can be downloaded from our official website i.e. **www.opelip.org**. Last date of receipt of applications **by post/courier only 11th November,2022 at 05.00 PM.** Application beyond the dateline will not be considered.

Only shortlisted candidates will be called for Interview for empanelment. Programme Director, OPELIP reserves the right of accepting or rejecting the applications without assigning any reason thereof.

OIPR-26024/11/0007/2223 — **Sd./- Programme Director**

# ସଂକଳ୍ପ



ଅନେକ ଯୁବତୀଯୁବକ ଜବ୍, ବିଜ୍‌ନେସ୍, ଷ୍ଟାର୍ଟଅପ୍ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ନିଜକୁ ସଫଳତାର ଶୀର୍ଷରେ ଦେଖିବାକୁ ଚାହାନ୍ତି। ଏଥିରେ ସାମାନ୍ୟ ବିଫଳ ହେଲେ କେତେକଙ୍କ ମନୋବଳ ଭାଙ୍ଗିଯାଏ। ଏମିତିରେ କିଏ ଲକ୍ଷ୍ୟପଥରୁ ଓହରିଯାଏ ତ ଆଉ କିଏ ଧୈର୍ଯ୍ୟହରା ହୋଇ ଅନ୍ୟ ଦିଗ ବାଛିନିଏ। ହେଲେ ସଫଳତା କେବଳ ସେହିମାନଙ୍କୁ ମିଳେ, ଯାହା ଭିତରେ ଥାଏ ବାରମ୍ବାର ପ୍ରଚେଷ୍ଟା କରିବାର ଆତ୍ମବିଶ୍ୱାସ ଓ ଜିତିବାର ଦୃଢ଼ ସଂକଳ୍ପ...

**ରଖନ୍ତୁ ସକାରାତ୍ମକ ଭାବନା:** ଯେକୌଣସି କାର୍ଯ୍ୟରେ ଆଗକୁ ବଢ଼ିବାକୁ ହେଲେ ନିଜ ଭିତରେ ଆତ୍ମବିଶ୍ୱାସ ରହିବା ଦରକାର। କାରଣ ମୁଁ ଏହି କାର୍ଯ୍ୟ କରିପାରିବି କି ନାହିଁ, ଯଦି ନ ପାରିବି ପରିହାସର ପାତ୍ର ହୋଇଯିବି କି ? ଏହିଭଳି ନକାରାତ୍ମକ ମାନସିକତା ମଣିଷର ମନୋବଳକୁ ଦୁର୍ବଳ କରିଦିଏ, ଯାହା ଫଳରେ ମଣିଷ ଲକ୍ଷ୍ୟଚ୍ୟୁତ ହୋଇଯାଏ। ତେଣୁ ମନେରଖନ୍ତୁ, ସକାରାତ୍ମକ ଚିନ୍ତାର ଶକ୍ତି ଖୁବ୍ ଅଧିକ, ଯାହା ଯେକୌଣସି କଷ୍ଟକର ପରିସ୍ଥିତିରୁ ମୁକୁଳି ଆସିବାର ସାହସ ଯୋଗାଇ ଦେଇଥାଏ ଏବଂ ସଫଳତା ହାସଲରେ ସାହାଯ୍ୟ କରେ।

**ନିଜ ସାମର୍ଥ୍ୟକୁ ଚିହ୍ନନ୍ତୁ:** ସ୍ୱରୋଜଗାରକ୍ଷମ ହେବାକୁ ସଭିଏଁ ଚାହାନ୍ତି। ତେବେ ଏଥିପାଇଁ କେବଳ ଯେ ଭଲ ଚାକିରିଟିଏ ଲୋଡ଼ା ତା' ନୁହେଁ, ବରଂ ସେଥିରେ ଭଲ ପ୍ରଦର୍ଶନ କରି ନିଜର ଏକ ପରିଚୟ ସୃଷ୍ଟି କରିବାର ଲକ୍ଷ୍ୟ ଅନେକଙ୍କର ଥାଏ। ହେଲେ କେହିକେହି ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସନ୍ତି ଏବଂ ଅସଫଳ ହୁଅନ୍ତି। ତେଣୁ କାହାକୁ ଅନୁସରଣ ନ କରି ନିଜେ ଯେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ ନିଜେ କେତେ ସମର୍ଥ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି ତାହା ଆପଣଙ୍କ ଲାଗି ଠିକ୍ ଦିଗ ବୋଲି ଭାବୁଛନ୍ତି, ତେବେ ଏକ ଦୃଢ଼ ସଂକଳ୍ପ ନେଇ ଉଦ୍ୟମ ଜାରି ରଖନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।

**ଓଭର କନ୍‌ଫିଡେଣ୍ଟ ଠିକ୍ ନୁହେଁ :** ଆତ୍ମବିଶ୍ୱାସ ସଫଳତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହା ଆବଶ୍ୟକରୁ ଅଧିକ ହେଲେ ମଣିଷ ପାଇଁ ଠିକ୍ ନୁହେଁ। କାରଣ ଅନେକେ ନିଜ କାର୍ଯ୍ୟକୁ ନେଇ ଏତେ ଓଭର କନ୍‌ଫିଡେଣ୍ଟ ହୋଇପଡନ୍ତି ଯେ, କୌଣସି କାର୍ଯ୍ୟ ପାଇଁ ପୂର୍ବ ପ୍ରସ୍ତୁତି କରିବା କିମ୍ବା ବାରମ୍ବାର ଅଭ୍ୟାସ କରିବା ଅନାବଶ୍ୟକ ବୋଲି ଭାବି ନିଅନ୍ତି। ଆଉ ଠିକ୍ ଦରକାର ସମୟରେ ଅନ୍ୟମାନେ ବାଜିମାତ୍ କରିଯାଆନ୍ତି। ସେମାନଙ୍କ ଓଭର କନ୍‌ଫିଡେନ୍ସ ହିଁ ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ କରିଥାଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍ଫିଡାଣ୍ଟ ନ ହୋଇ ନିଜ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ।







**ନିଜକୁ ଜଣେ ସଫଳ ଓ ଆତ୍ମନିର୍ଭର ବ୍ୟକ୍ତିତ୍ୱର ପରିଚୟ ଦେବାକୁ କିଏବା ନ ଚାହେଁ! ହେଲେ ଏହା ଯେ ସମସ୍ତଙ୍କୁ ଖୁବ୍ ସହଜରେ ଥରକେ ମିଳିଯିବ, ତାହା ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦରକାର ବାରମ୍ବାର ପ୍ରଚେଷ୍ଟା ଓ ଲକ୍ଷ୍ୟ ହାସଲର ଦୃଢ଼ ସଂକଳ୍ପ...**

**ପ୍ରମାଣିତ କରନ୍ତୁ ନିଜ ଦକ୍ଷତା:** ଯେକୌଣସି କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ପ୍ରଥମେ ସେଥିପାଇଁ ଦକ୍ଷତା ହାସଲ କରନ୍ତୁ। ହଁ ମୁଁ ପାରିବି ଭାବି ମନଇଚ୍ଛା ଆଗକୁ ବଢି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ ଆହରଣ କରନ୍ତୁ, ବାରମ୍ବାର ଅଭ୍ୟାସ ଜାରି ରଖନ୍ତୁ। ଠିକ୍ ସେହିପରି ଥରେ ବଫଳ ହେଲେ ଆଉ ଆଗକୁ ବଢିପାରିବି କି ନାହିଁ କିମ୍ବା ଏହା ମୋ ପାଇଁ କଠିନ ବ୍ୟାପାର ଆଦି ଭଳି ନକାରାତ୍ମକ ଚିନ୍ତା କରି ଚୁପ୍ ମଧ ରହିଯାଆନ୍ତୁ ନାହିଁ। ବାରମ୍ବାର ଚେଷ୍ଟା କରନ୍ତୁ ଏବଂ ପ୍ରତିଥର ନିଜର ବେଷ୍ଟ ଦେବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣଙ୍କ ଦକ୍ଷତା ବୃଦ୍ଧି ହେବ ଏବଂ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇପାରିବ।

**ଦିଅନ୍ତୁନି ପଛଘୁଞ୍ଚା:** କଥାରେ ଅଛି ପଛଘୁଞ୍ଚା ନାହିଁ ବୀରର ଜାତକେ। ଯଦି କୌଣସି ଲକ୍ଷ୍ୟ ହାସଲ ନେଇ ମନରେ ସଂକଳ୍ପ କରିଛନ୍ତି ତେବେ ତାକୁ ହାସଲ କରିବାକୁ ଚେଷ୍ଟା କଲେ ସଫଳ ନିଶ୍ଚୟ ହେବେ। ତେଣୁ ଥରେ ଅସଫଳ ହେଲେ କିମ୍ବା ଅସଫଳ ହେବା ଭୟରେ ପଛଘୁଞ୍ଚା ଦେଇ ରହିଯିବା ବଦଳରେ ବାରମ୍ବାର ପ୍ରୟାସ କରନ୍ତୁ। ନିଜ ମନବଳ ଦୃଢ଼ କରି ଉଦ୍ୟମ ଜାରି ରଖିଲେ ଲକ୍ଷ୍ୟ ପଥରେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବେ ସେଥିରେ ସନ୍ଦେହ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ଭେଡ୍ ମାତା ମେଳା .............. ରାଜ୍ୟରେ ପାଳନ କରାଯାଏ ?
୨– ୩୬ତମ ନ୍ୟାଶନାଲ ଗେମ୍ସ ୨୦୨୨ ................ ସହରରେ ଆୟୋଜନ କରାଯିବ ?
୩– 'ଜେଡ୍‌ଇଭି'ର ଫୁଲ୍‌ଫର୍ମ ..................... ?
୪– ................ ହେଉଛି ମଣିଷକୃତ ପ୍ରଥମ ପ୍ଲାଷ୍ଟିକ୍ ?
୫– ସମୁଦ୍ରରେ ପଡୁଥିବା ବର୍ଜ୍ୟ ପ୍ଲାଷ୍ଟିକ୍ ବୋତଲକୁ ବ୍ୟବହାର କରି କମ୍ପ୍ୟୁଟର ନିର୍ମାଣ କରୁଥିବା ପ୍ରଥମ କମ୍ପାନୀ ......... ?

## ଗତ ଥରର ଉତ୍ତର

୧ ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ କଲ୍‌ଚରାଲ ରିଲେଶନ୍ସ
୨ ହ୍ୱେଲ୍ ସାର୍କ
୩ ଅଷ୍ଟ୍ରେଲିଆ
୪ ବିଲାଆର୍ଡ୍ସ
୫ ହିମାଚଳପ୍ରଦେଶ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ସୁନୀଲ କୁମାର ବେହେରା, ବ୍ରହ୍ମପୁର

## ଟପ୍ ୧୦

### କ୍ଷୁଦ୍ରତମ ଚଢ଼େଇ



୧– ବି ହମିଂବାର୍ଡ .................... ୫ ସେଣ୍ଟିମିଟର
୨– ୱିବିଲ୍ .................... ୮–୯ ସେଣ୍ଟିମିଟର
୩– ପାର୍ଡାଲୋଟ୍ .................... ୮–୧୨ ସେଣ୍ଟିମିଟର
୪– ଗୋଲ୍ଡ ହେଡେଡ୍ ସିଷ୍ଟିକୋଲା .................... ୧୦ ସେଣ୍ଟିମିଟର
୫– ଗୋଲ୍ଡ କ୍ରେଷ୍ଟ.................... ୯ ସେଣ୍ଟିମିଟର
୬– ବ୍ରାଉନ୍ ଜେରିଗୋନ୍ .................... ୮–୧୦ ସେଣ୍ଟିମିଟର
୭– ଆମେରିକାନ୍ ଗୋଲ୍ଡଫିଞ୍ଚ୍ .................... ୧୧– ୧୪ ସେଣ୍ଟିମିଟର
୮– ବାନାନାକ୍ୱିଟ୍.................... ୧୦– ୧୩ ସେଣ୍ଟିମିଟର
୯– ଟ୍ରପିକାଲ୍ ପାରୁଲା .................... ୧୧ ସେଣ୍ଟିମିଟର
୧୦– କ୍ରିମ୍‌ସନ୍ ଚାଟ୍ .................... ୧୦–୧୩ ସେଣ୍ଟିମିଟର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

### ଯୁବ ପ୍ରତିଭା

## ଶ୍ରୋତାଙ୍କୁ ମତୁଆଲା କରେ ସତ୍ୟବ୍ରତଙ୍କ ସଙ୍ଗୀତ

ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡିଆ ଗ୍ରାମର ମା' କାଞ୍ଚନ ଓ ବାପା ଗଣେଶ୍ୱର ଜେନାଙ୍କ ପୁଅ ସତ୍ୟବ୍ରତ। ନିଜର ସୁମଧୁର କଣ୍ଠରେ ଜଗନ୍ନାଥଙ୍କ ଏକ ଭଜନ ଗାଇ ସେ ବେଶ୍ ଚର୍ଚ୍ଚାରେ। ଯେଉଁ ଗୀତଟି ସୋସିଆଲ୍ ମିଡିଆରେ ଲକ୍ଷାଧିକ ଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିଛି। ପିଲାଟି ଦିନରୁ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ରହିଆସିଛି। ତେଣୁ ମାତ୍ର ୨ୟ ଶ୍ରେଣୀରେ ପଢ଼ିବାବେଳେ ସେ ନୀଳଗିରିରେ ଥିବା କଳା ବିକାଶ କେନ୍ଦ୍ରରେ ଗୁରୁ ଶ୍ରୀ ଗୌରହରି ଜେନାଙ୍କ ପାଖରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ପ୍ରାଚୀନ କଳା କେନ୍ଦ୍ର, ଚଣ୍ଡୀଗଡ଼ର ନୀଳଗିରି ଶାଖାରେ ସଙ୍ଗୀତରେ ବିଶାରଦ ଉପାଧି ହାସଲ କରିଛନ୍ତି।

ବିଦ୍ୟାଳୟ ମଞ୍ଚରୁ ହିଁ ଆରମ୍ଭ ହୋଇଥିଲା ତାଙ୍କ ସଙ୍ଗୀତ ଜୀବନ। ସେଠାରେ ବିଭିନ୍ନ ଭଜନ ଗାଇ ସେ ବହୁ ପ୍ରଶଂସା ଓ ପୁରସ୍କାର ପାଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ଅବସରରେ ଆୟୋଜିତ ବିଭିନ୍ନ ବ୍ଲକ୍‌ସ୍ତରୀୟ ସଙ୍ଗୀତ, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ କଳା ଉତ୍ସବରେ ନୀଳଗିରି ବ୍ଲକରୁ ଯାଇ ଜିଲାସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲେ। ପୁଣି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ସେ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଅନେକ ଥର ପୁରସ୍କୃତ ହୋଇଛନ୍ତି। ସେ କୁହନ୍ତି, "୨୦୧୮ରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇ ନୀଳଗିରି ବ୍ଲକରୁ ନିଜ ରାଜ୍ୟ ସହ ଅନ୍ୟ ରାଜ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିବା ମୋ ପାଇଁ ଖୁବ୍ ଗର୍ବର ବିଷୟ ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତରୁ ପୁରସ୍କାର ବାବଦରେ ୫୦୦୦ ଟଙ୍କା ଚେକ୍ ସହ ମାନପତ୍ର ଓ ସିଲ୍ ଗ୍ରହଣ କରିବା ବେଳର ଖୁସି ଅବର୍ଣ୍ଣନୀୟ।" ହାଇସ୍କୁଲରେ ପଢୁଥିବାବେଳେ ସେ ସ୍କାଉଟ୍‌ରେ ଯୋଗ ଦେଇ ଜିଲା ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ପୁରସ୍କାର ମଧ୍ୟ ପାଇସାରିଛନ୍ତି। ବର୍ତ୍ତମାନ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସ୍ୱର ଯାଦୁରେ ବିଚାରକଙ୍କଠାରୁ



ସତ୍ୟବ୍ରତ

ପୁରସ୍କୃତ ହେଲେ। ଧୀରେ ଧୀରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଜିଲାପାଳ ଏବଂ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେଲେ। ନବମ ଶ୍ରେଣୀରେ ପଢୁଥିବାବେଳେ ଭାରତ ସରକାରଙ୍କ ରାଷ୍ଟ୍ରୀୟ ମାଧ୍ୟମିକ ଆରମ୍ଭ କରି ଶ୍ରୋତାଙ୍କ ମନ ଜିଣିପାରିଛନ୍ତି। ତେବେ ନିଜ ପ୍ରତ୍ୟେକ ସଫଳତାର ଶ୍ରେୟ ମା'ବାପାଙ୍କୁ ଦେଉଥିବା ସତ୍ୟବ୍ରତ ଭବିଷ୍ୟତରେ ଜଣେ ଜାତୀୟସ୍ତରୀୟ କଣ୍ଠଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି।

–ପ୍ରଶାନ୍ତ ବିଶ୍ୱାଳ

### ୟୁଥ୍ ଆଲର୍ଟ

# ବଡି ଡିଟକ୍ସ







**ଦଶହରା, ଦୀପାବଳି ଭଳି ପୂଜାପର୍ବରେ ସାଧାରଣତଃ ପିଠା, ମିଠା ଏବଂ ଅନେକ ଭଳିକି ଭଳି ଖାଦ୍ୟରେ ସଭିଙ୍କ ଘର ଭରିଯାଏ। ଯାହାକୁ ଖାଇବା ଏବଂ ଅନ୍ୟମାନଙ୍କୁ ଶ୍ରଦ୍ଧାରେ ଖୁଆଇବାରେ ବେଶ୍ ଆନନ୍ଦ ବି ମିଳିଥାଏ। ହେଲେ ଏହାଦ୍ୱାରା ନା କେବଳ ଶରୀରକୁ ଅଧିକ କ୍ୟାଲୋରି ଯାଇଥାଏ ବରଂ ଏସବୁ ଖାଦ୍ୟରେ ବ୍ୟବହୃତ ରଙ୍ଗ, ତେଲ ଆଦିରେ ଥିବା ବିଷାକ୍ତ ପଦାର୍ଥ ଶରୀରକୁ ହାନି ପହଞ୍ଚାଇଥାଏ। ଯାହାକୁ ଦୂର କରି ସୁସ୍ଥ ରହିବା ଲାଗି ପୂଜାପର୍ବ ପରେ କେତେକ ଉପାୟରେ ବଡି ଡିଟକ୍ସ କରିବା ନିହାତି ଆବଶ୍ୟକ...**



**ପିଅନ୍ତୁ ଅଧିକ ପାଣି:** ଶରୀରକୁ ସୁସ୍ଥ ରଖିବା ଲାଗି ପାଣି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବାରେ ସାହାଯ୍ୟ କରେ ଏବଂ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ତେଣୁ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଇବା ଆବଶ୍ୟକ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ।

**ପ୍ରୋବାୟୋଟିକ୍ ଖାଇବା ଲାଭ ଦାୟକ:** ଖାଦ୍ୟଦ୍ୱାରା ଶରୀରକୁ ଯାଉଥିବା କୌଣସି ବିଷାକ୍ତ ପଦାର୍ଥକୁ ଦୂର କରିବା ଲାଗି ଖାଦ୍ୟ ତାଲିକାରେ ପ୍ରୋବାୟୋଟିକ୍ ସାମିଲ କରନ୍ତୁ। ଦହିରେ ଅଧିକ ମାତ୍ରାରେ ପ୍ରୋବାୟୋଟିକ୍ ରହିଛି। ଏହା ଏକ ପ୍ରକାରର ଫାଇବର, ଯାହାକୁ ଖାଇବା ଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

**ପରିବା ଜୁସ୍:** ଶରୀରକୁ ଡିଟକ୍ସ କରିବା ଲାଗି ବିଭିନ୍ନ ପରିବା ଜୁସ୍ ପିଇବା ବେଶ୍ ଉପକାରୀ। ଏଥିପାଇଁ ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଇପାରିବେ। ଏହା ଶରୀରକୁ ପୋଷକତତ୍ତ୍ୱ ଯୋଗାଇ ଦେବା ସହ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

**କମାନ୍ତୁ ଲୁଣ:** ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ପୂଜା ପର୍ବ ସମୟରେ ହେଉଥିବା ଛଣାଛଣି କିମ୍ବା ଅନ୍ୟାନ୍ୟ ଖାଦ୍ୟରେ ଶରୀରକୁ ଅଧିକ ଲୁଣ ଯାଇଥାଏ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ସହ ଅଧିକ ପାଣି ପିଇବା ଆବଶ୍ୟକ।

**ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ:** ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇଥାଏ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ।

## ସଂକ୍ଷେପରେ

### ଗଞ୍ଜେଇ ସହ ଗାଡ଼ି ଜବତ, ୩ ଗିରଫ

ସମ୍ବଲପୁର,୨୯।୧୦(ବ୍ୟୁରୋ): ଉତ୍ତରାଞ୍ଚଳ ଅବକାରୀ ବିଭାଗ ଶନିବାର ଚଢ଼ାଉ କରି ୫୨କେଜି ଗଞ୍ଜେଇ ସହ ଗାଡ଼ି ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିମଳେନ୍ଦୁ ସିଂ, ସୁନିଲ କୁମାର ସିଂ ଓ ଗୁରୁପ୍ରକାଶ ସିଂ। ସମସ୍ତେ ଉତ୍ତର ପ୍ରଦେଶର ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟ ଅବକାରୀ କମିଶନର ଆଶିଷ ସିଂ ଓ ଉତ୍ତରାଞ୍ଚଳ ଅବକାରୀ ଡେପୁଟି କମିଶନର ରାଜେନ୍ଦ୍ର ବତ୍ରାଙ୍କ ନିର୍ଦ୍ଦେଶରେ ଚଢ଼ାଉ କରାଯାଇଥିଲା। ଅବକାରୀ ବିଭାଗ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସହ ବିଭାଗୀୟ କର୍ମଚାରୀମାନେ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଠେଲକୋଲୋଇଠାରେ ପୋଲିସ ଗାଡ଼ି ଯାଞ୍ଚ କରିବା ସମୟରେ ଏକ ଟାଟା ସଫାରି ଗାଡ଼ିକୁ ଯାଞ୍ଚ କରି ସେଥିରୁ ୫୨ କେଜି ଗଞ୍ଜେଇ ଜବତ କରିଛନ୍ତି। ଗଞ୍ଜେଇ କନ୍ଧମାଳ ଜିଲା ବାଲିଗୁଡ଼ାରୁ ଉତ୍ତରପ୍ରଦେଶର ବନାରସକୁ ଚୋରା ଚାଲାଣ ହେଉଥିଲା। ଜବତ ଗଞ୍ଜେଇ ଓ ଗାଡ଼ିର ମୂଲ୍ୟ ୨୦ଲ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଲୁଟ୍ ମାମଲାରେ ଅଭିଯୁକ୍ତ ଗିରଫ: ବନ୍ଧୁକ, ଗୁଳି ଜବତ

ଝାରସୁଗୁଡ଼ା ଅଫିସ,୨୯।୧୦: ଝାରସୁଗୁଡ଼ା ଜିଲା ବେଲପାହାଡ ସବ୍‌ଡିଭିଜନ ବନ୍ଧବାହାଲ ସବ୍‌ଷ୍ଟେଶନ ଲୁଟ୍ ମାମଲାରେ ପୋଲିସ୍ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଓରିଏଣ୍ଟ ଥାନା ଅଭୟପୁର ମୁଣ୍ଡାପଡାର କିଶୋର ମୁଣ୍ଡା(୩୨)। ତାଙ୍କ ନିକଟରୁ ପୋଲିସ୍ ଏକ ଦେଶୀ ବନ୍ଧୁକ ସହ ଜୀବନ୍ତ ଗୁଳି ଜବତ କରିଛି। ସୂଚନା ଅନୁଯାୟୀ ଗତ ଜୁଲାଇ ୨ତାରିଖ ରାତିରେ ବନ୍ଧବାହାଲ ବିଦ୍ୟୁତ ସବ୍‌ଷ୍ଟେଶନରେ ଦୁର୍ବୃତ୍ତମାନେ ପଶି କର୍ମଚାରୀଙ୍କୁ ମାଡମାରି ଲୁଟ୍‌କରି ଫେରାର୍ ହୋଇଯାଇଥିଲେ। ଏ ନେଇ ସବ୍‌ଷ୍ଟେଶନ ଇଏସ୍‌ଓ ଅସିମ ଦାସ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ୧୪୨/୨୨) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ୧୩ଜଣ ସମ୍ପୃକ୍ତ ରହିଥିବାବେଳେ ପୋଲିସ୍ ୯ଜଣଙ୍କୁ ଗିରଫକରି ଲୁଟ୍ ସାମଗ୍ରୀ ଉଦ୍ଧାର କରିଛି। ବାକି ୩ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଆଇଆଇସି ଆନ୍ନା ମିଞ୍ଜ କହିଛନ୍ତି।

### ଗ୍ରାମାଞ୍ଚଳରୁ ସଂଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ**

ସମ୍ବଲପୁର,୨୯।୧୦(ବ୍ୟୁରୋ): ଗ୍ରାମାଞ୍ଚଳରୁ ଆମ୍ ଆଦ୍‌ମୀ ପାର୍ଟି (ଆପ) ସଂଗଠନ ସୁଦୃଢ଼ କରିବା ସମୟ ଆସିଛି। ତେଣୁ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ଦିଗରେ ଯତ୍ନବାନ ହେବା ଜରୁରୀ। ଏଥିସହ ସେମାନେ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଉଚିତ। ଏହାଦ୍ୱାରା ସଂଗଠନ ସୁଦୃଢ଼ ଓ ଶକ୍ତିଶାଳୀ ହୋଇପାରିବ। ଶନିବାର ସମ୍ବଲପୁର ଜିଲାର କୁସୁମଡିହିଠାରେ ଆୟୋଜିତ ଆପ୍‌ର ରେଙ୍ଗାଲି ବିଧାନସଭାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ନେତୃବୃନ୍ଦ ଏହି ଆହ୍ୱାନ ଦେଇଛନ୍ତି। ଜିଲା ସଂଯୋଜକ ଅମିତ ରାଏ ଓ ଜିଲା ସଭାପତି ଲାଲମଣି ଲୁଗୁନ ଯୋଗଦେଇ ଦିଲ୍ଲୀ ଓ ପଞ୍ଜାବରେ ଆପ୍ ସରକାର କିଭଳି ଲୋକାଭିମୁଖୀ କାର୍ଯ୍ୟ କରୁଛି ସେ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ପାଣି, ବେରୋଜଗାର, କୃଷି ଭିତ୍ତିକ ସମସ୍ୟା ରାଜ୍ୟରେ ଲାଗିରହିଛି। ୨୦୨୪ ନିର୍ବାଚନରେ ଦଳ ବିଜୟୀ ହେଲେ ସମସ୍ତ ସମସ୍ୟାର ସମାଧାନ କିଭଳି କରାଯିବ ସେ ନେଇ ନେତୃବୃନ୍ଦ ଆଲୋଚନା କରିଥିଲେ। ବଲାଙ୍ଗୀର ଜିଲାର ଆଶିଷ ପାଣ୍ଡେ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ସୁବେଶ ମୁଣ୍ଡା, ଜିଲା ଯୁବ ସଭାପତି ଲୁଲୁ ନାଏକ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଝାରସୁଗୁଡ଼ା ଜିଲା ସଭାପତି ସୁରେନ୍ଦ୍ର ସାହୁ, ରେଢ଼ାଖୋଲ ବିଧାନସଭା ସଭାପତି ଅଜୟ ସାହୁ ଓ ସମ୍ପାଦକ ଅନ୍ତର୍ଯାମୀ ପ୍ରଧାନ, ଲିଙ୍କନ କିଣ୍ଡୋ, ଦୀପକ ସହାୟ, ସଚ୍ଚିଦାନନ୍ଦ ପଟେଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସମ୍ବଲପୁର ଜିଲା ଉପସଭାପତି ଦେଓନିସ ଲୁଗୁନ ଧନ୍ୟବାଦ ଦେଇଥିଲେ।

# ସ୍ଥିତି ଅନୁଧ୍ୟାନ କଲା ସ୍ୱତନ୍ତ୍ର ବୈଷୟିକ ଟିମ୍

**ଶ୍ରୀଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଫାଟ ପ୍ରସଙ୍ଗ**

## ୨ରୁ ୩ ମାସ ମଧ୍ୟରେ ମରାମତି କାର୍ଯ୍ୟ ସରିବ

ପୁରୀ ଅଫିସ,୨୯।୧୦

ଦୀର୍ଘଦିନର ବ୍ୟବଧାନ ପରେ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ମରାମତି କାର୍ଯ୍ୟକୁ ନେଇ ବିବାଦ ଉଠିଛି। ଗତ କିଛିମାସ ତଳେ ଶ୍ରୀମନ୍ଦିର ରତ୍ନବେଦିରୁ ଚୂନ ଖସିଥିବା ବେଳେ ଏବେ ପୁଣି ଶ୍ରୀଗୁଣ୍ଡିଚା ମନ୍ଦିରର ଜଗମୋହନରୁ ପଥର ଖସିବା ସହ ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେବେ ଏହି ଘଟଣା ବିଷୟରେ ମନ୍ଦିର ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)କୁ ଅବଗତ କରାଯାଇଥିଲା। ହେଲେ ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିବାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ପଥର ଖସିବା ଓ ଫାଟ ହେବା କଥା ମନ୍ଦିର ପ୍ରଶାସନ ମାନିଥିବା ବେଳେ ଏନେଇ ଶନିବାର ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ବୈଷୟିକ ଟିମ୍ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ନାଟମଣ୍ଡପ ଓ ଜଗମୋହନର ସ୍ଥିତି ଅନୁଧ୍ୟାନ କରିଛି। ଜଗମୋହନ ଓ ନାଟମଣ୍ଡପର କଲମ ଓ ବିମ୍‌ରେ ସମସ୍ୟା ଥିବାରୁ ଏହାର ଅନୁଧ୍ୟାନ କରାଯାଇଛି। ଟିମ୍‌ରେ ବିଶିଷ୍ଟ ବିଶେଷଜ୍ଞ ତଥା କମିଟି ଚେୟାରମ୍ୟାନ ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ ସମେତ ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏନ୍.ସି. ପାଲ, ବିନ୍ଧେଶ୍ୱର ପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ଶ୍ରୀମନ୍ଦିର ପରିଚାଳନା କମିଟି ସେବାୟତ ସଦସ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଅନୁଧ୍ୟାନ କାର୍ଯ୍ୟରେ ସାମିଲ ହୋଇଥିଲେ। ତେବେ ସମସ୍ୟା ଥିବା ସ୍ଥାନଗୁଡିକୁ ଭଲଭାବେ ଯାଞ୍ଚ କରାଯାଇଛି। ବଡ଼ଧରଣର କୌଣସି ସମସ୍ୟା ନ ଥିବା ଟିମ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଗୁଣ୍ଡିଚା ମନ୍ଦିର ନାଟମଣ୍ଡପରେ ଥିବା ୪ଟି କଲମ ମଧ୍ୟରୁ ୩ଟିରେ ଫାଟ ହୋଇଛି। ତେବେ ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଏହାର ସାମୟିକ ମରାମତି ହୋଇଥିଲା। ରଥଯାତ୍ରା ପରେ ସ୍ୱତନ୍ତ୍ର ବୈଷୟିକ ଟିମ୍ ଯାଞ୍ଚକରି ପୂର୍ଣ୍ଣାଙ୍ଗ ମରାମତି ନେଇ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ନାଟମଣ୍ଡପ କଲମ, ବିମ୍ ସହ ପିଲରର ମଧ୍ୟ ମରାମତି କରାଯିବ। ତେବେ ଏ ନେଇ ବୈଷୟିକ ଟିମ୍‌ର ବରିଷ୍ଠ ବିଶେଷଜ୍ଞ ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସେପରି କିଛି ସମସ୍ୟା ନାହିଁ। ୪ଟି କଲମ ରହିଛି, ଉକ୍ତ କଲମ ଉପରେ ରୁଫ୍ ରହିଛି। ରୁଫ୍‌କୁ ସପୋର୍ଟ ଦେବା ପାଇଁ ଲୁହା ବିମ୍ ଦିଆଯାଇଛି। ତେବେ ବହୁଦିନ ତଳେ ଏହି କାମ ହୋଇଥିବାରୁ ସେଥିରେ ଏବେ କିଛିଟା ସମସ୍ୟା ଦେଖାଦେଇଛି। ରୁଫ୍ ଓ ବିମ୍ ମଧ୍ୟରେ ଫାଙ୍କ ଦେଖାଦେଇଛି, ଯାହାର ମରାମତି ନିହାତି ଆବଶ୍ୟକ। ମରାମତି ସମୟରେ ଅନ୍ୟ କ'ଣ କ'ଣ ସମସ୍ୟା ରହିଛି ତାହା ଜଣାପଡ଼ିପାରେ। ଯଦି ଅନ୍ୟ କୌଣସି ସମସ୍ୟା ନ ଥିବ ତେବେ ୨ରୁ ୩ ମାସ ଭିତରେ କାର୍ଯ୍ୟ ସରିଯିବ ବୋଲି ବିଶେଷଜ୍ଞ ଭଟ୍ଟାଚାର୍ଯ୍ୟ କହିଛନ୍ତି। ସେହିପରି ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏନ୍.ସି. ପାଲ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ରହିଛି। ପୂର୍ବରୁ ୧୯୯୪ ମସିହାରେ ଗୁଣ୍ଡିଚା ମନ୍ଦିରର ଗର୍ଭଗୃହ ମରାମତି ହୋଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବରୁ ଗୁଣ୍ଡିଚା ମନ୍ଦିର ନାଟ ମଣ୍ଡପର ଷ୍ଟୋନ୍ କଲମର ସାମୂହିକ କାର୍ଯ୍ୟ କରାଯାଇଥିଲା। ଶ୍ରୀମନ୍ଦିର ନାଟମଣ୍ଡପ ଓ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ନିର୍ମାଣଶୈଳୀ ପ୍ରାୟ ସମାନ। ସମସ୍ୟା ଥିବା ଗୋଟିଏ ବିମ୍‌ରେ ସାମୂହିକ ମରାମତି କାର୍ଯ୍ୟ କରିବା ସମୟରେ ଅନ୍ୟ କଲମଗୁଡ଼ିକରେ ସମସ୍ୟା ଥିବା ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ରଥଯାତ୍ରା ପରେ ଯାଞ୍ଚ କରାଯିବା ନେଇ ସ୍ଥିର କରାଯାଇଥିଲା। ତେଣୁ ଶନିବାର ଯାଞ୍ଚ କରାଯାଇଥିବାବେଳେ ସେଭଳି କିଛି ଗୁରୁତର ସମସ୍ୟା ନାହିଁ। ପର୍ଯ୍ୟାୟକ୍ରମେ ମରାମତି ହେବ। ତେବେ ଶନିବାର ପ୍ରାଥମିକ ଭାବେ ଅନୁଧ୍ୟାନ କରାଯାଇଛି। ଏ ନେଇ ଏକ ଆଲୋଚନା କରାଯାଇ ୧୦ ଦିନ ଭିତରେ ଫାଇନାଲ ହୋଇ କାର୍ଯ୍ୟ ଆରମ୍ଭ କରାଯିବ। ଅନ୍ୟପଟେ ଗୁଣ୍ଡିଚା ମନ୍ଦିର ନାଟମଣ୍ଡପ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସମସ୍ୟା ନାହିଁ ବୋଲି ବୈଷୟିକ କମିଟି ସଦସ୍ୟ ପାଲ୍ କହିଛନ୍ତି।



ଶ୍ରୀଗୁଣ୍ଡିଚା ମନ୍ଦିର ଯାଞ୍ଚ କରିବାକୁ ଆସିଥିବା ଶ୍ରୀମନ୍ଦିର ବୈଷୟିକ କମିଟି ବିଶେଷଜ୍ଞ ଓ ସଦସ୍ୟ।

# ୩୧ରୁ ଜୟପୁରରୁ ନିୟମିତ ଉଡ଼ିବ ବିମାନ

**ବିମାନବନ୍ଦର ବୁଲି ଦେଖିଲେ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାପାଳ**

- ୭୨ ସିଟ୍‌ବିଶିଷ୍ଟ ବିମାନ ଆସିବା ଉପରେ ଗୁରୁତ୍ୱ
- ଅବିଭକ୍ତ କୋରାପୁଟ ଜିଲାରେ ଖୁସିର ଲହରି





କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖ୍‌ତାର ବିମାନବନ୍ଦର ପରିଦର୍ଶନ କରୁଛନ୍ତି।

ଜୟପୁର,୨୯।୧୦ (ନି.ପ୍ର.)

କୋରାପୁଟ ଜିଲାବାସୀଙ୍କ ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ଆସନ୍ତା ୩୧ ତାରିଖଠାରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ଜୟପୁର ବିମାନବନ୍ଦରରୁ ଭୁବନେଶ୍ୱରକୁ ନିୟମିତ ବିମାନ ଉଡ଼ାଣ ଆରମ୍ଭ ହେବ। ଏନେଇ ଗତ ୨୦ରେ ବିମାନବନ୍ଦରକୁ ଲାଇସେନ୍ସ ମିଳିଥିବା ବେଳେ ଏବେ ବିମାନ ଉଡ଼ାଣ ଲାଗି ସ୍ଥିର ହୋଇଛି। ଏଥିପାଇଁ ଜୟପୁରଠାରୁ ଭୁବନେଶ୍ୱର ପାଇଁ ଅନ୍‌ଲାଇନ ଟିକେଟ ବୁକିଂ ପାଇଁ ମଧ୍ୟ ଘୋଷଣା ହୋଇଛି। ଜୟପୁରଠାରୁ ଭୁବନେଶ୍ୱର ପାଇଁ ୯୯୯ ଟଙ୍କା ଟିକେଟ ମୂଲ୍ୟ ରହିଛି। ଜୟପୁରରୁ ବିମାନ ସେବା ଆରମ୍ଭ ହେଲେ ଅଭିବକ୍ତ କୋରାପୁଟ ଜିଲାବାସୀ ଉପକୃତ ହେବେ। ଜୟପୁର-ଭୁବନେଶ୍ୱର ମଧ୍ୟରେ ଯାତ୍ରୀବାହୀ ବିମାନ ଉଡ଼ିବା ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଉତ୍ସାହ ଦେଖାଦେଇଛି। ଶନିବାର ମନ୍ତ୍ରୀ ଜଗନ୍ନାଥ ସାରକା ବିମାନବନ୍ଦରର ପ୍ରସ୍ତୁତି ବୁଲି ଦେଖିଛନ୍ତି। ଏହି ଅବସରରେ ସେ ଉପସ୍ଥିତ ଅଧିକାରୀ ପିଏ ଆଇଟିଡିଏ ଗୋପୀନାଥ ସାରକା, ବିମାନ ବନ୍ଦର ପାଇଁ ଅଧିକୃତ ଅଧିକାରୀ ଇଂ. ଭାସ୍କର ସାମନ୍ତରାୟଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ବନ୍ଦରକୁ କିଭଳି ୭୨ ସିଟ୍ ବିଶିଷ୍ଟ ବିମାନ ଆସିବ ଏବଂ ବିମାନବନ୍ଦର ଲାଗି ଆବଶ୍ୟକ ଥିବା ଆଉ ୨୦୫ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ରାଜ୍ୟ ସରକାରଙ୍କଠାରୁ କିପରି ଶୀଘ୍ର ଅନୁମତି ମିଳିବ ସେନେଇ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଥିଲେ। ୩୧ରୁ ନିୟମିତ ବିମାନ ଉଡ଼ିବା ନେଇ ବିଧାୟକ ତାରାପ୍ରସାଦ ବାହିନୀପତି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ଅବ୍‌ଦାଲ ଏମ୍. ଅଖତାର, ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ର ଜୟପୁର ବିମାନବନ୍ଦର ପରିଦର୍ଶନ କରି ସହକାରୀ ନିର୍ବାହୀ ଯନ୍ତ୍ରୀ ସୋମନାଥ ତ୍ରିପାଠୀଙ୍କ ସହ ଆଲୋଚନା କରି ଫେରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଳଦ ଗୋଡ଼ରେ ବାଗୀ;**
**ଏ ଯୁବା ବୟସ ଯାଉଛି ଭାଙ୍ଗି,**
**ଏକା ପାନଖିଆ ଲାଗି ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣା ଦାୟକ ହୋଇଥାଏ। ମନର ମଣିଷକୁ ନିଜର କରିବା ପାଇଁ ବା ଆପଣାର କରିବାକୁ ଦୀର୍ଘ ପ୍ରତିକ୍ଷାରତ ରମଣୀ ନିଜର ବୟସ ଗଡେଇ ଗଡେଇ ଆଶା ନିରାଶାରେ ପରିଣତ ହେଲେ ମନର ସବୁ ସରାଗ ମଉଳିଯାଏ। ମନରେ ଥିବା ସବୁ ଆଶା ପାଣି ଫୋଟକା ପରି ମିଳେଇଯାଏ। ଏପରିସ୍ଥଳେ ସେ ବିରହଜନିତ ଦୁଃଖରେ ଭାଙ୍ଗିପଡିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଡ଼ି ହୋଇକରି ଗବଡାଙ୍ଗ ହେଲେ**
**ତାକୁ ନ ଛାଡ଼ିବ କ୍ଷଣେ;**
**ଶତ୍ରୁକୁ ଆଣ୍ଟିବ, ପାଣିକୁ କଣ୍ଟିବ,**
**ସଙ୍ଗେ ହୋଇଥିବ ଜଣେ ।**

ଶତ୍ରୁକୁ ପ୍ରତିରୋଧ କରିବା ବେଳେ ତଥା ପାଣିର ଗଭୀରତା ମାପିବା ବେଳେ ସାମାନ୍ୟ ବାଡ଼ି ମଧ୍ୟ କାମରେ ଲାଗିଥାଏ। ସେହିପରି ବନ୍ଧୁ ଯେତେ ନଗଣ୍ୟ ହୋଇଥିଲେ ମଧ୍ୟ ଯଦି ସେ ଅନୁରକ୍ତ ହୋଇଥାଏ, ତେବେ ତାକୁ ପାଖଛଡ଼ା କରିବା ଅନୁଚିତ। କାରଣ ବେଳ ପଡ଼ିଲେ ସେଭଳି ବନ୍ଧୁ ମଧ୍ୟ ଯଥେଷ୍ଟ ଉପକାରରେ ଆସିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରଶାସନ ପକ୍ଷରୁ ୩ ବେଆଇନ କ୍ଲିନିକ୍ ସିଲ୍





ପ୍ରଶାସନ ପକ୍ଷରୁ ଏକ ଡେଣ୍ଟାଲ କ୍ଲିନିକକୁ ସିଲ୍ କରାଯାଉଛି

ବୌଦ୍ଧ,୨୯।୧୦(ସ୍ୱ.ପ୍ର.)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଚାଲିଥିବା ସହରର ୩ ଗୋଟି କ୍ଲିନିକକୁ ଶନିବାର ସିଲ୍ କରାଯାଇଥିବା ଜଣାପଡିଛି।

ମିଳିଥିବା ସୂଚନା ମୁତାବକ, ସହରର ନଟରାଜ ଡାଇଗ୍ନୋଷ୍ଟିକ, ପ୍ରଧାନ ଡେଣ୍ଟାଲ କ୍ଲିନିକ ଓ ସାଇ ଡେଣ୍ଟାଲ କ୍ଲିନିକକୁ ସିଲ୍ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ଉକ୍ତ କ୍ଲିନିକଗୁଡିକ ଚଳାଯାଉ ନ ଥିବାରୁ ସିଲ୍ କରାଯାଇଥିବା ଜଣାପଡିଛି। ଚଢାଉ ସମୟରେ ଉପଜିଲାପାଳ ସତନ କୁମାର ନାଏକ, ଡା. ବିଜୟ କୁମାର ଦାସ ଓ ଜିଲା ଡ୍ରଗ ଇନ୍ସପେକ୍ଟର ସନ୍ତୋଷ କୁମାର ପ୍ରଧାନ ସାମିଲ ଥିଲେ। ଏନେଇ ଜିଲା ଡ୍ରଗ ଇନ୍ସପେକ୍ଟର ପ୍ରଧାନଙ୍କୁ ପଚାରିବାରେ ସରକାରଙ୍କ ନିୟମ ଅନୁସାରେ ସ୍ଥାପନ କରାଯାଇ ନ ଥିବାରୁ ସିଲ୍ କରାଯାଇଥିବା ସୂଚନା ଦେଇଛନ୍ତି। ଉକ୍ତ କ୍ଲିନିକଗୁଡିକ ପ୍ରାୟ ୧ବର୍ଷ ହେବ ସହରରେ ଚାଲିଥିବା ବେଳେ ଆଜି ପର୍ଯ୍ୟନ୍ତ କିପରି ପ୍ରଶାସନ ଜାଣି ପାରିଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ କିଛି ଦିନ ତଳେ ରେଡକ୍ରସ ପାଣ୍ଠି ବୃଦ୍ଧିକୁ ନେଇ ଜିଲା ପ୍ରଶାସନ ଏବଂ ଔଷଧ ଦୋକାନୀଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦକୁ ନେଇ ଏପରି ଚଢାଉ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି।


**Government of Odisha**
**"e" Procurement Notice**
**WORKS DEPARTMENT**

No.B-749:-

**BID Identification No. C.C.E.K.C., Keonjhar No. 25/2022-23**

e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 4807 dt.27.10.2022

| | | |
|---|---|---|
| 1 | No. of the work | : 2 number Road Works |
| 2 | Estimated cost | : Rs.267.08 lakhs to Rs.466.74 lakhs |
| 3 | Period of completion | : 2 (Two) calendar months |
| 4 | Date and time of availability of bid document in the portal | : From 11.30 hours of 31.10.2022 to 16.00 hours of 15.11.2022 |
| 5 | Last date / time for receipt of bids in the portal | : 16.00 hours of 15.11.2022 |
| 6 | Date of opening of bid from portal | : 11.30 hours on 16.11.2022 |
| 7 | Name and address of the officer inviting bid | : Chief Construction Engineer, Keonjhar (R&B) Circle, Keonjhar- 758001 |

Further details can be seen from the e-procurement portal "http://tendersodisha.gov.in"

Sd./- Chief Construction Engineer
Keonjhar (R&B) Circle, Keonjhar

OIPR-34033/11/0035/2223



**Odisha State Museum**
**Kalpana Square, Bhubaneswar**
**TENDER CALL NOTICE No.1842/OSM.**
**Dated. 28.10.2022**

**No.RR-35:On behalf of Odisha State Museum the Superintendent invites sealed tender on item rate basis from the eligible creative agencies/reputed interior decorators having experience in** Museum Gallery reorganization/development Work for PREPARATION OF DPRs FOR REORGANIZATION/ DEVELOPMENT OF 1. IVORY GALLERY, 2. PRE-HISTORY GALLERY, 3. TEXTILE GALLERY and 4. NATURAL HISTORY GALLERY (BIRDs AND MAMMALs) IN ODISHA STATE MUSEUM, BHUBANESWAR

1. Last date & Time of sale of Tender document- Dt. 10.11.2022 3.30 PM
2. Last date of receipt of Tender documents- Dt.10.11.2022 4.30 PM
3. Date & time of opening of Bids - Dt. 11.11.2022 11.00 A.M

**For details, please visit Govt. website www.tendersodisha.gov.in and Odisha State Museum website www.odishamuseum.nic.in**

(Bidders are requested to visit the website www.odishamuseum.nic.in regularly for any amendment, corrigendum/ cancellation of the tender)

Sd./- Superintendent of Museum,
Odisha, Bhubaneswar

OIPR-03015/11/0006/2223



**ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଲିଃ.**
**ODISHA PISCICULTURE DEVELOPMENT CORPORATION LIMITED**

ISO 9001:2015

(A Government of Odisha Undertaking)
'D', Nayapalli, Bhubaneswar-751012,
website: http://opdc.odisha.gov.in,
Email Id: mdopdc@rediffmail.com, Tel.: 0674-2393522
EoI No.2103 OPDC/PROD/FP-14/2022/ DT. 27.10.2022

**"EoI for Supply of Fish Fingerlings for the year 2022-23**

**No.CAD-2307:-** Odisha Pisciculture Development Corporation Ltd. invites EOI for Supply of Fish Fingerlings for the year 2022-23 towards stocking of fingerlings in the Reservoirs and Rivers in different districts of Odisha under various Govt. Programmes.

**Time schedule of various tender related events**

| | |
|---|---|
| Bid calling date | 28.10.2022 |
| Availability of Bid document (in website & Head Office of OPDC Ltd., Bhubaneswar) | 28.10.2022 to 08.11.2022 (upto 5.00 PM) |
| Bid Submission Starting date | 29.10.2022 11.00 AM onwards |
| Bid Closing date/time | 09.11.2022, 11 AM |
| Technical Bid opening date/time | 09.11.2022, 12.00 PM |

The authority reserves the right to reject any or all the EoI without assigning any reason thereof. The advertisement and tender document is also available in website http://opdc.odisha.gov.in & www.fishfedodisha.in.

OIPR-06020/11/0008/2223 Sd./-Managing Director



**ବାରିପଦା ପୌରପରିଷଦ କାର୍ଯ୍ୟାଳୟ, ବାରିପଦା**

**ଘୋଷଣାନାମା**

ପତ୍ର ସଂଖ୍ୟା 7735 ତା27.10.22ରିଖ

No.C-1468:- ଏତଦ୍ୱାରା ବାରିପଦା ପୌରପାଳିକାଠାରୁ ଆବଣ୍ଟନ ମାଧ୍ୟମରେ ପାଇଥିବା ସମସ୍ତ ଦୋକାନ ଗୃହର ମାଲିକାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତା ନଭେମ୍ବର ୦୮ -୨୦୨୨ରିଖ ସୁଦ୍ଧା ସେମାନଙ୍କର ଦୋକାନ ଗୃହର ସମ୍ପୂର୍ଣ୍ଣ ବକେୟା ଭଡ଼ା ପୌରପାଳିକା କାର୍ଯ୍ୟାଳୟରେ ପୈଠ କରିବା ସହିତ ସେମାନଙ୍କ ଦୋକାନ ଗୃହର ନୂତନ ଚୁକ୍ତିନାମା କରାଇନେବେ । ଯେଉଁ ଖିଲାପକାରୀ ଦୋକାନ ଗୃହ ମାଲିକମାନେ ଅଦ୍ୟାବଧି ସେମାନଙ୍କର ବକେୟା ଭଡ଼ା ପ୍ରଦାନ କରିନାହାନ୍ତି, ସେମାନେ ୨ (ଦୁଇ) ଦିନ ମଧ୍ୟରେ ପୌର କାର୍ଯ୍ୟାଳୟରେ ସମସ୍ତ ବକେୟା ଭଡ଼ା ପୈଠ କରି ଦୋକାନ ଗୃହର ନୂତନ ଚୁକ୍ତିନାମା କରାଇବାର ସୁଯୋଗ ନେବେ, ନଚେତ୍ ସେମାନଙ୍କର ଦୋକାନ ଗୃହଗୁଡ଼ିକ ତାଲାବନ୍ଦ କରାଯିବ । ଖିଲାପକାରୀ ଦୋକାନଗୃହ ମାଲିକଙ୍କ ବିରୁଦ୍ଧରେ ନିର୍ଦ୍ଧାରିତ ସମୟସୀମା ପରେ ଆଇନ୍ ଅନୁଯାୟୀ ପୌରପାଳିକା ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବକେୟା ଭଡ଼ା ଏବଂ ଚୁକ୍ତିନାମା ବିଷୟରେ ସମସ୍ତ ବିବରଣୀ ନିମନ୍ତେ ବାରିପଦା ପୌରପରିଷଦ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ବାରିପଦା ପୌରପରିଷଦ

OIPR-13078/11/0040/2223



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 19876/IND-II-PH-୧୦୯୪ ତାରିଖ: 28.10.22
No.CAD-2310

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ସୁନୀଲ କୁମାର ମହାନ୍ତି ଓଡ଼ିଶାର ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠ ତହସିଲ ଅନ୍ତର୍ଗତ ଆୟପୁଆ ଗ୍ରାମରେ ୬.୩୭୭ ହେକ୍ଟର ପରିମିତ ଅଞ୍ଚଳରେ ଖାତା ନଂ.୬୯୪, ପ୍ଲଟ୍ ନଂ. ୦୧, ୭୧, ୭୧/୨୧୭୯ ଓ ୧୨୮୯ ସ୍ଥିତ ଆୟପୁଆ ବାଲିଘାଟ ନିମନ୍ତେ ପରିବେଶୀୟ ମଞ୍ଜୁରୀ** ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୩୦.୧୧.୨୦୨୨ରିଖ ଦିବା ୧୧ ଘଟିକା ସମୟରେ ଗଞ୍ଜାମ ଜିଲ୍ଲା ଆୟପୁଆ ମୌଜା (ଖାତା ନଂ. ୬୯୬ରେ ଥିବା ସରକାରୀ ଜମି ଉପରେ ପ୍ଲଟ୍ ନଂ. ୩୭୫/୨୨୫୬, ୦.୧୨୦ ଏକର ଯାହା ଆୟପୁଆ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଛତ୍ରପୁର, ଗଞ୍ଜାମ ।**
୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଛତ୍ରପୁର, ଗଞ୍ଜାମ ।**
୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଛତ୍ରପୁର, ଗଞ୍ଜାମ ।**
୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର ।**
୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବ୍ରହ୍ମପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

OIPR-08012/11/0341/2223

## ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ:** ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ 'ଅଲ-ନିଉ ପିକଲ୍ ମୋଡ୍ ମାଇକ୍ରୋୱେଭ'ର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ସେମାନଙ୍କ ପସନ୍ଦର ଖଟା ତିଆରି କରିପାରିବେ ଏବଂ ବହୁଦିନରୁ ପ୍ରଚଳିତ ଖରାରେ ଶୁଖାଇ ଖଟା କରିବାର ଝିନ୍‌ଝଟରୁ ମୁକ୍ତି ପାଇବେ। ବିଶେଷକରି ଗୃହିଣୀ, ନୂଆ ପିଢ଼ି ଏବଂ କର୍ମଜୀବୀମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଅଭିନବ ପିକଲ୍ ମୋଡ୍ ଥିବା ଏହି ନୂଆ ମାଇକ୍ରୋୱେଭ୍ ଗ୍ରାହକମାନଙ୍କୁ ନିଜ ଘରେ ଆରାମରେ ରହି ବର୍ଷ ତମାମ ବିଭିନ୍ନ ପ୍ରକାର ସ୍ୱଚ୍ଛ ଖଟା ପ୍ରସ୍ତୁତ କରିବାରେ ସହାୟକ ହେବ।

# ଅସ୍ଥିରତା ମଧ୍ୟରେ ବିଶ୍ୱ ଅର୍ଥବ୍ୟବସ୍ଥା

## ଯନ୍ତ୍ରଣା ବଢ଼ାଉଛି ଦରବୃଦ୍ଧି



ନୂଆଦିଲ୍ଲୀ,୨୯।୧୦

ଗତ କିଛି ମାସ ହେବ ଉଭୟ ଭୌଗୋଳିକ ଓ ରାଜନୈତିକ କାରଣରୁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ବ୍ୟାପକ ପ୍ରଭାବ ପକାଇଛି ବୋଲି ଏକ ଅନ୍ତଃରାଷ୍ଟ୍ରୀୟ ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି। ଏପରିକି ଗତ ୨ ବର୍ଷର କୋଭିଡ୍ କଟକଣା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥା ଏକ ପ୍ରକାର ନିମ୍ନଗାମୀ ହୋଇପଡ଼ିଥିଲା। ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ସାରା ବିଶ୍ୱ ନାନାଦି ଉପାୟ ଓ ପଦକ୍ଷେପ ଗ୍ରହଣ କରିଥିଲା। ସେହିଭଳି ଅର୍ଥ ବ୍ୟବସ୍ଥାରେ ସୁଧାର ପାଇଁ କୋଭିଡ୍ କଟକଣାକୁ କୋହଳ କରିଥିଲା ବେଳେ ଭୌଗୋଳିକ ସମସ୍ୟା ଏକ ପ୍ରକାର ପ୍ରତିବନ୍ଧକ ସାଜିଥିଲା। ସେହିଭଳି ଅନ୍ତଃରାଷ୍ଟ୍ରୀୟ ବିବାଦଗୁଡିକ ପାଇଁ ଦରବୃଦ୍ଧି ଓ ଅର୍ଥ ବ୍ୟବସ୍ଥା ଉଭୟ ସରକାର ଓ ଜନସାଧାରଣଙ୍କୁ ଚିନ୍ତାରେ ପକାଇ ଦେଇଛି। ଖାଲି ଭାରତ ଯେ ମାନ୍ଦାବସ୍ଥା ଓ ଦରବୃଦ୍ଧିର ସମ୍ମୁଖୀନ ହେଉଛି ତା' ନୁହେଁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ରହିଛି। ଆୟଠାରୁ ଆରମ୍ଭକରି ଦରବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ପାଇଁ ସବୁ ଦେଶର ସରକାର ପ୍ରାଣପଣେ ଲାଗିଛନ୍ତି। ହେଲେ ମୁଦ୍ରାସ୍ଫୀତ ଓ ଉଚ୍ଚ ଦର ଏବଂ ବେକାରି ସମସ୍ୟା ଯୋଗୁ ଅସ୍ଥିରତା ଦେଖାଦେଇଛି। ସେହିପରି ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଦରଦାମ ବୃଦ୍ଧି ଜାରି ରହିଛି। କାରଣ ଆମଦାନୀ ଓ ରପ୍ତାନି ଜନିତ ସମସ୍ୟା ଯୋଗୁ ଦରବୃଦ୍ଧି ମୁଖ୍ୟ ସମସ୍ୟା ପାଲଟିଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ମୁଦ୍ରାସ୍ଫୀତିକୁ ଆୟତ୍ତରେ ରଖିବା ପାଇଁ ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଦରବୃଦ୍ଧି ଓ ଅର୍ଥ ବ୍ୟବସ୍ଥାରେ ସୁଧାର ପରିଲକ୍ଷିତ ହେଉନାହିଁ। ଏଭଳି ପରିସ୍ଥିତିରେ ଆର୍‌ବିଆଇ ଆସନ୍ତା ମାସରେ ଏକ ଜରୁରିକାଳୀନ ଏମ୍‌ପିସି ବୈଠକ ଡକାଇଛନ୍ତି। ଉକ୍ତ ବୈଠକ ପରେ ଆର୍‌ବିଆଇ ପୁଣି ଥରେ ଋଣ ସୁଧ ହାରକୁ ବଢାଇପାରନ୍ତି ବୋଲି ଆକଳନ କରାଯାଉଛି। ଫଳରେ ସୁଧ ହାର ବୃଦ୍ଧି ହେଲେ ଦରବୃଦ୍ଧି ଓ ଖର୍ଚ୍ଚ ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇବ।

## ଚିନି ରପ୍ତାନି ସମୟସୀମା ବୃଦ୍ଧି କଲେ ସରକାର

ନୂଆଦିଲ୍ଲୀ,୨୯।୧୦

କେନ୍ଦ୍ର ସରକାର ଚିନି ରପ୍ତାନି ପ୍ରତିବନ୍ଧକ ଉପରେ ଆଉ ୧ ବର୍ଷ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଡିଜିଏଫ୍‌ଟି କହିଛନ୍ତି, ବିଶୋଧିତ ଓ ଧଳା ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ୩୧ ଅକ୍ଟୋବର ୨୦୨୨ରୁ ୩୧ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ସମୟ ବୃଦ୍ଧି କରାଯାଇଛି।

ତେବେ ଘରୋଇ ବଜାରରେ ଚିନି ଉପଲବ୍ଧତାକୁ ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ଏହାର ରପ୍ତାନି ଉପରେ ପ୍ରତିବନ୍ଧକକୁ ଆସନ୍ତା ବର୍ଷ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ସ୍ପଷ୍ଟ କରିଛନ୍ତି ଯେ, ସିଏକ୍ସଏଲ୍ ଓ ଟିଆର୍‌କ୍ୟୁ ଡ୍ୟୁଟି ରିହାତି କୋଟା ଅନ୍ତର୍ଗତ ୟୁରୋପୀୟ ୟୁନିଅନ୍ ଏବଂ ଆମେରିକାକୁ ଚିନି ରପ୍ତାନିରେ ଏହି ପ୍ରତିବନ୍ଧକ ଲାଗୁ କରାଯିବ ନାହିଁ।

## ଏସ୍‌ବିଆଇର ବିଶେଷ ଅଭିଯାନ ୨.୦



ଭୁବନେଶ୍ୱର,୨୯।୧୦

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ବିଶେଷ ଅଭିଯାନ ୨.୦' ଅଧୀନରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପାଣ୍ଡରାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ଏସ୍‌ବିଆଇର ବିଶେଷ ଅଭିଯାନ ୨.୦ର ଆୟୋଜନ ହୋଇଥିଲା। ଏପରିକି ବ୍ୟାଙ୍କର କର୍ମଚାରୀ ମାନଙ୍କ ଦ୍ୱାରା ଉକ୍ତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଭାବ ବିନିମୟ ଏବଂ ସଫେଇ, ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ବ୍ୟାଙ୍କର ଉପ ମହା ପ୍ରବନ୍ଧକ ସୁଶାନ୍ତ କୁମାର ସାହୁ ଏବଂ ମୁନିସ କୁମାରଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ସତ୍ୟବ୍ରତ ମିଶ୍ର, ଅମରେଶ ଦାସ, ଆର୍ତ୍ତବନ୍ଧୁ ବେହେରା, ଅକ୍ଷୟ କୁମାର ସାହୁଙ୍କ ସମେତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟର ଅନ୍ୟ ସହକର୍ମୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

## ସିଜିୟୁ ଛାତ୍ରଙ୍କ ବିରଳ ସଫଳତା



ସୁବ୍ରତ ପଟେଲ

ଭୁବନେଶ୍ୱର,୨୯।୧୦

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି. ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟି (ସିଜିୟୁ)ର ହୋଟେଲ ମ୍ୟାନେଜମେଣ୍ଟ ଛାତ୍ର ସୁବ୍ରତ ପଟେଲ ଏକ ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। ବିଶେଷକରି ସୁଇଜରଲାଣ୍ଡର ଲୁଜେନଠାରେ ଅନୁଷ୍ଠିତ ୱାର୍ଲଡ୍ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୁବ୍ରତ ରେଷ୍ଟୁରାଣ୍ଟ ସର୍ଭିସରେ ଭାରତ ପାଇଁ ମେଡାଲ ଅଫ୍ ଏକ୍ସଲେନ୍ସି ହାସଲ କରିଛନ୍ତି। ଏପରିକି ସିଜିୟୁର ଅଭିଲାଷ ଦାସଙ୍କ ତତ୍ତ୍ୱାବଧାନରେ ସୁବ୍ରତ ରେଷ୍ଟୁରାଣ୍ଟ ସର୍ଭିସ ଟେକ୍ନୋଲୋଜି ଉପରେ ତାଙ୍କ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଅପରପକ୍ଷରେ ସୁବ୍ରତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିରେ ହୋଟେଲ ମ୍ୟାନେଜମେଣ୍ଟରେ ସ୍ନାତକ କରୁଛନ୍ତି। ସୁବ୍ରତଙ୍କ ଏହି ସଫଳତା ପାଇଁ ତାଙ୍କୁ ସବୁ ସ୍ତରରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ମଧ୍ୟ ମିଳିଛି। ସେହିଭଳି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସି.ଭି. ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର ଛାତ୍ରୀଛାତ୍ର ବିଭିନ୍ନ ସମୟରେ ଦେଶ ପାଇଁ ସୁନାମ ଆଣିବାରେ ଲାଗିଛନ୍ତି। ଉଲ୍ଲେଖଯୋଗ୍ୟ, ସୁଇଜରଲାଣ୍ଡର ଲୁଜେନଠାରେ ୱାର୍ଲଡ ସ୍କିଲ୍ସ ପ୍ରତିଯୋଗିତା-୨୦୨୨ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଦେଶର ୫୮ ଜଣ ପ୍ରତିଯୋଗୀ ସାମିଲ ହୋଇଥିଲେ।

## ଲକ୍ଷ୍ୟ ପୂରଣରେ ବିଓଆଇ ପ୍ରଥମ ଡିବିୟୁ

ଭୁବନେଶ୍ୱର,୨୯।୧୦



ଭାରତର ୭୫ ଜିଲାରେ ୭୫ ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ)ର ଶୁଭାରମ୍ଭ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଡିବିୟୁ ବ୍ୟାଙ୍କଗୁଡିକୁ ଏକ ଲକ୍ଷ୍ୟ ପୂରଣର ଆହ୍ୱାନ ଦେଇଥିଲେ। ଯେଉଁ ଲକ୍ଷ୍ୟକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ପ୍ରଥମ ପୂରଣ କରିଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏପରିକି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବିଓଆଇର ଡିବିୟୁ ପକ୍ଷରୁ ୧୦୦ଜଣ ନୂତନ ଗ୍ରାହକଙ୍କୁ ଡିଜିଟାଲ ଅନ୍-ବୋର୍ଡିଂ କରାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଓଆଇର ଖୋର୍ଦ୍ଧା ଜିଲା ଡିବିୟୁ ଶାଖା ପକ୍ଷରୁ ଏକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. କେ. ଦାସଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଦାସ କହିଥିଲେ, ବ୍ୟାଙ୍କର ଏହି ସଫଳତା ପାଇଁ ଆମେ ବେଶ୍ ଉତ୍ସାହୀ ରହିଛୁ। ବିଶେଷକରି ସମସ୍ତ ବିଭାଗ ଦ୍ୱାରା ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ଗ୍ରହଣ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିବା ସହ ୧୦୦ ଜଣ ନୂଆ ଗ୍ରାହକଙ୍କୁ ସ୍ୱାଗତ କରିବା ସାଙ୍ଗକୁ ସେମାନଙ୍କୁ ଏଟିଏମ୍ କାର୍ଡ,କ୍ୟୁଆର୍ କୋଡ୍ ଏବଂ ବିତ୍ତୀୟ ଉତ୍ପାଦ ଥିବା କିଟ୍ ପ୍ରଦାନ କରିଥିଲେ। ସେହିପରି ଡିବିୟୁ ଡିଜିଟାଲ ଡକ୍ୟୁମେଣ୍ଟେଶନ ମଧ୍ୟ ପ୍ରଦାନ କରିଥାଏ। ଫଳରେ ଶାଖା ପରିଦର୍ଶନ ନ କରି ମଧ୍ୟ ତୁରନ୍ତ ଚୁକ୍ତିନାମା କାର୍ଯ୍ୟକାରୀ କରିବାରେ ଡିବିୟୁ ସାହାଯ୍ୟ କରିଥାଏ। ଅପରପକ୍ଷରେ ଏନ୍‌ବିଜି-ପୂର୍ବର ମହାପ୍ରବନ୍ଧକ ମନୋଜ କୁମାର ସିଂହ ଡିଜିଟାଲ ମୋଡ୍ ମାଧ୍ୟମରେ ବ୍ୟାଙ୍କିଙ୍ଗ୍ କାରବାରକୁ ସର୍ବାଧିକ କରିବାକୁ ମଧ୍ୟ ବିଓଆଇର ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

## କୋଇଲା ମନ୍ତ୍ରଣାଳୟର ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୨.୦

ନୂଆଦିଲ୍ଲୀ,୨୯।୧୦

ଦୀର୍ଘ ଏକମାସ ବ୍ୟାପୀ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ୨.୦ର ଆୟୋଜନ କରାଯାଇଛି। ଚଳିତ ବର୍ଷ ଅକ୍ଟୋବର ୨ରୁ ୩୧ ତାରିଖ ପର୍ଯ୍ୟନ୍ତ ସକ୍ରିୟ ଭାବେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ସମୟ ମଧ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଅନେକ ସାମାଜିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ଏପରିକି ଏହାର ତଦାରଖ ଓ କାର୍ଯ୍ୟକାରିତା ପାଇଁ ମନ୍ତ୍ରଣାଳୟ-ବିଭାଗଗୁଡ଼ିକ ବ୍ୟତୀତ କ୍ଷେତ୍ରୀୟ କାର୍ଯ୍ୟାଳୟ ଉପରେ ମଧ୍ୟ ବିଶେଷ ଧ୍ୟାନ ପ୍ରଦାନ କରାଯାଉଛି। ସାରା ଦେଶରେ କୋଇଲା କ୍ଷେତ୍ରରେ ସଫେଇ ଅଭିଯାନ କରାଯାଉଛି। ସେହିଭଳି ବର୍ତ୍ତମାନ ସୁଦ୍ଧା ଉକ୍ତ ବିଶେଷ ଅଭିଯାନ ଅନ୍ତର୍ଗତ ୧୯୪୯୨୨୪ ବର୍ଗ ଫୁଟରୁ ଅଧିକ ସ୍ଥାନରେ ସଫେଇ କରାଯାଇଛି ଏବଂ ୩୬୪୪.୩୪ ମେଟ୍ରିକ୍ ଟନ୍ ସ୍କ୍ରାପ୍‌ର ନିଷ୍କାସନ ମଧ୍ୟ କରାଯାଇଛି। ଫଳରେ ମନ୍ତ୍ରଣାଳୟକୁ ୧୮.୫୪୬ କୋଟି ଟଙ୍କାର ରାଜସ୍ୱ ମିଳିଛି। ସେହିପରି ସ୍କ୍ରାପ୍ ଏବଂ ଆବର୍ଜନା ସଫେଇରୁ ମୁକ୍ତ ଜାଗାକୁ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ଯଥା ଅତିରିକ୍ତ ପାର୍କିଂ ସ୍ଥଳ, କାର୍ଯ୍ୟାଳୟରେ ବସିବାର ବ୍ୟବସ୍ଥା, ଭଣ୍ଡାରଣ, ବଗିଚା କାର୍ଯ୍ୟ, ସୌନ୍ଦର୍ଯ୍ୟକରଣ ଆଦି ପାଇଁ ବ୍ୟବହାର କରାଯାଉଛି। ଏହି ଅଭିଯାନ ଉଭୟ ମନ୍ତ୍ରଣାଳୟ ଅଧୀନ କାର୍ଯ୍ୟାଳୟ ଓ କଲୋନି ଆଦିରେ କେବଳ ବହୁ ଉତ୍ସାହ ସୃଷ୍ଟି କରୁନାହିଁ ବରଂ ଏହା ସହିତ କର୍ମଚାରୀମାନଙ୍କର କାର୍ଯ୍ୟ ସଂସ୍କୃତିକୁ ମଧ୍ୟ ସକାରାତ୍ମକ ଭାବେ ପ୍ରଭାବିତ କରୁଛି। ଅପରପକ୍ଷରେ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଶାସ୍ତ୍ରୀ ଭବନରେ ଏକ ମେଗା ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ବହୁ କର୍ମଚାରୀ ଅଂଶ ଗ୍ରହଣକରି ରକ୍ତଦାନ କରିଥିବା ଜଣାପଡ଼ିଛି।

## ଫୁର୍‌ସତ୍

# କାହା ପାଣ୍ଠିରେ 'ଟ୍ରୁଥ୍ ସୋସିଆଲ'







ଡୋନାଲ୍ଡ ଟ୍ରମ୍ପ

**ପୂର୍ବରୁ ଟୁଇଟରରେ ଟ୍ରମ୍ପଙ୍କ ୮୮ ନିୟୁତ ଫଲୋୟର୍ସ ଥିବାବେଳେ ତାଙ୍କ ନିଜ ପ୍ଲାଟ୍‌ଫର୍ମରେ ମାତ୍ର ୪.୩୭ ନିୟୁତ ଅନୁଗାମୀ ରହିଛନ୍ତି। ଅନ୍ୟପକ୍ଷେ ୟୁଜର୍ସ ସଂଖ୍ୟାକୁ ନେଇ ଟିଏମ୍‌ଟିଜି ପକ୍ଷରୁ ଗତ ନଭେମ୍ବରରେ ରଖାଯାଇଥିବା ଲକ୍ଷ୍ୟ ପୂରଣ ହୋଇନାହିଁ। ୨୦୨୪ ସୁଦ୍ଧା ୫୬ ନିୟୁତ ଓ ୨୦୨୬ ବେଳକୁ ୮୧ ନିୟୁତ ୟୁଜର୍ସ ଟ୍ରମ୍ପଙ୍କ ଟ୍ରୁଥ୍ ସୋସିଆଲ୍ ପ୍ରତି ଆକୃଷ୍ଟ ହେବେ ବୋଲି ନିବେଶକମାନଙ୍କୁ କମ୍ପାନୀ କହିଥିଲା। କିନ୍ତୁ ଏହି ଆପ୍‌କୁ ବର୍ତ୍ତମାନ ସୁଦ୍ଧା ୨.୯ ନିୟୁତ ଥର ଡାଉନ୍‌ଲୋଡ୍ କରାଯାଇଛି।**

**ୱାଶିଂଟନ୍:** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରକୁ ଟକ୍କର ଦେବା ପାଇଁ ଏକ ନୂଆ ମିଡିଆ କମ୍ପାନୀ ଖୋଲିବା ପରଠୁ ଗୋଟିଏ ବିଷୟକୁ ନେଇ ପ୍ରଶ୍ନ ଉଠିଆସିଛି। ତାହା ହେଲା ତାଙ୍କ ଟ୍ରୁଥ୍ ସୋସିଆଲ୍‌କୁ ପାଣ୍ଠି ଯୋଗାଇଛି କିଏ? ଉପରୋକ୍ତ ପ୍ରଶ୍ନର କେତେକ ଉତ୍ତର କିଛି ଦସ୍ତାବିଜ୍‌ରୁ ମିଳିପାରେ। ଟ୍ରୁଥ୍ ସୋସିଆଲ୍ ଏବଂ ଏହାକୁ ଲୋକଙ୍କ ସାମ୍ନାକୁ ଆଣିଥିବା ଡିଜିଟାଲ ୱାର୍ଲ୍ଡ ଆକ୍ୟୁଜିଶନ୍ କର୍ପ ବିରୋଧରେ ସିକ୍ୟୁରିଟିଜ୍ ଆଣ୍ଡ ଏକ୍ସଚେଞ୍ଜ କମିଶନ୍ (ଏସିସି) ନିକଟରେ ନିଜକୁ ହ୍ୱିସିଲ୍ ବ୍ଲୋୟର୍ ଦାବି କରୁଥିବା ପୂର୍ବତନ ଏକ୍‌ଜିକ୍ୟୁଟିଭ୍ ୱିଲିଅମ୍ ୱାଲ୍‌କର୍ସନ୍‌ଙ୍କ ପକ୍ଷରୁ ଆଇନଜୀବୀମାନେ ଏହି ଦସ୍ତାବିଜ ଦାଖଲ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ, ଟ୍ରୁଥ୍ ସୋସିଆଲକୁ ପ୍ରଥମେ ସିଲିକନ୍ ଭ୍ୟାଲି ବାହାରର ୬ ଜଣ ବିଜନେସ୍‌ମ୍ୟାନ୍ ପାଣ୍ଠି ଯୋଗାଇଥିଲେ। ସେମାନଙ୍କ ମଧ୍ୟରେ ୨ ଜଣ ଏକ ତୈଳ କମ୍ପାନୀ ଓ ଏକ ଜିମ୍ ଚେନ୍‌ର ୨ ଜଣ ଏକ୍‌ଜିକ୍ୟୁଟିଭ୍, ଅନେକ ରିପବ୍ଲିକାନ୍ ଡୋନର୍, ପର୍ତ୍ତୁଗାଲରେ ଅବସ୍ଥାପିତ ଜଣେ ପୂର୍ବତନ ଆମେରିକୀୟ ରାଷ୍ଟ୍ରଦୂତ ଏବଂ ଏକ ମେଲ୍ ଅର୍ଡର ଫ୍ରୁଟ୍‌କେକ୍ କମ୍ପାନୀର ମୁଖ୍ୟ ଅଛନ୍ତି। ସୋସିଆଲ ମିଡିଆ ଆପ୍ଲିକେଶନ୍ ଟ୍ରୁଥ୍ ସୋସିଆଲ୍‌ର ପ୍ୟାରେଣ୍ଟ କମ୍ପାନୀ ଟ୍ରମ୍ପ୍ ମିଡିଆ ଆଣ୍ଡ ଟେକ୍ନୋଲାଲୋଜି ଗ୍ରୁପ୍ (ଟିଏମ୍‌ଟିଜି)କୁ ଆର୍ଥିକ ସହାୟତା ପ୍ରଦାନ କରିଥିବା କେତେଜଣ ବ୍ୟକ୍ତିଙ୍କ ଅନୁସାରେ ଗତ ରାଷ୍ଟ୍ରପତି ନିର୍ବାଚନରେ ସେ ପରାଜିତ ହେବାପରେ ୨୦୨୧ ଜାନୁୟାରୀ ୬ରେ କ୍ୟାପିଟୋଲ୍ ହିଲ୍‌ରେ କଂଗ୍ରେସ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣା ପରେ ଟୁଇଟର ଓ ଫେସ୍‌ବୁକ୍ ଟ୍ରମ୍ପଙ୍କ ଉପରେ କଟକଣା ଲଗାଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଟ୍ରମ୍ପ୍ ନିଜ ସମର୍ଥକମାନଙ୍କ ସହଯୋଗରେ ଟ୍ରୁଥ୍ ସୋସିଆଲ ଖୋଲିଥିବା ଜଣାପଡ଼ିଛି। ଡିଜିଟାଲ ୱାର୍ଲ୍ଡ ଚିଫ୍ ଏକ୍‌ଜିକ୍ୟୁଟିଭ୍ ପାଟ୍ରିକ୍ ଓର୍‌ଲାଣ୍ଡୋ ଏବଂ ଟିଏମ୍‌ଟିଜି ସହପ୍ରତିଷ୍ଠାତା ଆଣ୍ଡି ଲିଟିନ୍‌ସ୍କି ଓ ୱେସ୍ ମୋସ୍ ଦସ୍ତାବଜରେ ସେମାନଙ୍କ ନାମ ଉଲ୍ଲେଖ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ୨୦୨୧ ମେ'ରୁ ୨୦୨୨ ମଧ୍ୟଭାଗର କେତେକ ପ୍ରମିଜରି ନୋଟ୍‌ରୁ ଟିଏମ୍‌ଟିଜିରେ ନିବେଶକଙ୍କ ସମ୍ପୃକ୍ତି ସମ୍ପର୍କିତ କେତେକ ନୂଆ ତଥ୍ୟ ମିଳିଛି। ଉକ୍ତ କମ୍ପାନୀ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତି ଓ କର୍ପୋରେଟ୍ ପାର୍ଟନରମାନଙ୍କୁ ସାମିଲ୍ କରିବାରେ ଟ୍ରମ୍ପଙ୍କ କମ୍ପାନୀ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଛି। ଦସ୍ତାବିଜ ଅନୁଯାୟୀ ଟେକ୍ସାସ୍‌ର ମିଡ୍‌ଲ୍ୟାଣ୍ଡସ୍ଥିତ ତୈଳ ଓ ଶକ୍ତି କମ୍ପାନୀ ଓରିକ୍ସ ମିଡ୍‌ଷ୍ଟ୍ରିମ୍ ସର୍ଭିସେସ୍ ଅଧ୍ୟକ୍ଷ କାର୍ଲ ଫ୍ଲୁଜର୍ ୨୦୨୧ ଡିସେମ୍ବରରେ ୫.୩ ନିୟୁତ ଡଲାର ଓ ଗତମାର୍ଚ୍ଚରେ ୪.୫ ନିୟୁତ ଡଲାର ଏଥିରେ ନିବେଶ କରିଥିଲେ। କାର୍ଲ ଫ୍ଲୁଜର୍ ହେଉଛନ୍ତି ଟେକ୍ସାସ୍‌ର ରିପବ୍ଲିକାନ୍ କଂଗ୍ରେସମ୍ୟାନ୍ ଅଗଷ୍ଟ ଫ୍ଲୁଜରଙ୍କ ଭାଇ, ଯିଏକି ଟ୍ରମ୍ପଙ୍କ ଜଣେ ବଡ଼ ପ୍ରଶଂସକଭାବେ ଜଣାଶୁଣା। ସେହିପରି ପାମ୍ ବିଚ୍ ସ୍ପୋର୍ଟ୍ସ କ୍ଲବ୍, ଟିଏମ୍‌ପିଏଲ୍ ଭଳି ଏଗଜରି ଜିମ୍ ବ୍ରାଣ୍ଡଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ହୋଲ୍ଡିଂ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ପାଟ୍ରିକ୍ ୱାର୍ଲଶ୍ ୨୦୨୧ ଡିସେମ୍ବରରୁ ଗତ ଫେବୃୟାରୀ ମଧ୍ୟରେ ୬.୨ ନିୟୁତ ଡଲାର ବିନିଯୋଗ କରିଥିଲେ। ଟେଲିକମ୍ ବିଲିୟନେୟାର ତଥା ଟ୍ରମ୍ପଙ୍କ ଦୃଢ ସମର୍ଥକ କେନି ଟ୍ରଉଟ୍ ମଧ୍ୟ ନିଜ ମ୍ୟାନେଜରଙ୍କ ଜରିଆରେ ୨୦୨୧ ମେ'ରୁ ନଭେମ୍ବର ମଧ୍ୟରେ ୪ ନିୟୁତ ଡଲାର ଲଗାଇଥିଲେ। ସେ ଟ୍ରମ୍ପଙ୍କୁ ନିର୍ବାଚନବେଳେ ବିପୁଳ ଅର୍ଥ ଚାନ୍ଦା ଦେଇଥିଲେ। ଏହି ସମର୍ଥକମାନେ ଟ୍ରୁଥ୍ ସୋସିଆଲକୁ ମୋଟ ୨୨.୮ ନିୟୁତ ଡଲାର ପ୍ରଦାନ କରିଥିବା ହ୍ୱିସିଲ୍ ବ୍ଲୋୟର୍ ନିଜ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଟିଏମ୍‌ଟିଜି ଗତବର୍ଷ ଫେବୃୟାରୀରେ ଆପଲ୍ ଆପ୍ ଷ୍ଟୋର୍ ଏବଂ ଅକ୍ଟୋବରରେ ଗୁଗଲ୍ ପ୍ଲେ ଷ୍ଟୋରରେ ଟ୍ରୁଥ୍ ସୋସିଆଲ ଲଞ୍ଚ କରିଥିଲା। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିରୁ ପୁନର୍ବାର ପ୍ରାର୍ଥୀ ହେବାପାଇଁ ଅଣ୍ଟା ଭିଡ଼ିଥିବା ଟ୍ରମ୍ପଙ୍କ ବିରୋଧରେ ନ୍ୟାୟ ବିଭାଗ ଏବଂ ଏସ୍‌ଇସି ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଏହି ଡିଲ୍ ବିବାଦ ଘେରକୁ ଆସିଯାଇଛି।

## ନିର୍ବାଚନ ଲଢ଼ିବାକୁ କଙ୍ଗନା ଆଗ୍ରହୀ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କୁ ନେଇ ଆଉଥରେ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଚହଳ ପଡ଼ିଯାଇଛି। ସୁଯୋଗ ଯଦି ମିଳେ କଙ୍ଗନା ରାଜନୀତିରେ ସାମିଲ ହେବେ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି। ଅଭିନୟ ଛଡ଼ା ଅନ୍ୟସବୁ କ୍ଷେତ୍ରରେ କାମ କରିବା ପାଇଁ ଏହି ବଲିଉଡ୍ ନାୟିକା ଆଗ୍ରହୀ। ଆଗାମୀ ଦିନରେ ହିମାଚଳପ୍ରଦେଶରେ ନିର୍ବାଚନ ହେବାକୁ ଥିବାବେଳେ କଙ୍ଗନାଙ୍କୁ ଭାଜପା ଦଳରୁ ଟିକେଟ ମିଳିଲେ ସେ ମଣ୍ଡି ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବେ ବୋଲି ପ୍ରକାଶ କରିଛନ୍ତି। ଯେ କୌଣସି ବ୍ୟକ୍ତି ରାଜନୀତିରେ ସାମିଲ ହୋଇ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାମ କରିପାରିବେ। କୌଣସି ରାଜନୈତିକ ଦଳର ମିଛ ପ୍ରତିଶ୍ରୁତିରେ ହିମାଚଳବାସୀ ଆସିବେ ନାହିଁ ବୋଲି କଙ୍ଗନା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ କଙ୍ଗନାଙ୍କ ଅଭିନୀତ ଫିଲ୍ମ 'ଏମର୍ଜେନ୍ସି' ମୁକ୍ତିଲାଭ କରିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ କଙ୍ଗନା ଦେଖାଯିବେ। ଅନୁପମ ଖେର, ସତୀଶ କୌଶିକ, ଶ୍ରେୟା ତାଲପାଡେଙ୍କ ଭଳି କଳାକାର ଫିଲ୍ମରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଆଉ ଏକ ଫିଲ୍ମ 'ଟିକୁ ୱେଡ୍ସ ଶେରୁ'ରେ ନୱାଜୁଦ୍ଦିନଙ୍କ ସହ କଙ୍ଗନା ସ୍କ୍ରିନ୍ ଶେୟାର କରିବେ।


## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ

ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭

ଆପଣଙ୍କ ଆଦର୍ଶ, ତ୍ୟାଗ, ସ୍ନେହ, ପରକୁ ଆପଣାର କରିବା ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ: ନାତି-ନାତୁଣୀ, ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ଭ୍ରାତା-ଭଗିନୀ ଓ ଆତ୍ମୀୟସ୍ୱଜନ।

ଧ-୧୮୭୫

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ରେଣୁବାଳା ପଣ୍ଡା

ଗୁଣ୍ଡିଚା ବିହାର, ପୁରୀ

ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୬୯୦୭୫

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ବିନମ୍ର ଶ୍ରଦ୍ଧାଞ୍ଜଳି



✓ନାରଖାରୀ ଦାସ
ଶ୍ରୀକ୍ଷେତ୍ର, ପୁରୀ

ମା ବୋଲି ଏଇ ଗୋଟିଏ ଅକ୍ଷର
ଦୁନିଆରେ ଏହା ସବୁଠୁ ମଧୁର।
ପଣତ କାନିରେ ଘୋଡେଇ ଦେଲେ
ଛୋଟ ଲାଗେ ଏଇ ବଡ ସଂସାର।

ଆଜିର ଦିନରେ ତୋ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:ତୋର ହତଭାଗ୍ୟ ପୁତ୍ର,ପୁତ୍ରବଧୂ,ନାତି

ଧ-୧୮୭୬


## ବିଶ୍ୱ ମିତବ୍ୟୟିତା ଦିବସ

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଞ୍ଚୟ ଜରୁରୀ

ଭବିଷ୍ୟତରେ ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଜରୁରୀ। ସଞ୍ଚୟ ଅର୍ଥାତ୍ ମିତବ୍ୟୟିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୩୦ ଅକ୍ଟୋବରରେ ବିଶ୍ୱସ୍ତରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଇଥାଏ। ୩୧ ଅକ୍ଟୋବର ୧୯୨୪ରେ ଇଟାଲୀର ମିଲାନରେ ଅନ୍ତର୍ଜାତୀୟ ସେଭିଂସ୍ ବ୍ୟାଙ୍କ କଂଗ୍ରେସ (ୱାର୍ଲ୍ଡ ସୋସାଇଟି ଅଫ ସେଭିଂସ୍ ବ୍ୟାଙ୍କ) ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପ୍ରତିଷ୍ଠା କରାଯାଇଥିଲା। ଇଟାଲୀର ପ୍ରଫେସର ଫିଲିପ୍ପୋ ରବିଜା କଂଗ୍ରେସର ଶେଷଦିନ ଅକ୍ଟୋବର ୩୦ରେ ଅନ୍ତର୍ଜାତୀୟ ମିତବ୍ୟୟିତା ଦିବସ ଘୋଷଣା କରିଥିଲେ। ପରେ ୧୯୩୪ ଅକ୍ଟୋବର ୩୦ରେ ପ୍ରଥମ ମିତବ୍ୟୟିତା ଦିବସ ପାଳିତ ହୋଇଥିଲା। ମିତବ୍ୟୟିତାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରୟାସରେ ସଞ୍ଚୟ ବ୍ୟାଙ୍କଗୁଡ଼ିକ ବିଦ୍ୟାଳୟ, ଧର୍ମପୀଠ, ସାଂସ୍କୃତିକ ସଙ୍ଗଠନ, କ୍ରୀଡ଼ା, ବୃତ୍ତିଗତ ତଥା ମହିଳା ସଙ୍ଗଠନ ସହଯୋଗରେ କାର୍ଯ୍ୟ ଆରମ୍ଭ କରିଥିଲା। ୨୯ଟି ଦେଶର ପ୍ରତିନିଧିମାନେ ବିଶ୍ୱର ଜନସାଧାରଣଙ୍କୁ ସଞ୍ଚୟ କରିବାର ଚିନ୍ତା ଏବଂ ଅର୍ଥନୀତି ତଥା ବ୍ୟକ୍ତିବିଶେଷଙ୍କ ପ୍ରାସଙ୍ଗିକତା ଉପରେ ସଚେତନ କରାଇଥିଲେ।

# ଆମ ପରମ୍ପରା ଆମ ପରିଚୟ



ବଲାଙ୍ଗୀର ଦିନ୍ ଉତ୍ସବ ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ଆମର ପିନ୍ଧନ ଉଢ଼ନ୍‌ରେ ଭାଗନେଇଥିବା ପ୍ରତିଯୋଗୀ ଓ ଅତିଥି।

## ବଲାଙ୍ଗୀର ଦିନ୍ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ

### ■ ଲୋକନୃତ୍ୟ, ପିନ୍ଧନ ଉଢ଼ନ୍, ରଙ୍ଗୋଲି ମନ ମୋହିଲା

**ବଲାଙ୍ଗୀର ଅଫିସ, ୨୯।୧୦**

ନଭେମ୍ବର ୧ ତାରିଖ ବଲାଙ୍ଗୀର ଦିନ୍ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବଲାଙ୍ଗୀର ଦିନ ଆୟୋଜକ କମିଟି ପକ୍ଷରୁ ଶନିବାରଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ମ୍ୟୁନିସିପାଲିଟି ଟାଉନ୍ ହଲଠାରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରତିଯୋଗୀ ଅଂଶଗ୍ରହଣ କରି ବଲାଙ୍ଗୀର ଜିଲାର ଲୋକନୃତ୍ୟ, ଲୋକଗୀତ ସ୍ୱରରେ ନାଚିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବଲାଙ୍ଗୀର ଦିନ୍ କମିଟି ଅଧ୍ୟକ୍ଷ ଗୋପାଲଜୀ ପାଣିଗ୍ରାହୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ପଞ୍ଚମ ଅନୁଷ୍ଠାନ ମୁଖ୍ୟ ମୁରଲୀଧାରୀ ପତି, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, କଳାକାର ରାମ ଦାଶ, କପିଳେଶ୍ୱର ଖମାରୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଯୁବକବି ଅର୍ଜୁନ ସାହୁ ସଂଯୋଜନା କରିଥିଲେ। ବିଚାରକ ଭାବେ ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ, ଗୀତିକାର ବ୍ରହ୍ମାନନ୍ଦ ବନ୍‌ଛୋର, ଶ୍ରାବଣୀ ମେହେର ବିଚାରକ ଭାବେ ଯୋଗଦାନ କରିଥିଲେ। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ନିଜ ପରମ୍ପରା ଓ ସଂସ୍କୃତି ହେଉଛି ଅସଲ ପରିଚୟ। ନିଜ ପରମ୍ପରା ଓ ସଂସ୍କୃତିକୁ ଭୁଲିଗଲେ ପରିଚୟ ସଙ୍କଟ ଦେଖାଯାଏ। ଏଣୁ କୌଣସି ପରିସ୍ଥିତିରେ ନିଜ ସଂସ୍କୃତି ଓ ପରମ୍ପରା ସହ ସାଲିସ କରାଯାଇପାରିବନାହିଁ ବୋଲି ସେ କହିଥିଲେ। ଅପରାହ୍ଣରେ କଲେଜ ଛକ କଲ୍ୟାଣ ମଣ୍ଡପ ଠାରେ ନାରୀଶକ୍ତି ଫାଉଣ୍ଡେସନ୍ ପକ୍ଷରୁ ରଙ୍ଗୋଲି ପ୍ରତିଯୋଗିତା ଏବଂ ସ୍ଟାଇଲ ଫର୍ ଅଲ୍ ପକ୍ଷରୁ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ପ୍ରତିଯୋଗୀ ଭାଗନେଇ ରଙ୍ଗୋଲି କାଟିଥିଲେ। ଏଠାରେ ଶିଳ୍ପୀ ଓ ଚିତ୍ରକର ବାସୁଦେବ ମେହେର, ଓମପ୍ରକାଶ ସାହୁ, ସୁନିତା ମିଶ୍ର ବିଚାରକ ଭାବେ ଯୋଗଦାନ କରିଥିଲେ। ଏଠାରେ ନୂତନ ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହୁଳହୁଳି ପ୍ରତିଯୋଗିତାକୁ ସଞ୍ଜୀବ ସାହୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଟାଉନ୍ ହଲ ଠାରେ ଆମର ପିନ୍ଧନ ଉଢ଼ନ ଓ ର୍ୟାମ୍ପ ଶୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଅଞ୍ଚଳର ପାରମ୍ପରିକ ବେଶଭୂଷା ପରିଧାନ କରି ପ୍ରତିଯୋଗୀମାନେ ର୍ୟାମ୍ପ ଶୋରେ ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ଶ୍ରୀପଦା ଷଡଙ୍ଗୀ, ମନରଞ୍ଜନ ପଟେଲ, ବ୍ରହ୍ମାନନ୍ଦ ବନ୍‌ଛୋର, କପିଳେଶ୍ୱର ପ୍ରସାଦ ଖମାରୀ, ନିମାଇଁ ଚରଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଶେଷରେ ବିଜେଡି ଯୁବନେତା ନିହାର ରଞ୍ଜନ ବେହେରା, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ଗୋପାଳ ପ୍ରଧାନ, ବିନୋଦ କାଲସାଏ, ସୋମନାଥ ମିଶ୍ର, ରାମଶରଣ ଶତପଥୀ, ସୁବଳ ମହାକୁର, ଚିଦାନନ୍ଦ ବେହେରା, ରାମ ଦାଶ, ବ୍ରହ୍ମା ବନ୍‌ଛୋର, ଅଭିଷେକ ଦାଶ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବଲାଙ୍ଗୀର ଦିନ ଆୟୋଜକ କମିଟି ଅଧ୍ୟକ୍ଷ ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ ଡମ୍ପିୟାର୍ଡରେ ଲାଗିଲା ନିଆଁ

**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡମ୍ପିୟାର୍ଡ କରି ବିପଦକୁ ହାତ ଠାରି ଡାକିଛି ଜିଲା ସ୍ୱାସ୍ଥ୍ୟ ବିଭାଗ। ଏପରିକି ଏଥିଯୋଗୁ ରୋଗୀ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ଶନିବାର ରାତିରେ କୌଣସି କାରଣରୁ ଡମ୍ପିୟାର୍ଡରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ଲାଗିଛନ୍ତି। ସେପଟେ ଡମ୍ପିୟାର୍ଡରେ ନିଆଁ ଲାଗିବା ଯୋଗୁ ରୋଗୀ ଓ ସମ୍ପର୍କୀୟ ଭୟଭୀତ ଅବସ୍ଥାରେ ରହିଥିବା ଜଣାପଡିଛି।





**BIRMAHARAJPUR COLLEGE, BIRMAHARAJPUR**
AT/PO-BIRMAHARAJPUR, DIST-SONEPUR, PIN-767018

**WALK-IN-INTERVIEW**

A Walk-in-Interview for engagement of Guest Faculty in the Subject of **Zoology -01 post, Sanskrit-01 Post** will be held in the Office of the Principal, Birmaharajpur on Dt. 06.11.2022 (Sunday) at 11.00 AM. Interested candidate having good academic career and securing at least 55 % mark in P.G. Level may attend the interview with complete Bio-Data along with all original and Xerox copies of Certificate and Mark Sheets from HSC onwards and two colour passport size photographs.

**Sd./- (Sri S.C.Sahu)**
**Principal**

**ODISHA ADARSHA VIDYALAYA, GONDHIPALLY, MALKANGIRI**
DIST.: MALKANGIRI, ODISHA, PIN CODE- 764045
Email: oavgondhipally@gmail.com, Contact No.: 7077270403, 9090216331
Advertisement No.1/2022, Dt.29.10.2022

**WALK-IN-INTERVIEW**

A Walk-in-interview will be conducted in the vidyalaya premises on Dt.05.11.2022, at 11.00 A.M. to fill up the vacant posts of PGT-CHEMISTRY, PGT-ENGLISH & TGT-ENGLISH (01 post for each) purely on part time contractual basis for the rest period of the Academic Session 2022-23 or till the joining of regular teacher whichever is earlier. The interested candidates below 65 years of age can attend the interview with their complete biodata and all original certificates along with the photocopies of the same. For further details (Qualification, Age, Remuneration etc.), please visit: **www.malkangiri.nic.in**

Sd./- PRINCIPAL, OAV, Gondhipally, Malkangiri





## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅମିତ୍



@ ଚମ୍ପାବତୀ



@ ପ୍ରିୟାଂଶୁ



@ ରାଜିବ ଲୋଚନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗ୍ରାହକ ସେବାକେନ୍ଦ୍ରରେ ଗ୍ରାହକଙ୍କ ଟଙ୍କା ଲୁଟ୍ ଅଭିଯୋଗ

**ଜୁନାଗଡ଼,୨୯।୧୦ (ଡିଏନଏ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କର ଗ୍ରାହକ ସେବାକେନ୍ଦ୍ରଠାରେ ଜଣେ ଗ୍ରାହକଙ୍କ ୧୦ ହଜାର ଟଙ୍କା ଲୁଟ ହେବା ନେଇ ଶନିବାର ଜୁନାଗଡ଼ ଥାନାରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମାଲ ଗାଁର ବିଭୀଷଣ ନାଏକ ଜୁନାଗଡ଼ସ୍ଥିତ କୋର୍ଟରେ କର୍ଯ୍ୟ କରନ୍ତି । ବିଭୀଷଣଙ୍କ ଭବାନୀପାଟଣା ଷ୍ଟେଟବ୍ୟାଙ୍କରେ ଆକାଉଣ୍ଟ ଥିବା ବେଳେ ଗତ ୨୫ ତାରିଖରେ ତାଙ୍କୁ ଟଙ୍କା ଦରକାର ପଡିଲା । ଏହି ସମୟରେ ସେ ଜୁନାଗଡ଼ରେ ଥିଲେ ଓ ତାଙ୍କ ପାଖରେ ଏଟିଏମ ନ ଥିବାରୁ ଜୁନାଗଡ଼ ସ୍ଥିତ ଏକ ଗ୍ରାହକ ସେବାକେନ୍ଦ୍ରକୁ ଯାଇ ଟଙ୍କା ଉଠାଣ ନିମନ୍ତେ ଫିଙ୍ଗର ପ୍ରିଣ୍ଟ ଦେଇଥିଲେ । ଫିଙ୍ଗର ପ୍ରିଣ୍ଟ ଦେବା ପରେ ସଂପୃକ୍ତ ଗ୍ରାହକ ସେବାକେନ୍ଦ୍ର ମାଲିକ ଲିଙ୍କ ଫେଲ ଅଛି କହିବାରୁ ବିଭୀଷଣ ଫେରି ଆସିଥିଲେ । କିନ୍ତୁ ଗତ ୨୮ ତାରିଖରେ ପାସବୁକକୁ ଅପଡେଟ କଲାପରେ ତାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା କଟିଥିବା ଜାଣିବାକୁ ପାଇଥିଲେ । ଏନେଇ ଶନିବାର ସେ ଉକ୍ତ ଗ୍ରାହକ ସେବାକେନ୍ଦ୍ରର ମାଲିକଙ୍କ ବିରୋଧରେ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।


DSPL-247

# ବିଶ୍ୱ ମିତବ୍ୟୟିତା ଦିବସ ପାଳନ ଅବସରରେ ବାର୍ତ୍ତା



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଓଡ଼ିଶା ସମେତ ଆମ ଦେଶର ସମସ୍ତ ରାଜ୍ୟରେ ଅକ୍ଟୋବର ୩୦ ତାରିଖକୁ 'ବିଶ୍ୱ ମିତବ୍ୟୟିତା ଦିବସ' ରୂପେ ଆମେ ପାଳନ କରି ଆସୁଛୁ । ଏହି ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଯୁଗରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ବି ମନୁଷ୍ୟ ଜୀବନରେ ସଞ୍ଚୟର ଆବଶ୍ୟକତା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସୁଚିନ୍ତିତ, ଯୋଜନାବଦ୍ଧ ଓ ନିୟମିତ ସଞ୍ଚୟ, ଏକ ଆର୍ଥିକ ପାଣ୍ଠି ଗଠନ କରିବାରେ ବିଶେଷ ସହାୟକ ହୋଇଥାଏ । ପରବର୍ତ୍ତୀ ସମୟରେ ଏହି ସଞ୍ଚୟ ବ୍ୟକ୍ତିକୁ ଆର୍ଥିକ ନିରାପତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହନିର୍ମାଣ, କନ୍ୟାବିବାହ ଭଳି ପ୍ରମୁଖ ଅତ୍ୟାବଶ୍ୟକ କାର୍ଯ୍ୟ ସମାପନ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଥାଏ ।

ସମାଜର ପ୍ରତ୍ୟେକ ବର୍ଗଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ପ୍ରଣୟନ କରାଯାଇଅଛି । ଏହି ଯୋଜନାଗୁଡ଼ିକ ମାଧ୍ୟମରେ ନିଜର କଷ୍ଟୋପାର୍ଜିତ ଅର୍ଥ ରାଶିର କିଛି ଅଂଶ ବିନିଯୋଗ କରି ଜନସାଧାରଣ ନିଜର ଭବିଷ୍ୟତର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବେ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ ।

ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଅପବ୍ୟୟ ପରିହାର ମିତବ୍ୟୟିତା ଅବଲମ୍ବନ ଓ ସଞ୍ଚୟକୁ ଏକ ଅଭ୍ୟାସରେ ପରିଣତ କରିବା ଆଜିର ଦିବସରେ ଆମ ସମସ୍ତଙ୍କର ସଙ୍କଳ୍ପ ହେଉ ।

'ବିଶ୍ୱ ମିତବ୍ୟୟିତା ଦିବସ' ପାଳନର ଉଦ୍ଦେଶ୍ୟ ସାଧନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରିବା ସହିତ ମୁଁ ସମସ୍ତ ରାଜ୍ୟବାସୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି 'ବିଶ୍ୱ ମିତବ୍ୟୟିତା ଦିବସ' ସମଗ୍ର ବିଶ୍ୱରେ ପାଳିତ ହେଉଛି । ଆମ ପାଇଁ ଉପଲବ୍ଧ ଅର୍ଥର ମିତବ୍ୟୟୀ ବିନିଯୋଗ ଉପରେ ଗୁରୁତ୍ୱାରୋପ କରିବା ହେଉଛି ଏହି ଦିବସର ମହତ୍ତ୍ୱ ।

ମିତବ୍ୟୟିତା ଆର୍ଥିକ ପ୍ରଗତି ପାଇଁ ଅପରିହାର୍ଯ୍ୟ । ନିଜସ୍ୱ ସମ୍ବଳର ମିତବ୍ୟୟୀ ବିନିଯୋଗ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ସହିତ ସଞ୍ଚୟ ପାଇଁ ବାଟ ଫିଟାଇଥାଏ । ସଞ୍ଚୟ ବ୍ୟକ୍ତିର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହିତ ରାଜ୍ୟର ସାମଗ୍ରିକ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥାଏ । ଅର୍ଥ ଅପଚୟ ରୋକିବା ସହିତ ସଞ୍ଚୟ ଭବିଷ୍ୟତର ବିଭିନ୍ନ ଆବଶ୍ୟକତା ପୂରଣ କରିଥାଏ ଏବଂ ଯେ କୌଣସି ଜରୁରୀକାଳୀନ ଆବଶ୍ୟକତା ସମୟରେ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦେଇଥାଏ ।

ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଆମକୁ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ଯୋଗାଇଥାନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଡାକଘର ଓ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସଞ୍ଚୟ ଯୋଜନାରେ ସଞ୍ଚୟ କରି ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବା ମିତବ୍ୟୟୀ ଅର୍ଥ ପରିଚାଳନାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ ।

ରାଜ୍ୟ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନାରେ ଅଂଶ ଗ୍ରହଣ କରିବା ସହିତ ବିଭିନ୍ନ ସଞ୍ଚୟ ଯୋଜନା ମାଧ୍ୟମରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗୀଦାର ହେବା ପାଇଁ ମୁଁ ଏ ଅବସରରେ ସମସ୍ତଙ୍କୁ ଆହ୍ୱାନ କରୁଛି ଏବଂ ମିତବ୍ୟୟିତାକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ନିବେଦନ କରୁଛି ।

'ବିଶ୍ୱ ମିତବ୍ୟୟିତା ଦିବସ' ଅବସରରେ ରାଜ୍ୟବାସୀଙ୍କ ଆର୍ଥିକ ସମୃଦ୍ଧି କାମନା କରିବା ସହିତ ସମସ୍ତଙ୍କ ସହଯୋଗରେ ଏହି ଦିବସ ପାଳନର ମହତ୍ ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା ପ୍ରକାଶ କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



### ମାନ୍ୟବର ଅର୍ଥମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖ 'ବିଶ୍ୱ ମିତବ୍ୟୟିତା ଦିବସ' ପାଳନ ଉପଲକ୍ଷେ ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଯୋଜନାବଦ୍ଧ ଜୀବନଯାପନ କରିବା ଓ ଆଜିର ଆୟରୁ କାଲିର ଆବଶ୍ୟକତା ମେଣ୍ଟାଇବା ପାଇଁ, କିଛି ସଞ୍ଚୟ କରିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ । ଦୈନନ୍ଦିନ ଜୀବନଶୈଳୀର ପ୍ରତ୍ୟେକ କ୍ଷେତ୍ରରେ ମିତବ୍ୟୟିତା ଅବଲମ୍ବନ କଲେ ଆମେ ନିଜ ତଥା ନିଜ ପରିବାରର ଭବିଷ୍ୟତ ପାଇଁ କିଛି ଅର୍ଥ ସଞ୍ଚୟ କରିପାରିବା ।

ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନାଗୁଡ଼ିକ ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖାମାନଙ୍କରେ ଉପଲବ୍ଧ । ସମସ୍ତ ରାଜ୍ୟବାସୀ ଏହି ଯୋଜନା ଗୁଡିକର ସଦୁପଯୋଗ କରି ବିଶେଷ ଭାବେ ଉପକୃତ ହେବେ ବୋଲି ମୁଁ ଆଶା କରୁଛି । ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନ ମାଧ୍ୟମରେ ରାଜ୍ୟର ସମସ୍ତ ଜନସାଧାରଣମାନଙ୍କ ପାଖରେ ଡାକଘର ଓ ବ୍ୟାଙ୍କମାନଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସେବାଗୁଡ଼ିକୁ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ।

ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମିତବ୍ୟୟୀ ହେବା, ସଞ୍ଚୟ ମନୋଭାବ ପୋଷଣ କରିବା ସହିତ ଅଧିକ ସୁଧ ଆଶାରେ କୌଣସି ଅଣସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ ଅର୍ଥ ବିନିଯୋଗ ନ କରିବା ପାଇଁ ମୋର ବିନମ୍ର ଅନୁରୋଧ ।

'ବିଶ୍ୱ ମିତବ୍ୟୟିତା ଦିବସ' ପାଳନ ଅବସରରେ ମୁଁ ଏହାର ସଫଳତା ଓ ସମସ୍ତ ରାଜ୍ୟବାସୀଙ୍କର ଆର୍ଥିକ ଅଭିବୃଦ୍ଧି କାମନା କରୁଅଛି ।

ନିରଞ୍ଜନ ପୂଜାରୀ
(ନିରଞ୍ଜନ ପୂଜାରୀ)

OIPR-05001/13/0017/2223

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩୦ ଅକ୍ଟୋବର, ୨୦୨୨ Sambalpur, Sunday, October 30/2022

# ଭାରତ ଚାମ୍ପିୟନ



ସୁଲତାନ ଜୋହର କପ୍ ହକି ଚାମ୍ପିୟନ ଭାରତୀୟ ଦଳ।

**ସୁଲ୍‌ତାନ ଜୋହର କପ୍ ହକି**

**ଗୋଲ ଦେଲେ ଓଡ଼ିଆ ଖେଳାଳି ସୁଦୀପ ଚିରମାକୋ**

**ଶୁଟ୍ ଆଉଟରେ ଅଷ୍ଟ୍ରେଲିଆ ପରାସ୍ତ**

ଜୋହର ବାହରୁ (ମାଲେସିଆ), ୨୯।୧୦ (ପି.ଟି.)

ଭାରତ ତୃତୀୟ ଥର ସୁଲ୍‌ତାନ ଅଫ୍ ଜୋହର କପ୍ ହକି ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛି। ଶନିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଦଳ ୫-୪ ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଭାରତ ୫ ବର୍ଷ ପରେ ଏଠାରେ ପୁଣି ଚାମ୍ପିୟନ ହୋଇ ପାରିଛି। ଟାଇଟଲ ମୁକାବିଲାର ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଶୁଟ୍ ଆଉଟରେ ଉଭୟ ଦଳ ସମାନ ୩ଟି ଲେଖାଏଁ ଗୋଲ୍ ସ୍କୋର କରିବାରୁ ସ୍କୋର ଲାଇନ୍ ୩-୩ରେ ରହିଥିଲା। ଫଳରେ ମ୍ୟାଚ ସଡନ ଡେଥ୍‌କୁ ଚାଲିଯାଇଥିଲା। ଶୁଟ୍ ଆଉଟରେ ଭାରତ ତରଫରୁ ଉତ୍ତମ ସିଂ ଦୁଇଟି ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ତାଙ୍କ ସଡନ ଡେଥ୍ ଗୋଲ ସାମିଲ। ଅନ୍ୟ ଗୋଲ୍ ସ୍କୋରରମାନେ ହେଲେ ବିଷ୍ଣୁକାନ୍ତ ସିଂ, ଅଙ୍କିତ୍ ପାଲ ଏବଂ ଓଡ଼ିଶାର ସୁଦୀପ ଚିରମାକୋ। ଅଷ୍ଟ୍ରେଲିଆ ପକ୍ଷରୁ ବର୍ନ୍ସ କୁପର, ଫୋଷ୍ଟର ବ୍ରଡି, ବ୍ରୁକ୍ସ ଜୋଶୁଆ ଓ ହାର୍ଟ ଲିଆମ୍ ଗୋଲ୍ ଦେଇଥିଲେ। ନିର୍ଦ୍ଧାରିତ ସମୟ ଖେଳରେ ସୁଦୀପ ୧୩ ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରଇଥିଲେ। ଅଷ୍ଟ୍ରେଲିଆର ଜ୍ୟାକ୍ ହୋଲାଡ୍ ୨୮ତମ ମିନିଟ୍‌ରେ ଗୋଲ୍ ଦେଇ ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ଏହି ସ୍କୋର ଲାଇନ୍‌ରେ ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ଭାବେ ଶେଷ ହୋଇଥିଲା। ସୂଚନାଯୋଗ୍ୟ, ଭାରତୀୟ ଦଳ ପୂର୍ବରୁ ଏହି ଟୁର୍ନାମେଣ୍ଟ ୨୦୧୩ ଓ ୨୦୧୪ରେ ଜିତିଥିଲା। ଏହା ବ୍ୟତୀତ ୨୦୧୨, ୨୦୧୫, ୨୦୧୮ ଏବଂ ଇଭେଣ୍ଟର ଗତ ସଂସ୍କରଣ ୨୦୧୯ରେ ଦ୍ୱିତୀୟ ଶ୍ରେଷ୍ଠ ବିବେଚିତ ହୋଇଥିଲା। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ଓ ୨୦୨୧ରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇ ପାରି ନ ଥିଲା।

**ଟି୨୦ ବିଶ୍ୱକପ୍ ଆଜିର ମ୍ୟାଚ**

ବାଂଲାଦେଶ ବନାମ ଜିମ୍ବାୱେ
ସ୍ଥାନ: ଗାବା
ସମୟ: ପୂର୍ବାହ୍ନ ୮ଟା ୩୦

ପାକିସ୍ତାନ ବନାମ ନେଦରଲାଣ୍ଡ୍ସ
ସ୍ଥାନ: ପର୍ଥ
ସମୟ: ଅପରାହ୍ନ ୧୨ଟା ୩୦

ଭାରତ ବନାମ ଦକ୍ଷିଣ ଆଫ୍ରିକା
ସ୍ଥାନ: ପର୍ଥ
ସମୟ: ଅପରାହ୍ନ ୪ଟା ୩୦

## ବିସିସିଆଇ ଆପେକ୍ସ କାଉନ୍‌ସିଲ୍‌କୁ ଭେଙ୍ଗସରକାର, କୁଲକର୍ଣୀ ନିର୍ବାଚିତ

**ସ୍ଥାନ ବଜାୟ ରଖିଲେ ପ୍ରଜ୍ଞାନ**

ନୂଆଦିଲ୍ଲୀ, ୨୯।୧୦ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପେକ୍ସ କାଉନ୍‌ସିଲରେ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ) ପ୍ରତିନିଧି ଭାବେ ପୂର୍ବତନ ଭାରତୀୟ ଅଧିନାୟକ ଦିଲୀପ ଭେଙ୍ଗସରକାର ଓ ଶୁଭାଙ୍ଗି କୁଲକର୍ଣୀ ନିର୍ବାଚିତ ହୋଇଛନ୍ତି। କୁଲକର୍ଣୀ ମହିଳା ଆଇସିଏ ପ୍ରତିନିଧି ଭାବେ ଆପେକ୍ସ କାଉନ୍‌ସିଲ୍‌କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଭେଙ୍ଗସରକାର ବିଦାୟୀ ଆଇସିଏ ସଭାପତି ତଥା ପୂର୍ବତନ ଭାରତ କ୍ରିକେଟର ଅଶୋକ ମାଲହୋତ୍ରାଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ଭାରତର ପୂର୍ବତନ ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ସେ ବିଜୟ ମୋହନ ରାଜଙ୍କୁ ୩୧୬-୨୩୪ ବ୍ୟବଧାନରେ ପରାସ୍ତ କରିଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ସ୍ପେନ୍



କଳିଙ୍ଗ ଷ୍ଟାଡିୟମରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍ ୩-୨ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଭାରତ ବିପକ୍ଷ ମ୍ୟାଚପରି ଏଥିରେ ମଧ୍ୟ ନ୍ୟୁଜିଲାଣ୍ଡ ଏକଦା ଅଗ୍ରଣୀ ରହିଥିଲେ ହେଁ ଶେଷରେ ପରାଜୟ ସ୍ୱାଦ ଚାଖିଛି। ବିଜୟ ସହ ସ୍ପେନ୍ ଏହାର ଅଭିଯାନ ଆରମ୍ଭ କରିଥିବାବେଳେ ୨ ମ୍ୟାଚରୁ ନ୍ୟୁଜିଲାଣ୍ଡର ଏହା ଦ୍ୱିତୀୟ ପରାଜୟ।

ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଫାଇଦାରେ ରହିଥିଲା ସ୍ପେନ୍। ୭ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ ପାଉ କୁନିଲ। ପ୍ରଥମ କ୍ୱାର୍ଟରରେ ସ୍ପେନ୍ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ ଦେଇ ନ୍ୟୁଜିଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨୫ତମ ମିନିଟରେ ହେଡେନ ଫିଲିପ୍ସ ଏବଂ ଏହାର ୧ ମିନିଟ ପରେ ଅର୍ଥାତ୍ ୨୬ତମ ମିନିଟରେ ସିମନ ଚିଲ୍ଡ ୨ଟି ଫିଲ୍ଡ ଗୋଲ କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ନ୍ୟୁଜିଲାଣ୍ଡକୁ ୨-୧ରେ ଆଗୁଆ ରଖିଥିଲେ। ତୃତୀୟ କ୍ୱାର୍ଟରରେ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗୋଲ ପରିଶୋଧ ପାଇଁ ସ୍ପେନ୍ ଉଦ୍ୟମକୁ ସଫଳ କରିଥିଲେ ମାକ୍ର ରେନେ। ସେ ୩୮ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ସ୍ପେନ୍ ଏତିକିରେ ସନ୍ତୁଷ୍ଟ ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ପେରେ ଅମାଟଙ୍କ ଗୋଲ ବଳରେ ଦଳ ଅଗ୍ରଣୀ ହାସଲ କରିଥିଲା। ଶେଷରେ ଏହି ଗୋଲଟି ନିର୍ଣ୍ଣାୟକ ସାଜିଥିଲା। ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇ ନ ଥିଲା।

# କଲମ୍ବିଆ-ସ୍ପେନ୍ ଫାଇନାଲ ଆଜି

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)

ଚଳିତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଅନ୍ତିମ ପର୍ଯ୍ୟାୟ ଉପନୀତ। ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମରେ ରବିବାର କଲମ୍ବିଆ ଓ ସ୍ପେନ୍ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେହିଦିନ ଜର୍ମାନୀ ଓ ନାଇଜେରିଆ ମଧ୍ୟ ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ ଖେଳିବେ। ତୃତୀୟ ସ୍ଥାନ ମ୍ୟାଚ ଅପରାହ୍ନ ୪ଟା ୩୦ ଓ ଫାଇନାଲ ରାତି ୮ଟାରେ ଆରମ୍ଭ ହେବ।

ଗ୍ରୁପ୍ 'ସି'ର ଏହି ୨ଟି ଯାକ ଦଳ ଲିଗ୍ ପୁଲ୍ ପର୍ଯ୍ୟାୟ ମ୍ୟାଚ ନଭି ମୁମ୍ବାଇରେ ଖେଳିଥିବାରୁ ପଡ଼ିଆ ଓ ପରିବେଶ ସହିତ ଭଲଭାବେ ଅଭ୍ୟସ୍ତ। ସ୍ପେନ୍ ଗତଥରର ଚାମ୍ପିୟନ ହୋଇଥିବାବେଳେ କଲମ୍ବିଆ ପ୍ରଥମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ନିଜର ପ୍ରଥମ ମ୍ୟାଚରେ ସ୍ପେନ୍ ୧-୦ ଗୋଲରେ କଲମ୍ବିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ତେଣୁ ଆଗାମୀ ମ୍ୟାଚ ପାଇଁ ଏହି ଦଳର ପଲା ଭାରି ରହିବ। ଅନ୍ୟପକ୍ଷରେ କଲମ୍ବିଆ ପାଇଁ ପରାଜୟର ପ୍ରତିଶୋଧ ନେବା ସହିତ ପ୍ରଥମଥର ପାଇଁ ଚାମ୍ପିୟନ ହୋଇ ଇତିହାସ ରଚିବାର ସମୟ ଉପନୀତ ହୋଇଛି। ତେଣୁ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଏ।

## ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ ଆସୋସିଏଶନ ନିର୍ବାଚନ

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ଗତ ୨୭ ତାରିଖରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ଅଧକ୍ଷ ଲକ୍ଷ୍ମୀ ପ୍ରସାଦ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ୨ ବର୍ଷ ପାଇଁ କର୍ମକର୍ତ୍ତାମାନେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଶଶାଙ୍କ ଶେଖର ମହାପାତ୍ର କାର୍ଯ୍ୟକାରୀ ଅଧକ୍ଷ ଏବଂ ସଞ୍ଜୀବ କୁମାର ମିଶ୍ର ସାଧାରଣ ସମ୍ପାଦକ ହୋଇଥିବାବେଳେ ମାରୁତି ଆଚାର୍ଯ୍ୟ ଓ ରାମଚନ୍ଦ୍ର ପାଣିଗ୍ରାହୀ ଉପସଭାପତି, ନୃସିଂହ ଚରଣ ପୃଷ୍ଟି, ଆର. ଶାନ୍ତି ସ୍ୱରୂପ ଓ ବି.ଏନ୍.କେ. ଦାସ ଯୁଗ୍ମ ସମ୍ପାଦକ, ଗିରିଶ ଦିଗଲ କୋଷାଧକ୍ଷ, ସ୍ମିତ ରଞ୍ଜନ ପଟ୍ଟନାୟକ ସମୀକ୍ଷକ ଏବଂ ଅବିନାଶ ଖଣ୍ଡୁଆଳ ଖେଳ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ସ୍ୱର୍ଣ୍ଣେନ୍ଦୁ ମିଶ୍ର, ପ୍ରସନ୍ନ ଦାସ, କେ. ରାମା ରାଓ, ଅନିଶ ରୋହମାନ, ବଦ୍ରି ନାରାୟଣ ପଟ୍ଟନାୟକ, ତ୍ରିଲୋଚନ ବାରିକ ଏବଂ ସନ୍ତୋଷ ଦାସ କାର୍ଯ୍ୟନିର୍ବାହୀ ସଦସ୍ୟ ହୋଇଛନ୍ତି।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଫିଲିପ୍ସ, ବୋଲ୍ଟ

ସିଡ୍‌ନୀ, ୨୯।୧୦(ପି.ଟି.)

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଶନିବାର ଶ୍ରୀଲଙ୍କା ବିପକ୍ଷରେ ନ୍ୟୁଜିଲାଣ୍ଡ ୬୫ ରନରେ ବିଜୟ ଲାଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ପାୱାର ପ୍ଲେରେ ଏକଦା ମାତ୍ର ୧୫ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ପରେ ଗ୍ଲେନ ଫିଲିପ୍ସ (୬୪ ବଲ୍‌ରୁ ୧୦୪ ରନ) ଓ ଡେରିଲ ମିଚେଲ ୨୪ ବଲ୍‌ରୁ ୨୨ରନ) ପାର୍ଟନରଶିପ୍‌ରେ ଗୁରୁତ୍ୱପୂର୍ଣ୍ଣ ୮୪ ରନ ଯୋଗ କରି ଦଳର ବ୍ୟାଟିଂ ସ୍ଥିତିକୁ ସଜାଡିଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୬୭ରନ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ୨୫ ବର୍ଷୀୟ ଫିଲିପ୍ସ ତାଙ୍କ ଦ୍ୱିତୀୟ ଟି୨୦ ଶତକ ହାସଲ କରିଥିଲେ। ସେ ୪ ଛକା ଓ ୧୦ ଚୌକା ମାରିଥିଲେ। ଶ୍ରୀଲଙ୍କା ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ଭଳି ସ୍ଥିତି ସୁଧାରିବାରେ ସକ୍ଷମ ହୋଇପାରି ନ ଥିଲା। ଦଳ ୧୯.୨ ଓଭରରେ ୧୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଟ୍ରେଣ୍ଟ ବୋଲ୍ଟ ଶ୍ରୀଲଙ୍କା ଦଳର ସବୁଠାରୁ ବେଶି କ୍ଷତି ଘଟାଇଥିଲେ। ସେ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୪ ଓଭରରେ ମାତ୍ର ୧୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ନ୍ୟୁଜିଲାଣ୍ଡର ତିନୋଟି ଗେମ୍‌ରେ ଏହା ଥିଲା ଦ୍ୱିତୀୟ ବିଜୟ। ଆଫଗାନିସ୍ତାନ ବିପକ୍ଷ ପୂର୍ବ ଗେମ୍ ବର୍ଷା ଯୋଗୁ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେ ଏସିଆ କପ୍ ଚାମ୍ପିୟନ ଶ୍ରୀଲଙ୍କାର ତିନୋଟି ଗେମ୍‌ରେ ଏହା ଦ୍ୱିତୀୟ ପରାଜୟ। ଫଳରେ ଦଳ ପାଇଁ ସେମିଫାଇନାଲ ରାସ୍ତା ଏବେ କଠିନ ହୋଇଛି। ଶନିବାର ମ୍ୟାଚରେ ନ୍ୟୁଜିଲାଣ୍ଡର ଭେଟେରାନ ପେସ୍ ଯୋଡ଼ି ବୋଲ୍ଟ ଓ ଟିମ୍ ସୌଦି (୧/୧୨) ଶ୍ରୀଲଙ୍କା ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ବୋଲ୍ଟ ତାଙ୍କ ଓପନିଂ ସ୍ପେଲ୍‌ରେ ତିନୋଟି ଉଇକେଟ ନେଇଥିଲେ। ବାମହାତି ସ୍ପିନର ମିଚେଲ ସାଣ୍ଟନର (୨/୨୧) ଓ ଈଶ ସୋଧି (୨/୨୧) ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଗ୍ଲେନ ଫିଲିପ୍ସ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୭/୭ (ଗ୍ଲେନ ଫିଲିପ୍ସ-୧୦୪, ଡେରିଲ ମିଚେଲ-୨୨, କାସୁନ ରଜିଥା-୨/୨୩, ଧନଞ୍ଜୟ ଡି ସିଲ୍‌ଭା-୧/୧୪)। ଶ୍ରୀଲଙ୍କା ୧୯.୨ ଓଭରରେ ୧୦୨/ଅଲଆଉଟ (ଦସୁନ ସାନକା-୩୫, ଭାନୁକା ରାଜପାକ୍‌ସେ-୩୪, ଟ୍ରେଣ୍ଟ ବୋଲ୍ଟ-୪/୧୩)।

# ଭାରତୀୟ ଦଳରେ ଓଡ଼ିଶାର ୬ ସାମିଲ

**୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ ଟୁର୍ନାମେଣ୍ଟ**

ଭୁବନେଶ୍ୱର, ୨୯।୧୦ (କ୍ରୀଡ଼ା ପ୍ରତିନିଧି)




ବାଳିକା ଦଳର ଅଧିନାୟିକା ମାମା ନାଏକଙ୍କୁ ଅତିଥିମାନେ ଜର୍ସି ପ୍ରଦାନ କରୁଛନ୍ତି।

ନଭେମ୍ବର ୫ ଓ ୬ରେ ୨୦ ବର୍ଷରୁ କମ୍ ଏସିଆ ରଗ୍‌ବୀ (ବାଳିକା ଓ ବାଳକ) ଟୁର୍ନାମେଣ୍ଟ ଉଜବେକିସ୍ତାନରେ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୬ ଖେଳାଳି ସାମିଲ ହୋଇଛନ୍ତି। ଏହା ମଧ୍ୟରେ ୫ ବାଳିକା ଓ ୧ ବାଳକ ଖେଳାଳି ସାମିଲ। ବାଳିକା ଦଳରେ ସାମିଲଥିବା ଓଡ଼ିଶା ଖେଳାଳି ହେଲେ ମାମା ନାଏକ, ପାର୍ବତୀ ହାଂସଦା, ତରୁଲତା ନାଏକ, ନିର୍ମାଲ୍ୟ ରାଉତ ଓ ଆରତୀ ମୁର୍ମୁ। ସେହିପରି ବାଳକ ଦଳରେ ରାଜ୍ୟର ଗଣେଷ ଧାଙ୍ଗଡ଼ା ମାଝି ସାମିଲ ହୋଇଛନ୍ତି। ମାମା ନାଏକ ବାଳିକା ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ସମ୍ମାନଜନକ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ରଗ୍‌ବୀ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୧ରୁ ଏଠାରେ ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ ଚାଲିଥିଲା। କ୍ୟାମ୍ପ ଶେଷ ହେବାପରେ ଦଳ ଚୟନ ଏବଂ କିଟ୍ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର, ସମ୍ପାଦକ ଉପେନ୍ଦ୍ର ମହାନ୍ତି, କିଟ୍ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ରଗ୍‌ବୀ ଇଣ୍ଡିଆର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଚିଂ କ୍ୟାମ୍ପ ପାଇଁ ଖେଳାଳି ଓ ଅଫିସିଆଲଙ୍କ ଲାଗି ଆବଶ୍ୟକ ସୁବିଧା ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ଅଚ୍ୟୁତଙ୍କୁ ରାହୁଲ ଧନ୍ୟବାଦ ଜଣାଇଛନ୍ତି। ଏହା ବ୍ୟତୀତ ରଗ୍‌ବୀପ୍ରତି ସମର୍ଥନ ଅବ୍ୟାହତ ରଖିଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗକୁ ମଧ୍ୟ ସେ ପ୍ରଶଂସା କରିଛନ୍ତି। ମନୋନୀତ ସମସ୍ତ ଖେଳାଳିଙ୍କୁ ଅଚ୍ୟୁତ ଅଭିନନ୍ଦନ ଜଣାଇବା ସହ ଆଗାମୀ ଟୁର୍ନାମେଣ୍ଟ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

**ଭାରତୀୟ ବାଳିକା ଦଳ:** ମାମା ନାଏକ, ଗୋମତି, ପାର୍ବତୀ ହାଂସଦା, ତରୁଲତା ନାଏକ, କୁମାରୀ ଧର୍ମଶୀଳା, ନିର୍ମାଲ୍ୟ ରାଉତ, କ୍ରିଜ୍‌ଲେ ଚାନେଲ, କଟକାଡେ ଆକାଂକ୍ଷା ଆନନ୍ଦ, କୁମାର ସପ୍ନା, ଆରତୀ କୁମାରୀ, ନନ୍ଦିନୀ, ଆରତୀ ମୁର୍ମୁ। ଅଫିସିଆଲ୍ସ: ଭାନ୍ ଡେଭେଣ୍ଟର ଲୁଓ୍ୱିଚେ ହେର୍ମାନୁସ (ଦକ୍ଷିଣ ଆଫ୍ରିକା), ପାଏସ ଲିଜାନେ, ଭାରିଚା ଭାବିଜ୍ ବୋମାନ (ଉଭୟେ ମହାରାଷ୍ଟ୍ର)।

**ଭାରତୀୟ ବାଳକ ଦଳ:** ପ୍ରଥମେଶ ମହାଦେବ ପାଟିଲ, ଦିବେଶ ସଦାଶିବ ଦେବଡିଗା, ନିଶାନ୍ତ ସୁରେନ୍ଦ୍ର ଚୌହାନ, ବିନୟ ଆନ୍ନାବାଥିନି, ଦୀନେଶ ଦେଶମୁଖ, ଗଣେଷ ଚନ୍ଦ୍ର ମାଝି, ହର୍ଷ ରାଜ, ପ୍ରଣବ ବିଜୟ ପାଟିଲ, ତେଜାସ ତୁକାରାମ ପାଟିଲ, ବିଦ୍ୟାନନ୍ଦ କୁମାର, କୁମାର ରାଜ, କରନ ରାଜଭାର। **ଅଫିସିଆଲ୍ସ:** ବିକାଶ ଖତ୍ରି (ହରିୟାଣା), ଅବଦୁଲୱାହିଦଖାଁ ଅବଦୁଲାତିଫଖାଁ ପଠାନ (ଗୁଜରାଟ)କୁନାତୁବା ଏଲେନୋଆ ନାଇକୁଲାନିଭାନୁଆ (ଫିଜି)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଗଞ୍ଜେଇ ବୋଝେଇ ସ୍କର୍ପିଓ ସହ ୩ ଅଭିଯୁକ୍ତ ଗିରଫ

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅମାଠ ଛକ ନିକଟରେ ଶନିବାର ଗଞ୍ଜେଇ ବୋଝେଇ ଏକ ସ୍କର୍ପିଓ ସହ ୩ଜଣଙ୍କୁ ପୋଲିସ ଧରିଛି। ସ୍କର୍ପିଓ (ନଂ.ୟୁପି୧୬ ଏ.କ୍ୟୁ ୭୧୦୭)ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। କେସିଙ୍ଗା ପୋଲିସ ଖବର ପାଇ ଅମାଠ ଛକ ନିକଟରେ ଜଗି ରହିଥିଲେ। ଗଞ୍ଜେଇ ଜୁନାଗଡ଼ ଅଞ୍ଚଳରୁ ଉତ୍ତରପ୍ରଦେଶ ଯାଉଥିଲା। ଗିରଫ ଅଭିଯୁକ୍ତମାନେ ଉତ୍ତର ପ୍ରଦେଶର ସୁନୀଲ ଯାଦବ, ଆର୍କିତ ମୋରିଆ ଓ ଦୀପକ କୁମାର। ୯ଟି ପ୍ୟାକେଟରୁ ୧୦ କିଲୋ ଗଞ୍ଜେଇ ଜବତ ହୋଇଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

**ସଂକ୍ଷେପରେ**

## ଗୋଳାବାରୁଦ କାରଖାନାର ପ୍ରତିଷ୍ଠା ଦିବସ ପାଳନ


ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ମହାପ୍ରବନ୍ଧକ ପ୍ରଦୀପ ଦାସ ।

**ସଇଁତଳା,୨୯।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନାର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ୩୯ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କାରଖାନା ମହା ପ୍ରବନ୍ଧକ ପ୍ରଦୀପ ଦାସ ପାର୍କସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କାରଖାନାର ବହୁ ବରିଷ୍ଠ ଅଧିକାରୀ, ଶ୍ରମିକ ସଂଗଠନ କର୍ମକର୍ତ୍ତା ଓ କାର୍ଯ୍ୟ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ । ୧୯୮୪ ଅକ୍ଟୋବର ୨୯ ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବଡ଼ମାଳଠାରେ ପ୍ରତିରକ୍ଷା ବିଭାଗ ତରଫରୁ ଗୋଳାବାରୁଦ କାରଖାନା ସ୍ଥାପନ ପାଇଁ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ଦିଆଯାଇଥିବା ସ୍ଥାନରେ ବର୍ତ୍ତମାନ ଇନ୍ଦିରା ପାର୍କ ନିର୍ମାଣ ହୋଇଅଛି ।

## ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଅପସାରଣ ଦାବି କଲେ ଚାଷୀ

**ଲୋଇସିଂହା,୨୯।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ଅନ୍ତର୍ଗତ ଘୁଷୁରାମୁଣ୍ଡା ବାବା ମଠଠାରେ ପଞ୍ଚାୟତ ଚାଷୀଙ୍କ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଢ଼ୀପଦର, ନେଗିପାଲି, ଘୁଷରାମୁଣ୍ଡା, ପିପିଲିପାଲି, ପଧାନପାଲି ଗ୍ରାମର ଚାଷୀ ସାମିଲ ହୋଇଥିଲେ । ବୈଠକରେ ଗୋପାଳକୃଷ୍ଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ଅଞ୍ଚଳରେ ଖରିଫ ଧାନରେ ରୋପପୋକ ପ୍ରାଦୃଭାବ ପରିଲକ୍ଷିତ ହୋଇଛି। ଏହି ସମୟରେ ପଞ୍ଚାୟତ ଦାୟିତ୍ୱରେ ଥିବା କୃଷି କର୍ମଚାରୀଙ୍କ ଦେଖା ମିଳୁନାହିଁ। ତେଣୁ ସମ୍ପୃକ୍ତ କର୍ମଚାରୀଙ୍କୁ ଦାୟିତ୍ୱରୁ ଅପସାରଣ ପାଇଁ ଚାଷୀମାନେ ଜିଲା କୃଷି ଅଧିକାରୀ ଓ ବ୍ଲକ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ବୈଠକରେ କିଷାନ ଦର୍ଜି, ରଞ୍ଜିତ ସାହୁ, ଦୟାମୟ ସାହୁ, ବିଜୟ କୁମାର ପୁଟେଲ, ଲକ୍ଷ୍ମୀକାନ୍ତ ଧରୁଆ, ପ୍ରମୋଦ କୁମାର ଚାନ୍ଦ, ପଞ୍ଚାନନ ଦାଶଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡ ବୈଠକ

**ଲୋଇସିଂହା,୨୯।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି ବୋର୍ଡର ଦ୍ୱିତୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ସମିତି ପରିସରରେ ଅନୁଷ୍ଠିତ ବୈଠକରେ ବୋର୍ଡ ସଭାପତି ବାଳଗୋପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଘନଶ୍ୟାମ ପୁଟା ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ । ଆଗାମୀ ରବିଋତୁ ପାଇଁ ସିଏଲ ମଞ୍ଜୁର ପାଇଁ ବୋର୍ଡର ସହମତି ଲୋଡିବା ସହ ଏଜେଣ୍ଡା ଉପରେ ଆଲୋଚନା ପାଇଁ ବୋର୍ଡ ସଭ୍ୟଙ୍କୁ ଆହ୍ୱନ ଦେଇଥିଲେ ସମ୍ପାଦକ ପୁଟା । ଖରିଫ ଧାନ କିଣା ଲାଗି ୮ ଜଣିଆ କମିଟି ଗଠିତ ହୋଇଥିଲା। ବେପାରୀଙ୍କୁ ପ୍ରାଧାନ୍ୟ ନଦେଇ ପ୍ରକୃତ ଚାଷୀଙ୍କ ଧାନ କିଣିବା ଦିଗରେ ଗୁରୁତ୍ୱ ଦେବା ଉପରେ ବୋର୍ଡ ସଦସ୍ୟ ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମିତିକୁ ଧାନବିକ୍ରି ପାଇଁ ଆଣୁଥିବା ଚାଷୀଙ୍କ ଧାନ ଅନଲୋଡ ଲାଗି ଶ୍ରମିକମାନେ ଜୋରଜବରଦସ୍ତି କରିବାକୁ ନେଇ ସଭ୍ୟମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏଥର ଏପରି ଯେମିତି ନହେବ ଏଥିପ୍ରତି ଯତ୍ନବାନ ହେବାକୁ ସଭ୍ୟମାନେ କହିଥିଲେ। ଅପରପକ୍ଷେ ବିଭାଗୀୟ ଚିଠି ସଂଖ୍ୟା ତା୧୫।୧୧।୨୦୨୧ରିଖ ଅନୁଯାୟୀ ସମିତି ଆଗରେ ଧାନକିଣା ଲାଗି ଏକ ଆଜବେଷ୍ଟସ ସେଡ ନିର୍ମାଣ ହୋଇଛି । ଏହାର ବ୍ୟୟ ଅଟକଳ ୧ ଲକ୍ଷ ୪୪ ହଜାର ୧୯୬ ଟଙ୍କା। ଗତ ବୋର୍ଡ ଭାଙ୍ଗିଲା ପରେ ଏହି ସେଡ ନିର୍ମାଣ କରାଯାଇଛି । ପୂର୍ବ ବୈଠକରେ ଏ ନେଇ ସଭ୍ୟମାନେ ଜାଣିବାକୁ ଚାହିଁଥିଲେ। ବିଲ ଦସ୍ତାବିଜ ଆଗାମୀ ବୈଠକରେ ଦେଖାଇବାକୁ ସେତେବେଳେ ଦାବି କରିଥିଲେ । ଶନିବାର ବୈଠକରେ ସେଡ ବିଲ ବାବଦ ଦସ୍ତାବିଜରେ ଏକ ଦୋକାନ ଏବଂ ଯାନବାହନ ପରିବହନ ବିଲ ଥିବା ଜାଣିବାକୁ ପାଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ବ୍ୟୟ ମଞ୍ଜୁରଠାରୁ ଅଧିକ ବିଲ୍‌କୁ ନେଇ ଆପତ୍ତି ଉଠାଇ ସଭ୍ୟମାନେ ତଦନ୍ତ ଦାବି କରିଥିଲେ ।

# ପ୍ରାଥମିକ ଶିକ୍ଷକ ସଂଘର ବିଶାଳ ରାଲି

- ୪ ଦଫା ଦାବି ପୂରଣ ନହେଲେ ରାଜଧାନୀ ଦୁଲୁକିବ
- ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୯।୧୦**

ବଲାଙ୍ଗୀର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ବିଶାଳ ରାଲି ଶନିବାର ସହର ପରିକ୍ରମା କରିଥିଲା। ପରେ ୪ ଦଫା ଦାବି ନେଇ ସଂଘ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨୦୦୧ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷା ସହାୟକ, ଗଣଶିକ୍ଷକ ଓ କନିଷ୍ଠ ଶିକ୍ଷକ ପଦବୀ ଉଚ୍ଛେଦ କରି ମୂଳ ଚାକିରିକୁ ଗଣନା କରି ୬ଟି ଇନ୍‌କ୍ରିମେଣ୍ଟ, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ଏକ୍ସ-କ୍ୟାଡର ପ୍ରାଥମିକ ଶିକ୍ଷକ ପଦବୀକୁ ଉଚ୍ଛେଦ କରି ଏଲିମେଣ୍ଟାରି କ୍ୟାଡରଭୁକ୍ତ କରିବା ଏବଂ ସମସ୍ତ ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା ଦାବି ନେଇ ଶନିବାର ବିଶାଳ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ଆହ୍ୱାନକ୍ରମେ ୧୪ଟି ବ୍ଲକର ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ, କନିଷ୍ଠ ଶିକ୍ଷକ ଏବଂ ଏକ୍ସ-କ୍ୟାଡର ପ୍ରାଥମିକ ଶିକ୍ଷକ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଏଥିରେ ଭାଗ ନେଇଥିଲେ। ରାଲି ଭାଗିରଥି ଛକ, ପିପି ଏକାଡେମୀ, ପାଟଣାହୋଟେଲ ଛକ, ମେନ୍ ମାର୍କେଟ, ସରକାରୀ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶିତୋଷ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକଙ୍କ ପ୍ରତି କିଭଳି ଅବିଚାର କରାଯାଇଛି ତାହା କୁହାଯାଇଥିଲା। ସରକାରଙ୍କର ଆର୍ଥିକ ଦୁଃସ୍ଥିତ ସମୟରେ ପ୍ରତି ଶିକ୍ଷକ ୬ ବର୍ଷ କାଳ ଠିକାରେ ସ୍ୱଳ୍ପ ପାରିତୋଷିକରେ କାମ କରିଥିଲେ। ସରକାରଙ୍କ ଠିକା ନିଯୁକ୍ତି ଉଚ୍ଛେଦ ଓ ଠିକା ଚାକିରିକୁ ମୂଳ ଚାକିରିରେ ମିଶାଇବା ଭଳି ଐତିହାସିକ ନିଷ୍ପତ୍ତି ନେଇଥିଲେ ମଧ ଶିକ୍ଷକ ମାନଙ୍କୁ ଏଥିରୁ ବାଦ ଦିଆଯିବା ପ୍ରାଥମିକ ଶିକ୍ଷକ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଚରମ ଅବହେଳା ବୋଲି କୁହାଯାଇଥିଲା। ସରକାର ପ୍ରଦତ୍ତ ୪ ଦଫା ଦାବି ପୂରଣ ନ କଲେ ସରକାରଙ୍କ ପ୍ରତି ଶିକ୍ଷକମାନଙ୍କର ପୁଞ୍ଜିଭୂତ ଅସନ୍ତୋଷ ରାଜଧାନୀ ରାଜରାସ୍ତାରେ ପ୍ରତିଫଳିତ ହେବ ବୋଲି ଚେତାବନୀ ଦେଇଥିଲେ। ପ୍ରତିବାଦ ସଭାରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଶିକ୍ଷକ ସମାଜର ସ୍ୱାଭିମାନର ଲଢେଇ ବୋଲି କହିଥିଲେ। ଶିକ୍ଷକ ସଂଘ ସମ୍ପାଦକ ଚକାନନ୍ଦ କମ୍ପ ଦାବି ପୂରଣ ଦିଗରେ ଶିକ୍ଷକମାନେ ଆଜି ଯେଉଁ ଏକତା ପ୍ରତିପାଦିତ କରିଛନ୍ତି ତାହା ଐତିହାସିକ ବୋଲି କହିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି କରୁଣା ପୁଟେଲ, ଏକ୍ସ-କ୍ୟାଡର ଶିକ୍ଷକ ସଂଘ ଜିଲା ସଭାପତି ଜୟନ୍ତୀଲାଲ ସାହୁ, ସଞ୍ଜୀବ ଷଡଙ୍ଗୀ, ଖପ୍ରାଖୋଲ ବ୍ଲକ ସଭାପତି ସୁଶୀଳ କୁମାର ପୋଡ, କନିଷ୍ଠ ଶିକ୍ଷକ କୁମୁଦ ବେଦ୍‌ବାକ ବକ୍ତବ୍ୟ ରଖିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ୪ ଦଫା ଦାବିପତ୍ରକୁ ଡେପୁଟି କଲେକ୍ଟର ଦିବାକର ବାଗ ଗ୍ରହଣ କରିଥିଲେ । ଏହି ଆନ୍ଦୋଳନରେ ୧୪ଟି ବ୍ଲକ ସଭାପତି, ସମ୍ପାଦକ ଓ ସଦସ୍ୟ ଯୋଗଦାନ କରିଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବେଆଇନ ଅପସାରଣକୁ ବିରୋଧ

### ହରିଶଙ୍କରରେ ଜିଲାସ୍ତରୀୟ ଗାଁ ସାଥୀ ସଂଘ ବୈଠକ

**ଖପ୍ରାଖୋଲ, ୨୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଜିଲାସ୍ତରୀୟ ଗାଁ ସାଥୀ ସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ସଭାପତି ତପିନ୍ଦ୍ର ସୁନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ସଭାପତି ସଞ୍ଜୟ ଗଡତ୍ୟା, ସମ୍ମାନିତ ଅତିଥି ସମ୍ପାଦକ କରୁଣାକର ବାଗ, ହିମଚଲ ମେହେର ଯୋଗଦେଇ ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପଡ଼ିଆବାହାଲ ପଞ୍ଚାୟତର ୩ଜଣ ଗାଁ ସାଥୀଙ୍କୁ ବେଆଇନ ଅପସରଣ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ହାଇକୋର୍ଟର ଆଶ୍ରୟ ନେବାକୁ ଚେତାବନୀ ଦିଆଯାଇଛି। ବୈଠକରେ ସଂଘ ଉପସଭାପତି ବୈଜୟନ୍ତି ସରାଫ, କୁନି ସେଲମା, ଚକ୍ର ଦାସ, କ୍ଷେତ୍ର ମେହେର, କରମ ସିଂ ଛତର, ଅନାମିକା ସେଠ ପ୍ରମୁଖ ଗାଁ ସାଥୀ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ମୁରିବାହାଲ, ୨୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାଙ୍କେଲ ପଞ୍ଚାୟତ ଅନ୍ତର୍ଗତ ବାଙ୍କେଲ ଗ୍ରାମରେ ବହୁ ସମସ୍ୟା ରହିଛି। ବିଭିନ୍ନ ସମୟରେ ଏହି ସବୁ ଦାବି ପୂରଣ ପାଇଁ ସେମାନେ କହି ଆସୁଥିଲେ ହେଁ, ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏହାର ପ୍ରତିବାଦ କରି ଶନିବାର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ପ୍ରତିବାଦ ସଭା କରିଥିଲେ। ଅବସରପ୍ରାପ୍ତ ସୈନିକ ଗଜରାଜ ପୁଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଭିଯୋଗ କରାଯାଇଥିଲା ଯେ, ବାଙ୍କେଲ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ସତ୍ତ୍ୱେ ବାଙ୍କେଲ ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଶୋଚନୀୟ ଅବସ୍ଥାରେ ରହିଛି। ଏହି ପରିପ୍ରେକ୍ଷୀରେ ଅମୃତ ସରୋବର କାର୍ଯ୍ୟକ୍ରମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ। ଏଥିସହ ବାଙ୍କେଲରେ ଖେଳ ପଡିଆ ନିର୍ମାଣ, ଗ୍ରାମ ମୁଖ୍ୟ ରାସ୍ତାରେ ଏକ ନୂତନ ଗେଟ ନିର୍ମାଣ କରାଯାଉ। ପରେ ଉପରୋକ୍ତ ୩ ଦଫା ଦାବିକୁ ନେଇ ଏକ ସ୍ମାରକପତ୍ର ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ ପାଇଁ ସେମାନେ ଚାହିଁଥିଲେ। ହେଲେ ସେମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ଏହାପରେ ସ୍ମାରକପତ୍ରକୁ ପୋଷ୍ଟାଲ ମଧ୍ୟମରେ ପଠାଯାଇଛି ବୋଲି ଆନ୍ଦୋଳନକାରୀ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ପୁଟଲ, ବିଶ୍ୱଜିତ ବାଗ, ଆନନ୍ଦ ପାଣ୍ଡେ, ବଲ୍ଲବ ଜାନି, ରଥ ପାଣ୍ଡେ, ଗୁଲାପ ଦୀପ, ବିପିନ କୁମାର ପାଣ୍ଡେ, ନେପାଳ ପାଣ୍ଡେ, ପ୍ରମୁଖ ଉପସ୍ଥିତ ଥିଲେ। ଦାବିଗୁଡିକ ଯଥାଶୀଘ୍ର ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜୋର ଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏଥିପୂର୍ବରୁ ଗ୍ରାମ ବଜାର ପ୍ରାଙ୍ଗଣରୁ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ।


ପଞ୍ଚାୟତ ଅଫିସ ସମ୍ମୁଖରେ ବଙ୍କେଲ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ଜୁନାଗଡ଼ରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଦିବସ

**ଜୁନାଗଡ,୨୯।୧୦(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଶନିବାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର,ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା,ବିଏଲଓ ନୋଡାଲ ସୁପରଭାଇଜର ପଞ୍ଚାନନ ବିଶ୍ୱାଲ, ଭୁବନେଶ୍ୱର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିପିଓ ରାଜେନ୍ଦ୍ର ଭୋଇ ପରିଚାଳନା କରିଥିଲେ।

# ବିପର୍ଯ୍ୟୟ ପ୍ରଶମନ ନେଇ ମକ୍‌ଡ୍ରିଲ

**ବଲାଙ୍ଗୀର ଅଫିସ, ୨୯।୧୦**

ବଲାଙ୍ଗୀର ଜିଲା ପ୍ରଶାସନ ଆନୁକୂଲ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସଭାଗୃହରେ ଶନିବାର ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଥିଲା। ଏଥିରେ ଏନସିସି, ଯୁବ ରେଡକ୍ରସ, ଜିଲାସ୍ତରୀୟ ଅଧିକାରୀ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ପାଇବା ମାତ୍ରେ ସତର୍କତା ଅବଲମ୍ବନ କଲେ ଅନେକାଂଶରେ ଧନ ଜୀବନ ରକ୍ଷା କରାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ ଧରୁଆ କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ସୂଚନା ଦେବା ସହ ଏହାର ମୁକାବିଲା କରିବା ପାଇଁ ସମସ୍ତ ସ୍ତରରେ ସଚେତନ ହୋଇ ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଜିଲାସ୍ତରୀୟ ସଚେତନତା ସଭାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଯୁଧିଷ୍ଠିର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ପ୍ରଶମନରେ ଗୋଷ୍ଠୀ ଭୂମିକା ଓ ଯୁବ ସମାଜ କିଭଳି ଭାବରେ ବିପର୍ଯ୍ୟୟକୁ ହ୍ରାସ କରିପାରିବେ ସେ ଉପରେ କହିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରୀନା କୁମାରୀ ନାଏକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଅଗ୍ନି ନିରାପତ୍ତା ଓ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବିଭାଗ ଭୂମିକା ଉପରେ ବୁଝାଇଥିଲେ। ବଲାଙ୍ଗୀର ଓଡ୍ରାଫ ୟୁନିଟର ପ୍ରଶିକ୍ଷକ ଫଣୀନ୍ଦ୍ର ବିଶି ଏବଂ ବଲାଙ୍ଗୀର ବିପର୍ଯ୍ୟୟ ପରିଚାଳନା ୟୁନିଟ ପରାମର୍ଶଦାତା ବିକାଶ ରଞ୍ଜନ କର ବିପର୍ଯ୍ୟୟ ପରିଚାଳନା ତଥା ବିଭିନ୍ନ ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ସଭା ପରେ ଓଡ୍ରାଫ ୟୁନିଟ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ବିପର୍ଯ୍ୟୟର ମୁକାବିଲା, ଉଦ୍ଧାର ଓ ଥଇଥାନ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ଓ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ।


ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଉପରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

# ଡୋକାରିଚଞ୍ଚରା ଉନ୍ନତି ପାଇଁ ଅନୁଦାନ

**ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର**

**କୋକସରା,୨୯।୧୦(ଡି.ଏନ.ଏ.)**

ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଶନିବାର କୋକସରା ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ତାଙ୍କୁ କୋକସରାର ଦଳୀୟ କାର୍ଯ୍ୟାଳୟଠାରେ ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା , ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ତ୍ରିନାଥ ବାଗ, ଜିଲା ପରିଷଦ ସଭ୍ୟା ବୈଜୟନ୍ତୀ ପୂଝାରି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ନାରୀନେତ୍ରୀ ଅଶୋକା ନାଏକଙ୍କ ସମେତ ବ୍ଲକର ୨୨ ପଞ୍ଚାୟତରୁ ଆସିଥିବା ବିଜେଡି କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ସେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ପରେ ରାଜ୍ୟସଭ୍ୟ ସଦସ୍ୟଙ୍କୁ କୋକସରା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଓ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ସମେତ ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ବ୍ଲକ କର୍ମକର୍ତ୍ତା ସ୍ୱାଗତ କରିଥିଲେ। କୋକସରା ବ୍ଲକର ପର୍ଯ୍ୟଟନସ୍ଥଳୀ ଗୁଡ଼ାହାଣ୍ଡି ଡୋକାରିଚଞ୍ଚରା ପରିଦର୍ଶନ କରିଥିଲେ। ରାଜ୍ୟସଭା ସଦସ୍ୟଙ୍କୁ ଡୋକାରିଚଞ୍ଚରା ଉନ୍ନୟନ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର ,ଘନଶ୍ୟାମ ନାଏକ, ଅଇରୀ ନାସନ ଚିନ୍ଦା, ମଧୁବନ ପାତ୍ର, ଅଜିତ କୁମାର ପଟ୍ଟନାୟକ, ଚକାଡୋଳା ପାତ୍ର, ସୁଧୀର କୁମାର ପାତ୍ର, ବ୍ଲକ ଅଧକ୍ଷା ଅଗ୍ରୱାଲ, ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଆମପାଣି ଯୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଆମ୍ରା ଅଧକ୍ଷ ଋତୁରାଜ ମାଝୀ, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ଉପସ୍ଥିତ ରହି ଆଗାମୀ ଦିନରେ ପର୍ଯ୍ୟଟନସ୍ଥଳୀର ବିକାଶ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାର ମଧ୍ୟ ଏହି ପର୍ଯ୍ୟଟନସ୍ଥଳୀର ଉନ୍ନତି ସାଧନ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ନିଜ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ସୁଜିତ କୁମାର ଲଡୁଗାଁ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଲଡୁଗାଁ ସରପଞ୍ଚ ନକୁଳ ନାଏକଙ୍କ ସମେତ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ତାଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଲଡୁଗାଁ ମାରବାଡି ଯୁବାମଞ୍ଚ ପକ୍ଷରୁ ମଧ ସମ୍ବର୍ଦ୍ଧନା, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇଛି।

# ବିଜେଡିର ଜନସମ୍ପର୍କ ଯାତ୍ରା

**ଲୋଇସିଂହା,୨୯।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଉପରବାହାଲ ପଞ୍ଚାୟତ ଓ ବୁଦୁଲା ପଞ୍ଚାୟତର ଇଂସା ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ନିହାର ରଞ୍ଜନ ବେହେରାଙ୍କ ନେତୃତ୍ୱରେ କରାଯାଇଥିବା ପଦଯାତ୍ରାରେ ବ୍ଲକ ସଭାପତି ପଞ୍ଚୁ ପଧାନ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାସ, ସରପଞ୍ଚ ମମି ସାହୁ, ଯୁବ ସଭାପତି ନାରାୟଣ ସାହୁ ଏଥିରେ ଯୋଗ ଦେଇଥିଲେ । ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଭାରେ ଯୁବନେତା ବେହେରା ଓ ଅତିଥିମାନେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଗାଁମାନଙ୍କରେ ଥିବା ବିଭିନ୍ନ ସମସ୍ୟା ଉପରେ ସ୍ଥାନୀୟ ଅଧିବାସୀଙ୍କଠାରୁ ଅବଗତ ହୋଇ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ମେହେର, ଦେବେନ୍ଦ୍ର ମେହେର, ଯେଠୁ ସାହୁ, ଜୟନ୍ତ ବେହେରା, ଗୋପାଳ ଭୋଇ କୈଳାସ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ ।



ଆଗଲପୁରରେ ଅନୁଷ୍ଠିତ ପଦଯାତ୍ରାରେ ବିଜେଡି ନେତା ଓ କର୍ମୀ।

# ନୀତି ଆୟୋଗ, ଜିଲା ପ୍ରଶାସନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ

**ବଲାଙ୍ଗୀର ଅଫିସ, ୨୯।୧୦**

ନୀତି ଆୟୋଗ ଏବଂ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ମହେନ୍ଦ୍ର କୁମାର ମହାପାତ୍ର ଉପସ୍ଥିତ ଥିଲେ। ଜିଲାର ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଭଇଁଷାର ଛାତ୍ର ଅଧ୍ୟୟନ କଶ୍ୟପ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟିଟିଲାଗଡର ଯଶୋବର୍ଦ୍ଧନ ମହାକୁଡ ଦ୍ୱିତୀୟ ଓ ସୂର୍ଯ୍ୟକଲ୍ୟାଣ ବାଳିକା ଉଚ୍ଚ ବିଦ୍ୟାଳୟ ଆଗଲପୁରର କ୍ରିଷ୍ଟା ଅଦାବାଙ୍କ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ଝରଣୀ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଭିଷେକ ମେହେର ପ୍ରଥମ, ମୁରିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟର ଦେବଯାନୀ ସେଠ ଦ୍ୱିତୀୟ ଓ କୁର୍ଲୁଲା ଧ୍ରୁବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆନନ୍ଦ ରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ରାଜେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆୟୁଷୀ ନନ୍ଦ ପ୍ରଥମ, ପାଟଣାଗଡର ସୁଜଳ କୁମାର ପଣ୍ଡା ଦ୍ୱିତୀୟ ଏବଂ ଟିଟିଲାଗଡ ଓମ୍‌ଭେଲି ବିଦ୍ୟାଳୟର ଅମ୍ରିତା ଶତପଥି ତୃତୀୟ ସ୍ଥାନ ଅଧିକାର କରି ଜିଲାପାଳଙ୍କଠାରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ସେହିପରି ଜିଲାର ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଲିଖନ ପ୍ରାତିଯୋଗିତାରେ ବଲାଙ୍ଗୀର ତହସିଲଦାର ଡ଼ ପୁଷ୍ପାଞ୍ଜଳି ପଣ୍ଡା ପ୍ରଥମ, ବଲାଙ୍ଗୀର ବିଡିଓ ପ୍ରୀତମ କୁମାର ତନ୍ତୀ ଦ୍ୱିତୀୟ ଓ ତୁଷରା ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ ଏବଂ ତୁଷରା ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ରଶ୍ମିସୀମା ଦଣ୍ଡସେନା ଯୁଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରି ଜିଲାପାଳଙ୍କଠାରୁ ପୁରସ୍କାର ଓ ମାନପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୋନିଆଶ୍ରୀ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଆକାଂକ୍ଷୀ ଜିଲା ବଲାଙ୍ଗୀରର ନୋଡାଲ ଅଫିସର ଦିଲୀପ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ରଙ୍କ ସମେତ କୃତୀ ପ୍ରତିଯୋଗୀ ମାନଙ୍କ ଅଭିଭାବକ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ଚଞ୍ଚଳ ରାଣା ପୁରସ୍କାର ବିତରଣ କରୁଛନ୍ତି।

## ସଂକ୍ଷେପରେ

### ବାଲି ଚୋରାଚାଲାଣ ବେଳେ ଟ୍ରାକ୍ଟର ଜବତ

ବରପାଲି,୨୯।୧୦(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ତହସିଲ ଅଞ୍ଚଳରେ ବାଲି ଚୋରାଚାଲାଣ କରାଯିବା ବେଳେ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଛି। ଶନିବାର ବରପାଲି ନିକଟ କୁମ୍ଭାରୀ ଗ୍ରାମପଞ୍ଚାୟତର ଲାମସରା ବାଲିଘାଟରୁ ଗୋଟିଏ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରାଯାଉଥିଲା। ଖବର ପାଇ ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଯାଞ୍ଚ ବେଳେ ୩ଟି ଟ୍ରାକ୍ଟର (ନଂ.ଓଡ଼ି୧୭ୟୁ/୫୪୭୨, ଓଡ଼ି୧୭ଜେ/୪୩୯୯ ଏବଂ ଓଡ଼ି୩୧ଇ/୩୯୮୩) ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ତହସିଲଦାର ବାଗ ଉକ୍ତ ଟ୍ରାକ୍ଟରଗୁଡିକୁ ଜବତ କରି ତହସିଲ ଅଫିସ ପରିସରରେ ରଖିଛନ୍ତି।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ୨ବର୍ଷ କାରାଦଣ୍ଡ

ଅମରପାଲି,୨୯।୧୦(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହକାରୀ ଦୌରାଜଜ ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରି ଦୋଷୀଙ୍କୁ ୨ ବର୍ଷ ସଶ୍ରମ କାରଦଣ୍ଡାଦେଶ ଦେଇଛନ୍ତି। ସୁଚନାମତେ ଗତ ୧୮।୪।୨୦୧୫ ରିଖରେ ବୀରମହାରାଜପୁର ଥାନା ପଧାନପାଲି ଗାଁରେ ଉଦ୍ଧବ ବାଦିଙ୍କୁ ସେହି ଗ୍ରାମର ଅଭିଯୁକ୍ତ ଭରତ ଭେଷରା ମରଣାତ୍ମକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ୧୪ଜଣ ସାକ୍ଷ୍ୟଙ୍କ ବୟାନକୁ ଅନୁଧାନ କରି ବିଚାରପତି ଅଭିଯୁକ୍ତଙ୍କୁ ଏହି ଦଣ୍ଡଶଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମଧୁସୂଦନ ଆଚାର୍ଯ୍ୟ ମାମଲା ପରିଚାଳନା କରିଥିଲେ।

### ୨ଦୋକାନ ଗୃହ ସିଲ୍ କଲା ଏନ୍ଏସି

ବିନିକା, ୨୯।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କାର୍ଯ୍ୟାଳୟ ଦୋକାନ ଗୃହ ଭଡା ପୈଠ କରିବା ପାଇଁ ବାରମ୍ବାର ନୋଟିସ କରିଥିଲା। ହେଲେ ଧାର୍ଯ୍ୟ ସମୟରେ ପୈଠ କରି ନ ଥିବା ୨ ବ୍ୟବସାୟୀଙ୍କ ଦୋକାନ ଗୃହକୁ ଶୁକ୍ରବାର ଏନଏସି ପ୍ରଶାସନ ସିଲ୍ କରିଛି। ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଚାନ୍ଦିନୀ ମେହେର ଓ ପୋଲିସ୍ ଉପସ୍ଥିତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ, ବିଭାଗୀୟ କର୍ମଚାରୀ ଶ୍ରୀଧର ମହାନନ୍ଦ, ସନ୍ତୋଷ କୁମାର ବନଛୁର, ଉମାକାନ୍ତ ସିଂ, ପୃଥ୍ୱୀରାଜ ପଧାନ, ସରୋଜ ବାଘ, ଯୋଗେଶ୍ୱର ନାଏକ, ମୋହନ ମହାନନ୍ଦ, ଧ୍ରୁବଚରଣ ହାତୀ ଦୋକାନ ଗୃହରେ ତାଲା ଦେଇଥିଲେ।

### ବିଶ୍ୱଶାନ୍ତି ଅଖଣ୍ଡବ୍ରହ୍ମ ଯଜ୍ଞ

ସୋନପୁର,୨୯।୧୦(ନି.ପ୍ର):ସୋନପୁର ବ୍ଲକ ବିଶିମୁଣ୍ଡା ପଞ୍ଚାୟତ ଗଇଲବେର୍ଣ୍ଣାଠାରେ ଶନିବାର ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଓ ଜିଲା ବାହାରୁ ଶତାଧିକ ମହିମା ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶାସିନୀ ମହିମା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଯଜ୍ଞ, ପୂର୍ଣ୍ଣାହୂତି, ପ୍ରସାଦ ସେବନ ଓ ଧାର୍ମୀକ ସଭା କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତି ପରିବେଶ ସୃଷ୍ଟି କରିଥିଲା। ପରେ ଅନୁଷ୍ଠିତ ଧାର୍ମିକ ସଭାରେ ମହିମା ସାଧୁମାନେ ଯୋଗଦାନ କରି ଭୀମ ଭୋଇଙ୍କ ଜୀବନୀ ଓ ମହିମା ଧର୍ମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ୨୫ଟି ଦଳ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖଞ୍ଜଣୀ ଭଜନ ଗାନ କରିଥିଲେ। ଶାସିନୀ ମହିମା ସଂଘର ସଭାପତି ଗୋବିନ୍ଦ ନନ୍ଦ, ସମ୍ପାଦକ ଦୁର୍ଗା ଚରଣ କଲତା, ଯୁଗ୍ମ ସମ୍ପାଦକ ଉତ୍ତମ ସିଂ, ସାମାଜିକକର୍ମୀ ଛତ୍ରଧାରୀ ଅଗ୍ରୱାଲ, ଭୀମଭୋଇଙ୍କ ବାର୍ତ୍ତା ପ୍ରଚାରକ ରାମ ଗୋପାଳ ବାଘ, କାର୍ଯ୍ୟକାରିଣୀ ସଦସ୍ୟ ମିଲୁ ତାଣ୍ଡି, ଖଗେଶ୍ୱର କୁଅଁର, ଶ୍ରୀରାମ କୁମାର, ବୈକୁଣ୍ଠ ବାରିକ ଓ ଠାକୁର ସୁନା ସହଯୋଗ କରିଥିଲେ।

### ରାଧାକୃଷ୍ଣ ମନ୍ଦିରରେ ନୂତନ ବିଗ୍ରହ ସ୍ଥାପନ

ବିନିକା, ୨୯।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ରାଧାକୃଷ୍ଣ ମନ୍ଦିରରେ ଅଷ୍ଟଧାତୁ ରାଧାକୃଷ୍ଣଙ୍କ ବିଗ୍ରହ ସ୍ଥାପନ କରାଯାଇଛି। ଏହି ଅବସରରେ ଉର୍ଲେ ଗ୍ରାମବାସୀ କୀର୍ତନ ଓ ନାମଯଜ୍ଞ କରିଥିଲେ। ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମରେ ଦୟାନିଧି ମେହେର, ସଂଯୁକ୍ତା ମେହେର କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ପ୍ରାକ୍ ପ୍ରସ୍ତୁତି ଧନଜୀବନକୁ ରକ୍ଷା କରିପାରିବ

ସୋନପୁର,୨୯।୧୦(ନି.ପ୍ର.)



ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜର କର୍ତ୍ତବ୍ୟ ପାଳନ ସମ୍ବନ୍ଧରେ ଅତିଥି ବୃନ୍ଦ ଶପଥ ପାଠ କରୁଛନ୍ତି ।

ପ୍ରାକୃତିକ ବିପର୍ଯ୍ୟୟକୁ ମଣିଷ ଚାହିଁଲେ ରୋକିପାରିବ ନାହିଁ। କେବଳ ପ୍ରାକ୍ ପ୍ରସ୍ତୁତି ଓ ସତର୍କତା ଯୋଗୁଁ ହିଁ ଏଭଳି ବିପର୍ଯ୍ୟୟରୁ ମୂଲ୍ୟବାନ ଧନଜୀବନକୁ ରକ୍ଷା କରା ଯାଇପାରିବ। ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଅତିଥି ବୃନ୍ଦ ଏହି ମତବ୍ୟକ୍ତ କରିଛନ୍ତି। ଜିଲା ଜରୁରୀ କାଳୀନ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ଅଥରିଟି ପକ୍ଷରୁ ଆୟୋଜିତ ସଚେତନତା ସଭାରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଆଗୁଆ ସୂଚନା ହିଁ ଏକମାତ୍ର ବିକଳ୍ପ। ଭିତ୍ତିଭୂମିର ବିକାଶ ଓ ପାଣିପାଗ ସମ୍ପର୍କିତ ଆଗୁଆ ସୂଚନା ଯୋଗୁଁ ଓଡିଶା ବାତ୍ୟା ପରିଚାଳନାରେ ଅନ୍ୟମାନଙ୍କ ପାଇଁ ମଡେଲ ପାଲଟିଛି ବୋଲି କହିଥିଲେ।

ଜିଲାପାଳ ଅବୋଲି ସୁନିଲ ନରୱଣେ ସଭାରେ ଅଧ୍ୟକ୍ଷତା କରି କହିଲେ ଯେ, ୧୯୯୯ ଅକ୍ଟୋବର ୨୯ରେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟର କରାଳ ରୂପ ଦେଖିଥିଲେ। ସେତେବେଳେ ରାଜ୍ୟ ସରକାର ବାତ୍ୟା ମୁକାବିଲା କ୍ଷେତ୍ରରେ ଅନଭିଜ୍ଞ ଥିଲେ। ଏଥିପାଇଁ ରାଜ୍ୟ ପୂର୍ବ ପ୍ରସ୍ତୁତି କରି ନଥିବାରୁ ବହୁ ଦିନ ଧରି ରାସ୍ତାରେ ଗଛଗୁଡିକ ପଡି ରହିଥିଲା। ଏପରିକି ବହୁ ଧନଜୀବନହାନୀ ହୋଇଥିଲା। ସେବେଠୁ ରାଜ୍ୟ ସରକାର ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରି ଆସିଛନ୍ତି। ବିଭିନ୍ନ ସ୍ଥାନରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ସହ ଲୋକଙ୍କୁ ଏ ଦିଗରେ ସଚେତନ କରାଯାଉଛି। ଫଳରେ ଫାଇଲିନ୍, ହୁଡ୍‌ହୁଡ୍, ତିତ୍‌ଲି ଓ ଫନି ଭଳି ସାମୁଦ୍ରିକ ବାତ୍ୟା ଯୋଗୁଁ ସେଭଳି ଧନଜୀବନ ହାନୀ ହୋଇନାହିଁ ବୋଲି ଜିଲାପାଳ ନରୱଣେ କହିଥିଲେ। ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଧନଜୀବନ ରକ୍ଷା ନିମନ୍ତେ ପ୍ରାକ୍ ସୂଚନା, ପୂର୍ବ ପ୍ରସ୍ତୁତି ଓ ଗୋଷ୍ଠିଗତ ସହଯୋଗ ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ୧୯୯୯ ମହାବାତ୍ୟାରେ ମୃତ୍ୟୁବରଣ କରିଥିବା ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ପ୍ରଶମନ ସମୟରେ ନିଜର କର୍ତ୍ତବ୍ୟ ପାଳନ ସମ୍ବନ୍ଧରେ ଅତିଥି ବୃନ୍ଦ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜିଲା ଜରୁରୀ କାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲେ। ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଓସଡମାର ସୁବର୍ଣ୍ଣପୁର ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଏନଏସଏସ, ରେଡକ୍ରସ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନେ ଏକ ସଚେତନତା ଶୋଭାଯାତ୍ରାରେ ପୁରୁଣା ଟାଉନ ହଲରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସଭା ପରେ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ଡ. ଉମାକାନ୍ତ ନାଗ ଓ ଜିଲା ରେଡକ୍ରସ ସମିତି ଉପାଧ୍ୟକ୍ଷ ଡ. ସତ୍ୟନାରାୟଣ ହୋତା ରେଡକ୍ରସ ଓ ଏନଏସଏସର ସ୍ୱେଚ୍ଛାସେବୀଙ୍କୁ ନେଇ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ଦିଆଯିବ ସେ ନେଇ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ, କର୍ମଚାରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଭାବରେ ଜନସାଧାରଣଙ୍କୁ ଉଦ୍ଧାର କରି ହେବ ତାର ନମୁନା ପ୍ରଦର୍ଶନ କରିଥିଲେ । ସହକାରୀ ବନସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ, ସୋନପୁର ତହସିଲଦାର ନବୀନ କିଶୋର ପାଢୀ, ତେଲ ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଜିତେନ୍ଦ୍ର କୁମାର ପାଢୀ, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ରୁଟ୍, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ଓ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଅର୍ଣ୍ଣବ ସାହୁ, ଅନ୍ୟଶା ଦିକ୍ଷିତ, ଶେଷଦେବ ମେହେର, ରିତୁଶ୍ରୀ ଭୋଇ, ନିର୍ଲିପତା କୁରୁକୁରିଆ, ଅଞ୍ଜଳି ସାହୁ, ସ୍ୱନ୍ଦନ ବିକାଶ ଘଡେଇ, ସିଞ୍ଚାନ ସେଠୀ ଓ ରୋଶନ ମେହେରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ ।

## ୭ଦିନ ମଧ୍ୟରେ ଚୋର ନ ଧରିଲେ ରାସ୍ତାରୋକୋ

### କପିଳେଶ୍ୱର ମନ୍ଦିର ଚୋରି ଘଟଣା

ବିନିକା ୨୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଚରଦା କପିଳେଶ୍ୱର ପୀଠରୁ ୩ଟି ଦାନବାକ୍ସ ଗତ ୨୨ତାରିଖ ରାତିରେ ଚୋରି ହୋଇଯାଇଥିଲ। ଏ ଯାଏ ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରି ପାରିନି କିମ୍ବା ଚୋରକୁ ଧରି ପାରିନାହିଁ। ଶୁକ୍ରବାର ଚରଦା ଗ୍ରାମବାସୀ ଓ ଅନ୍ୟ କେତେଜଣ ବିନିକା ଆଇଆଇସି ପବିତ୍ର କୁମାର ସାହୁଙ୍କୁ ଏ ନେଇ ଏକ ଦାବିପତ୍ର ଦେଇଥିଲେ। ଅତିଶୀଘ୍ର ଚୋର ଧରାପଡିବେ ବୋଲି ଆଇଆଇସି ସାହୁ ପ୍ରତିଶ୍ରୁତି ଦେଇଥିଲେ। ୭ଦିନ ମଧ୍ୟରେ ଚୋରି ରହସ୍ୟ ଉନ୍ମୋଚନ ନ କଲେ ଆଗାମୀ ଶନିବାର ଦିନ ଉର୍ଲେ–ସୋନପୁର ରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ପ୍ରକାଶଥାଉକି, ଗତ ୨୫ତାରିଖ ସନ୍ଦେହରେ ପୋଲିସ ୨ ଜଣଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା ପରେ ଛାଡି ଦେଇଥିଲା। ଅନୁରୂପଭାବେ ୨୦୧୧ ଡିସେମ୍ବରରେ ମନ୍ଦିରରୁ ଲକ୍ଷଲକ୍ଷ ଟଙ୍କାର ସୁନା, ରୁପା, ଅଳଙ୍କାର, ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଚୋରି ହୋଇଥିଲା। ଅଦ୍ୟାବଧି ସେସବୁ ସାମଗ୍ରୀ ଉଦ୍ଧାର ହୋଇପାରି ନାହିଁ ।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କଲା ଶିକ୍ଷକ ସଂଘ



ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୋଭାଯାତ୍ରାରେ ତହସିଲ ଅଫିସ୍‌କୁ ଯାଉଛନ୍ତି।

ପାଇକମାଲ,୨୯।୧୦(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରବନ୍ଧ, ପାଇକମାଳ ଓ ରାଜବୋଡାସମ୍ବର ବ୍ଲକର ପ୍ରାଥମିକ ଶିକ୍ଷକମାନେ ଶନିବାର ୪ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସଙ୍କ ଉଦ୍ଦେଶ୍ୟରେ ପାଇକମାଳ ତହସିଲଦାର ପରୀକ୍ଷିତ ସାହୁଙ୍କୁ ପ୍ରଦାନ କରିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ନିଯୁକ୍ତି ତାରିଖରୁ ୬ ବର୍ଷର ଶିକ୍ଷକତା ସହ ଗଣନା କରାଯାଇ ବର୍ଦ୍ଧିତ ହାରରେ ଦରମା ପ୍ରଦାନ, ୨୮୦୦ ଗ୍ରେଡ୍ ପେ ଲାଗୁକରିବା, ଜେଟିମାନଙ୍କୁ ନିୟମିତ କରିବା, ଏକ୍ସ କ୍ୟାଡ଼ର ଉଚ୍ଛେଦ ସହ ପୁରୁଣା ପେନସନ ଲାଗୁ କରିବା ପାଇଁ ଦାବି କରି ଉକ୍ତ ୩ ବ୍ଲକର ଶହ ଶହ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ପାଇକମାଳ ତହସିଲ ଅଫିସ୍‌କୁ ଏକ ଶୋଭାଯାତ୍ରାରେ ଆସିଥିଲେ। ପରେ ସେମାନେ ପାଇକମାଳ ତହସିଲଦାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ପଦ୍ମପୁର ଉପନିର୍ବାଚନରେ ଅସହଯୋଗ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ସଂଘ ତରଫରୁ ଦିବସ କୁମାର ସାହୁ, ରଘୁନାଥ ପୁରୀ, ବିଷ୍ଣୁ ସାହୁ ଓ ରଞ୍ଜନ ବାଗଙ୍କ ସମେତ ତିନୋଟି ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ନବାଗତା ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବରପାଲି,୨୯।୧୦(ଡି.ଏନ.ଏ.)

ବରଗଡ଼ ଜିଲା ବରପାଲି ବ୍ଲକ ଜଗବନ୍ଧୁ ଦାଶ ଉଚ୍ଚମାଧ୍ୟମିକ ମହିଳା ମହାବିଦ୍ୟାଳୟରେ ନବାଗତା ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ସେହିପରି ମହାବିଦ୍ୟାଳୟରେ ହିନ୍ଦୀ ଅଧ୍ୟାପକ ଭାବେ ନିଯୁକ୍ତ ରବିନ୍ଦ୍ର ସାହୁଙ୍କୁ ମଧ୍ୟ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଦୀପ କୁମାର ମେହେର ସଭାପତିତ୍ୱ କରି ସମସ୍ତ ଛାତ୍ରୀଙ୍କୁ ମହାବିଦ୍ୟାଳୟର ନୀତି ନିୟମ ତଥା ଅନୁଶାସନକୁ ଅନୁସରଣ ପୂର୍ବକ ନିଜ ଲକ୍ଷ୍ୟ ପଥରେ ଆଗେଇଯିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ବନ୍ଦିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷ ଛାତ୍ରୀ ଗୀତାଞ୍ଜଳି ଦାସ ଏବଂ ରଞ୍ଜିତା ସଭା ପରିଚାଳନା କରିଥିଲେ। ଇଂଲିଶ ଅଧ୍ୟାପକ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ନିବେଦିତା ବେହେରା, ମିନତି ବାବୁ, ସୁରେଶ ବାରିକ, ସୁନିଲ କୁମାର ବେହେରା, ସୁରେନ୍ଦ୍ର ଦୀପ, ଅନ୍ତର୍ଯାମୀ ପଣ୍ଡା, ନିରଜ ସାହୁ, ପ୍ରଦୀପ ମିଶ୍ର, କାଲୁ କୁମ୍ଭାର, ପ୍ରକାଶ ନନ୍ଦ, ଆନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ ସରଞ୍ଜାମ ଜାଳିଦେଲେ ଦୁର୍ବୃତ୍ତ

ଅମରପାଲି,୨୯।୧୦(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମିନି ଷ୍ଟାଡିୟମ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କୋଠରି ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ କ୍ରିକେଟ ସରଞ୍ଜାମ ପୋଡିଦେଇଛନ୍ତି। ସବ୍ ଡିଭିଜିନାଲ ସ୍ପୋର୍ଟିଂ କ୍ଲବର ପକ୍ଷରୁ ରଖାଯାଇଥିବା କିଟ୍ ବ୍ୟାଗରେ ଥିବା ବ୍ୟାଟ, ହେଲମେଟ, ପ୍ୟାଡ, ଗ୍ଲୋବସ, ଥାଇପ୍ୟାଡ, ମ୍ୟାଟ ଆଦି ଜଳି ଯାଇଛି। ପୋଡି ଯାଇଥିବା କ୍ରିକେଟ ସରଞ୍ଜାମର ଆନୁମାନିକ ମୂଲ୍ୟ ୬୦ହଜାରରୁ ଅଧିକ ହେବ ବୋଲି ସ୍ପୋର୍ଟିଂ କ୍ଲବର ଖେଳାଳି ପପିନ ମହାକୁର କହିଛନ୍ତି। ଏହି ଘଟଣାକୁ ନେଇ ବୀରମହାରାଜପୁର କ୍ରିକେଟ ଖେଳାଳି ଓ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ସ୍ପୋର୍ଟସ କମ୍ପ୍ଲେକ୍ସରେ ତିନୋଟି କୋଠରି ଥିବା ବେଳେ ଗୋଟିଏ କ୍ରିକେଟ, ଦ୍ୱିତୀୟ ଫୁଟବଲ ଓ ତୃତୀୟଟି ଆଥେଲେଟିକ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରତ୍ୟେକ ନିଜ ବିଭାଗର କୋଠରିରେ ନିଜ ଖେଳ ସରଞ୍ଜାମ ରଖୁଥିଲେ। ଅନେକ ସମୟରେ ପଡିଆରେ ଅସାମାଜିକଙ୍କ ଅବାଧ ପ୍ରବେଶ ରହିଥାଏ। ଏପରିକି ମଦ୍ୟପମାନେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦର ଆସର କରିଥାନ୍ତି। ତେଣୁ କେହି ଅସାମାଜିକ ବ୍ୟକ୍ତି ତାଲା ଭାଙ୍ଗି ପୋଡି ଦେଇଥିବା ଅନୁମାନ କରାଯାଉଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଦୁର୍ବୃତ୍ତ ପୋଡି ଦେଇଥିବା କ୍ରିକେଥ ସାମଗ୍ରୀ।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନ ପରିଦର୍ଶନ

ପଦ୍ମପୁର,୨୯।୧୦(ଡି.ଏନ.ଏ.)


ଅଧିକାରୀମାନେ ବରିହାପାଲିଠାରେ ପ୍ରସ୍ତାବିତ ଜମି ପରିଦର୍ଶନ କରୁଛନ୍ତି।

ବରଗଡ଼ ଜିଲା ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଆଞ୍ଚଳିକ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସହକାରୀ କମିଶନର ଏ. ଜ୍ୟୋତି କୁମାରଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ଶନିବାର ବରିହାପାଲି ଗ୍ରାମରେ ପ୍ରସ୍ତାବିତ ଜମି ଏବଂ ରାଜବୋଡାସମ୍ବର ହାଇସ୍କୁଲଠାରେ ଥିବା ଅସ୍ଥାୟୀ ଶ୍ରେଣୀ ଗୃହକୁ ପରିଦର୍ଶନ କରିଥିଲେ। ଏହି ସମୟରେ ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର, ତହସିଲଦାର ତାପସ ବିଶି, ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ହିରଣ୍ମୟ ଚାନ୍ଦ, ବରଗଡ଼ ଜିଲା ଶିକ୍ଷାଧିକାରୀ କଚ୍ଛପ ଚାନ୍ଦ, ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ କାଳୀଚରଣ ଦୁବେଙ୍କ ସମେତ ସିପିଡବ୍ଲୁଡି ଯନ୍ତ୍ରୀ, ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ଶାଗୁଆନ ପଟା ଜବତ, ଅଭିଯୁକ୍ତ ଫେରାର

ସଇଁତଳା, ୨୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବନବିଭାଗ ବାଗଜୋର ଗ୍ରାମରେ ଶୁକ୍ରବାର ରାତିରେ ଚଢ଼ାଉ କରି ୨୦ହଜାର ଟଙ୍କାର ଶାଗୁଆନ କାଠପଟ୍ଟା ଜବତ କରିଛି। ରେଞ୍ଜର ସଂଘମିତ୍ରା ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମର ଧର୍ମ ସାହୁଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସାହୁଙ୍କ ଘରୁ ୧୫ଟି ଶାଗୁଆନ ପଟା, ଗୋଟିଏ ଶାଳ ଗଣ୍ଡି ଜବତ କରାଯାଇଥିଲା। ହେଲେ ଅଭିଯୁକ୍ତ ସାହୁ ସେଠାରୁ ଖସି ପଳାଇ ଯାଇଥିବା ବନ ବିଭାଗ କହିଛନ୍ତି।

## ଯମୁନା କନ୍ଧୁଣୀ ବାଳିକା ସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ

ପାଇକମାଲ,୨୯।୧୦(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକର ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଛାତ୍ରୀମାନଙ୍କ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ସ୍କୁଲର ଶିଶୁସଭାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଉପାଞ୍ଜଳି ମାଝୀ ମୁଖ୍ୟ ଅତିଥି, ତହସିଲଦାର ପରୀକ୍ଷିତ ସାହୁ ଓ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀ ପ୍ରଜ୍ଞା ପରିମିତା ଦୀପ ସଭା ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବିଦ୍ୟାଳୟର ଛାତ୍ରୀମାନେ ଯେପରି ଶୃଙ୍ଖଳିତ ଭାବେ ଅଧ୍ୟୟନ କରୁଛନ୍ତି ନିଶ୍ଚୟ ସେମାନେ ନିଜ ନିଜ ଲକ୍ଷ୍ୟ ହାସଲ କରିବେ ବୋଲି ବିଡ଼ିଓ ମାଝୀ କହିଥିଲେ। ଶେଷରେ ଛାତ୍ରୀ ଆର୍ଯ୍ୟା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

## ଭୋଟରଙ୍କୁ ପ୍ରଭାବିତ କରିବାକୁ ଭେଳିକି

ବରଗଡ଼ ଅଫିସ୍,୨୯।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲା ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଶନିବାର ୪୮୮ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତେବେ ପଦ୍ମପୁର ଉପନିର୍ବାଚନ ତାରିଖ ଘୋଷଣା ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନକୁ ଭାଜପା ସମାଲୋଚନା କରିଛି। ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ଦଳର ଏହା ଏକ ଚାଲ୍ ବୋଲି ଭାଜପା ଅଭିଯୋଗ କରିଛି ।

ବରଗଡ଼ ସାମ୍ବାଦିକ ଭବନ ସମ୍ମିଳନୀ କକ୍ଷରେ ଶନିବାର ଭାଜପା ପକ୍ଷରୁ ଆହୂତ ଖବରଦାତା ସମ୍ମିଳନୀରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଥିଲେ, ପଦ୍ମପୁର ନିର୍ବାଚନମଣ୍ଡଳୀରେ ଆଉ ଅଳ୍ପଦିନ ମଧ୍ୟରେ ଉପନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଗତ କିଛିଦିନ ହେଲା ଶାସକ ଦଳର ନେତା, ବିଧାୟକ, ମନ୍ତ୍ରୀ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଡେରା ପକାଇବା ସହ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଶନିବାର ୪୮୮ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନୀ, ଭିତ୍ତିପ୍ରସ୍ତର ସ୍ଥାପନ ଏହାର ଦୃଷ୍ଟାନ୍ତ ବୋଲି ସେ କହିଥିଲେ ।

ଏମ୍‌ପି ପୂଜାରୀ ଆହୁରି କହିଥିଲେ, ପଦ୍ମପୁର ନିର୍ବାଚନ ମଣ୍ଡଳୀ ସବୁବେଳେ ଉପେକ୍ଷିତ ହୋଇ ରହିଆସିଛି। ସେହି ଅଞ୍ଚଳରେ ଜଳସେଚନ, କୃଷି, ଫସଲବୀମା ଆଦି ସମସ୍ୟା ରହିଛି। କିନ୍ତୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସେସବୁ ସମସ୍ୟାର ସମାଧାନ କରି ପାରିନାହାନ୍ତି। ଅନ୍ୟପଟେ ସଂସଦୀୟ ବ୍ୟବସ୍ଥାରେ ଏଭଳି ଉଦ୍‌ଘାଟନୀ, ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସ୍ଥାନୀୟ ଏମ୍‌ପିଙ୍କୁ ଡକାଯିବା କଥା। ମାତ୍ର ସେ ନେଇ ତାଙ୍କୁ କିଛି ବି ସୂଚନା ଦିଆଯାଇନାହିଁ। ଗଣତନ୍ତ୍ରକୁ ଶାସକ ଦଳ ଗତିରୋଧ କରୁଛି ବୋଲି ପୂଜାରୀ ଅଭିଯୋଗ କରିଛନ୍ତି। ବିଜେପୁର ଉପନିର୍ବାଚନ ସମୟରେ ମଧ୍ୟ ଶାସକ ଦଳ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ କରିଥିଲା। ମାତ୍ର ତାହା ସେଭଳି ରହିଛି। ପଦ୍ମପୁରରେ ମଧ୍ୟ ସେଭଳି ହେବ ଏବଂ ପଦ୍ମପୁରବାସୀ ଏଭଳି ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନରେ ଆଦୌ ପ୍ରଭାବିତ ହେବେ ନାହିଁ ବୋଲି ଏମ୍‌ପି ପୂଜାରୀ କହିଥିଲେ। ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମଧ୍ୟ ଶାସକ ଦଳର ତରବରିଆ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ ଏକ ଭେଳିକି ବୋଲି କହିଥିଲେ। ଦଳୀୟ ନେତା ରବି ନାରାୟଣ ଦାଶ, ପ୍ରୀତମ ସିଂ, ଅଶୋକ ପଣ୍ଡା, କୁଶ କୁମ୍ଭାର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୩୦ ଅକ୍ଟୋବର, ୨୦୨୨

## ଶାଗୁଆନ କାଠପଟା ଜବତ, ଅଭିଯୁକ୍ତ ଫେରାର



ସଇଁତଳା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ବନବିଭାଗ ବାଗଜୋର ଗ୍ରାମରେ ଶୁକ୍ରବାର ରାତିରେ ଚଢ଼ାଉ କରି ୨୦ହଜାର ଟଙ୍କାର ଶାଗୁଆନ କାଠପଟ୍ଟା ଜବତ କରିଛି। ରେଞ୍ଜର ସଂଘମିତ୍ରା ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମର ଧର୍ମ ସାହୁଙ୍କ ଘରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସାହୁଙ୍କ ଘରୁ ୧୫ଟି ଶାଗୁଆନ ପଟା, ଗୋଟିଏ ଶାଳ ଗଣ୍ଡି ଜବତ କରାଯାଇଥିଲା। ହେଲେ ଅଭିଯୁକ୍ତ ସାହୁ ସେଠାରୁ ଖସି ପଳାଇ ଯାଇଥିବା ବନ ବିଭାଗ କହିଛନ୍ତି।



### ସଂକ୍ଷେପରେ

## ପ୍ରଫେସର ପରୀକ୍ଷାରେ ଉତ୍ତୀର୍ଣ୍ଣ ଖଡ଼ିଆଳର ହରିହର



ସାଙ୍ଗମାନଙ୍କ ସହିତ ମଝିରେ ହରିହର।

**ଖଡ଼ିଆଳ,୨୯।୧୦(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳର ଜଣେ ଛାତ୍ରଙ୍କୁ ପିଜି ପାଠ୍ୟକ୍ରମରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପିଜି ଶିକ୍ଷା ବିଭାଗ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି। ଛାତ୍ର ଜଣକ ହରିହର ନାଗ। ତାଙ୍କ ପିତା ଭାଗତରାମ ନାଗ। ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଲଛିପୁର ଗ୍ରାମରେ ତାଙ୍କର ଘର। ନାଗ ୨୦୨୧ ଏପ୍ରିଲରେ ପିଜି ଶିକ୍ଷା ସମାପନ ପରେ ସ୍ନାତକୋତ୍ତର ପରୀକ୍ଷାରେ ୮୩ ୮୩.୩୦ ଶତକଡ଼ା ନମ୍ବର ରଖି ଗ୍ରେଡ ଏ + ସହିତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଫେସର ଡ଼ ସୁଦର୍ଶନ ମିଶ୍ର ସ୍ୱର୍ଣ୍ଣ ପଦକ ସହିତ ମାନପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ହରିହର ନାଗ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗର ଡିଗ୍ରୀ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଗତ ୨୦ ତାରିଖରେ ଓଡିଶା ଲୋକସେବା ଆୟୋଗ ଦ୍ୱାରା ଅନୁଷ୍ଠିତ ଆସିଷ୍ଟାଣ୍ଟ ପ୍ରଫେସର ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଛନ୍ତି। ଚଳିତବର୍ଷ ୧୦୧ଜଣଙ୍କ ମଧ୍ୟରୁ ସାଧାରଣ ବର୍ଗରେ ୪୦ ନମ୍ବର ରେଙ୍କ ରହିଥିବା ବେଳେ ଅନୁସୂଚିତ ଜାତି ପ୍ରାର୍ଥୀ ରୂପେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୃଢ଼ ମନୋବଳ ଏବଂ ଅତୁଟ ବିଶ୍ୱାସରେ ସେ ନିଜର ସଫଳତା ହାସଲ କରିପାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ତାଙ୍କ ମା' ବାପା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସାଙ୍ଗସାଥିଙ୍କ ସହାୟତା ବୋଲି ପ୍ରକାଶ କରିଛନ୍ତି।

## ନୂଆପଡ଼ା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**ନୂଆପଡ଼ା ଅଫିସ,୨୯।୧୦:** ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ବାରିକ, କୁଲିଆବନ୍ଧା ସରପଞ୍ଚ ସନ୍ତରାମ ପାଣ୍ଡେ, ପୂର୍ବତନ ସରପଞ୍ଚ ହୀରାଲାଲ ପଟେଲ, ଭାନପୁର ସରପଞ୍ଚ ବିଜୟ ପାଣ୍ଡେ, ବିରୋମାଲ ସରପଞ୍ଚ ଅମର ଚାନ୍ଦ ଚନ୍ଦ୍ରକାର, ପରକୋଡ ସରପଞ୍ଚ ଦେବେନ୍ଦ୍ର କୁମାର, ସମିତି ସଭ୍ୟ ପ୍ରମୋଦ ସାହୁ, କାଦୋମେରି ସରପଞ୍ଚ କିଶୋର ବାରିକ, ଭରୁଆମୁଣ୍ଡା ସରପଞ୍ଚ କାନ୍ତିଲାଲ ସାହୁ, ବିଶୋରା ସରପଞ୍ଚ ନିଲେଶ୍ୱରୀ ଦଣ୍ଡସେନା, ସମାଜସେବୀ ଲୋହିତ ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସେବକରାମ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ନୂଆପଡ଼ା ବ୍ଲକର ୧୭ଟି କ୍ଲଷ୍ଟରର ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇଥିଲା। ଯେଉଁ ପ୍ରତିଯୋଗୀମାନେ ବ୍ଲକସ୍ତରରେ କୃତିତ୍ୱ ହୋଇଛନ୍ତି, ସେମାନେ ଜିଲାସ୍ତରକୁ ଯାଇ ପ୍ରତିନିଧିତ୍ୱ କରିବେ। ହେମନ୍ତ ଦଣ୍ଡସେନା ଓ ଜୟକୃଷ୍ଣ ସୁନାନୀ ମଞ୍ଚ ପରିଚାଳନା କରିଥିବାବେଳେ ମଶାନକୁଣ୍ଡା ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ଦିନେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଶରତ କୁମାର ପଣ୍ଡା, ହେମନ୍ତ କୁମାର ଦଣ୍ଡସେନା, ଅମିୟ ଜ୍ୟୋତି ପାଢୀ, ଜିତେନ୍ଦ୍ର ଖମାରୀ, ଗୋକୁଲରାମ ଦଣ୍ଡସେନା, କିଶୋର ପ୍ରଧାନ, ଦୋଲଗୋବିନ୍ଦ ସାହୁ, ଭୋଲାତୋଷ ଦାସ, ସୁପ୍ରିୟା ସତ୍ୟବତୀ, କିଶୋର ପରିଡା, ବନମାଳି ମାଝି, ପ୍ରଶାନ୍ତ କୁମାର ନାଥ ପ୍ରମୁଖ ଯୋଗଦାନ କରିଥିଲେ।

# ଚକଡ଼ା ରୋଗ ଦାଉରେ କ୍ଷତିଗ୍ରସ୍ତ ଚାଷୀ

**କୋକସରା,୨୯।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳରେ ଧାନ ଫସଲରେ ଚକଡା ରୋଗ ଦେଖାଦେଇଛି । ଆଉ କିଛି ଦିନ ପରେ ଧାନ ଅମଳ ହେବାକୁ ଥିବା ବେଳେ ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି ଚକଡ଼ା ରୋଗ। ରାତିକ ମଧ୍ୟରେ ଚରି ଯାଉଛନ୍ତି ହେକ୍ଟର ହେକ୍ଟର ଚାଷଜମି। ଚାଷୀର ବର୍ଷକର ଶସ୍ୟ ଅଳ୍ପ କିଛି ଘଣ୍ଟା ମଧ୍ୟରେ ନଷ୍ଟ କରି ଦେଉଛି ଚକଡ଼ା ରୋଗ । ଚାଷୀମାନେ ଧାର କରଜ କରି କୃଷି କର୍ମଚାରୀଙ୍କ ପରାମର୍ଶରେ କୀଟନାଶକ ପ୍ରୟୋଗ କଲେ ମଧ କୌଣସି ଫଳପ୍ରଦ ହେଉନାହିଁ। ଶେଷରେ ଚାଷୀ ମାନେ ନିରାଶ ହୋଇ କ୍ଷତିପୂରଣ ଦାବି କରି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବେ ଚକଡ଼ା ରୋଗ ବ୍ୟାପକ ମାତ୍ରାରେ ପ୍ରାଦୁର୍ଭାବ ବିସ୍ତାର କରି ଚାଲିଛି । ବ୍ଲକର ବରାଡଙ୍ଗା ପଞ୍ଚାୟତ ଅଧୀନ ଶିଉନି, କେନ୍ଦୁଡଙ୍ଗରି, ବରାଡଙ୍ଗା ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନେ ଶନିବାର କୋକସରା ତହସିଲ କାର୍ଯ୍ୟାଳୟକୁ ଯାଇ କୋକସରା ତହସିଲଦାର ଦେବବ୍ରତ



ତହସିଲଦାରଙ୍କୁ ଚାଷୀମାନେ ଦାବିପତ୍ର ଦେଉଛନ୍ତି ।

### ତହସିଲଦାର, କୃଷି ଅଧିକାରୀଙ୍କୁ ଦାବିପତ୍ର

କରାଟି ଓ କୃଷି ବିଭାଗ ଅଧିକାରୀ ହେମାନନ୍ଦ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ କ୍ଷତିପୂରଣ ଦେବା ପାଇଁ ଉଲ୍ଲେଖ ରହିଛି । ବରାଡଙ୍ଗା ପଞ୍ଚାୟତ ସମିତି ସଭ୍ୟ ଗୁପ୍ତେଶର ବାଗଙ୍କ ସହ ଚାଷୀ ସୁରେଶ ଚନ୍ଦ୍ର ପଣ୍ଡା, ଗୋବିନ୍ଦ ମାଝୀ, ଶଙ୍କର ଧଙ୍ଗଡା ମାଝୀ, ପୃଥିରାଜ ବେହେରା, ପରମେଶ୍ୱର ଧଙ୍ଗଡା ମାଝୀ, ଶରତ ଧଙ୍ଗଡା ମାଝୀ, ହିମାଞ୍ଚଳ ପୂଝାରୀ ଚାଷଜମି ସମ୍ପୂର୍ଣ୍ଣ ଭାବେ ଚକଡ଼ାରେ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ କୋକସରା ତହସିଲଦାର କହିଛନ୍ତି ଚାଷୀମାନେ କ୍ଷୟକ୍ଷତି ନେଇ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଅନୁସାରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୃଷିବିଭାଗକୁ ଆମେ ଚିଠି କରିଛୁ । ତଦନ୍ତ ରିପୋର୍ଟ ଆସିଲେ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଚକଡ଼ା ରୋଗ ବ୍ୟାପୁଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲା କୃଷିବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ନୂତନ ପେନସନଭୁକ୍ତ ଜିଲା ପ୍ରାଥମିକ ଶିକ୍ଷକର ପ୍ରତିବାଦ ସଭା

**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.)**

ସରକାରଙ୍କ ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ବିରୋଧରେ ଶନିବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ନୂତନ ପେନସନଭୁକ୍ତ ଶିକ୍ଷକ ସଂଘର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ବେହେରା ଅଧକ୍ଷତା କରିଥିଲେ। ସଂଘ ସାଧାରଣ ସମ୍ପାଦକ ବୈକୁଣ୍ଠ ଜାଲ ସଭାର ଉଦ୍ଦେଶ୍ୟ ଜ୍ଞାପନ, ସଞ୍ଜୀବ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ସଂଘ ମୁଖ୍ୟ ଉପଦେଷ୍ଟା ସତ୍ୟବାନ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ବଙ୍କିମ ଚନ୍ଦ୍ର ସାଗର, ବିଶ୍ୱଜିତ ବେହେରା, କାର୍ଯ୍ୟକାରୀ ସଭାପତି, ଯୋଗେଶ୍ୱର ସାଗର, ପ୍ରେମଲାଲ ଜଗତ, ରାଜେନ୍ଦ୍ର ସେଠୀ, ମନୋଜ କୁମାର ସାହୁ, ଗିରିଧାରୀ ସାହୁ ଉଦ୍‌ବୋଧନ ଦେଇଥିଲେ। ୬ ବର୍ଷର ଠିକା ନିଯୁକ୍ତିକୁ ମୂଳ ଚାକିରିରେ ଗଣନା, ୬ଟି ଇନକ୍ରିମେଣ୍ଟ ପ୍ରଦାନ, ଏକ୍ସ କ୍ୟାଡର ଉଚ୍ଛେଦ ଓ ପୁରାତନ ପେନସନ ଲାଗୁ କରବାକୁ ଦାବି କରିଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ବୋଡ଼େନ, ୨୯।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆୟୋଜିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ନାଏକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବୋଡେନ ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ରବିରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୋଡେନ ସରପଞ୍ଚ ରଶ୍ମିତା ସିହ୍ନା, ବିଆର୍‌ସିସି କ୍ଷମରାଜ ମହାପାତ୍ର, ବୋଡେନ ଥାନା ସବ୍‌ଇନ୍ସପେକ୍ଟର ରାମକିଶୋର ନାଏକ, ବ୍ଲକର ସମସ୍ତ ୧୩ଟି କ୍ଲଷ୍ଟରର ସିଆର୍‌ସିସି ମଞ୍ଚାସୀନ ଥିଲେ। ଏଥିରେ କ୍ଲଷ୍ଟରସ୍ତରରୁ ମନୋନୀତ ହୋଇ ଆସିଥିବା ପ୍ରତିଯୋଗୀ ଭାଗ ନେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା, ମକଡ୍ରିଲ

**କୋକସରା,୨୯।୧୦(ଡି.ଏନ.ଏ.)**

ପ୍ରତିବର୍ଷ ଅକ୍ଟୋବର ୨୯କୁ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର କୋକସରା ବ୍ଲକ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ପରିଚାଳନା କରିଥିଲେ । କୋକସରା ବିଡିଓ ଉତ୍ତମ କୁମାର ବାଗଙ୍କ ଅଧକ୍ଷତାରେ ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ବ୍ଲକର ବହୁ ପଞ୍ଚାୟତର ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକୃତିକ ଓ କୃତ୍ରିମ ବିପର୍ଯ୍ୟୟ ପରିଚାଳନା ଉପରେ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ଦୁର୍ଘଟଣା, ସର୍ପ ଦଂଶନ, ପାଣିରେ ବୁଡିବା ଓ ବଜ୍ରପାତ ସମୟରେ କିଭଳି ଉପାୟ ଅବଲମ୍ବନ କଲେ ଆମେ ସୁରକ୍ଷିତ ରହି ପାରିବା ସେନେଇ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମକଡ୍ରିଲ୍ ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେମିତି ଲୋକଙ୍କୁ ବିପଦରୁ ରକ୍ଷା କରାଯାଏ ତାହା ପ୍ରଦର୍ଶିତ କରିଥିଲେ।

## କେବୁଲ ତାର ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

**ଖଡ଼ିଆଳ,୨୯।୧୦(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ ସିରିଜ ଭାବେ ଜଳଯୋଗାଣ ପାଇଁ ଲଗାଯାଇଥିବା ପମ୍ପ ହାଉସରୁ କେବୁଲ ଚୋରି ଅଭିଯୋଗରେ ଖଡିଆଳ ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଖଡିଆଳ ଥାନା ଦାବରୀ ଗାଁର ରୂପସିଂ ଜଗତ (୨୬), ଖଡ଼ିଆଳ ସହର ୱାର୍ଡ ନମ୍ବର ୩ ଦଳପଡାର ତ୍ରିଲୋଚନ ବାଗ (୨୦) ଏବଂ ବାଙ୍ଗଟିପଡାର ମୁନା ଗହିର ବୋଲି ଜଣାପଡିଛି। ସେମାନଙ୍କଠାରୁ ଚୋରି ହୋଇଥିବା ତାର ମଧ୍ୟରୁ ୨୧କେଜି ପୋଡା ତାର ଏବଂ ଚୋରିରେ ବ୍ୟବହୃତ ହୋଇଥିବା ଦୁଇ ଗୋଟି ବାଇକ୍ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଗିରଫ ୩ ଅଭିଯୁକ୍ତଙ୍କ ସମେତ ଅନ୍ୟ ଜଣେ ଡ୍ରିଲିଙ୍ଗ ମେସିନ ଚୋରି ଅଭିଯୋଗରେ ୨୭ ତାରିଖ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ମିଶି ସିରିଜ ଭାବେ ଖଡିଆଳ ବ୍ଲକର ଡୁଆଝର, ନେହେନା ଏବଂ ଡୁକଲା ପଞ୍ଚାୟତର ଜଳଯୋଗାଣ ପ୍ରକଳ୍ପରୁ କେବୁଲ ତାର ଚୋରି କରିଥିଲେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ବେଳେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଆଧାର କରି ଖଡିଆଳ ପୋଲିସ ପୃଥକ ପୃଥକ ତିନି ଗୋଟି ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନା ସୂଚନା ଦେଇଛନ୍ତି।

## ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତି ଜରୁରୀ



ସଭାରେ ଉପସ୍ଥିତ ବିଭାଗୀୟ ଅଧିକାରୀ ।

**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.)**

### ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ ଏଥିରେ ଅଧକ୍ଷତା କରିଥିଲେ। ଗତ ୨୩ ବର୍ଷ ତଳେ ଘଟିଥିବା ପ୍ରଳୟଙ୍କରୀ ମହାବାତ୍ୟାର ଭୟଙ୍କର ବିନାଶକୁ ଆଖି ଆଗରେ ରଖି ଏହି ଦିବସ ପାଳନ କରାଯାଉଛି। ଚଳିତବର୍ଷଠାରୁ ବିପର୍ଯ୍ୟୟ ପରିଚାଳନା ପାଇଁ ପଞ୍ଚାୟତକୁ ମଧ ଦାୟିତ୍ୱ ଦିଆଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସୂଚନା ଦେଇଥିଲେ। ଉପ ଜିଲାପାଳ ଡ. ବିଶ୍ୱଜିତ୍ ଦାସ ନିଜ ବକ୍ତବ୍ୟରେ ମହାବାତ୍ୟାର ଅନୁଭୂତି,ସରକାରଙ୍କ ରଣନୀତି ଓ ସଫଳ ମୁକାବିଲା ଉପରେ ବିବରଣୀ ଦେଇଥିଲେ। କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ଓଡିଶା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ଓସଡମା କଳାହାଣ୍ଡି ପ୍ରଦୋଷ ଜେନା ଜିଲାରେ ୪ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ, ପଞ୍ଚାୟତ ସ୍ତରରେ ସ୍ୱେଚ୍ଛାସେବୀ, ଆପଦମିତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ, ମଡେଲ ବ୍ଲକ ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଜୁନାଗଡ ପଞ୍ଚାୟତ ସମିତି ଓ ମଡେଲ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନାରେ ବଣିଜରା ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯିବା ଉପରେ ସୂଚନା ଦେଇଥିଲେ। ବିପର୍ଯ୍ୟୟ ପୂର୍ବରୁ ପ୍ରସ୍ତୁତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା । ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ଶ୍ରୀଚନ୍ଦନ ଅଧକ୍ଷତା କରିଥିଲେ ସଭାରେ ହାଇସ୍କୁଲ ସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅଧକ୍ଷ ପୁରସ୍କାର ପ୍ରଦାନ କରିଥିଲେ। ଅଗ୍ନିଶମ ଅଧିକାରୀ ସନତ ପ୍ରଧାନ ନିଜ ଟିମ୍ ସହ ବିପର୍ଯ୍ୟୟ ପରିଚାଳନାରେ ବିଭିନ୍ନ ଉପକରଣର ଉପଯୋଗ ଉପରେ ପ୍ରଦର୍ଶନ କରିଥିଲେ। ସଭାରେ ଏମ ରାମପୁର, କର୍ଲାମୁଣ୍ଡା, କେସିଙ୍ଗା, ଥୁଆମୂଳ ରାମପୁର, ନର୍ଲାର ତହସିଲଦାର, ଜିଲା ଜରୁରୀ ଶାଖା ଅଧିକାରୀ ପ୍ରମୋଦ କୁମାର ଖିଲୋ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏନପିଏସ ଶିକ୍ଷକ ସଂଘର ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୨୯।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଏନପିଏସ ଶିକ୍ଷକ ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଲଳିତ କୁମାର ନାୟକ ଅଧକ୍ଷତା କରିଥିଲେ। ବିଗତ ଦିନରେ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି କରାଯାଇଥିବା ବୈମାତୃକ ମନୋଭାବ ପାଇଁ ବୈଠକରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ରାଜ୍ୟ ସରକାର ରାଜ୍ୟର ସମସ୍ତ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିଥିବା ବେଳେ ପୂର୍ବରୁ ନିୟମିତ ହୋଇଥିବା କର୍ମଚାରୀମାନଙ୍କୁ ୬ ଗୋଟି ଇନ୍‌କ୍ରିମେଣ୍ଟ ପ୍ରଦାନ ସହ ୬ବର୍ଷର ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକରି ସହ ଗଣନା କରାଯାଇଥିଲା। ହେଲେ ଏହା ପ୍ରାଥମିକ ଶିକ୍ଷକ ମାନଙ୍କ କ୍ଷେତ୍ରରେ ଲାଗୁ କରାଯାଇନାହିଁ। ଯଦି



ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

ଆଗାମୀ ଦିନରେ ପ୍ରାଥମିକ ଶିକ୍ଷକ ମାନଙ୍କୁ ୬ଗୋଟି ଇନ୍‌କ୍ରିମେଣ୍ଟ ପ୍ରଦାନ ସହ ୬ ବର୍ଷର ସମୟ ଅବଧିକୁ ମୂଳ ଚାକିରି ରେ ଗଣନା, ଏକ୍ସ କ୍ୟାଡ଼ର ଶିକ୍ଷକମାନଙ୍କୁ କ୍ୟାଡରଭୁକ୍ତ କରିବା ଓ ନୂତନ ପେନସନ ଯୋଜନା ହଟାଇ ପୁରୁଣା ପେନସନ ଯୋଜନା ଲାଗୁ କରା ନ ଯାଏ ତେବେ ରାଜ୍ୟ ସଂଘ ଡାକରାରେ ସାମିଲ ହୋଇ ଭୁବନେଶ୍ୱରେ ରାଜରାସ୍ତାରେ ପ୍ରତିବାଦ କରିବା ପାଇଁ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ଏହି ବୈଠକରେ ଶିକ୍ଷକ ପ୍ରମୋଦ କୁମାର ଠାକୁର, ଗୋବର୍ଦ୍ଧନ ବିଶ୍ୱାଳ, ସଞ୍ଜୟ କୁମାର ପଣ୍ଡା, ଅଶୋକ କୁମାର ମୁଣ୍ଡ, ଅନିଲ ପଟ୍ଟନାୟକ, ଅଭିଷେକ ପଣ୍ଡା ଓ ଡୁଲୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକକୁ ସମ୍ପାଦକ ରମାକାନ୍ତ ମାଝୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଅନନ୍ତ ନାରାୟଣ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ସିଦ୍ଧାର୍ଥ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଥାନା ଘେରାଉ କରି ଧାରଣା



ଜୋଙ୍କ ଥାନା ଆଗରେ ଧାରଣାରେ ବସିଛନ୍ତି ଲୋକେ।

**ନୂଆପଡ଼ା ଅଫିସ୍, ୨୯।୧୦**

### ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ଦାବିପତ୍ର

ନୂଆପଡ଼ା ଜିଲାର ବୃହତ୍ତ ବାଣିଜ୍ୟ କେନ୍ଦ୍ର ଭାବରେ ପରିଚିତ ଖରିଆର ରୋଡ ସହରରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିଛି। ଜୋଙ୍କ ଥାନା ପୋଲିସକୁ ଅନେକ ଥର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଶନିବାର ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷା ସୋନିଆ ଜୈନଙ୍କ ନେତୃତ୍ୱରେ ମୋଗରାପାଲି ୱାର୍ଡ ନଂ.୧୭ର ଶତାଧିକ ମହିଳା ପୁରୁଷ ଆସି ଜୋଙ୍କ ଥାନା ଘେରାଉ କରି ଧାରଣା ଦେଇଥିଲେ। ଅସାମାଜିକ ବ୍ୟକ୍ତିମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡନଂ. ୧୭ ମୋଗରାପାଲିରେ ଥିବା ପୋଖରୀର ଶିବ ମନ୍ଦିର ପାଖରେ ପ୍ରତିଦିନ କେତେଜଣ ଅସାମାଜିକ ଯୁବକ ବସି ମଦ ପିଇ ମଦ ବୋତଲ କାଚ ଭାଙ୍ଗି ଗାଧୁଆ ଘାଟରେ ଫିଙ୍ଗି ଦେଉଥିବାରୁ ସମୟ ସମୟେ ଅନେକ ଘଟଣା ମାନ ଘଟିଯାଉଛି। ଏହାକୁ ପ୍ରତିବାଦ କଲେ ଯୁବକମାନେ ଝଗଡା କରୁଥିବା ଥାନାରେ ଅଭିଯୋଗ କରିଛନ୍ତି। ଏହି ଅସାମାଜିକ ଯୁବକମାନଙ୍କୁ ଦୁଇ ଦିନ ଭିତରେ ଗିରଫ କରାଯାଉ ବୋଲି ଲଖନଲାଲ ଦୀପ, ସନ୍ତୋଷ ସିହ୍ନା, ଉମାଶଙ୍କର ବେହେରା, ଲେଖରାମ ସାହୁ, ତେଜରାମ ରାଉତ, ତୁଳସି ରାମ ସିହ୍ନା, କୁଲେଶ ସାହୁ ପ୍ରମୁଖ ଦାବି କରିଛନ୍ତି।

## କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ,୪ କାଂସ୍ୟ ପଦକ

**ଲାଞ୍ଜିଗଡ଼,୨୯।୧୦(ଡି.ଏନ.ଏ.)**

ରାଜ୍ୟସ୍ତରୀୟ ଡିଏଭି କରାଟେ ପ୍ରତିଯୋଗିତାରେ କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ ଓ ୪ କାଂସ୍ୟ ପଦକ ମିଳିଛି । ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ଗତ୨୮ ଓ ୨୯ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାର ୭ ଜଣ କରାଟେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀମାନେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ହୋଇଥିବା ବେଳେ ବାଳିକା ବିଭାଗରେ ୩ ଜଣ ଓ ବାଳକ ବିଭାଗର ୪ ଜଣ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବାଳିକା ବିଭାଗରେ ରୋଜାଲିନି ଲେଙ୍କା ୩୦ରୁ ୩୫ କିଲୋ ବର୍ଗର କୁମିତେ(ଫାଇଟ)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅର୍ପିତା ବାଡ଼ତିଆ ୪୫ରୁ ୫୦ କିଲୋ ବର୍ଗର କୁମିତେ(ଫାଇଟ)ରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଆଦ୍ୟାଶା ପ୍ରିୟଦର୍ଶିନୀ ଦାସ ୫୦ ରୁ ୫୫ କିଲୋ ବର୍ଗର କୁମିତେ(ଫାଇଟ)ରେ ତୃତୀୟ ସ୍ଥାନ



ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ଲାଭ କରିଥିବା ଖେଳାଳି ଓ ଅନ୍ୟମାନେ ।

### ରାଜ୍ୟସ୍ତରୀୟ ଡିଏଭି କରାଟେ ପ୍ରତିଯୋଗିତା

ଗ୍ରହଣ କରି କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ହିତେଶ କୁମାର ମହାଖୁଡ଼ ୩୫ରୁ ୪୦ କିଲୋ ବର୍ଗର କୁମିତେ(ଫାଇଟ)ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିରଣ କୁମାର ବେମାଲ ୪୫ରୁ ୫୦ କେଜି ବର୍ଗର କୁମିତେରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ଲୋକେଶ କୁମାର ମହାଖୁଡ଼ ୫୦ରୁ ୫୫ କେଜି ବର୍ଗର କୁମିତେ(ଫାଇଟ)ରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଥିବା ବେଳେ ଶକ୍ତିସ୍ୱରୂପ ନାୟକ ୮୨ କେଜିରୁ ଉର୍ଦ୍ଧ୍ୱ ବର୍ଗର କୁମିତେ(ଫାଇଟ)ରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଥିଲେ। ୭ ଜଣ ଖେଳାଳି ପଦକ ହାସଲ କରିଥିବା ଯୋଗୁ ଟିମ୍‌କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧକ୍ଷ ସଦାନନ୍ଦ ହୋତାଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ପ୍ରସାଦ ଓ ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ଼ ଏହି ପ୍ରତିଯୋଗିତାରେ ଖେଳାଳିମାନଙ୍କୁ ସାହାଯ୍ୟ କରିଥିଲେ। ଏହି ଖେଳାଳିମାନେ ଜିଲା ପାଇଁ ଗୌରବ ଆଣିଥିବା ଯୋଗୁ ବିଭିନ୍ନ ମହଲରେ ଖୁସିର ଲହରି ଖେଳିଯାଇଛି।

## ସଂକ୍ଷେପରେ

### ଉନ୍ନୀତ ହାଇସ୍କୁଲ କୋଠାଘର ଉଦ୍‌ଘାଟିତ


ହାଇସ୍କୁଲ କୋଠାଘରକୁ ମନ୍ତ୍ରୀ ରୋହିତ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା ଉଦ୍‌ଘାଟନ କରୁଛନ୍ତି।

**ଅମରପାଲି,୨୯।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ଉନ୍ନିତ ଉଚ୍ଚ ବିଦ୍ୟାଳୟର ନୂତନ କୋଠାଘର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ ବୀରମହାରାଜପୁର ବିଧାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମାରୋହରେ ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସ୍ଥାନୀୟ ସରପଞ୍ଚ ଆକସ୍ମିତା ବଡ଼ାଇ, ସମିତି ସଭ୍ୟ ସଇନ୍ଦୁ ସାହୁ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷକ ହେମନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଥିବା ବେଳେ ପ୍ରାୟ ୨୦୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ପିଲାଙ୍କ ପାଇଁ ଶ୍ରେଣୀଗୃହର ଆବଶ୍ୟକ ଥିବା ବେଳେ ହାଇସ୍କୁଲ ପାଇଁ ଏକ କୋଠାଘର ନିର୍ମାଣ କରାଯାଇ ଥିଲା।

# ସଫଳତା ପାଇଁ ଇଚ୍ଛାଶକ୍ତି ଦରକାର

**ବରଗଡ଼ ଅଫିସ୍,୨୯।୧୦**

ଜ୍ଞାନ ଅର୍ଜନ ବିଦ୍ୟାଳୟର ଚାରିକାନ୍ଥ ଭିତରେ ସୀମିତ ନୁହେଁ। ଜୀବନରେ କେବେ ମଧ୍ୟ ବିଦ୍ୟାଳୟରେ ପାଦ ଥାପି ନ ଥିବା ବହୁ ବ୍ୟକ୍ତି ସମାଜରେ ପ୍ରତିଷ୍ଠା ଲାଭ କରିଛନ୍ତି, ଯାହାର ଅନେକ ଉଦାହରଣ ରହିଛି। ସେମାନଙ୍କ ଜୀବନ ଦର୍ଶନକୁ ଅଧ୍ୟୟନ କରିବା ସହିତ ସେମାନଙ୍କଠାରୁ କିଛି ଶିକ୍ଷାଲାଭ କରିପାରିଲେ ଆମକୁ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସୁଗମ ହୋଇପାରିବ ବୋଲି ବରିଷ୍ଠ ବୈଜ୍ଞାନିକ ପବନ କୁମାର ଅଗ୍ରୱାଲ କହିଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲସ୍ତଲା ନୋଡ଼ାଲ ହାଇସ୍କୁଲରେ ଜିରୋ ପିରିୟଡ୍ ଅବସରରେ ଗଣଦୃଷ୍ଟି ପକ୍ଷରୁ ଆୟୋଜିତ ପାଠଶାଳା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ନୂଆଦିଲ୍ଲୀ ସ୍ଥିତ ଭାରତୀୟ ରକ୍ଷା ଅନୁସନ୍ଧାନ ଓ ବିକାଶ ସଂସ୍ଥାନ (ଡ଼ିଆର୍‌ଡିଓ)ର ବରିଷ୍ଠ ବୈଜ୍ଞାନିକ ତଥା ଲସ୍ତଲା ହାଇସ୍କୁଲର ପୂର୍ବତନ ଛାତ୍ର ଅଗ୍ରୱାଲ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ କିଛି ସମୟ ବିତାଇ ନିଜ ଜୀବନର ଅନୁଭୂତି ବାଣ୍ଟିଥିଲେ। ନିଜର ରୁଚି ଥିବା ଯେକୌଣସି କ୍ଷେତ୍ରରେ ସଫଳ ହେବା ପାଇଁ ନିଷ୍ଠା,


ବୈଜ୍ଞାନିକ ପବନ କୁମାର ଅଗ୍ରୱାଲ ଛାତ୍ରୀଙ୍କ ସହିତ ପରିଚିତ ହେଉଛନ୍ତି।

ପରିଶ୍ରମ ଓ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ।

ଗଣଦୃଷ୍ଟିର ନିର୍ଦ୍ଦେଶକ ଉମେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନର ପ୍ରାକ୍ତନ ଜିଲା ଭାରପ୍ରାପ୍ତ ଅଧିକାରୀ ଭାର୍ଗବ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ କ୍ୟାରିୟର ଗଠନ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଏହାସହିତ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଆଗାମୀ ଦିନରେ ପିଲାଙ୍କ କ୍ୟାରିୟର ଗଠନ ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏଭଳି କାର୍ଯ୍ୟକ୍ରମରେ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ସାନ୍ନିଧ୍ୟ ଲାଭ କରିଥିବା ବୈଜ୍ଞାନିକ ଅଗ୍ରୱାଲଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଜ୍ଞାନ ଶିକ୍ଷକ ବୈଲୋଚନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ଈଶ୍ୱର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଦେବାନନ୍ଦ ଭୋଇ ଅତିଥି ପରିଚୟ ପ୍ରଦାନ ଏବଂ ଶିକ୍ଷକ ବାବୁଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

**ଅମରପାଲି,୨୯।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଡିସେମ୍ବର ୨୭ରୁ ହେବ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ। ଏନେଇ ଏକ ସାଧାରଣ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘ ସଭାପତି ଡ. ପ୍ରଫୁଲ୍ଲ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକ ୧୨ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଛି। ବୀରମହାରାଜପୁର ହାଇସ୍କୁଲ ପ୍ରଧାନଶିକ୍ଷକ ଭୂଷଣ ପାତ୍ର, ଆଇନଜୀବୀ ବିଷ୍ଣୁ ଚରଣ ପଣ୍ଡା, ପ୍ରଦୀପ ମିଶ୍ର, ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଦିତୀକୃଷ୍ଣ ପଣ୍ଡା, ଭଗବାନ ମିଶ୍ର, ସନ୍ତୋଷ ମିଶ୍ର, ଶିବ ପ୍ରସାଦ ଅଗ୍ରୱାଲ, ଆଇନଜୀବୀ ଧୀରେନ୍ଦ୍ରନାଥ ପଣ୍ଡା, ଆମ୍ବା ଅଧକ୍ଷ ବିବସ୍ୱତୀ ପଣ୍ଡା, ବିପିନ ପଣ୍ଡା, ନେତ୍ରାନନ୍ଦ ବେହେରା ଉପଦେଷ୍ଟା ରହିଛନ୍ତି। ସେହିପରି ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଙ୍କୁ କୋଷାଧ୍ୟକ୍ଷ, ବଳରାମ କାଣ୍ଡ, କୃଷ୍ଣଚନ୍ଦ୍ର ମେହେର, ତ୍ରିପୁର ମେହେର ସହକୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। କମିଟି କାର୍ଯ୍ୟକାରୀ ସଭାପତି ନାରାୟଣ ଲୁହା ସଭାର ଆଭିମୁଖ୍ୟ ଓ ସାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ସତ୍ୟଞ୍ଜୀବ ମିଶ୍ର କାର୍ଯ୍ୟକ୍ରମ ଉପରେ ସୁଚନା ପ୍ରଦାନ କରିଥିଲେ।ଏଥିପାଇଁ ବ୍ଲକର ପ୍ରତ୍ୟେକ ଅଞ୍ଚଳରୁ ସଦସ୍ୟ ସଂଗ୍ରହ କରାଯିବା ସହିତ ଏହାର ପରିଚାଳନା ପଇଁ ବିଭିନ୍ନ କମିଟିରେ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପାଦକ ଶିବାନନ୍ଦ ତ୍ରିପାଠୀ, ସହସମ୍ପାଦକ ସୁରୁ ମହାକୁଡ଼, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, ଦୁର୍ଗେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଧନୁଯାତ୍ରା ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମର ସୁଚନା ଦେଇଥିଲେ। ଯୁଗଳ କିଶୋର ମିଶ୍ର ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ଧୀରେନ୍ଦ୍ର ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିପର୍ଯ୍ୟୟ ମୁକାବିଲାକୁ ଗୁରୁତ୍ୱ


ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

**ବରଗଡ଼ ଅଫିସ୍,୨୯।୧୦**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶନିବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ତଥା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିରିକ୍ତ ଜିଲାପାଳ ନବୀନ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ନିରୁପମା ବୁଡ଼େକଙ୍କ ସମେତ ଅଗ୍ନିଶମ ଅଧିକାରୀ, ବିଭିନ୍ନ ସ୍କୁଲ, କଲେଜର ପ୍ରଧାନଶିକ୍ଷକ, ଅଧ୍ୟକ୍ଷ, ଅଧ୍ୟାପକ, ଛାତ୍ରୀଛାତ୍ର, ଅଭିଭାବକମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

ଅତିରିକ୍ତ ଜିଲାପାଳ ଟପ୍ପୋ ୧୯୯୯ ମହାବାତ୍ୟାର ବିଭୀଷିକା ଉପରେ ଆଲୋକପାତ କରି ଭବିଷ୍ୟତରେ ସେଭଳି ପ୍ରାକୃତିକ ବିପର୍ଯ୍ୟୟର କିଭଳି ମୁକାବିଲା କରାଯିବ, ତାହା ଉପରେ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟସ୍ତ ନ ହୋଇ ତାର ନ୍ୟୁନତମ ସମାଧାନ ପନ୍ଥା ଅବଲମ୍ବନ କରିବାକୁ ଜିଲା ଅଗ୍ନିଶମ ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଟାଉନ ଥାନାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଯାଇଥିଲା। ସେଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସମସ୍ତେ ମିଳିମିଶି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଶପଥ ପାଠ କରିଥିଲେ। ଜିଲା ଅଗ୍ନିଶମ ବିଭାଗ ତରଫରୁ ମକ୍ ଡ୍ରିଲ ହୋଇଥିଲା। ଏହି ପରିପ୍ରେକ୍ଷୀରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଗ୍ରେଡ୍ ପେ ବୃଦ୍ଧି ଦାବି କଲା ଅମଲା ସଂଘ

**ବୌଦ୍ଧ,୨୯।୧୦(ସ୍ୱ.ପ୍ର.)**

ଓଡିଶା ଅମଲା ସଂଘ ବୌଦ୍ଧ ଜିଲା ଶାଖା ପକ୍ଷରୁ ଏକ ହୋଟେଲ ଠାରେ ୪୨୦୦ ଟଙ୍କା ଗେଡ ପେ ଦାବିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ସୁଦାମ ଚରଣ ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ବୈଠକରେ ଅମଲା ସଂଘର ବରିଷ୍ଠ ସଦସ୍ୟା ସୁପ୍ରଭା ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବୈଠକରେ ରାଜସ୍ୱ, ଶିକ୍ଷା,କୃଷି, ସ୍ୱାସ୍ଥ୍ୟ, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ସାମାଜିକ ସୁରକ୍ଷା, ଉଦ୍ୟାନ କୃଷି ଆଦି ୪୦ରୁ ଉର୍ଦ୍ଧ୍ୱ ବିଭାଗର କାର୍ଯ୍ୟରତ ଅମଲାମାନେ ଯୋଗ ଦେଇଥିଲେ । ଅମଲାମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରାଯାଇଥିବା ବେଳେ ଯୋଗ୍ୟତା ଆଧାରରେ ଗ୍ରେଡ ପେ ଦିଆଯାଉ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଶିକ୍ଷାଗତ ଯୋଗ୍ୟତା ଆଧାରରେ ୪୨୦୦ ଟଙ୍କା ଗ୍ରେଡ ପେ ପ୍ରଦାନ ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯିବା ସହ ରବିବାର ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଅମଲା ସଂଘର ବୈଠକରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାବ୍ୟତୀତ ପୁରୁଣା ପେନସନ ଓ ନିୟମିତ ପ୍ରମୋଶନ ଯଥା ସମୟରେ କରିବା ପାଇଁ ଦାବି ହୋଇଥିଲା । ଯଦି ସରକାର କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଅମଲାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ବରିଷ୍ଠ ସଦସ୍ୟ ସୁଧାଂଶୁ ଶେଖର ଦଲାଲ, ସଞ୍ଜୀବ ବହିଆ,ଶ୍ରୀଧର ରଥ, ସଙ୍ଗୀତ ସାହୁ, ସତ୍ୟବ୍ରତ ସାହୁ, ଲୋକେଶ ଭୋଇ, ପ୍ରୀତିରଞ୍ଜନ ମହାଲିଙ୍ଗ, ଦ୍ୱିତୀୟା ମହାଲିକ, କୃଷ୍ଣଚନ୍ଦ୍ର ସାହୁ,ପ୍ରବୀଣ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରହ୍ଲାଦ ମିର୍ଦ୍ଧା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଶତ୍ରୁଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭଜନ କ୍ୟାସେଟ୍ ଉନ୍ମୋଚିତ


ଅତିଥି ବୃନ୍ଦ ଭଜନ କ୍ୟାସେଟ୍‌କୁ ଉନ୍ମୋଚନ କରୁଛନ୍ତି।

**ସୋନପୁର,୨୯।୧୦(ନି.ପ୍ର)**

ପାତାଳି ଶ୍ରୀକ୍ଷେତ୍ର ଜଗନ୍ନାଥଙ୍କ ଭଜନ କ୍ୟାସେଟ୍ ଓଃ ମାଇ ଲଡ ଜଗନ୍ନାଥ, ଲଭ ୟୁ ଲଭ ୟୁ ଚକାନୟନ ଏବଂ କୃଷ୍ଣଙ୍କ ସୋନପୁରୀ ଭଜନ ତରକି ଥିବୁ ନନ୍ଦର ବେଟା କେ ଉନ୍ମୋଚିତ ହୋଇଛି । ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଏହି ଅଡିଓ/ଭିଡିଓ କ୍ୟାସେଟ୍‌କୁ ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ। ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ମାନଭଞ୍ଜନ ବେଦବାକ୍ ଓ ପଠାନ କୁମାର ପଣ୍ଡା ପ୍ରମୁଖ ଯୋଗଦାନ କରିଥିଲେ । ପାତାଳି ଶ୍ରୀକ୍ଷେତ୍ର ଜଗନ୍ନାଥ ଭଜନରେ କଣ୍ଠଦାନ କରିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ରୁଚିସ୍ମିତା ଗୁରୁ ଓ ବ୍ରହ୍ମ କୁମ୍ଭାର। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବ୍ରହ୍ମ କୁମ୍ଭାର। ଗୀତ ରଚନା କରିଛନ୍ତି ପଠାନ କଲ୍ୟାଣୀ ପଣ୍ଡା । ସେହିପରି ଲୋକାର୍ପିତ ହୋଇଥିବା ସୋନପୁରୀ କୃଷ୍ଣ ଭଜନରେ କଣ୍ଠଦାନ କରିଛନ୍ତି ବିଶିଷ୍ଟ କଣ୍ଠଶିଳ୍ପୀ ନୁର ବେଗମ ଓ ବିଙ୍କେଂସି ବାରିକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତିବ୍ରହ୍ମ କୁମ୍ଭାର। ଗୀତ ରଚନା କରିଛନ୍ତି ସ୍ୱର୍ଗତ ପ୍ରସନ୍ନ କୁମାର ପଣ୍ଡା। ଜଗନ୍ନାଥ ଓ କୃଷ୍ଣଙ୍କ ଉପରେ ପ୍ରସ୍ତୁତ ଏହି ଭଜନ ଦେଖିବା ଓ ଶୁଣିବା ପରେ ଏହା ବହୁତ ସୁନ୍ଦର, ଶ୍ରୁତି ମଧୁର ହୋଇଥିବା ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ସଙ୍ଗୀତ ପ୍ରେମୀ ଓ ମନ୍ଦିରର ପୂଜକ ବୃନ୍ଦ ଯୋଗଦାନ କରିଥିଲେ।

# ଯୋଗଦେବେ ୬୦ଯାଦୁକର

### ୩୦ରୁ ସୁବର୍ଣ୍ଣପୁରରେ ଦୁଇଦିନିଆ ଯାଦୁଗର ସମ୍ମିଳନୀ

**ସୋନପୁର,୨୯।୧୦(ନି.ପ୍ର):** ସୁବର୍ଣ୍ଣପୁର ଜିଲା ଯାଦୁଗର ସଂଘ ପକ୍ଷରୁ ଦୁଇ ଦିନିଆ ସର୍ବଭାରତୀୟ ଯାଦୁଗର ସମ୍ମିଳନୀ ଆସନ୍ତା ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ। ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ଅବା ଭେଟ୍‌ଘାଟ କାର୍ଯ୍ୟକ୍ରମରେ ସର୍ବଭାରତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଯାଦୁଗରମାନେ ଯୋଗଦେବେ। ଯାଦୁଗର ସଂଘ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀରେ ଏଡି ସୂଚନା ଦିଆଯାଇଛି। ସମ୍ମିଳନୀରେ ବିଭିନ୍ନ ପ୍ରକାର ଯାଦୁ ପ୍ରଦର୍ଶନ ସହ ଯୁବ ଯାଦୁଗରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଓଡିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର ଓ ତେଲେଙ୍ଗାନାରୁ ପ୍ରାୟ ୬୦ ଜଣ ଯାଦୁଗର ଯୋଗଦାନ କରିବେ। ଯାଦୁଗରମାନେ ସେମାନଙ୍କ ଯାଦୁଗରୀ କୌଶଳରେ ଜନସାଧାରଣଙ୍କ ମନମୋହିବାରେ ସକ୍ଷମ ହେବେ ବୋଲି ସୁବର୍ଣ୍ଣପୁର ଜିଲା ଯାଦୁଗର ସଂଘ ସଭାପତି ଯଦୁନାଥ ମିଶ୍ର, ସମ୍ପାଦକ ସଞ୍ଜୟ କୁମାର ସାହୁ ଓ କୋଶଳେଶ୍ୱର ଭୋଇ ପ୍ରମୁଖ ସୂଚନା ଦେଇଛନ୍ତି।

### ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

# ୩୦୫ ପରିବାର କରିଛନ୍ତି ୧୦୦ଦିନ କାମ

**ତରଭା, ୨୯।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନ ଶୁଣାଣି ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଅନୁଷ୍ଠିତ ଶିବିରରେ ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପିଡି ନିହାର ରଞ୍ଜନ କହଁର ଅଧକ୍ଷକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷ ସରୋଜ କୁମାର କମ୍ପ, ପ୍ରୋଗ୍ରାମ ଅଫିସର ବିନୟ କୁମାର ପଟେଲ, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ହୃଷିକେଶ ମହାକୁର, ଆମ୍ଭୁଡସମାନ ସଭ୍ୟ ବାବୁଲାଲ ଦାସ ଯୋଗ ଦେଇଥିଲେ। ଏହି ଯୋଜନାରେ ଆସୁଥିବା ଟଙ୍କାର ସଦ୍‌ବିନିଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମତପ୍ରକାଶ ପାଇଥିଲା। ଏହି ସମୀକ୍ଷା ବୈଠକରେ ଏମ୍‌ଜିଏନ୍‌ଆରଇଜିଏସ୍, ଏନଏସଏପି, ୧୫ ସିଏଫସି ର ଆର୍ଥିକ ବର୍ଷ ୨୦୨୧-୨୨ ର ସମୀକ୍ଷା କରାଯାଇଥିଲା। ବ୍ଲକରେ ୨୨୩୯୮ ଜଣ ଜବକାର୍ଡଧାରୀ ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬୯୯୪ଜଣଙ୍କୁ କାମ ଯୋଗାଇ ଦେବା ପାଇଁ ଯୋଜନା ରହିଥିଲା। ତେବେ ୧୪୬୯୦ ପରିବାରଙ୍କୁ କାମ ଯୋଗାଇ ଦିଆଯାଇଥିଲା। ୪୨୦୭୫୧ ଶ୍ରମ ଦିବସ ସୃଷ୍ଟି କରାଯାଇଥିବାବେଳେ ୩୦୫ ପରିବାରକୁ ୧୦୦ଦିନର କାମ ଯୋଗାଇ ଦିଆଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ପିଇଓ ସଚିକାନ୍ତ ମହାକୁର, ସୁଜନ ଦୀପ, ହିମାଞ୍ଚଳ ଥାନାପତି, ରିତା ପଣ୍ଡା, ଅମିତ ପଧାନ, ସୁରେଶ ପଧାନ, ରମେଶ ସୁନା, ସହକାରୀ ଯନ୍ତ୍ରୀ ଦୁଃଶାସନ ସାହୁ, ଏପିଓ ଅମୃତାଂଶୁ ପାତ୍ର, ସରିତା ସାହୁ ଏଥିରେ ସହଯୋଗ କରିଥିଲେ।ସାମାଜିକ ସମୀକ୍ଷକ ଗୋପକୃଷ୍ଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଡିଓ ନିରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଅପସାରଣକୁ ବିରୋଧ

**ଖପ୍ରାଖୋଲ, ୨୯।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରରେ ଜିଲାସ୍ତରୀୟ ଗାଁ ସାଥୀ ସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ସଭାପତି ତପିନ୍ଦ୍ର ସୁନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ସଭାପତି ସଞ୍ଜୟ ଗଡତ୍ୟା, ସମ୍ମାନିତ ଅତିଥି ସମ୍ପାଦକ କରୁଣାକର ବାଗ, ହିମଚଳ ମେହେର ଯୋଗଦେଇ ଗାଁ ସାଥୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପଡ଼ିଆବାହାଲ ପଞ୍ଚାୟତର ୩ଜଣ ଗାଁ ସାଥୀଙ୍କୁ ବେଆଇନ ଅପସରଣ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ହାଇକୋର୍ଟର ଆଶ୍ରୟ ନେବାକୁ ଚେତାବନୀ ଦିଆଯାଇଛି। ବୈଠକରେ ସଂଘ ଉପସଭାପତି ବୈଜୟନ୍ତି ସରାଫ, କୁନି ସେଲମା, ଚକ୍ର ଦାସ, କ୍ଷେତ୍ର ମେହେର, କରମ ସିଂ ଛତର, ଅନାମିକା ସେଠ ପ୍ରମୁଖ ଗାଁ ସାଥୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବାଲ୍ୟବିବାହ ପ୍ରତିରୋଧ କର୍ମଶାଳା

**ବୌଦ୍ଧ,୨୯।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ସମଗ୍ର ଶିକ୍ଷା ଅଭିଯାନ କନଫରେନ୍ସ ହଲଠାରେ ଜିଲା ପ୍ରଶାସନ ଓ ଆକସନ ଏଡ ପକ୍ଷରୁ ଶନିବାର ଦିନ ବାଲ୍ୟବିବାହ ପ୍ରତିରୋଧ କର୍ମଶାଳା ମଞ୍ଚର ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଚିକିତ୍ସାଧିକାରୀ ସଂଘମିତ୍ରା ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ କିଶୋରୀମାନଙ୍କୁ ସୁଷମ ଖାଦ୍ୟ, ଆତ୍ମକୌଶଳ ଓ ସଶକ୍ତିକରଣ ଉପରେ ବୁଝାଇଥିଲେ। ଲୋକକଳା ଅନୁଷ୍ଠାନର ପୁଷ୍ପିତା ପ୍ରଧାନ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ କିଶୋରୀମାନଙ୍କୁ ବିଭିନ୍ନ କଳା କୌଶଳ ଓ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଡିପିସି ମିଶନଶକ୍ତି ଦେବବ୍ରତ ମିଶ୍ର କିଶୋରୀମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଦକ୍ଷତା ବିକାଶ ତାଲିମ ବିଷୟରେ ସୂଚନା ଦେଇଥିଲେ। ସିଡିପିଓ ହରଭଙ୍ଗା କିଶୋରୀମାନଙ୍କୁ ବାଲ୍ୟବିବାହର କୁପରିଣାମ ନେଇ ସଚେତନ କରାଇଥିଲେ। ବୌଦ୍ଧ ସିଡିପିଓ ଘରେ ଅଦରକାରୀ ପଦାର୍ଥରୁ କିପରି ସାଜସଜା ସାମଗ୍ରୀ ପ୍ରସ୍ତୁତ ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ତହସିଲଭୁକ୍ତ ଜାତି ଓ ଉପଜାତିର ପିଲାଙ୍କୁ ଜିଲା ଅଫିସ ସହିତ ଯୋଗାଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରବିଙ୍କା ଦାସ ପରିଚାଳନା କରିଥିଲେ ।



କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଟ୍ରାଫିକ୍ ସମସ୍ୟା ଏଡ଼ାଇବାକୁ ତ୍ରିପାକ୍ଷିକ ବୈଠକ

**ସରଣ୍ଡା,୨୯।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଗୋଡ଼ଭଗା ଛକ-ଲହଣ୍ଡା ରାସ୍ତାରେ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ଶନିବାର ସନ୍ଧ୍ୟାରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଲଲାଟ ଲୁହା ଅଧ୍ୟକ୍ଷତା କରିଥିଲେ। ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବୈଠକରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସ୍ଥାୟୀ ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରସ୍ତାବପତ୍ର ପ୍ରଦାନ, ଗୋଡ଼ଭଗା କେନାଲ ଉପରେ ପଣ୍ୟାଗାରଠାରେ ସ୍ଥାୟୀ ପୋଲ ନିର୍ମାଣ, ଗୋଡ଼ଭଗା ଛକରୁ ପଣ୍ୟାଗାର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ, ଗୋଡ଼ଭଗା ଛକରୁ ଜଳସେଚନ ବିଭାଗର ରାସ୍ତା କଂକ୍ରିଟକରଣ, ପଣ୍ୟାଗାର ଟ୍ରକ୍ ମାଲିକଙ୍କ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ପ୍ରଦୂଷଣମୁକ୍ତ ପାଇଁ ଜଳସିଞ୍ଚନ କରିବାକୁ ପ୍ରସ୍ତାବ ନିଆଯାଇଥିଲା।


ଗୋଡ଼ଭଗାରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ।

ଉକ୍ତ ପ୍ରସ୍ତାବ ତଦାରଖ ପାଇଁ ୧୪ଜଣିଆ କମିଟି ଗଠନ କରାଯାଇଥିଲା। ଉପଜିଲାପାଳ ଲୁହାଙ୍କୁ କମିଟି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି କମିଟିରେ ତହସିଲଦାର, ସହକାରୀ ଯୋଗାଣ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଗୋଡ଼ଭଗା ଫାଣ୍ଡି ଅଧିକାରୀଙ୍କ ସମେତ ସ୍ଥାନୀୟ ୯ଜଣ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯୋଗାଣ ଅଧିକାରୀ ଦିବ୍ୟସିଂ ବଡ଼ମାଳି, ତହସିଲଦାର ରଞ୍ଜନ କୁମାର ଦାଶ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡ଼ିଓ ହିମାଂଶୁ କୁମାର ସେଠୀ, ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟ୍ରକ୍ ମାଲିକ ସଂଘର ମନୋଜ ଝା, ରମେଶ ଯାଦବଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଟ୍ରାଫିକ୍ ସମସ୍ୟା ପ୍ରତିବାଦରେ ଶୁକ୍ରବାର ଗୋଡ଼ଭଗା-ଲହଣ୍ଡା ରାସ୍ତା ଅବରୋଧ କରାଯାଇଥିଲା।